

ଗୁଜରାଟକୁ ଶୀର୍ଷରେ ପହଞ୍ଚାଇଲେ ପାଣ୍ଡ୍ୟା | ୧୧

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



୩୦ରେ ପାଦ ଥାପିଲେ ଏରିକା | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୪୬ Vol. 20 No-46 08 MAY 2023 MONDAY BHUBANESWAR ସୋମବାର, ୦୮ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୨୨୬ କେଜି ଗଞ୍ଜେଇ ଜବତ

ଲମତାପୁଟ,୭।୫(ଭାସ୍କର ନ୍ୟୁଜ): ରବିବାର ସକାଳେ ଲମତାପୁଟ ପାଲଡା ନିକଟରେ ଚୋରା ଚାଲାଣ ହେବାପାଇଁ ରଖାଯାଇଥିବା ୨୨୬ କେଜି ଗଞ୍ଜେଇକୁ ଜବତ କରିଛି ପାଡୁଆ ଥାନା ପୋଲିସ। ତେବେ ଏଥିରେ ସଂପୃକ୍ତ ଥିବା ମାଫିଆ ଫେରାର ହୋଇଯାଇଛି। ପୋଲିସ ଗୋଟିଏ ଜିପ୍ ଓ ଗୋଟିଏ ବାଇକ୍ ଜବତ କରିଛି। ଏହି ଗଞ୍ଜେଇ ଆନ୍ଧ୍ରକୁ ଚୋରା ଚାଲାଣ ପାଇଁ ରଖାଯାଇଥିଲା।

### ଅସୁସ୍ଥ ହାତୀର ମୃତ୍ୟୁ

ନୀଳଗିରି,୭।୫(ଭାସ୍କର ନ୍ୟୁଜ): ନୀଳଗିରି କୁଲଡିହା ଅଭୟାରଣ୍ୟ ହାତୀକୁଳିଆ ଜଙ୍ଗଲରେ ଏକ ଅସୁସ୍ଥ ହାତୀର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ତାର ଗୋଡରେ କ୍ଷତ ଚିହ୍ନ ଯୋଗୁ ମାସେ ହେବ ଚିକିତ୍ସା ଚାଲିଥିଲେ ମଧ୍ୟ ରବିବାର ତାର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ବାରମ୍ବାର ବିଭିନ୍ନ କାରଣରୁ ହାତୀ ମୃତ୍ୟୁ ଘଟୁଥିବାରୁ ଏହାକୁ ନେଇ ପରିବେଶବିତ୍ ଓ ପଶୁପ୍ରେମୀ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ମଧ୍ୟ ଏ ନେଇ କୌଣସି ପଦକ୍ଷେପ ନେଉନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି।

### ଡଙ୍ଗାବୁଡ଼ି ୧୫ ମୃତ

ଥିରୁବନନ୍ତପୁରମ୍,୭।୫: ରବିବାର ସନ୍ଧ୍ୟାରେ କେରଳର ମଲ୍ଲପୁରମ୍‌ରେ ଏକ ଡଙ୍ଗାବୁଡ଼ି ୧୫ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ୪୦ଜଣ ଯାତ୍ରୀ ରହିଥିଲେ। ଅନ୍ୟ ଯାତ୍ରୀମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି। ତେବେ ରାତି ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି।

ସେନ୍‌ସେକ୍ସ: ୬୧,୦୫୪.୨୯

ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୮ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୭।୫ର ମତାମତ**

ରାଷ୍ଟ୍ରପତିଙ୍କ ସଭାରେ ବିଦ୍ୟୁତ କଟିବା ଓଡ଼ିଶା ପାଇଁ ଲଜ୍ଜା ନୁହେଁ କି?




**ଆଜିର ପ୍ରସଙ୍ଗ**

ରାଜ୍ୟରେ ଘଟୁଥିବା ହାତୀ ମୃତ୍ୟୁକୁ ରୋକାଯିବା ସମ୍ଭବପର କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଦୀକ୍ଷାନ୍ତ ଭାଷଣ ସଭାରେ ବିଜୁଳି
ଖେଳିଦେଲା ଲୁଚକାଳି,
ଲାଗିଲା ସତେକି ଆୟୋଜକ ମୁହେଁ
ବୋଳାଗଲା ଚୂନକାଳି !
ଇଲେକ୍ଟ୍ରିବାଲାଙ୍କୁ ଗାଳି,
ଯିଏ ଯେତେ ଦେଉ କିଛି ଲାଭନାହିଁ
ବରଂ ମାର କରତାଳି ।

**ଭାରତୀୟ ପାଣିପାଗ ବିଭାଗର ସୂଚନା**

# ବଢୁଛି ବାତ୍ୟା ଆଶଙ୍କା

- ୮ ସୁଦ୍ଧା ଲଘୁଚାପ କ୍ଷେତ୍ର
- ୯ରେ ଅବପାତ ସମ୍ଭାବନା
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା





ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୫ (ବ୍ୟୁରୋ): ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ୮ ତାରିଖ ସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଏହି ଘୂର୍ଣ୍ଣିବଳୟ ୮ ତାରିଖ ସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବ। ଏହାପରେ ଏହା ଅଧିକ ଘନିଭୂତ ହୋଇ ୯ ତାରିଖ ସୁଦ୍ଧା ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପ କ୍ଷେତ୍ର ସୃଷ୍ଟି ପରେ ବାତ୍ୟା ନେଇ ସବିଶେଷ ବିବରଣୀ ଦିଆଯାଇ ପାରିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ବାରଣ କରାଯାଇଛି। ବାତ୍ୟା ସମ୍ଭାବନା ଯଦି ସୃଷ୍ଟି ହୁଏ ତେବେ ଏହାର ଗତିପଥ କେଉଁ ଆଡ଼କୁ ରହିବ ଓ ଏହାର ତୀବ୍ରତା କେତେ ରହିବ ସେନେଇ ନିର୍ଦ୍ଦିଷ୍ଟ ସୂଚନା ଦିଆଯାଇ ନଥିଲେ ମଧ୍ୟ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ଏନେଇ ଆକଳନ କରାଯିବା ସମ୍ଭବପର ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପକୁ ଦୃଷ୍ଟିରେ ରଖି ଦକ୍ଷିଣ ପୂର୍ବ ବଙ୍ଗୋପସାଗର, କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରକୁ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ର ଭିତରେ ରହିଛନ୍ତି ସେମାନେ ତୁରନ୍ତ କୂଳକୁ ଫେରି ଆସିବା ପାଇଁ ପରାମର୍ଶ ଦିଆଯାଇଛି। ବାତ୍ୟା ହେବାର ସମ୍ଭାବନା ଥିବାରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ପ୍ରସ୍ତୁତି ପର୍ବ ଜୋର ଧରିଛି। ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ କହିଛନ୍ତି ଯେ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ରହିଛନ୍ତି। ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ସଜାଗ ଓ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏପରିକି ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ କରି ରଖିବା ପାଇଁ ପରାମର୍ଶ ଦିଆଯାଇଛି। ସେହିପରି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବାତ୍ୟା ସମୟରେ ଯେପରି ଜଣେ ବି କାହାର ଜୀବନ ନଯାଏ ସେନେଇ ଦୃଷ୍ଟି ଦିଆଯାଉଛି। ଅନ୍ୟପକ୍ଷରେ ଶନିବାରଠାରୁ ରାଜ୍ୟର ତାତିର ପ୍ରଭାବ ପୁଣି ଥରେ ଦେଖିବାକୁ ମିଳିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। • ପୃଷ୍ଠା ୮ ଦେଖନ୍ତୁ

**■ ଗଣଶିକ୍ଷା ମନ୍ତ୍ରୀଙ୍କ ସୂଚନା ■**

# ତୃତୀୟ ସପ୍ତାହରେ ମାଟ୍ରିକ୍ ରେଜଲ୍ଟ






ଭୁବନେଶ୍ୱର/କଟକ,୭।୫(ଭାସ୍କର ନ୍ୟୁଜ): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ଚଳିତମାସ ତୃତୀୟ ସପ୍ତାହରେ ପ୍ରକାଶ ପାଇବାର ଯଥେଷ୍ଟ ସମ୍ଭାବନା ରହିଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯଦିଓ ମେ ତୃତୀୟ ସପ୍ତାହରେ ଫଳାଫଳ ପ୍ରକାଶ ପାଇବ ପ୍ରଚେଷ୍ଟା ଜାରି ରହିଛି ତେବେ ଏନେଇ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରାଯାଇ ନାହିଁ। ଚଳିତ ବର୍ଷ ମୋଟ ୫ ଲକ୍ଷ ୩୨ ହଜାର ୭୪୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମଫିଲପ କରିଥିଲେ। ତେବେ ସେମାନଙ୍କ ମଧ୍ୟରୁ ଅଧିକାଂଶ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ପରୀକ୍ଷା ପାଇଁ ମୋଟ ୩୨୧୮ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଥିଲା। ପ୍ରଶ୍ନପତ୍ର ସୁରକ୍ଷିତ କରି ରଖିବା ପାଇଁ ୩୧୬ଟି ନୋଡାଲ ସେଣ୍ଟର ବୋର୍ଡ ପକ୍ଷରୁ ସ୍ଥାପନ କରାଯାଇଥିଲା। ମାଓ ଉପଦ୍ରବ ଅଞ୍ଚଳଗୁଡ଼ିକରେ ଥାନାଗୁଡ଼ିକରେ ନୋଡ଼ାଲ ସେଣ୍ଟର ସ୍ଥାପନ ହୋଇଥିଲା। ଅନ୍ୟପକ୍ଷରେ ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି ଯେ ପରୀକ୍ଷା ଖାତା ମୂଲ୍ୟାୟନ ତ୍ରୁଟିଶୂନ୍ୟ ଭାବେ କରାଯାଇଛି। ତେଣୁ ଯେପରି ନିର୍ଭୁଲ ଭାବେ ପରୀକ୍ଷା ଫଳ ପ୍ରକାଶ ପାଇବ ସେନେଇ ବୋର୍ଡ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ମେ ଶେଷ ସପ୍ତାହରେ ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇବାର ସମ୍ଭାବନା ଥିବା ନେଇ ମନ୍ତ୍ରୀ ଶ୍ରୀ ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ମାଟ୍ରିକ୍ ସମ୍ମେଟିଭ୍ ଆସେସମେଣ୍ଟ-୨ ପରୀକ୍ଷାରେ ବିଭିନ୍ନ ବିଷୟରେ ୧୬୩୭୦ରୁ ୧୬୬୭୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ଏହାର କାରଣ ଏବେସୁଦ୍ଧା ଜଣା ପଡ଼ିନାହିଁ। ତେବେ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ ଖୋଳତାଡ଼ ଆରମ୍ଭ ହୋଇଛି।

**ହିଞ୍ଜିଳି ଗସ୍ତରେ ୫-ଟି ସଚିବ**

# ଗଞ୍ଜାମରେ ମନ୍ଦିରଗୁଡ଼ିକର ହେବ ସୌନ୍ଦର୍ଯ୍ୟକରଣ



ବ୍ରହ୍ମପୁର,୭।୫(ଭାସ୍କର ନ୍ୟୁଜ): ୫-ଟି ସଚିବ ଭି କେ ପାଣ୍ଡିଆନ ରବିବାର ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜିଲ୍ଲାର ଦୁଇଟି ବ୍ଲକ୍ ହିଞ୍ଜିଳିକାଟୁ ଓ ଶେରଗଡ଼ର ବିଭିନ୍ନ ସ୍ଥାନ ସେ ପରିଦର୍ଶନ କରିଥିଲେ। ଏଥିସହ ଗ୍ରାଉଣ୍ଡ ଜିରୋରେ ପହଞ୍ଚି ଲୋକଙ୍କ ସମସ୍ୟା ଶୁଣିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶ୍ରୀ ପାଣ୍ଡିଆନ ପିତଳସ୍ଥିତ ଯୁକ୍ତ ଦୁଇ କଲେଜ ପରିଦର୍ଶନ କରିବା ସହ ଅଧ୍ୟାପକ, ଛାତ୍ରଛାତ୍ରୀ ଓ କଲେଜ ପରିଚାଳନା କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏହାପୂର୍ବରୁ ଶ୍ରୀ ପାଣ୍ଡିଆନ ହିଞ୍ଜିଳିକାଟୁ ବ୍ଲକ୍‌ର ଗୁରୁପଡ଼ା ପଞ୍ଚାୟତ ଶ୍ୟାମଲାଲ ମନ୍ଦିର ଦର୍ଶନ କରିବା ସହ ମନ୍ଦିରର ଉନ୍ନତି ନେଇ କମିଟି ସଦସ୍ୟଙ୍କ ସହିତ ଆଲୋଚନା • ପୃଷ୍ଠା ୮ ଦେଖନ୍ତୁ

**ଦୀପାଳିଙ୍କ ପାଇଁ ପ୍ରଚାର ମଇଦାନରେ ମୁଖ୍ୟମନ୍ତ୍ରୀ**

# ଝାରସୁଗୁଡ଼ା ହେବ ଏକନମ୍ବର ଶିଳ୍ପସମୃଦ୍ଧ ଜିଲ୍ଲା

- ଦିବଂଗତ ମନ୍ତ୍ରୀ ନବ ଦାସଙ୍କୁ ଶ୍ରଦ୍ଧାଞ୍ଜଳି
- ବୀର ସୁରେନ୍ଦ୍ର ସାଏଙ୍କୁ ପ୍ରଣାମ କଲେ
- ଦୀପାଳିଙ୍କୁ ଭୋଟ ଦେବାପାଇଁ କଲେ ଅନୁରୋଧ



ଝାରସୁଗୁଡ଼ା,୭।୫(ଭାସ୍କର ନ୍ୟୁଜ): ଝାରସୁଗୁଡ଼ା ହେବ ଏକନମ୍ବର ଶିଳ୍ପସମୃଦ୍ଧ ଜିଲ୍ଲା। ଝାରସୁଗୁଡ଼ାର ସର୍ବାଙ୍ଗୀଣ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରବିବାର ସନ୍ଧ୍ୟାରେ ଝାରସୁଗୁଡ଼ା ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବିଜେଡିର ଦୀପାଳି ଦାସଙ୍କ ପାଇଁ ଭୋଟ ମାଗିବା ସହ ଝାରସୁଗୁଡ଼ା ପ୍ରତି ତାଙ୍କର ଭିଜନ କଣ ରହିଛି, ସେ ନେଇ ଅବଗତ କରାଇଥିଲେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ। ଅମିରିପାଲି ପଡ଼ିଆରେ ଆୟୋଜିତ ବିରାଟ ଜନସମାବେଶରେ ପ୍ରଥମେ ଦିବଂଗତ ମନ୍ତ୍ରୀ ନବ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବୀର ସୁରେନ୍ଦ୍ର ସାଏଙ୍କୁ ପ୍ରଣାମ ଜଣାଇ ଅଭିଭାଷଣ ରଖିଥିଲେ ଶ୍ରୀ ପଟ୍ଟନାୟକ। ତାଙ୍କ ସମ୍ବୋଧନରେ ସେ କହିଥିଲେ ଯେ ନବ ଦାସଙ୍କୁ ତାଙ୍କ କାମ ପାଇଁ ଝାରସୁଗୁଡ଼ାବାସୀ ବେଶ ମନେ ରଖିବେ। ସେହିପରି ତାଙ୍କ ଝିଅ ଦୀପାଳି ଜଣେ ଉଚ୍ଚଶିକ୍ଷିତା ହୋଇଥିବାବେଳେ ସମାଜସେବା କ୍ଷେତ୍ରରେ ତାଙ୍କର ରୁଚି ରହିଛି। ମୋର ବିଶ୍ୱାସ, ଦୀପାଳି • ପୃଷ୍ଠା ୮ ଦେଖନ୍ତୁ

**ପୋଲିସକୁ ବଡ଼ଧରଣର ସଫଳତା**

# ୭ ଦୁର୍ଦ୍ଧାନ୍ତ ମାଓବାଦୀ ଗିରଫ

ମାଲକାନଗିରି/ବାଲିମେଳା,୭।୫ (ଭାସ୍କର ନ୍ୟୁଜ): ଯେତେଯାହା କଲେ ମଧ୍ୟ ମାଓବାଦୀଙ୍କ ଦବ୍‌ଦବା ଥମିବାର ନାଁ ନେଉନାହିଁ। ଓଡ଼ିଶା ସମେତ ଛତିଶଗଡ଼, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ଆନ୍ଧ୍ର ଆଦି ରାଜ୍ୟରେ ସେମାନେ ଗୋଟିଏ ପରେ ଗୋଟିଏ ହିଂସାକାଣ୍ଡ ଭିଆଇବାରେ ଲାଗିଛନ୍ତି। ତେବେ ଏ କ୍ଷେତ୍ରରେ ପୋଲିସକୁ ଏକ ବଡ଼ଧରଣର ସଫଳତା ମିଳିଛି। କିଛିଦିନ ପୂର୍ବରୁ ମାଲକାନଗିରି-ଛତିଶଗଡ଼ ସୀମାନ୍ତ ଦାନ୍ତେୱାଡ଼ା ଜିଲ୍ଲା ଅରଣପୁର ରାସ୍ତାରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ୧୦ ଡିଆରଜି ଯବାନ ଓ ଜଣେ ଡ୍ରାଇଭର ସହିଦ ହେବା ଘଟଣାରେ ପୋଲିସ ୭ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସମର୍ଥ ହୋଇଛି। ଏହି ଜଙ୍ଗଲରେ ସର୍ଚ୍ଚ ଅପରେସନ ଚାଲିଥିବା ସମୟରେ ଏମାନେ ପୋଲିସ ଦ୍ୱାରା ଧରାପଡ଼ିଥିଲେ। ଗିରଫ ହୋଇଥିବା ସମସ୍ତ ମାଓବାଦୀ ଦରଭା ମାଓ ଡିଭିଜନର ମାଲେଙ୍ଗାରି ଏରିଆ କମିଟି ମିଲିସିଆ ସଦସ୍ୟ ବୋଲି ପୋଲିସ ସୂଚନା ଦେଇଛି। ଗିରଫ ମାଓବାଦୀଙ୍କ ମଧ୍ୟରେ ୩ଜଣ ନାବାଳକ ରହିଛନ୍ତି। ସେମାନଙ୍କୁ ସ୍ୱଧାର ଗୃହକୁ ପଠାଯାଇଥିବାବେଳେ ଅନ୍ୟ ୪ଜଣଙ୍କୁ ଜେଲ ହାଜତକୁ ପଠାଯାଇଛି। ଅନ୍ୟ ହାର୍ଡକୋର୍ ମାଓବାଦୀଙ୍କୁ ଧରିବା ଲାଗି ସୁରକ୍ଷା କର୍ମୀମାନେ ସର୍ଚ୍ଚ ଅପରେସନକୁ ଜୋରଦାର କରିଥିବା ଦାନ୍ତେୱାଡ଼ା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ କିଛିଦିନ ତଳେ ଅରଣପୁର ରାସ୍ତାରେ ମାଓବାଦୀମାନେ ୫୦ କେଜିର ବିସ୍ଫୋରକ ମାଟିତଳେ ଖଞ୍ଜିଥିଲେ। ତେବେ ଡିଆରଜି ଯବାନଙ୍କ ଗାଡ଼ି ସେହିବାଟେ ଯାଉଥିବାବେଳେ ବିସ୍ଫୋରଣ ହୋଇଥିଲା।

**ବଡ଼ଧରଣର ଆକ୍ରମଣ ଷଡ଼ଯନ୍ତ୍ର ପଣ୍ଡ**

# ୫ କେଜି ଆଇଇଡି ଜବତ, ଆତଙ୍କୀ ଗିରଫ



ଶ୍ରୀନଗର,୭।୫: ଦକ୍ଷିଣ କାଶ୍ମୀରର ପୁଲୱାମାରେ ସୁରକ୍ଷାକର୍ମୀ ଜଣେ ଆତଙ୍କବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ସେ ଏକ ବଡ଼ଧରଣର ହିଂସାକାଣ୍ଡ ଭିଆଇବା ପାଇଁ ଯୋଜନା କରୁଥିବା ବେଳେ ସୁରକ୍ଷା କର୍ମୀ ତାଙ୍କୁ ପଣ୍ଡ କରି ଦେଇଛନ୍ତି। ଗିରଫ ଆତଙ୍କବାଦୀଙ୍କ ଠାରୁ ସୁରକ୍ଷା କର୍ମୀ ୫ କେଜି ଆଇଇଡି ଜବତ କରିଛନ୍ତି। ଆତଙ୍କବାଦୀ କାର୍ଯ୍ୟରେ ଲିପ୍ତ ଥିବା ଏହି ବ୍ୟକ୍ତି ଜଣଙ୍କ ନାମ ଇସଫାକ୍ ଅହମ୍ମଦ ଓ ତାର ଘର ଜମ୍ମୁକାଶ୍ମୀରର ବୁଡ଼ଗ୍ରାମ ଜିଲ୍ଲା ଏରିଗାମରେ। ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଏକ ବଡ଼ଧରଣର ବିସ୍ଫୋରଣ ଘଟାଇବା ନିମନ୍ତେ ଇସଫାତ ଏହି ବିସ୍ଫୋରକକୁ ଲୁଚାଇ ରଖିଥିଲା। ତେବେ ଗୁଇନ୍ଦା ସୂଚନା ଅନୁଯାୟୀ ଚଢଉ ସମୟରେ ୫କେଜି ଆଇଇଡି ଜବତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଗତ ଶୁକ୍ରବାର ରଜୌରୀ ସେକ୍ଟରରେ • ପୃଷ୍ଠା ୮ ଦେଖନ୍ତୁ

**ଜାରି ରହିଛି ହାତୀ-ମଣିଷ ଲଢେଇ**

# ବୃଦ୍ଧାଙ୍କୁ ଦଳିଦେଲା ହାତୀ



ଅନୁଗୁଳ,୭।୫(ଭାସ୍କର ନ୍ୟୁଜ): ଅନୁଗୁଳ ବନଖଣ୍ଡ ବନ୍ତଲା ବନାଞ୍ଚଳ ତଳଗଡ଼ ଗାଁରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ନାମ ବିଜୁଳି ସାହୁ। ସେ ରବିବାର ସକାଳେ ଆମ୍ବ ବଗିଚାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଏକ ହାତୀ ଆକ୍ରମଣ କରିଥିଲା। ହାତୀଟି ବିଜୁଳିଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେବା ପରେ ପାଦରେ ଦଳି ମାରି ଦେଇଥିଲା। ଅନୁଗୁଳ ବନଖଣ୍ଡ ଅଞ୍ଚଳରେ ବାରମ୍ବାର ହାତୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁ ଘଟୁଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଗତ ଏପ୍ରିଲ ୨୯ ତାରିଖରେ ଏହି ବନଖଣ୍ଡର ମରଣ୍ଡା ଗାଁରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ଜୀବନ ଯାଇଥିଲା। ତା ପୂର୍ବରୁ ସେହି ମାସ ୨୪ ତାରିଖରେ ବଡ଼କନ୍ତକୂଳ ଗାଁରେ ହାତୀ ଆକ୍ରମଣରେ ଦୁଇ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିଲା। ସେହିପରି ୧୮ ତାରିଖରେ ସେହି ବନଖଣ୍ଡର କନ୍ତମେଘ ଗାଁରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଗତ ଶୁକ୍ରବାର ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରେଞ୍ଜ ବାଲିକିଆରି ଗାଁରେ ହାତୀ ଏକ ବୃଦ୍ଧଙ୍କୁ ଦଳି ମାରି ଦେଇଥିଲା। ତା ପୂର୍ବରୁ ଗତମାସ ୩୦ ତାରିଖରେ ଢେଙ୍କାନାଳ ସଦର ରେଞ୍ଜ କୁରୁମ ଟାଙ୍ଗର ଗାଁରେ ହାତୀ ଆକ୍ରମଣରେ • ପୃଷ୍ଠା ୮ ଦେଖନ୍ତୁ



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ଏହି ବ୍ଲକର ଜଳମଣ୍ଡୁଆ ଜୟଜଗନ୍ନାଥ ଉଚ୍ଚବିଦ୍ୟାପୀଠ ପରିସରରୁ ବେଆଇନ ଗଛକଟା ହୋଇଥିବା ଅଭିଯୋଗ ହୋଇଛି। ଏଥିନେଇ ଧାମନଗର ଥାନାରେ ରବିବାର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଗତ ମାର୍ଚ୍ଚ ୧ ତାରିଖରେ ବିଦ୍ୟାଳୟ ହତା ଭିତରେ ଥିବା ୪ଟି ବଡ ବଡ ଜିଅନ୍ତା ଆକାଶୀ ଗଛକୁ ଗ୍ରାମର ସଞ୍ଜିବ କୁମାର ରାଉତ ପ୍ରଧାନଶିକ୍ଷକଙ୍କ ଅଗୋଚରରେ ମନମୁଖି ଭାବେ ସନ୍ଧ୍ୟା ସମୟରେ କାଟି ଦେଇଥିଲେ। ଏହାକୁ ପ୍ରଧାନଶିକ୍ଷକ ଓ ପରିଚାଳନା କମିଟି କାଠଗଣ୍ଡିଗୁଡିକୁ ଅଟକାଇଥିଲେ। ମାତ୍ର ଗତ ୨୯ ତାରିଖରେ ବିଦ୍ୟାଳୟ ଛୁଟିଥିବା ସୁଯୋଗ ନେଇ ସଞ୍ଜିବ କାଠଗଣ୍ଡିଗୁଡିକୁ ହଡପ କରିବା ଉଦ୍ଦେଶ୍ୟରେ ଉଠାଇ ନେଇଥିଲେ। ଏହାର ପ୍ରତିବାଦ କରିବାରୁ ପ୍ରଧାନଶିକ୍ଷକ ଓ ପରିଚାଳନା କମିଟିକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଏଥିନେଇ ଥାନାରେ ମାମଲା ରୁଜୁ ହୋଇନଥିବା ଜଣାଯାଇଛି। ତୁରନ୍ତ କାଠଗଣ୍ଡି ଜବତ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇଛି।



# ପେନ୍‌ସନ୍ ଗଣ୍ଡାକ ପାଇଁ ଡହଳ ବିକଳ ହରିଶ୍ଚନ୍ଦ୍ର



ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ): ହରିଶ୍ଚନ୍ଦ୍ର ନାୟକ ବୟସ ପ୍ରାୟ ୬୮ ବର୍ଷ, ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ସଦର ପଞ୍ଚାୟତ ଗ୍ରାମ ଡ଼ଙ୍ଗରଭେଜା, ଅବସରପ୍ରାପ୍ତ ମେସେଞ୍ଜର ଉତ୍କଳ ଗ୍ରାମୀଣ ବ୍ୟାଙ୍କ ନନ୍ଦାହାଣ୍ଡି ଠାରେ,ଦୀର୍ଘ ୨୬ ବର୍ଷ ଚାକିରୀ କରି ଥିଲେ। ଅବସରର ୮ ବର୍ଷ ପରେ ମଧ୍ୟ ମିଳିଲାନି ପେନସନ, ଦିନେ ଯେଉଁ ବ୍ୟାଙ୍କର କର୍ମଚାରୀ ଥିଲେ ଆଜି ପେନସନ ଟିକକ ପାଇବା ପାଇଁ ଡହଳ ବିକଳ ଆଉ ଧାଇଁ ଧାଇଁ ନଯାନ୍ତ। ହାତ ଗୋଡ଼ ପକ୍ଷାଘାତରେ ଆକ୍ରାନ୍ତ, ତେଣେ ସେ ଜଣେ ମଧୁମେହ ରୋଗୀ। ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ନନ୍ଦାହାଣ୍ଡି କର୍ତ୍ତୃପକ୍ଷ ତୁମର ସବୁ କାଗଜପତ୍ର ଯାଇଛି ଆଜି ହେବ କାଲି ହେବ କହି କହି ୮ ବର୍ଷ ବିତିଗଲା। ଏକମାତ୍ର ଭେଣ୍ଡା ରୋଜଗାରିଆ ପୁଅ ସନ୍ତୋଷ ଅଚାନକ ହୃଦଘାତରେ ଆରପାରିକୁ ଚାଲିଗଲା । ଅଚାନକ ଦୁଃଖର ପାହାଡ଼ ଏହି ପରିବାର ଉପରେ ପଡିଗଲା । ଘରେ ପତ୍ନୀ ବିଧବା ବୋହୂ ଆଉ ୩ ବର୍ଷର ନାତୁଣୀ ଟିଏ। ରୋଜଗାରର କୌଣସି ପନ୍ଥା ନାହିଁ। ଦୁଃଖ କଷ୍ଟରେ ଜର୍ଜରିତ ଆଜି ଏହି ପରିବାର। ଏକଥା ଶୁଣି ଯୁବ ଆଇନଜୀବୀ ତଥା ସମାଜସେବୀ ଶ୍ରୀକାନ୍ତ କୁମାର ପଣ୍ଡା ସହାୟତାର ହାତ ବଢ଼ାଇଛନ୍ତି। ସେ ଏ ବାବଦରେ ମୋ ସରକାର, ମାନ୍ୟବର ପ୍ରଧାନମନ୍ତ୍ରୀ, ମାନ୍ୟବର ରାଜ୍ୟପାଳ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ୍ କରିଛନ୍ତି ଓ ଉତ୍କଳ ଗ୍ରାମୀଣ ବ୍ୟାଙ୍କର ବିଭିନ୍ନ ଶାଖାକୁ ଇମେଲ ମାଧ୍ୟମରେ ମଧ୍ୟ ଜଣେଇଛନ୍ତି ତଥାପି ମଧ୍ୟ ଫଳ ଶୂନ। ଦେଖାଯାଉ ଏହି ପରିବାରର ଭାଗ୍ୟ କେବେ ଖୋଲିବ ଆଉ କେବେ ମିଳିବ ପେନ୍‌ସନ୍। ଏହି ଘଟଣାଟି ଏବେ ଏହି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଜନପ୍ରତିନିଧି ତଥା ସରକାର ଏହି ପରିବାରକୁ ସହାୟତା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଜାତୀୟ କର୍ମଶାଳାରେ ଯୋଗଦେବା ପାଇଁ ମନୋନୀତ

ରଘୁନାଥପୁର,(ଭାସ୍କର ନ୍ୟୁଜ): ଜାତୀୟ କର୍ମଶାଳାରେ ଯୋଗଦେବା ପାଇଁ ରଘୁନାଥପୁର ଅଞ୍ଚଳରୁ ଗୋବିନ୍ଦ ଓଝା ମନୋନୀତ ହୋଇଛନ୍ତି। ପ୍ରକାଶ ଥାଉକି ନୋଇଡାରେ ବି ଆଇ ଏସର ଟ୍ରେନିଂ ସେଣ୍ଟରରେ ମଇ ୯ଓ୧୦ ତାରିଖ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ ହେବ। ଉକ୍ତ କର୍ମଶାଳାରେ ସାରା ଭାରତରୁ ଉପଭୋକ୍ତା ସଙ୍ଗଠନ ମାନଙ୍କ ୭୫ଜଣ ପ୍ରତିନିଧି ଭାବରେ ଯୋଗଦେଇ ପ୍ରଶିକ୍ଷଣ ନେବାପାଇଁ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଓଡ଼ିଶା ରାଜ୍ୟ ଉପଭୋକ୍ତା ମହାସଂଘ (ଉପଭୋକ୍ତା ସୁରକ୍ଷା ଅଭିଯାନ ଓଡ଼ିଶା) ରୁ ସଦସ୍ୟ ସଂଗଠନର ପ୍ରତିନିଧି ଭାବରେ ସଭାପତି ବିଜୟ ମହାନ୍ତି ରେଢ଼ାଖୋଲ, ସମ୍ପାଦକ ଗୋବିନ୍ଦ ଓଝା ରଘୁନାଥପୁର, କାର୍ଯ୍ୟକାରୀଣି ସଦସ୍ୟା ବିଜୟଲକ୍ଷ୍ମୀ ମହାପାତ୍ର ଜଗତସିଂହପୁର, ଭବାନୀ ପଟ୍ଟନାୟକ କଳାହାଣ୍ଡି ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଯେଉଁ ଯେଉଁ ସାମଗ୍ରୀ ବି ଆଇ ଏସ୍ ଦ୍ୱାରା ଅନୁମୋଦିତ ହେଉଛି ଏବଂ ଆଉ ଯେଉଁ ସାମଗ୍ରୀ ଅନୁମୋଦନର ଆବଶ୍ୟକ ଅଛି ସେ ସମ୍ପର୍କରେ କାର୍ଯ୍ୟକ୍ରମରେ ସ୍ଥିର କରାଯିବ, ଯାହା ରାଜ୍ୟର ଉପଭୋକ୍ତାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଉପଯୋଗି ହୋଇପାରିବ।

# ଗଡ଼କୁଜଙ୍ଗ ବଡଦାଣ୍ଡ ଜବରଦଖଲକାରୀଙ୍କ କବଜାରେ



ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ କୁଞ୍ଜବିହାରୀ ଜଗନ୍ନାଥଙ୍କ ବଡଦାଣ୍ଡ ଦୀର୍ଘ ଦିନ ଧରି ଜବରଦଖଲକାରୀଙ୍କ କବଜାରେ ରହିଛି। ଏହାକୁ ଜବରଦଖଲ ମୁକ୍ତ କରିବା ପାଇଁ ପ୍ରଶାସନକୁ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି କ୍ଷେତ୍ରଟି ଶୁଭଦ୍ରା କ୍ଷେତ୍ର ନାମରେ ସାରା ଓଡ଼ିଶାରେ ପରିଚିତ। ପୂର୍ବରୁ ଏଠାରେ ପୂର୍ବତନ ମନ୍ତ୍ରୀ ଡାଃ ଦାମୋଦର ରାଉତ ଛେରାପହଁରା କରୁଥିଲେ। ଏବେ ପାରାଦୀପ ବିଧାୟକ ଇଂ ସମ୍ପିତ ରାଉତରାୟ ଶୁଭଦ୍ରା କ୍ଷେତ୍ରରେ ଠାକୁର ରାଜା ଭାବେ ଛେରାପହଁରା କରୁଛନ୍ତି। ଚଳିତ ବର୍ଷ ରଥଯାତ୍ରା ପାଇଁ କୁଞ୍ଜବିହାରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଆଉ ମାତ୍ର ଦେଢ଼ ମାସ ପରେ ରଥଯାତ୍ରା ଅନୁଷ୍ଠିତ ହେବ। ରଥଯାତ୍ରା ପାଇଁ ବଡଦାଣ୍ଡର ପ୍ରଶସ୍ତିକରଣ ଆବଶ୍ୟକତା ଜରୁରୀ। ମାତ୍ର ଜବରଦଖଲ ଯୋଗୁଁ ବଡଦାଣ୍ଡ କ୍ରମଶଃ ସଙ୍କୁଚିତ ହେବାରେ ଲାଗିଛି। ବର୍ତ୍ତମାନ କିଛି ଲୋକ ବେଆଇନ ଭାବେ ଏହାକୁ ମାଡି ଘର ତିଆରି କରିଛନ୍ତି। କିଛି ଲୋକ ମଧ୍ୟ ଉଭୟ ପାର୍ଶ୍ୱରେ ବଡଦାଣ୍ଡକୁ ମାଡି ବ୍ୟବସାୟ ଚଳାଇଛନ୍ତି। ଏ ସମ୍ପର୍କରେ ଜଗତସିଂହପୁର ଜିଲ୍ଲାପାଳ ଓ ଏରସମା ତହସିଲଦାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାର କୁହାଯାଉଛି। ଗତ ବର୍ଷ ଠିକ୍ ରଥଯାତ୍ରା ପୂର୍ବରୁ ତରବରିଆ ଭାବେ ପ୍ରଶାସନ ପକ୍ଷରୁ ଜବର ଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଇଥିଲେ ମଧ୍ୟ ଏବେ ବି ବଡଦାଣ୍ଡର ଅର୍ଦ୍ଧାଧିକ ଭାଗ ଜବରଦଖଲରେ ରହିଛି। ତେବେ ଚଳିତ ବର୍ଷ ରଥଯାତ୍ରା ପୂର୍ବରୁ ବଡଦାଣ୍ଡକୁ ଜବରଦଖଲ ମୁକ୍ତ କରିବା ପାଇଁ କୁଞ୍ଜବିହାରୀ ଜଗନ୍ନାଥ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ରାଜେନ୍ଦ୍ର ବେହେରା, ସମ୍ପାଦକ ପୀତାମ୍ବର ରାଉତ, ଯଦୁନାଥ ଖଟୁଆ, ପୂର୍ବତନ ସରପଞ୍ଚ ସମ୍ପଦ ବାରିକ, ବିଷ୍ଣୁଚରଣ ପ୍ରଧାନ, ବିଜୟଚାନ୍ଦ ନାୟକ, ସଞ୍ଜୟ ମହାପାତ୍ର, ପ୍ରକାଶ ଦାସ, ଲୋକନାଥ ସ୍ୱାଇଁ, ଦେବେନ୍ଦ୍ର ମହାପାତ୍ର, ଭୋଳାନାଥ ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି।

## ପୁଅର ଜୁଇ ଜଳିଲା ବେଳେ ବାପାର ଉଡ଼ିଗଲା ପ୍ରାଣବାୟୁ

ଚିକିଟି/ଗଞ୍ଜାମ (ଭାସ୍କର ନ୍ୟୁଜ) : ଜିଲ୍ଲା ଅନ୍ତର୍ଗତ ଚିକିଟି ଫାଣ୍ଡି ଅଧିନସ୍ତ ଚିକିଟି ଗଡର କୁମ୍ଭାର ସାହିରେ ଗତ ୨୭ ତାରିଖରେ ଗ୍ୟାସ ଚୁଲା ରିପେର କରୁଥିବା ବେଳେ ସୁବସିନୀ ବେହେରା, କିଶନ ବେହେରା, ବିଶ୍ୱନାଥ ବେହେରା, ଦେବେନ୍ଦ୍ର ବେହେରା, ଚାରିଜଣ ଆହତ ହୋଇଥିବା ବେଳେ ପ୍ରଥମେ ଚିକିଟି ମେଡିକାଲରେ ଚିକିତ୍ସା କରିବା ପରେ ଗୁରୁତର ହୋଇଥିବା ହେତୁ ପରେ ପରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରା ଯାଇଥିଲା। ସେଠାରେ କିଶନ ବେହେରା,ବିଶ୍ୱନାଥ ବେହେରା ଗୁରୁତର ହୋଇଥିବା ହେତୁ ବ୍ରହ୍ମପୁର ମେଡିକାଲରୁ ଭୁବନେଶ୍ୱରର ସୋମ ନାମକ ଘୋରାଇ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା କରୁଥିବା ବେଳେ ଗତ କାଲି କିଶନ ବେହେରାଙ୍କ ମୃତ ହୋଇଥିବା ବେଳେ ନିଜ ବାସ ଜନ୍ମ ମାଟିକୁ ଆଣି ସତ୍କାର କରାଯାଇଥିବା ବେଳେ ନିଜର ପୁଅର ମୃତ୍ୟୁ ଖବର ଶୁଣି ସୋମ ହସ୍ପିଟାଲରେ ଚିକିତ୍ସା ସକାଶେ ଭେଣ୍ଟିଲେଟରରେ ଥିବା ବାପା ବିଶ୍ୱନାଥ ବେହେରାଙ୍କ ପ୍ରାଣବାୟୁ ଚାଲିଯାଇଥିଲା ଓ ମୃତକ ବିଶ୍ୱନାଥ ବେହେରାଙ୍କ ଶବକୁ ନିଜ ଗ୍ରାମ ଚିକିଟି ଗଡ଼ ଆଣି ସନ୍ଧ୍ୟାରେ ସତ୍କାର କରାଯାଇଛି। ଉକ୍ତ ଘଟଣା ସମଗ୍ର ଚିକିଟି ଗ୍ରାମ ତଥା ଆଖ ପାଖ ଗ୍ରାମରେ ଏକ ପ୍ରକାର ଶୋକମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ଚିକିଟି ନଗର ପାଳ ଦୀପା କୁମାରୀ ସାହୁ ଗଭୀର ଶୋକ ବ୍ୟକ୍ତ କରିଥିଲେ।

# ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ଏବେ ନୂଆମୋଡ଼ ନେଇଛି। ନାବାଳିକାଙ୍କୁ ତାଙ୍କ ଭିଣୋଇ ଅପହରଣ କରିଥିବା ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ତଦନ୍ତ ବେଳେ ଭିଣୋଇଙ୍କ କୌଣସି ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଛି। ଏହି ମାମଲାରେ ନିମଖଣ୍ଡି ଥାନା ପୋଲିସ ନାବାଳିକାଙ୍କ ପୁରୁଷବନ୍ଧୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନିମଖଣ୍ଡି ଥାନା ଅଞ୍ଚଳର ଚିଣ୍ଟୁ ବେହେରା (୨୪) । ପୋଲିସ ଉଭୟ ପୀଡ଼ିତା ଓ ବିଷ୍ଣୁଙ୍କ ଡାକ୍ତରୀ ମଇନା କରିଛି। ଥାନା ଓ ପରେ କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ ହୋଇଛି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଚିଣ୍ଟୁକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ଗତ ମାସ ୩୦ ତାରିଖ ଜଣେ ନାବାଳିକାଙ୍କୁ ତାଙ୍କ ଭିଣୋଇ ଅପହରଣକରି ବ୍ରହ୍ମପୁର ଷ୍ଟାଡିଅମ୍ ନିକଟରେ ଫୋପାଡ଼ି ଦେଇଥିବା ନାବାଳିକାଙ୍କ ମା' ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗ ମୁତାବକ ପୋଲିସ ନାବାଳିକାଙ୍କ ଭିଣୋଇଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ପୀଡ଼ିତା ତାଙ୍କ ଭିଣୋଇଙ୍କ ବୟାନ ମଧ୍ୟରେ ତାଳମେଳ ରହି ନ ଥିଲା। ଏହି ମାମଲରେ ଭିଣୋଇ ସମ୍ପୃକ୍ତ ନ ଥିବା ପୋଲିସ ସ୍ପଷ୍ଟ ହୋଇଥିଲା। ନାବାଳିକା ଜଣକ ଘରୁ ବାହାରି କାହା ସହ ଏବଂ କେଉଁ ରାସ୍ତା ଦେଇ ଯାଇଥିଲେ ତାହାର ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ କରିଥିଲା ପୋଲିସ । ନାବାଳିକାଙ୍କୁ ତାଙ୍କ ଭିଣୋଇ ଏକ କାରରେ ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିବା ବେଳେ ନାବାଳିକାଜଣଙ୍କ ଘରୁ ଗେଟ ବଜାର ଯାଏଁ ଓ ସେ ଫେରିଥିବା ସମୟରେ ନିଜେ ସାଇକଲର ଫେରୁଥିବା ଦୃଶ୍ୟ ପୁଲିସ ଭିଡିଓ ଫୁଟେଜ ଯାଞ୍ଚ ବେଳେ ଦେଖିବାକୁ ପାଇଥିଲା। ପରେ ନାବାଳିକା ଉପରେ ପୋଲିସର ସନ୍ଦେହ ଘନୀଭୂତ ହୋଇଥିଲା। ପୁଲିସ ନାବାଳାକାଙ୍କ କଲ୍ ରେକର୍ଡ ଯାଞ୍ଚ କରିଥିଲା। ଏହି ସମୟରେ ନାବାଳିକା ଜଣକ ତାଙ୍କ ପୁରୁଷବନ୍ଧୁ ଚିଣ୍ଟୁଙ୍କ ସହ ଫୋନରେ କଥା ହୋଇଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସ ଚିଣ୍ଟୁଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ଚିଣ୍ଟୁ ନାବାଳିକାଙ୍କୁ ଅପହରଣ କରି ଏକ ହୋଟଲରେ ରଖୁଥିବା ପୋଲିସକୁ କହିଥିଲା। ଆଜି ଚିଣ୍ଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ ।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଚଳିତମାସ ୧୩ରେ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ଅଦାଲତ ଓ ଏହାର ନିକଟବର୍ତ୍ତୀ ପଟ୍ଟାମୁଣ୍ଡାଇ, ରାଜନଗର ଓ ଆଳି ପ୍ରଭୃତି ଅଦାଲତ ପରିସରରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଚଳିତ ମାସ ୧୩ତାରିଖ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ରାପଡା ଅଦାଲତର ଜଜମାନେ ସେହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଉପସ୍ଥିତ ରହି ପଞ୍ଜିକୃତ ହୋଇଥିବା ଦେୱାନୀ, ଫୌଜଦାରୀ, ପାରିବାରିକ, ମୋଟରଯାନ ଦୁର୍ଘଟଣା ଓ ବ୍ୟାଙ୍କ ଋଣ ଜନିତ ମୋକଦ୍ଦମାର ଫଇସଲା କରିବେ। ଦରିଦ୍ର, ନିଷ୍ପେସିତ ଓ ଅବହେଳିତ ତଥା ଗ୍ରାମାଞ୍ଚଳର ଅଶିକ୍ଷିତ ଜନସାଧାରଣ ଏହି ଭଳି ଲୋକ ଅଦାଲତରେ ବିନା ମୂଲ୍ୟରେ ନ୍ୟାୟ ପାଇପାରିବେ। ଲୋକ ଅଦାଲତ ମାଧ୍ୟମରେ ଅସମାହିତ ମୋକଦ୍ଦମା ଗୁଡ଼ିକର ଫଇସଲା କରାଯାଇ ଦରିଦ୍ର, ନିଷ୍ପେସିତ ଓ ଅବହେଳିତ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବିବେଚନା କରାଯାଏ। ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାରେ ଏହିଭଳି ରାଷ୍ଟ୍ରୀୟ ଲୋକ ଅଦାଲତ କରାଯାଇ ବିନା ମୂଲ୍ୟରେ ନ୍ୟାୟ ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି। ଏହାର ସମ୍ପୂର୍ଣ୍ଣ ସୁବିଧା ଯେପରି ଲୋକମାନେ ପାଇପାରିବେ ଓ ଏହାର ପ୍ରଚାର ପ୍ରସାର ମାଧ୍ୟମରେ ଅଧିକରୁ ଅଧିକ ଲୋକ ଉପକୃତ ହୋଇପାରିବେ ସେଥିପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ସତତ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହାର ଗୁରୁତ୍ୱ କିପରି ତୃଣମୂଳ ସ୍ତରରେ ପହଞ୍ଚି ପାରିବ ସେଥିପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପ୍ରଚାର ପ୍ରସାର ମାଧ୍ୟମରେ ଗ୍ରାମାଞ୍ଚଳରେ ଥିବା ଅଶିକ୍ଷିତ ଓ ଦରିଦ୍ର ଜନସାଧାରଣ ଏହା ଦ୍ୱାରା ଉପକୃତ ହୋଇପାରିବେ ବୋଲି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ଅନୁରୋଧ କରିଛନ୍ତି ବୋଲି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ପୂଣ୍ୟ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ) : ଶିବାନନ୍ଦ ଆଶ୍ରମ ନିଆଳି ମେରିବଟ ଠାରେ ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ପୂର୍ଣ୍ୟ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ନଗର ପରିକ୍ରମା, ରୁଦ୍ରାଭିଷେକ, ବୃକ୍ଷରୋପଣ, ଗୁରୁ ପାଦୁକା ପୂଜା, ମହାମନ୍ତ୍ର ଜପ କରାଯାଇ ଦୁଇଟି ଜ୍ଞାନଯଜ୍ଞ ପ୍ରସାଦ ଦିବ୍ୟଧାରା ଏବଂ ଜନ୍ମ ଜୟନ୍ତୀ ଜ୍ଞାନଯଜ୍ଞ ପୁସ୍ତକ ଲୋକାର୍ପିତ କରାଯାଇଥିଲା। ଏହି ଉତ୍ସବରେ କେନ୍ଦ୍ରାପଡା ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ସମ୍ପାଦକ ଶରତ ଚନ୍ଦ୍ର ପାତ୍ର ଡଃ. କାଳି ପ୍ରସନ୍ନ ସାହୁ, ରମାକାନ୍ତ ଦାସ, ଶୁଭଲକ୍ଷ୍ମୀ ଦାସ, ଶିବୁ ହାଜରା, ଶ୍ରୀଧର ରାଉତ, ନଳିନୀ ମହାନ୍ତି, ବାବୁ ପରିଡା, ଦ୍ରୌପଦୀ ରାଉତ, ପୁନମ ନାୟକ, ବାବା ନୃସିଂହ ଦାସ, ସାମ୍ବାଦିକ ସଚ୍ଚିକାନ୍ତ ନାଥ, ସନ୍ତୋଷ ପଣ୍ଡା, ଅରୁଣା ସ୍ୱାଇଁ, ନାଗାର୍ଜ୍ଜୁନ ଜେନା, ସଚ୍ଚିକାନ୍ତ ଜେନା, ମାନ ଦାସ, ରିତା ନାଥ, ରିତାଞ୍ଜଳି ଚୌଧୁରୀ, ହିମାଂଶୁ ବିଶ୍ୱାଳ, ଭୋବନା, ଭାଗ୍ୟଧର ସାହୁ, ରାମଚନ୍ଦ୍ର ସାମଲ, ବାବୁଲି ସାମଲ, ଯଦୁନାଥ ଦାସ, କୁଳମଣୀ, ଶିଶିର ସାମଲଙ୍କ ସମେତ ଯାଜପୁର ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

### ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ତୃତୀୟ ଦିବସ

# ବିଶ୍ୱାସ ଓ ସମ୍ପର୍କର ମହନୀୟତା କଥା କହିଲା ନାଟକ'ପବିତ୍ର ପାପ'



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ସମ୍ପର୍କରେ ନିବିଡ଼ତା ବିଶ୍ୱାସ ଆଣେ ଆଉ ବିଶ୍ୱାସ ବିନା ସମ୍ପର୍କ ଅସମ୍ପୂର୍ଣ୍ଣ । ସକାଳେ ଫୁଟି ସଞ୍ଜରେ ମଉଳି ଯାଏନି ସମ୍ପର୍କ । କାଚର ଆଇନା ପରି ସମ୍ପର୍କ ଯଦି କେବେ ଚଅଁରିଯାଏ ,ପଥର ମୂର୍ତ୍ତି ପରି ନଥର ଏମଣିଷ ଯୁଗ ପରେ ଯୁଗ ବିତିଯାଏ ପ୍ରତିକ୍ଷାରେ,ଶ୍ରାବଣୀର ଅବ୍ୟକ୍ତ ଦୁଃଖରେ। ଏଭଳି କିଛି ବିଶ୍ୱାସ ଓ ସମ୍ପର୍କର ମହନୀୟତାର କଥା କହିଛି ୧୫ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ତୃତୀୟ ରଜନୀର ନାଟକ 'ପବିତ୍ର ପାପ' । ରାଉରକେଲା କଳାକାର ଏକତା ମଞ୍ଚ ତରଫରୁ ବ୍ରହ୍ମପୁର ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଓଡିଶା ନାଟକ ସମାରୋହ ସମିତି ତରଫରୁ ଆୟୋଜିତ ୧୫ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବରେ ପରିବେଷିତ ଏହି ନାଟକର ମୂଳ କାହାଣୀ ଇଂ.ଅଜୟ ମହାପାତ୍ର ରଚନା କରିଥିବା ବେଳେ ପ୍ରଶାନ୍ତ ମହାପାତ୍ର ନାଟ୍ୟ ରୂପାନ୍ତର କରିଛନ୍ତି । ପ୍ରଶାନ୍ତ ଷଡଙ୍ଗୀଙ୍କ ନିର୍ଦ୍ଦେଶିତ ଓ କୁମାର ରାଜଙ୍କ ସହ-ନିର୍ଦ୍ଦେଶିତ ଏହି ନାଟକରେ ରାମ ପ୍ରସାଦ ମହାନ୍ତି, ପ୍ରଶାନ୍ତ ଷଡଙ୍ଗୀ, କୈଳାସ ପାତ୍ର, ଲୁଲୁ, ମନୀଷା ରଥ ଓ ଦିବ୍ୟାଭାରତୀ ଦାସ ପ୍ରମୁଖ ଅଭିନୟ କରିଥିଲେ । ଡ଼.ସୁଶାନ୍ତ ପାଣି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପ୍ରଜ୍ଞାଦତ୍ତ ସାହୁ, ବଂଶୀଧର ସାହୁ,ସଞ୍ଜୟ ପ୍ରଧାନ, ଲକ୍ଷ୍ମୀଧର ଡୋରା, ଶିଶିର ଓ ମମତା ରାଣୀ ତ୍ରିପାଠୀ ପ୍ରମୁଖ ମଞ୍ଚର ବିଭିନ୍ନ ବିଭାଗରେ ସହଯୋଗ କରିଥିଲେ । ତୃତୀୟ ଦିବସ ନାଟକ ପୂର୍ବରୁ ଆୟୋଜିତ ସଭାରେ ଆୟୋଜକ ସଂସ୍ଥାର ସମ୍ପାଦକ ଶଙ୍କର୍ଷଣ ସାବତ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିବା ବେଳେ ବିଶିଷ୍ଟ ନାଟ୍ୟକର୍ମୀ ଓ ମଞ୍ଚ ଶିଳ୍ପୀ ଅଶୋକ କର ଏବଂ ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଡା.ତିରୁପତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ବିନାୟକ ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନମିତା ରାଣୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସୁନୀଲ ସ୍ୱାଇଁ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଭାପତି ଅନିଲ ପାତ୍ର, ରାଜଗୋପାଳ ପାଢ଼ୀ, ଡ଼.ମିହିର ତ୍ରିପାଠୀ, ସତ୍ୟବ୍ରତ ଦାସ, ଆରତୀ ପାତ୍ର, ନାରାୟଣ ମହାକୁଡ଼, ରାମଚନ୍ଦ୍ର ସାସମଲ ପ୍ରମୁଖ ବିଶେଷ ସହଯୋଗ କରିଥିଲେ ।

# ୫-ଟି ସଚିବଙ୍କ ମାରାଥନ ହିଞ୍ଜିଳିକାଟୁ ଗସ୍ତ




ହିଞ୍ଜିଳିକାଟ,(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବ, (ମୁଖ୍ୟମନ୍ତ୍ରୀଙ୍କର ଟ୍ରାନ୍ସଫର୍ମେସନ୍ ଆଣ୍ଡ ଇନିସିଏଟିଭ୍ସର) ୫ଟି ସଚିବ ଭି. କେ. ପାଣ୍ଡିଆନ ଶନିବାର ହିଞ୍ଜିଳିକାଟୁ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରି ଫେରିଛନ୍ତି। ଶନିବାର ସନ୍ଧ୍ୟାରେ ହିଞ୍ଜିଳିକାଟୁରେ ପହଞ୍ଚି ତିନି ଦିନ ବ୍ୟାପୀ ଚାଲିଥିବା ପ୍ରସିଦ୍ଧ ନୃସିଂହ ଜନ୍ମୋତ୍ସବ ଯାତ୍ରାରେ ଯୋଗଦେଇଥିଲେ। ସ୍ଥାନୀୟ ରାଜବାଟୀ ସ୍ଥିତ ଶ୍ରୀ ଶ୍ରୀ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ସେହିପରି ରବିବାର ସକାଳେ ବୁରୁପଡ଼ା ସ୍ଥିତ ଦକ୍ଷିଣ ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶକ୍ତିପୀଠ ଶ୍ୟାମଳାୟୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିବା ସହ ଏହାର ବିକାଶ ନିମନ୍ତେ ରୂପରେଖ ପ୍ରସ୍ତୁତ କରିଥିଲେ। ଏହାପରେ ଶେରଗଡ଼ ବ୍ଲକ ଅନ୍ତର୍ଗତ ପିତ୍ତଳ ଗ୍ରାମର ଉତ୍ତରେଶ୍ୱର ଶୈବ ପୀଠ ପରିଦର୍ଶନ କରି ପିତ୍ତଳ ଯୁକ୍ତ ଦୁଇ ମହାବିଦ୍ୟାଳୟ, କରଞ୍ଜେଇ ଶକ୍ତିପୀଠ, ଶେରଗଡ଼ ସରକାରୀ ଶିକ୍ଷ ତାଲିମ କେନ୍ଦ୍ର ପରିଦର୍ଶନ କରି ଛାତ୍ର ଛାତ୍ରୀ ମାନଙ୍କ ବିଭିନ୍ନ କ୍ରିୟାକଳାପ ଦେଖିବା ପରେ ଶେରଗଡ଼ ବସ-ଷ୍ଟାଣ୍ଡ, କରଡାକଣା ଜଗନ୍ନାଥ ମନ୍ଦିର, ଶେରଗଡ଼ ଯୁକ୍ତ ଦୁଇ ଏବଂ ବିଜ୍ଞାନ ମହାବିଦ୍ୟାଳୟ, ଶେରଗଡ଼ ଜଗନ୍ନାଥ ମନ୍ଦିର, ଧବଳପୁର ଗ୍ରାମର ଝିଙ୍କିରିଆ ଶିବ ମନ୍ଦିର, ଗୋଠଗାଁ ହନୁମାନ ମନ୍ଦିର, ଅଲାରିଗଡ ଜଗନ୍ନାଥ ମନ୍ଦିର ପରିଦର୍ଶନ କରିବା ସହ ସ୍ୱପ୍ନେଶ୍ୱର ଶିବ ମନ୍ଦିରର ଉନ୍ନତି ପାଇଁ ସ୍ଥାନୀୟ ଜନ ସାଧାରଣ ଓ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଶେରଗଡ଼ ଗସ୍ତ କାର୍ଯ୍ୟକ୍ରମ ସାରି ହିଞ୍ଜିଳିକାଟୁ ପଞ୍ଚାୟତ ସମିତି ଅନ୍ତର୍ଗତ କଞ୍ଚୁରୁ ସରକାରୀ ଉଚ୍ଚ ବିଦ୍ୟାଳୟ, କଞ୍ଚୁରୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମରଝୋଳ ପୋଖରୀ, ପୋଚିଲିମା ଖାମ୍ଭେୟାଦୋରା ମହାବିଦ୍ୟାଳୟ, ସରକାରୀ ଶିକ୍ଷ ତାଲିମ କେନ୍ଦ୍ର, ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ପରିଭ୍ରମଣ କରି ହିଞ୍ଜିଳିକାଟୁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ମିଶନ ଶକ୍ତି ଦକ୍ଷତା ବିକାଶ କେନ୍ଦ୍ରରେ ପହଞ୍ଚିଥିଲେ ବ୍ୟବସ୍ଥା ତଦାରଖ କରିଥିଲେ। ଏହାପରେ ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ ମହାବିଦ୍ୟାଳୟ, ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ, ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ପରିଚାଳିତ କାଫେ ଏବଂ ଆହାର କେନ୍ଦ୍ର ପରିଦର୍ଶନ କରିବା ସହ ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟ ମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଅଙ୍କୋରଡା ଆଦର୍ଶ ପୋଖରୀ, ଖରିଡା ଗ୍ରାମର କରେଇଗୁଣି ମନ୍ଦିର, ଶାସନ ଆମ୍ବଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହାପରେ ଦାରୁଭଦ୍ରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଖରିଡା, ଚାନ୍ଦୁଲି, ଦାରୁଭଦ୍ରା, ନନ୍ଦିକ, ରାଳବ, ଶାସନ ଆମ୍ବଗାଁ, ଶିକିରି ପଞ୍ଚାୟତ ପ୍ରତିନିଧି ମାନଙ୍କ ସହ ଆଲୋଚନା କରିସାରିବା ପରେ ନନ୍ଦିକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ବାଳକୃଷ୍ଣପୁର କଲ୍ୟାଣ ମଣ୍ଡପ, ବେଲଗାଁ ବେଲେଶ୍ୱର ବିଜ୍ଞାନ ମହାବିଦ୍ୟାଳୟ, ଗଣ୍ଡଳା ଗୋପୀନାଥ ମନ୍ଦିର, ସାହାପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସ୍ଥାନୀୟ ଜନ ପ୍ରତିନିଧି ମାନଙ୍କ ସହ ଆଲୋଚନା କରି ଭୁବନେଶ୍ୱର ଫେରିଥିବା ଜଣାପଡିଛି। ସଚିବଙ୍କ ଗସ୍ତ ସମୟରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ମୁଖ୍ୟ ଜିଲ୍ଲା ଅଧିକାରୀ କୀର୍ତ୍ତିଭାସନ୍, ଅତିରିକ୍ତ ଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଛତ୍ରପୁର ଉପ ଜିଲ୍ଲାପାଳ ପ୍ରସନ୍ନ କୁମାର ପାତ୍ର, ସ୍ଥାନୀୟ ତହସିଲଦାର ପ୍ରଭାତ କୁମାର ପରିଡ଼ା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ କୁମାର ଜେନା, ଭାରପ୍ରାପ୍ତ ଥାନାଧିକାରୀ ଅଭିମନ୍ୟୁ ଦାସ, ହିଞ୍ଜିଳିକାଟୁ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲାଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ପ୍ରମୁଖଙ୍କ ସହ ସ୍ଥାନୀୟ ଅଞ୍ଚଳର ସମସ୍ତ ଅଧିକାରୀ, ସରକାରୀ କର୍ମଚାରୀ, ଜନପ୍ରତିନିଧି ଏବଂ ବିଜେଡ଼ିର ବରିଷ୍ଠ ନେତା ମାନେ ଉପସ୍ଥିତ ଥିଲେ।

### ସାମ୍ବାଦିକ ସଂଘର ଜରୁରି ବୈଠକ

# ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା



କଣ୍ଟାବାଞ୍ଜି, (ଭାସ୍କର ନ୍ୟୁଜ): ବଲାଙ୍ଗିର ଜିଲ୍ଲା ଜିଲ୍ଲା କଣ୍ଟାବାଞ୍ଜିସ୍ଥିତ ସାମ୍ବାଦିକ ସଂଘର ଗୁରୁତ୍ୱ ପୂର୍ଣ୍ଣ ବୈଠକ ରବିବାର ଦିନ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଘର ସଭାପତି ବିମଳ ଦାଶ ସଭାପତିତ୍ୱ କରିଥିଲେ। ସଂଘର ବିଭିନ୍ନ ଆଲୋଚନା ସହିତ ଖବରଦାତାମାନଙ୍କ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦେଇ ନିଜର ଅଧିକାର ସରକାରଙ୍କଠାରେ ଉପସ୍ଥାପନ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଏପରିକି ଜିଲ୍ଲାର ସର୍ବପୁରାତନ ଦ୍ୱିତୀୟ ପଞ୍ଜିକୃତ ସଂଘର ସଦସ୍ୟମାନଙ୍କ ଗ୍ରୁପ ଇନ୍ସୁରାନ୍ସ କିପରି କରାଯାଇ ପାରିବ ସେଥିପ୍ରତି ଆଲୋଚନା ହୋଇଥିଲା। ଆଗାମି ଦିନରେ ସଂଘର ସଦସ୍ୟମାନଙ୍କର ଏକ ନିଜସ୍ୱ ପାଣ୍ଠି ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଏପରିକି କଣ୍ଟାବାଞ୍ଜି, ତୁରେକେଲା, ବଙ୍ଗୋମୁଣ୍ଡା ଏବଂ ମୁରିବାହାଲ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଅଧିକ କଲମ ଚାଳନା କରିବା ପାଇଁ ଖବରଦାତାମାନଙ୍କ ଦାୟୀତ୍ୱ ହେଲେ ଅଞ୍ଚଳର ବିକାଶ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ସଂଘର ସୁବାଷ ଚନ୍ଦ୍ର ବେହେରା, ଜୀବନାନନ୍ଦ ମହାନ୍ତି, ଶେଖ ସମିମ, ସଂଜୟ କୁମାର ନାଥ, ଅନ୍ତିମ ପାଣିଗ୍ରାହୀ, ଗୁରୁଦୟାଲ ହଂସ, ମୋହନ ସୋନି, କୃତିକର ବାଗ, ବିନୋଦ ସିଂ, ଶିବଶଙ୍କର ବାଗ, କୁଶଳ ଠାକୁର, ପ୍ରମୋଦ ବେହେରା, କୈଳାଶ ସଗରିଆ, ବଙ୍ଗୋମୁଣ୍ଡାରୁ ଅଶୋକ ନାରାୟଣ ଭୋଇ, ଅଭିମନ୍ୟୁ ବେହିଦାର, ସୁଶାନ୍ତ ଥାନାପତି ଉପସ୍ଥିତ ଥିଲେ ।



କଟକ(ଭାସ୍କର ନ୍ୟୁଜ୍) : ରାଜ୍ୟର ପ୍ରମୁଖ ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ଓଡିଶା ପ୍ରତିଭା ପୂଜା ସଂସଦର ୨୩ତମ ବାର୍ଷିକ ସାରସ୍ୱତ ସମାରୋହ ସ୍ଥାନୀୟ ଶତାବ୍ଦୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ରାଜ୍ୟ ସଭା ସାଂସଦ ଡ଼କ୍ଟର ଅମର ପଟ୍ଟନାୟକ ସାରସ୍ୱତ ସ୍ରଷ୍ଟା ମାନେ ସେମାନଙ୍କର ସୃଷ୍ଟି ସମ୍ଭାରରେ ଜାତୀୟତାବାଦ ଓ ମାନବିକତାକୁ ବିଶେଷ ଗୁରୁତ୍ୱ ଦେବାକୁ ଅନୁରୋଧ କରିଥିଲେ। ସେ କହିଲେ ଯେ ଓଡିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିବା ଗର୍ବ ଓ ଗୌରବର ବିଷୟ। ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅନ୍ୟାନ୍ୟ ଆଞ୍ଚଳିକ ଭାଷା ଭଳି ଓଡ଼ିଆ ଭାଷା ଓ ସାହିତ୍ୟ ସମ୍ପର୍କରେ ଅଧ୍ୟୟନ ଓ ଗବେଷଣା ପାଇଁ ସ୍ନାତକୋତ୍ତର ବିଭାଗ ଖୋଲାଯିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ।

## ଜୁଡିସିଆଲ୍ ଏକାଡେମୀରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ




କଟକ (ଭାସ୍କର ନ୍ୟୁଜ୍): ଜୁଡିସିଆଲ୍ ଏକାଡେମୀରେ ନ୍ୟୁଟ୍ରାଲ୍ ସାଇଟେସନ୍ ଫର୍ ଦି ଇଣ୍ଡିଆନ୍ ଜୁଡିସିଆରୀ ଏବଂ ଡିଜିଟାଇସେନ୍ ସମ୍ପର୍କିତ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ରବିବାର ଦିନ ଉଦ୍‌ଯାପିତ ହୋଇଯାଇଅଛି। ଏହି ଦୁଇ ଦିନିଆ ସମ୍ମିଳନୀରେ ନ୍ୟାୟିକ ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏବଂ ଡିଜିଟାଇଜେସନ୍‌ର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବିଶେଷ କରି ବିଚାର ପ୍ରକ୍ରିୟାରେ ଡିଜିଟାଇଜେସନ୍, ପେପର୍‌ଲେସ୍ କୋର୍ଟ, ଇ ଇନିସିଏଟିଭ୍, ସୁପ୍ରିମ୍‌କୋର୍ଟ ଇ କମିଟି, ଇ କୋର୍ଟ ପ୍ରୋଜେକ୍ଟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ସମ୍ମିଳନୀରେ ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତି ଡ. ଡି.ୱାଇ. ଚନ୍ଦ୍ରଚୁଡ, ସୁପ୍ରିମ୍‌କୋର୍ଟର ବିଚାରପତି ରାଜେଶ ବିନ୍ଦଲ୍, ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର, ଉତରାଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ବିପୀନ୍ ସିଙ୍ଘଭି, ହିମାଚଳପ୍ରଦେଶ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ତ୍ରେଲୋକ୍ ସିଂ ଚୌହାନ, ଛତିଶଗଡ ହାଇକୋର୍ଟର ବିଚାରପତି, ପଞ୍ଜାବ ଓ ହରିୟାଣା, ଝାଡଖଣ୍ଡ, କେରଳ, କଲିକତା, ବମ୍ବେ, ତ୍ରିପୁରା, ଜମ୍ମୁ କାଶ୍ମୀର୍, ହିମାଚଳପ୍ରଦେଶ, ମାଡ୍ରାସ୍, ପାଟଣା, ମଧ୍ୟପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ୍, ଗୌହାଟୀ, ଆନ୍ଧ୍ରପ୍ରଦେଶ, ଗୁଜୁରାଟ, ଦିଲ୍ଲୀ, ଆହ୍ଲାବାଦ୍, ଓଡିଶା ହାଇକୋର୍ଟର ବିଚାରପତି ଏସ୍. ତଲାପାତ୍ର, ରାଜସ୍ଥାନ, ମଣିପୁର, ହାଇକୋର୍ଟର ବିଚାରପତି, ଓଡିଶା ହାଇକୋର୍ଟର ସମସ୍ତ ବିଚାରପତି, ଡିପାର୍ଟମେଂଟ୍ ଅଫ୍ ଜଷ୍ଟିସ୍‌ର ପ୍ରମୁଖ ଅଧିକାରୀ, ସଲିସିଟର୍ ଜେନେରାଲ୍, ଆଡ୍‌ଭୋକେଟ୍ ଜେନେରାଲ୍, ବିଭିନ୍ନ ରାଜ୍ୟର କେନ୍ଦ୍ରୀୟ ପ୍ରକଳ୍ପ ସଂଯୋଜକ, ରାଜ୍ୟ ଆଇନସେବା ପ୍ରାଧିକରଣ ଅଧିକାରୀବୃନ୍ଦ, ଓଡିଶାର ୩୦ଟି ଜିଲ୍ଲାର ଜିଲ୍ଲା ଜଜ୍, ଜୁଡିସିଆଲ୍ ଏକାଡେମୀ ଓ ହାଇକୋର୍ଟ ବାର୍‌ର କର୍ମକର୍ତା ପ୍ରମୁଖ ଯୋଗ ଦେଇଥିଲେ।

## କମିଲା କାଳବୈଶାଖୀ ପ୍ରଭାବ

# ଟ୍ୱିନ୍‌ସିଟିରେ ପୁଣି ତାତିର ରାଜୁତି



ଭୁବନେଶ୍ୱର/କଟକ (ଭାସ୍କର ନ୍ୟୁଜ୍): ତାତିରୁ ଆଶ୍ୱସ୍ତି ଆଣିଦେଇଥିଲା କାଳବୈଶାଖୀ ବର୍ଷା। ଗତ କିଛିଦିନ ହେବ କାଳବୈଶାଖୀ ପ୍ରଭାବରେ ବର୍ଷା ଓ ପବନ ଲାଗିରହିବା ହେତୁ ଟ୍ୱିନ୍‌ସିଟି କଟକ ଓ ଭୁବନେଶ୍ୱର ସହରବାସୀ ଆଶ୍ୱସ୍ତିଲାଭ କରିଥିଲେ। ତେବେ କାଳବୈଶାଖୀ ପ୍ରଭାବର ହ୍ରାସ ପରେ ପୁଣିଥରେ ତାତିର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି। ରବିବାର ପ୍ରଚଣ୍ଡ ତାତି ଓ ଗୁଳୁଗୁଳି ଯୋଗୁଁ ଦୁଇ ସହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଯଦିଓ ତାପମାତ୍ରା ୪୦ ଡିଗ୍ରୀ ତଳକୁ ରହିଥିଲା ତଥାପି ଦେହରୁ ଗମ୍ ଗମ୍ ହୋଇ ଝାଳ ବୋହି ଯାଉଥିଲା। ଏପରିକି ସୂର୍ଯ୍ୟଙ୍କ ତେଜ ସ୍ୱଷ୍ଟ ବାରି ହୋଇପଡୁଥିଲା। ଏପରିକି ଦିନ ୧୧ଟା ପରେ ଦୋକାନ ବଜାର ବନ୍ଦ ହେବା ସହ ରାସ୍ତାଘାଟ ଶୂନ୍‌ଶାନ୍ ହୋଇପଡ଼ିଥିଲା। ଆଗକୁ ତାପମାତ୍ରା ଆହୁରି ୩ରୁ ୫ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯିବା ପରେ ଦୁଇ ସହର ବାସିନ୍ଦାଙ୍କ ମନରେ ଛନକା ପଶିଯାଇଛି। କାରଣ କାଳବୈଶାଖୀ ପୂର୍ବରୁ ଭୁବନେଶ୍ୱରର ତାପମାତ୍ରା ୪୪ ଡିଗ୍ରୀ ପାଖାପାଖି ପହଞ୍ଚିଥିବା ବେଳେ କଟକର ତାପମାତ୍ରା ମଧ ୪୩ ଡିଗ୍ରୀ ପାଖାପାଖି ଛୁଇଁଯାଇଥିଲା। ଉଭୟ ସହରରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗିରହିବା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଆଗକୁ ଯଦି ତାପମାତ୍ରାରେ ବୃଦ୍ଧି ଘଟେ ତେବେ ଲୋକମାନେ କ'ଣ କରିବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ତେବେ ନିକଟରେ ବାତ୍ୟା 'ମୋଚା' ଆସୁଥିବାରୁ ଏହାର ପ୍ରଭାବରେ କିଛିଟା ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି।

## ଆଇନ ସଚେତନତା କାର୍ଯ୍ୟକ୍ରମ

କଟକ (ଭାସ୍କର ନ୍ୟୁଜ୍): ଆମ୍ବେଦକର ମହିଳା ସମିତି ପକ୍ଷରୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ନୟନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଭାସ୍କର ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମହିଳା ସଶକ୍ତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ବିଜୟ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଯୋଗାଇ ଦିଆଯାଉଥିବା ଆଇନ ସହାୟତା, ଉପଦେଶ, ମଧ୍ୟସ୍ଥତା, ବିବାଦର ଆପୋଷ ସମାଧାନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭିକେ ପାଣ୍ଡିଆନ୍‌ଙ୍କ ଗହଣରେ ହିଞ୍ଜିଳିକାଟୁର ଡକୁମେଣ୍ଟାରୀ ଫିଲ୍ମ ନିର୍ମାତା କ୍ରିଷ୍ଣା ଡିକେ ଓ ଫିଲ୍ମ ଷ୍ଟୋରୀ ଲେଖକ ସୀମାଞ୍ଚଳ ମହାରଣା

## ହଷ୍ଟେଲ ଛାତ୍ରୀଙ୍କୁ ଆକ୍ରମଣ ଘଟଣାରେ ତିନି ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ନୟାପଲ୍ଲୀ ହଷ୍ଟେଲ ଛାତ୍ରୀଙ୍କୁ ଆକ୍ରମଣ ଘଟଣାରେ ନୟାପଲି ଥାନା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ତିନିଜଣ ନୟାପଲ୍ଲୀ ଭୋଇ ସାହିର ବୋଲି ଜଣା ପଡ଼ିଛି। ସେମାନଙ୍କ ନିକଟରୁ ସ୍କୁଟି ଜବତ କରାଯାଇଥିବା ବେଳେ ଆଉ ୫/୬ ଜଣ ଫେରାର ଅଛନ୍ତି। ଗତ ଶୁକ୍ରବାର ରାତିରେ ଜଣେ ଯୁବତୀ ଙ୍କୁ କମେଣ୍ଟ ମାରିବା ସହ ୧୦ ଜଣ ଯୁବକ ମାଡ଼ ମାରିଥିଲେ। ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଥଲା।

## ରବୀନ୍ଦ୍ର ନାଥ ଟାଗୋରଙ୍କୁ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେ କହିଛନ୍ତି ଯେ ଜାତୀୟ ସଂଗୀତର ଲେଖକ, ପ୍ରସିଦ୍ଧ କବି, ଦାର୍ଶନିକ ଓ ନୋବେଲ ପୁରସ୍କାର ବିଜେତା ରବୀନ୍ଦ୍ର ନାଥ ଠାକୁରଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଉଛି। ସେହିପରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜୟନ୍ତୀ ଅବସରରେ ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି ଯେ – ସାହିତ୍ୟ ମାଧ୍ୟମରେ ଭାରତୀୟ ସାଂସ୍କୃତିକ ଚେତନାରେ ନୂଆ ଜୀବନ ଦେଇଥିବା ଯୁଗଦ୍ରଷ୍ଟା ଗୁରୁଦେବ ରବୀନ୍ଦ୍ର ନାଥ ଠାକୁର ନିଜ ରଚନାରେ ବିଶ୍ୱକୁ ଭାରତୀୟ ମନୀଷାର ଝଲକ ଦେଖାଇଥିଲେ। ଗୁରୁଦେବଙ୍କ ମାନବିକତାବାଦୀ ବିଚାର ସବୁବେଳେ ଆମ ସମସ୍ତଙ୍କୁ ମାର୍ଗଦର୍ଶନ କରୁଥିବ। ଜୟନ୍ତୀରେ ତାଙ୍କୁ ବିନମ୍ର ଶ୍ରଦ୍ଧାଂଜଳି।

## 'ରାଷ୍ଟ୍ରପତିଙ୍କ ଅଭିଭାଷଣ ସମୟରେ ବିଦ୍ୟୁତ୍ ବିଭ୍ରାଟ ନିନ୍ଦନୀୟ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସମାବର୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୀକ୍ଷାନ୍ତ ଅଭିଭାଷଣ ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯିବା ଅତ୍ୟନ୍ତ ନିନ୍ଦାର ବିଷୟ। ସମଗ୍ର ଦେଶରେ ଏହା ବର୍ତମାନ ଓଡ଼ିଶାକୁ ନିନ୍ଦିତ କରାଇଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ କ୍ଷମା ମାଗିବା ସହ ତୁରନ୍ତ ନିଜେ ହସ୍ତକ୍ଷେପ କରି ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଏବିଭିପି ରାଜ୍ୟ ସମ୍ପାଦକ ଅଜିତ ପଟ୍ଟନାୟକ କହିଛନ୍ତି।



ବୁଦ୍ଧ ପାର୍କ ଆର୍ଟ ଗ୍ୟାଲେରୀ ଠାରେ ବିଶ୍ୱ କାର୍ଟୁନିଷ୍ଟ ଦିବସ ଉପଲକ୍ଷେ ଦ୍ୱିତୀୟ ରାଜ୍ୟସ୍ତରୀୟ ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ

## ମହାନଦୀ ଜଳ ବିବାଦ

# ଜଳ ଆୟୋଗ ଗଠନ ପାଇଁ ପ୍ରସ୍ତାବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମହାନଦୀ ବଂଚାଅ ଆନ୍ଦୋଳନ ପକ୍ଷରୁ ରବିବାର ଦିନ ଭୁବନେଶ୍ୱରସ୍ଥିତ ସିୱାଇଏସ୍‌ଡ଼ି ଠାରେ ମହାନଦୀ ଟ୍ରିବୁନାଲ ଓ ମହାନଦୀର ଭବିଷ୍ୟତ ବିଷୟକୁ ନେଇ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି। ମହାନଦୀ ସାମ୍ପ୍ରତିକ ପରିସ୍ଥିତି ଓ ସଙ୍କଟର ଅନୁଧ୍ୟାନ ଓ ସମାଧାନ ପାଇଁ ମହାନଦୀ ଜଳ ଆୟୋଗ ଗଠନ ପାଇଁ ପ୍ରସ୍ତାବ ପାରିତ ହୋଇଛି। ଏଥିରେ ପ୍ରାରମ୍ଭିକ ଭାବରେ ଡ ଅରବିନ୍ଦ ବେହେରା, ଜଗଦାନନ୍ଦ, ଡ ଭଗବାନ ପ୍ରକାଶ ଓ ପ୍ରଫେସର ଶିଶିରକାନ୍ତ ବେହେରାଙ୍କୁ ସଭ୍ୟ ଭାବରେ ରଖାଯାଇଛି। ପରବର୍ତୀ ସମୟରେ ଜାତୀୟ ଓ ଆନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରିଥିବା ବିଶେଷଜ୍ଞମାନଙ୍କୁ ଏଥିରେ ସାମିଲ କରାଯିବ। ଏଥିପାଇଁ ଏକ ଟର୍ମସ୍ ଅଫ ରେଫରେନ୍ସ ପ୍ରସ୍ତୁତ ହେବ। ଗଙ୍ଗା ପରି ମହାନଦୀର ପ୍ରାକୃତିକ ପ୍ରବାହ ବା ଇ ଫ୍ଲୋ ନିର୍ଦ୍ଧାରଣ ହେବ ଏହି ଆୟୋଗର ପ୍ରଥମ କାମ। ଆସନ୍ତା ୧୦ ତାରିଖରେ ମହାନଦୀ ଟ୍ରିବ୍ୟୁନାଲର ଓଡ଼ିଶା ପଟରେ ମହାନଦୀ ପରିଦର୍ଶନ କାର୍ଯ୍ୟକ୍ରମ ରହିଛି। ସେହି ଦିନ ମହାନଦୀ ବଂଚାଅ ଆନ୍ଦୋଳନ ପକ୍ଷରୁ ଏକ ଗଣ ସତ୍ୟାଗ୍ରହ ଆୟୋଜନ କରାଯିବାର ନିଷ୍ପତି ହୋଇଛି। ସମ୍ଭବ ହେଲେ ଟ୍ରିବୁନାଲର ଅଧକ୍ଷଙ୍କୁ ଭେଟି ଏକ ଦାବିପତ୍ର ମଧ ଦିଆଯିବ।

## ଭିନ୍ନ ଭିନ୍ନ ଅଫିସରଙ୍କ ପରିଚୟ ଦେଇ ଠକୁଥିଲା

# ୪୨୦କୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ

କଟକ(ଭାସ୍କର ନ୍ୟୁଜ): ଭିଜିଲାନ୍ସ ଏସ୍‌ପି ବୋଲି ପରିଚୟ ଦେଇ ଠକି ଚାଲିଥିଲା। ଇଞ୍ଜିନିୟର ଠିକାଦାରଙ୍କୁ ଟଙ୍କା ପାଇଁ ଖୋଲାଖୋଲି ଧମକ ବି ଦେଉଥିଲା। ଏଏସ୍‌ଓ ଚାକିରି ଦେବାକୁ କହି ଟଙ୍କା ଲୁଟୁଥିଲା। ସରକାରୀ ଚାକିରିଆ ହୁଅନ୍ତୁ ବା ଠିକାଦାର ସମସ୍ତେ ତା' ଭୟରେ ଥରୁଥିଲେ। ଭିଜିଲାନ୍ସ ଏସ୍‌ପି ଭାବେ ଖଣି କର୍ପୋରେସନ୍ ପରିଚାଳନା ନିର୍ଦ୍ଦେଶକ, ପୂର୍ତ ବିଭାଗ ମୁଖ୍ୟ, ଖୋର୍ଦ୍ଧା ପିଡିଡିଆର୍‌ଡିଏଙ୍କ ଭଳି ବରିଷ୍ଠ ଅଧିକାରୀଙ୍କୁ ଛଦ୍ମନାମରେ ଫୋନ୍ ବି କରୁଥିଲା। ଏଏସ୍‌ଓ ଚାକିରି କରାଇଦେବା ପାଇଁ ଆଶାୟୀଙ୍କ ଠାରୁ ୧୫ଲକ୍ଷ ଠକିଥିଲା। ଚଢ଼ଉ ବେଳେ ତା' ଘରୁ ଏଭଳି କିଛି ଆଡ୍‌ମିଟ୍ କାର୍ଡ ମଧ ଜବତ କରାଯାଇଛି। ଗିରଫ ଅଭିଯୁକ୍ତର ନାମ ମନୋଜ ମାଝୀ ହୋଇଥିବା ବେଳେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବୋଲି ଜଣାପଡ଼ିଛି। ମନୋଜକୁ ଏହି ଧନ୍ଦାରେ ୪ରୁ ୫ଜଣ ସହଯୋଗ ମଧ କରୁଥିଲେ। ଜଣେ ଅତିରିକ୍ତ ଚିଫ୍ ଇଞ୍ଜିନିୟରଙ୍କୁ ୧ କୋଟି ଟଙ୍କା ମାଗୁଥିବା ବେଳେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ତଦନ୍ତ ଆରମ୍ଭ ହୋଇଥିଲା। ଏସ୍‌ଟିଏଫ୍ ତା'ର ଫୋନ୍ ଟ୍ରାପ୍ କରି ମନୋଜ ନିକଟରେ ପହଞ୍ଚିବା ସମ୍ଭବ ହୋଇଥିଲା। ଏବେ ତାକୁ ପଚରାଉଚୁରା କରାଯାଇ କୋର୍ଟଚାଲାଣ କରାଯାଇଛି। ଆବଶ୍ୟକ ହେଲେ ତାକୁ ରିମାଣ୍ଡରେ ଆଣି ପଚରାଉଚୁରା କରାଯିବ ବୋଲି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

## ଭୋକେସନାଲ୍ ଟ୍ରେନର ମହାସଂଘର ଅସନ୍ତୋଷ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଲୋହିଆ ଭବନଠାରେ ଅଲ୍‌ଓଡ଼ିଶା ଭୋକେସନାଲ୍ ଟ୍ରେନର ମହାସଂଘର ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ କାର୍ଯ୍ୟରତ ୨୧୨୨ଜଣ ଭୋକେସ୍‌ନାଲ୍ ଟ୍ରେନରମାନଙ୍କୁ ସରକାର ବିଭିନ୍ନ କମ୍ପାନୀମାନଙ୍କ ମାଧ୍ୟମରେ ନିଯୁକ୍ତି ଦେଇଥିବା ପରିପ୍ରେକ୍ଷୀରେ ସେମାନଙ୍କ ଦରମା, ଇପିଏଫ୍, ଇଏସ୍‌ଆଇ, ଗ୍ରାଚ୍ୟୁଇଟି, ଅତିଥି ଅଧ୍ୟାପକ ପ୍ରାପ୍ୟ ଓ ଇଣ୍ଡଷ୍ଟ୍ରି ଭିଜିଟ୍ ପ୍ରାପ୍ୟ କମ୍ପାନୀମାନେ ଦେବାପାଇଁ ସରକାରଙ୍କ ସହିତ ଚୁକ୍ତିନାମା କରିଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ବହୁତ କମ୍ପାନୀ ବିଭିନ୍ନ ସମୟରେ ଚୁକ୍ତିନାମାର ଖୋଲା ଉଲ୍ଲଙ୍ଘନ କରି ଭୋକେସନାଲ୍ ଟ୍ରେନ୍‌ର ଓ ଭୋକେସ୍‌ନାଲ୍ କୋର୍ଡିନେଟର ମାନଙ୍କ ଉପରେ ମାନସିକ ଓ ଆର୍ଥିକ ଅତ୍ୟାଚାର କରିଚାଲିଛନ୍ତି। ମନଇଚ୍ଛା ବିଭିନ୍ନ ଆଳ ଦେଖାଇ କାର୍ଯ୍ୟରୁ ଛଟେଇ କରୁଥିବାରୁ ଏବଂ ଛଟେଇ ପରେ ଇପିଏଫ୍, ଇଏସ୍‌ଆଇ, ଗ୍ରାଚ୍ୟୁଟି ଭଳି ଅନ୍ୟାନ୍ୟ ପ୍ରାପ୍ୟ ଦେଉନଥିବାରୁ ମହାସଂଘ ତରଫରୁ ଚିନ୍ତାପ୍ରକଟ କରାଯାଇଅଛି। ନିକଟ ଅତୀତରେ କମ୍ପାନୀମାନେ ୧୦ଜଣରୁ ଅଧିକ ଭୋକେସ୍‌ନାଲ୍ ଟ୍ରେନରମାନଙ୍କୁ ଛଟେଇ କରି ସେମାନଙ୍କୁ କୌଣସି ପ୍ରାପ୍ୟ ନ ଦେଇ ଖାଲି ହାତରେ ପଠାଇ ଦେଇଛନ୍ତି। ମହାସଂଘ ତରଫରୁ କମ୍ପାନୀମାନଙ୍କ ଏତାଦୃଶ କାର୍ଯ୍ୟକଳାପକୁ ଘୋର ନିନ୍ଦା କରାଯାଇଅଛି। ଏପରିକି କାର୍ଯ୍ୟରତ ଅବସ୍ଥାରେ ଭୋକେସନାଲ୍ ଟ୍ରେନର୍‌ସମାନଙ୍କ ମଧ୍ୟରୁ ଇତିମଧ୍ୟରେ କେତେଜଣ ମୃତ୍ୟୁବରଣ କରିସାରିଥିଲେ ବି କମ୍ପାନୀ ତରଫରୁ ସେମାନଙ୍କ ପରିବାରକୁ କୌଣସି ସହାୟତା ନିଯୁକ୍ତି ଦିଆଯାଇ ନଥିବାରୁ ମହାସଂଘ ତରଫରୁ ଘୋର ଅସନ୍ତୋଷ ପ୍ରକାଶ କରାଯାଇଅଛି।

## ବିଧାୟକ ମୋକିମଙ୍କ ଦ୍ୱାରା ବାୟୋ ଶୌଚାଳୟ ଉଦ୍‌ଘାଟିତ




କଟକ (ଭାସ୍କର ନ୍ୟୁଜ୍): କଟକ ବାରବାଟି ଦୁର୍ଗ ସ୍ଥିତ ସତ୍ୟବ୍ରତ ଖେଳ ପଡ଼ିଆରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଏକ ବାୟୋ ଶୌଚାଳୟ ଉଦ୍ଘାଟନ କରିଛନ୍ତି। କ୍ରେଡାଇ କଟକ ସହାୟତାରେ ଏହି ବାୟୋ ଶୌଚାଳୟଟି ନିର୍ମାଣ କରାଯାଇଛି। ଉକ୍ତ ବାୟୋ ଶୌଚାଳୟ ନିର୍ମାଣ ପାଇଁ ମହାନଦୀ ୱାକିଂ ଓ ଲାଫିଂ କ୍ଲବ ପକ୍ଷରୁ ଦାବି ହୋଇଆସୁଥିଲା। ପଡ଼ିଆରେ ମର୍ଣିଂ ୱାକ ପାଇଁ ଆସୁଥିବା ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ବିଧାୟକ ମୋକିମଙ୍କ ନିର୍ଦ୍ଦେଶ କ୍ରମେ କ୍ରେଡ଼ାଇ କଟକଙ୍କ ସହାୟତାରେ ଏହି ବାୟୋ ଶୌଚାଳୟଟି ନିର୍ମାଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାନଦୀ ୱାକିଂ ଓ ଲାଫିଂ କ୍ଲବ ସଭାପତି ଡଃ ନିରଞ୍ଜନ ତ୍ରିପାଠୀ, ମୁଖ୍ୟ ଉପଦେଷ୍ଟା ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ପାଦକ ସରୋଜ କୁମାର ସାହୁ, ଶ୍ରୀ ସନ୍ତୁ, ଆଇନଜୀବୀ ବିଜୟ ରାଗଡା, ଆଇନଜୀବୀ ବିଚିତ୍ର ମୋହନ ମହପାତ୍ର, ସୂର୍ଯ୍ୟ ଦାସ, ରାମଚନ୍ଦ୍ର ସାଶମଲ, ରାକେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ମଦ୍ୟପ ଓ ଅସାମାଜିକ ବ୍ୟକ୍ତିଙ୍କ ଉତ୍ପାତ

## ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ




ବୟାଳିଶମୌଜ(ଭାସ୍କର ନ୍ୟୁଜ୍): କଟକସଦର ଥାନା ଅର୍ନ୍ତଗତ ୪୨ମୌଜା ବ୍ରହ୍ମପୁର, ଦଧିବାମନପୁର, କୂଳସରିଚୁଆଁ ଅର୍ନ୍ତଗତ ଗ୍ରାମ ଏବଂ ସାହି ସମେତ ବିଶେଷଭାବରେ ଉକ୍ତ ଅଂଚଳର ମୁଖ୍ୟ ବଜାର ଯାହାକି ବେଂଟକାର ବଜାର, ଶ୍ରୀରାମ ତାଡପଡା ବଜାର, ଦଧିବାମନପୁର, ସୁଦର୍ଶନ ମହାବିଦ୍ୟାଳୟ ବଜାର, ବ୍ରହ୍ମପୁର ଝିଙ୍କିରିଆ ବଜାର, କଳପଡା ବଜାର, ବରାଳ ବଜାର ସମେତ ଚାନ୍ଦୁଲି ବଜାର ଏବଂ ଅନ୍ୟ ଅଂଚଳର ଛୋଟ ବଡ ବଜାର ଗୁଡିକର ଅଂଚଳରେ ମଦ୍ୟପ ଓ ଅସାମାଜିକ ବ୍ୟକ୍ତି ଓ ଯୁବକମାନଙ୍କର ପ୍ରବଳମାତ୍ରାରେ ଉପଦ୍ରବ କରୁଥିବା ଅଭିଯୋଗ ହୋଇଛି। ସେହିପରି ବ୍ରହ୍ମପୁର ପଂଚାୟତ ଓ ଦଧିବାମନପୁର ପଚଂାୟତର ବିଭିନ୍ନ ଗ୍ରାମ୍ୟ ଛକମାନଙ୍କରେ ମଧ ଉତ୍ପାତ ପ୍ରବଳ ହେଉଥିବା ବାର ମ୍ବାର ପୋଲିସ୍ ପାଖକୁ ଅଭିଯୋଗ ଯାଉଛି। ପ୍ରତ୍ୟେକ ଦିନ ହଜାର ହଜାର ମହିଳା, ଛାତ୍ରୀ, ରୋଗୀ, ଦିବ୍ୟାଙ୍ଗ, ବୟୋଜ୍ୟେଷ୍ଠ ବ୍ୟକ୍ତି, ସ୍କୁଲ୍, କଲେଜ୍, ବ୍ୟାଙ୍କ୍ ଏବଂ ଉପରୋକ୍ତ ବଜାରଗୁଡିକୁ ପ୍ରତ୍ୟେକ ସମୟରେ ନିଜର ଅବଶ୍ୟକୀୟ କାର୍ଯ୍ୟ ଏବଂ ଦରକାରୀ ଦ୍ରବ୍ୟ ଆଦି ପାଇବା ପାଇଁ ଆସୁଥିବା ବ୍ୟକ୍ତିବିଶେଷମାନେ ଅସାମାଜିକ ମଦ୍ୟପ ଯୁବକମାନଙ୍କ କବଳରେ ପଡି ବିଭିନ୍ନ ପ୍ରକାର ମାନସିକ, ଶାରୀରିକ ନିର୍ଯାତନାର ଶୀକାର ହେଉଛନ୍ତି। ସେହିପରି ଅସାମାଜିକ, ଗୁଣ୍ଡାଶ୍ରେଣୀୟ ଓ ମଦ୍ୟପ ବ୍ୟକ୍ତି ଓ ଯୁବକମାନେ ବହୁ ସମୟରେ ଜୋର୍ ଜବର ଦସ୍ତ ବଜାରଗୁଡିକରେ ଥିବା ଦୋକାନୀମାନଙ୍କର କ୍ରୟ ନିମନ୍ତେ ଥିବା ଦ୍ରବ୍ୟକୁ ଛଡାଇ ନେଇ ଯାଉଛନ୍ତି ଓ ମୁଖ୍ୟରାସ୍ତାକୁ ବନ୍ଦ କରିଦେଉଛନ୍ତି। କିନ୍ତୁ ଏହିପରି ଗୁରୁତର ସମସ୍ୟାର କୌଣସି ସମାଧାନ ହୋଇପାରୁନଥିବା ହେତୁ ୪୨ମୌଜା ଅଂଚଳର ଆବାଳବୃଦ୍ଧବନିତା ଓ ମହିଳା, ଛାତ୍ରୀମାନଙ୍କ ମଧ୍ୟରେ ଏକପ୍ରକାର ଭୟର ବାତାବରଣ ସୃଷ୍ଟି ହୋଇଛି। ସେହିପରି ୪୨ମୌଜାର ୮୦ହଜାର ଲୋକ ସ ମ୍ବଳିତ ବିରାଟ ଅଂଚଳ ଏବଂ ଏହି ଅଂଚଳର ବଜାରଗୁଡିକୁ ଗୋଟିଏ ପିସିଆର୍ ଭ୍ୟାନ୍ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇ ସଠିକ୍ ଭାବରେ ନିଜ ଅକ୍ତିଆରରେ ଶାନ୍ତିଶୃଙ୍ଖଳାରେ ରଖିବାକୁ ସକ୍ଷମ ହେଇପାରୁନାହାନ୍ତି। ଏଣୁ ଯୁଦ୍ଧକାଳୀନ ଭିତିରେ ୪୨ମୌଜା ମୁଖ୍ୟ ବଜାରରେ ଆଲୋକିକରଣ, ମଦ୍ୟପ ଓ ଅସାମାଜିକ ବ୍ୟକ୍ତି ଓ ଯୁବକମାନଙ୍କୁ ଗିରଫ କରିବା, ବଜାର, ଛକଗୁଡିକରେ ପ୍ରଶାସନ ତରଫରୁ ସିସିଟିଭି କ୍ୟାମେରା ଲଗାଇବା, ବଜାରମାନଙ୍କରେ କଡାକଡ ୨୪ଘଂଟିଆ ପ୍ରହରା ଦେବା, ରାତ୍ରି ସମୟରେ ବଜାରମାନଙ୍କରେ ଜଗୁଆଳି ମୁତୟନ କରିବା ଏବଂ ୪୨ମୌଜା ଅଂଚଳର ଥାନାରେ ଅଧିକ ସଂଖ୍ୟକ ବାଇକ୍ ପିସିଆର୍ ମୁତୟନ କରି ଅଧିକ ପୋଲିସ୍ କର୍ମଚାରୀ ନିୟୋଜିତ କରିବା ସହିତ ଆଉ ଦୁଇଗୋଟି ଫାଣ୍ଡି ୪୨ମୌଜା ଅଂଚଳରେ ଚାଲୁ କରିବାକୁ ସହ ୨୪ଘଂଟିଆ ପ୍ରହରା ଦେବାପାଇଁ ଯୁବ ଜାଗରଣ ମଂଚର ପର୍ଶୁରାମ ବେହେରା କଟକ ଡିସିପି ଓ କଟକ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ଦେଇ ନିଜର ମତାମତ ପ୍ରଦାନ କରିଛନ୍ତି। ସେହିପରି ୪ଗୋଟି ସେତୁରେ ସଠିକ୍ ଭାବରେ ଆଲୋକିକରଣ ଓ ସିସିଟିଭି କ୍ୟାମେରା ମୁତୟନ ପାଇଁ ଅଚଂଳର ମହିଳା, ଛାତ୍ରୀ ଓ ବ୍ୟବସାୟୀମାନେ ପ୍ରମୁଖ ରାଜ୍ୟ ଓ ଜିଲ୍ଲା ପୋଲିସ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ ପୂର୍ବକ ଦାବି କରିଛନ୍ତି।



ଭଞ୍ଜନଗର, (ଭାସ୍କର ନ୍ୟୁଜ) : ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବୈଠକ ନାୟକ ଭବନ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମଞ୍ଚର ସଭାପତି ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ତାଙ୍କ ସହ ଉପଦେଷ୍ଟା ଡ. କମ୍ବୁପାଣି ସାମନ୍ତ, କର୍ଯ୍ୟକାରୀ ସଭାପତି ଶିବରାମ ପଣ୍ଡା, ଉପସଭାପତି ବାଳକୃଷ୍ଣ ବେହେରା. ପୂର୍ବତନ ସମ୍ପାଦକ ରବୀନ୍ଦ୍ର ଆଚାର୍ଯ୍ୟ, ସମ୍ପାଦକ ରବିନାରାୟଣ ସାମନ୍ତ ମଞ୍ଚାସୀନ ଥିବାବେଳେ କାର୍ଯ୍ୟକାରୀ ସଦସ୍ୟ ସୁଦର୍ଶନ ଦାଶ, ଗୋବିନ୍ଦଚନ୍ଦ୍ର ଲେଙ୍କା, ଲଡୁକିଶୋର ପ୍ରଧାନ, ବାଳକୃଷ୍ଣ ପାଢ଼ୀ, ଅଭିମନ୍ୟୁ ଭୁଆଁ ଓ ମାଗତା ଗୌଡ଼, ଭାସ୍କର ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଭା ଆରମ୍ଭରେ ଚିକିତ୍ସାଧୀନ ଥିବା ପଣ୍ଡିତ ବିପ୍ରଚରଣ ସାହୁଙ୍କ ଆଶୁ ଆରୋଗ୍ୟ କାମନା କରି ଏକ ମିନଟ ସମୂହ ପ୍ରାର୍ଥନା କରାଯାଇଥିଲା । ସଭାପତି ଘୁମୁସର ଜିଲ୍ଲା ଆନ୍ଦୋଳନର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ କହିଥିଲେ ସୋରଡ଼ା ଓ ଜଗନ୍ନାଥ ପ୍ରସାଦ ବନ୍ଦ ପାଇଁ ପ୍ରସ୍ତୁତି ଚାଲିଛି । ମିଳିତ କ୍ରିୟାନୁଷ୍ଠାନ କମିଟିର କୋର କମିଟି ବିଭିନ୍ନ ସ୍ଥାନ ଗସ୍ତ କରି ଏ ଦିଗରେ ଉଦ୍ୟମ ଜାରି ରଖିଛନ୍ତି ବୋଲି ପ୍ରକାଶ କରିଥିଲେ । ଲକି ଡ୍ର କରି ଆସନ୍ତା ବୈଠକ ଠାରୁ ସଭ୍ୟମାନଙ୍କୁ ଉତ୍ସାହିତ କରାଯିବା ବୋଲି ନିଷ୍ପତ୍ତି ହୋଇଛି । ବରିଷ୍ଠ ନାଗରିକ ମାନେ ଶ୍ରୀମନ୍ଦିର ଠାକୁରଙ୍କୁ ଦର୍ଶନ କରିବାରେ ଯେପରି ଅସୁବିଧା ନହେବ ସେଥିପ୍ରତି ଦୃଷ୍ଟି ଦେବା ସହ ସ୍ୱତନ୍ତ୍ର ପୋଲିସ ନିଯୁକ୍ତି ଦେବାକୁ ମଞ୍ଚ ଦାବି କରିଛି । ଶେଷରେ ସମ୍ପାଦକ ଧନ୍ୟବାଦ ଦେବା ପରେ ସଭା ସାଙ୍ଗ କରାଯାଇଥିଲା ।

# ୨୩ ରୂପାନ୍ତରିଣ ସ୍କୁଲ ଲୋକାର୍ପିତ




ବୌଦ୍ଧ, (ଭାସ୍କର ନ୍ୟୁଜ): ତୃତୀୟ ପର୍ଯ୍ୟାୟରେ ବୌଦ୍ଧ ଜିଲ୍ଲାର ୨୩ଟି ହାଇସ୍କୁଲକୁ ୫-ଟି ରୂପାନ୍ତରିତ କାର୍ଯ୍ୟକ୍ରମକୁ ଆଭାସୀ ମାଧମରେ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ। ଶନିବାର ବୌଦ୍ଧ ବଡ଼ବନ୍ଧ ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ, ଜଙ୍ଗଲ ଓ ପରିବେଶ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀଯୁକ୍ତ ଅମାତ ଶିକ୍ଷାର ବିକାଶ ପାଇଁ ସରକାର ୫-ଟି ରୂପାନ୍ତରିତ ଭଳି ଯୁଗାନ୍ତକାରୀ ପଦକ୍ଷେପ ଜରିଆରେ ସରକାରୀ ହାଇସ୍କୁଲ ଗୁଡିକରେ ଉନ୍ନତମାନର ଶିକ୍ଷାଦାନ ପାଇଁ ଅତ୍ୟାଧୁନିକ ସୁବିଧା ଓ ବ୍ୟବସ୍ଥା ଉପଲବ୍ଧ କରି ଛାତ୍ରଛାତ୍ରୀଙ୍କୁ ବ୍ୟବସାୟିକ ଭିତ୍ତିରେ ଗଢିଉଠୁଥିବା ବେସରକାରୀ ସ୍କୁଲ ଛାତ୍ର ଛାତ୍ରୀଙ୍କ ସହ ପ୍ରତିଯୋଗୀତା ମୂଳକ ଶିକ୍ଷା ଯୋଗାଇ ଦିଆଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ବିଧାୟକ ମହିଧର ରଣା, ଜିଲ୍ଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ ପ୍ରମୁଖ ଯୋଗ ଦେଇ ରୂପାନ୍ତରିତ ମାଧମରେ ସମସ୍ତ ବିଦ୍ୟାଳୟ ଗୁଡିକର ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସରୁମ୍, ଅତ୍ୟାଧୁନିକ ସାଇନ୍ସ ଲାବ୍ରୋଟୋରି, ଉନ୍ନତମାନର ଖେଳ ପଡିଆ ସହ କ୍ରୀଡା ଉପକରଣ ଉପଲବ୍ଧ କରାଯିବାରୁ ସରକାରୀ ସ୍କୁଲରେ ଶିକ୍ଷା ପ୍ରତି ଛାତ୍ରଛାତ୍ରୀ ଏବଂ ଅବିଭାବକଙ୍କୁ ଆକୃଷ୍ଟ କରିବାରେ ସହାୟକ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ଜରିଆରେ ବଡ଼ବନ୍ଧ ବାଳିକା ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ସୁଶ୍ରୀ ସ୍ୱାତି ସିମରନ ଚିନରାଙ୍କ ସହିତ ବର୍ତ୍ତାଳାପ କରି ଭବିଷ୍ୟତରେ ତୁମେ କ'ଣ ହେବାକୁ ଚାହୁଁଛ ବୋଲି ପଚାରିବାରୁ ସ୍ୱାତୀ ଡାକ୍ତର ହୋଇ ରୋଗୀଙ୍କ ସେବା କରିବି ବୋଲି କହିଥିଲେ। ଏହି ଅବସରରେ ଆଜି ଦଧିବାବନ ଉଚ୍ଚ ବିଦ୍ୟାଳୟ ବାଦିକଟା, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବହିରା, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଗୁଡ଼ପଦର, ମୁଣ୍ଡାପଡା ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ମେଣ୍ଟିମାଳ ଲାଲ ବାହାଦୂର ଉଚ୍ଚ ବିଦ୍ୟାପୀଠ ତିଳେଶ୍ୱର, ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟ ତଳଗାଁ, ନାରାୟଣ ଉଚ୍ଚ ବିଦ୍ୟାଳୟ ଛତ୍ରଙ୍ଗ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବନ୍ଧାପଥର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବଡ଼ବନ୍ଧ, ପଲ୍ଲିଶ୍ରୀ ଉଚ୍ଚ ବିଦ୍ୟାଳୟ ଦପଲା, ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟ ଉମା, ଦଧିବାବନ ଉଚ୍ଚ ବିଦ୍ୟାଳୟ ରୁଣ୍ଡିମହୁଲ, ସରକାରୀ ଉଚ୍ଚ ବିଦ୍ୟାଳୟ ଜିଗେନ୍ଦ୍ରପୁର, ରାଧାକୃଷ୍ଣ ଉଚ୍ଚ ବିଦ୍ୟାପୀଠ ମୁଣ୍ଡିପଦର, ମଥୁରା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କେଲାକଟା, ରାଧା ମାଧବ ଉଚ୍ଚ ବିଦ୍ୟାଳୟ ଲମ୍ବସରି, ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ଶଗଡ଼ା, ପଲ୍ଲିବିକାଶ ଉଚ୍ଚ ବିଦ୍ୟାଳୟ ଲୁଣି ବାହାଲ, ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟ ଜଗତି, ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସଂକୁଲାଇ, ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟ ସାମ୍ଭୋଟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତେତେଲେଙ୍ଗା ଆଦି ୨୩ଟି ହାଇସ୍କୁଲକୁ ୫-ଟି ରୂପାନ୍ତରିତ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ଜଣାପଡ଼ିଛି।

# ଚିକିଟି ଅବକାରୀ ଅଧିକାରୀଙ୍କ କାର୍ଯ୍ୟାଳୟ ତାଲା ଖୋଲିବ କେବେ ?



ଚିକିଟି, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଚିକିଟି ଅବକାରୀ ଅଧିକାରୀ ନିୟମିତ ନିଜ କାର୍ଯ୍ୟାଳୟକୁ ଆସୁନଥିବା ହେତୁ ଅଞ୍ଚଳରେ ଅହେତୁକ ମଦ, ଗଞ୍ଜେଇ ଆଦି ମାଦକ ଦ୍ରବ୍ୟ ଚୋରାଚାଲାଣ ହେଉଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ସୂଚନା ପ୍ରକାରେ ଗତ ଦୁଇଦିନ ତଳେ ଧାନଘର ଠାରେ ଅବକାରୀ ଗୁଇନ୍ଦା ବିଭାଗ ଏକ ବଡଧରଣର ଗଞ୍ଜେଇ ଚୋରା ଚାଲାଣକୁ କାବୁ କରିଥିବାବେଳେ ନିକଟରେ ଥିବା ଅବକାରୀ ବିଭାଗ କିପରି ତାହାର ଖୋଜ୍ ଖବର ପାଇନଥିଲା ସେଥିପ୍ରତି ସାଧାରଣରେ ବେଶ୍ ଚର୍ଚ୍ଚା ହେଉଥିବା ମଧ ପଦାକୁ ଆସୁଛି । ଏଠାରେ ଥିବା ଅବକାରୀ ବିଭାଗରେ ଜଣେ ଏସ୍ଆଇ, ଜଣେ ଓଆଇସି, ଆଉ କିଛି କନେଷ୍ଟବଳ କାର୍ଯ୍ୟରତ ଥିବାବେଳେ ଅନ୍ୟ ଏକ କାର୍ଯ୍ୟାଳୟ ଖାଲି ବିଭାଗୀୟ ଅଧିକାରୀ ତଥା ଆଇଆଇସିଙ୍କ ନିମନ୍ତେ ନିର୍ମିତ ହୋଇଥିବାବେଳେ କୋଠା ନିର୍ମିତ ହୋଇଥିବା କାଳରୁ ଅଧିକାରୀ ଜଣକ ତାଲା ଖୋଲୁନଥିବା ମଧ ଦେଖିବାକୁ ମିଳୁଛି । ସରକାର ସାଧାରଣ ଲୋକଙ୍କ ସୁବିଧା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସମସ୍ତ ବିଭାଗ ସକାଶେ କୋଠାବାଡି ନିର୍ମିତ କରି ନିଜର କାର୍ଯ୍ୟାଳୟ କରିବା ସକାଶେ ସମସ୍ତ ସୁବିଧା ପ୍ରଦାନ କରୁଥିବାବେଳେ ଏଠାରେ ନିର୍ମିତ କୋଠାଟି ତାଲା ପଡି ପଡି ନଷ୍ଟ ହେବାରେ ଲାଗିଛି ।

# ଶୂର୍ବ ଶତ୍ରୁତାରୁ ବସ୍ ହକରଙ୍କୁ ଖଣ୍ଡାରେ ହତ୍ୟା

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ଶନିବାର ବିଳମ୍ବିତ ସନ୍ଧ୍ୟାରେ ବ୍ରହ୍ମପୁର ସହରରେ ଜଣେ ବସ୍ ହକରଙ୍କୁ ହାଣି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ଫାଷ୍ଟଗେଟ୍ ନିକଟ ଆଚାର୍ଯ୍ୟ ବିହାରର ସନାତନ ଚୌଧୁରୀ (୪୮) ବୋଲି ପୁଲିସ ସୂତ୍ରରୁ ପ୍ରକାଶ । ବଡ଼ବଜାର ଓ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଥିବା ପ୍ରାଥମିକ ଭାବେ ସନ୍ଦେହ କରୁଛି ପୁଲିସ ।

ପୁଲିସ ସୂଚନା ଅନୁସାରେ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡରେ ହକର୍ କାମ କରନ୍ତି ସନାତନ । ଶନିବାର ସନ୍ଧ୍ୟାରେ ସେ କାମ ସାରି ଘରକୁ ଫେରୁଥିଲେ। ଘର ଠାରୁ କିଛି ଦୂରରେ ପ୍ରାୟ ୫ ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଖଣ୍ଡାରେ ହାଣି ପକାଇଥିଲେ। ପାଟି ଶୁଣି ପରିବାର ଲୋକ ଏବଂ ଅଞ୍ଚଳବାସୀ ଦୌଡ଼ି ଆସିବାରୁ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ । ସନାତନଙ୍କ ହାତ, ଗୋଡ଼ ଓ ପେଟକୁ ନିର୍ମମ ଭାବେ ହାଣି ପକାଇଥିଲେ ଦୁର୍ବୃତ୍ତ। ତାଙ୍କର ପ୍ରବଳ ରକ୍ତସ୍ରାବ ହେବାରୁ କିଛି ସମୟ ଭିତରେ ସନାତନଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ପ୍ରଥମେ ବଡ଼ବଜାର ଥାନା ଆଇଆଇସି ପ୍ରଶାନ୍ତ ଭୂପତି ସଦଳବଳେ ପହଞ୍ଚିଥିଲେ। ପରେ ସଦର ଥାନା ଆଇଆଇସି ମହେନ୍ଦ୍ର ସାହୁ ଓ ଟିମ୍ ସେଠାରେ ପହଞ୍ଚି ତଦନ୍ତ କରୁଛନ୍ତି। ହତ୍ୟାକାଣ୍ଡ ପଛରେ କଣ ରହସ୍ୟ ରହିଛି ତାହାର ଅନୁସନ୍ଧାନ କରୁଛି ପୁଲିସ । ସନାତନଙ୍କ ମୋବାଇଲ୍ ନମ୍ବର ଟ୍ରାକିଂ କରିବା ସହ କେଉଁମାନଙ୍କ ସହ ତାଙ୍କର ଶତ୍ରୁତା ରହିଥିଲା ତଦନ୍ତ କରାଯାଉଛି।

# କାଳିଆଗୁଡା ହାଇସ୍କୁଲରେ ୫-ଟି କାର୍ଯ୍ୟର ତଦାରଖ କଲେ ସରପଞ୍ଚ



ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ମେକ୍ ଗ୍ରାମ ପଞ୍ଚାୟତର କାଳିଆଗୁଡା ଠାରେ ଥିବା ଅନୁସୂଚିତ ଜନଜାତି ଓ ଜାତି ବିଭାଗର ଉଚ୍ଚ ବିଦ୍ୟାଳୟଟି ରାଜ୍ୟ ସରକାରଙ୍କ ୫-ଟି ଯୋଜନାରେ ସାମିଲ ହୋଇଛି । ତେବେ ଏହାପରେ ୫-ଟି ସଚିବ ଭିକେ ପାଣ୍ଡିଆନ ଦୁଇ ଦିନିଆ ଜିଲ୍ଲା ଗସ୍ତ ପରେ ଏବେ ଏହାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଥିବା ବେଳେ ସଜେଇ ହେଉଛି ଏହି ବିଦ୍ୟାଳୟ। କାଳିଆଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଡିଜିଟାଲ ଶ୍ରେଣୀ ଗୃହର କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ସ୍ମାର୍ଟ ଶ୍ରେଣୀ ଗୃହରେ ପାଠ ପଢିବେ ଅନୁସୂଚିତ ଜନଜାତି ଓ ଜାତିର ଛାତ୍ରଛାତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମେକା ପଞ୍ଚାୟତର ମହିଳା ସରପଞ୍ଚ ରଞ୍ଜିତା ପୂଜାରୀ ୫ଟି ଯୋଜନା ମାଧ୍ୟମରେ ସବୁଜିମା ଓ ରଙ୍ଗବେରଙ୍ଗ ରଙ୍ଗରେ ସଜେଇବା କାର୍ଯ୍ୟର ତଦାରଖ କରିଛନ୍ତି। ତେବେ ଏହି ସମୟରେ ତାଙ୍କ ସହ ମାଥିଲି ବ୍ଲକ ନିର୍ବାହୀ ଯନ୍ତ୍ରୀ ହୃଦାରଞ୍ଜନ ବାଘ, କନିଷ୍ଠ ଯନ୍ତ୍ରୀ ନିହାର ରଞ୍ଜନ ସରକାର, ଗ୍ରାମ ରୋଜଗାର ସେବକ, ଗାଁ ସାଥି, ପଞ୍ଚାୟତ ମୁଖ୍ୟ ସଚେତକ ସଦାଶିବ ପୂଜାରୀ, ରାମକୃଷ୍ଣ ଅନୁଗୁଳିଆ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅନେକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବ ଶୀଘ୍ର ବାକି କାର୍ଯ୍ୟ ଶେଷ ହୋଇଯିବ ବୋଲି ସରପଞ୍ଚ ଶ୍ରୀମତୀ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ୩ୟ ପର୍ଯ୍ୟାୟରେ ଅଁଳାକୁଡ଼ାର ୧୦୦ଟି ବିଦ୍ୟାଳୟ ଲୋକାର୍ପିତ




ଶୁଳିଆପଦା, (ଭାସ୍କର ନ୍ୟୁଜ) : ସରକାରଙ୍କ ତରଫରୁ ବିଭିନ୍ନ ବିଦ୍ୟାଳୟକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରି ରୂପାନ୍ତରଣ କରାଯାଉଛି। ମୟୂରଭଞ୍ଜ ଜିଲ୍ଲାରେ ତୃତୀୟ ପର୍ଯ୍ୟାୟରେ ୧୦୦ଟି ବିଦ୍ୟାଳୟକୁ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସେଥି ମଧ୍ୟରୁ ଶୁଳିଆପଦା ବ୍ଲକ୍ ଅଁଳାକୁଡା ପଞ୍ଚାୟତ ଅଧିନ ଅଁଳାକୁଡା ଗ୍ରା.ପ. ଉଚ୍ଚ ବିଦ୍ୟାଳୟର ଲୋକାର୍ପଣ ଆଜି ଅପରାହ୍ନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କରକମଳରେ ଭିଡିଓ କନଫାରେନ୍ସିଂ ମାଧମରେ ଲୋକାର୍ପଣ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କୁ ନିୟମିତ ସ୍କୁଲ ଆସିବା, ଭଲ ପାଠ ପଢିବା ଓ ବାପ ମାଆଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ବାର୍ତ୍ତା ଦେଇଥିଲେ । ଏହି ସମୟରେ ୫-ଟି ସଚିବ ଭିକେ ପାଣ୍ଡିଆନ୍ ମଧ ମୁଖ୍ୟମନ୍ତ୍ରୀଙ୍କ ସହିତ ଉପସ୍ଥିତ ଥିଲେ । ଅଁଳାକୁଡ଼ାର ୫-ଟି କାର୍ଯକ୍ରମ ବହୁତ ସୁନ୍ଦର ହୋଇଛି ବୋଲି ପ୍ରଶଂସା କରିଥିଲେ। ଆଜିକାର ଏହି ଉତ୍ସବରେ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ସହାନି ଧଳ, ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୋରଡା ବିଧାୟକ ରାଜ କିଶୋର ଦାସ, ମୟୂରଭଞ୍ଜ ଜିଲ୍ଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡା. ଦେବାଶିଷ ମାର୍ଣ୍ଡି ଓ ମୟୂରଭଞ୍ଜ ଜିଲ୍ଲାପାଳ ବିନିତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀ କୁମାରୀ ଧଳ ଭବିଷ୍ୟତରେ ଜଣେ ଡାକ୍ତର ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ କଥାବାର୍ତ୍ତା ହୋଇଥିଲେ। ଜିଲ୍ଲା ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଥିବା ଏହି କାର୍ଯକ୍ରମରେ ବହୁ ମାନ୍ୟଗଣ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଗଣ, ଗଣମାଧମ ପ୍ରତିନିଧି, ଲୋକ ପ୍ରତିନିଧି, ପୋଲିସ କର୍ମଚାରି, ଛାତ୍ରଛାତ୍ରୀ, ଅଭିଭାବକ ଓ ଅଞ୍ଚଳବାସୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପ୍ରଶଂସିତ ହୋଇଥିବା ଅଁଳାକୁଡ଼ା ୫-ଟି ବିଦ୍ୟାଳୟକୁ ସରସ ସୁନ୍ଦର ଓ ଆକର୍ଷଣୀୟ କରିବାରେ ବ୍ଲକ୍‌ର ଇଂ ରବିନାରାୟଣ ପୁଥାଳ ଓ ସତ୍ୟବାନ୍ ସାହୁଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି କାର୍ଯ୍ୟକ୍ରମରେ ଶୁଳିଆପଦା କେଜିବିଭିର ଛାତ୍ରୀମାନେ ମଞ୍ଚ ନିକଟରେ ଚିତାକର୍ଷକ ମୁରୁଜ ପକାଇବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ବାଲିତୁଠ କନିଷ୍ଠ ଯନ୍ତ୍ରୀଙ୍କ ବଦଳି ଦାବି

କୁଜଙ୍ଗ (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକରେ ଦୀର୍ଘ ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବାଲିତୁଠ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ଲଳିତ ବସ୍ତିଆ ବିଭିନ୍ନ କାର୍ଯ୍ୟ ତଥା ଡଳେଇ ରାସ୍ତା, ମିଶନ ଶକ୍ତି ଗୃହ, ଶ୍ମଶାନ ଗୃହ, ୫-ଟି ସ୍କୁଲ୍ ଗୃହ, ଆମ ଗାଁ ଆମ ବିକାଶ, ଏମଏନଆରଇଜିଏସ ଓ ପୋଖରୀ ଖୋଳା ଯୋଜନାରେ ବ୍ୟାପକ ଅନିୟମିତତା ଦୁର୍ନୀତି ଲାଞ୍ଚ କାରବାର ନେଇ କନିଷ୍ଠ ଯନ୍ତ୍ରୀ ଲଳିତ ବସ୍ତିଆଙ୍କ ବଦଳି ଦାବି ଜୋର ଧରିଛି। ରାଜ୍ୟ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ।ତେବେ ଏହି ବ୍ଲକର ବାଲିତୁଠ ପଞ୍ଚାୟତରେ ୫ବର୍ଷ ଧରି ଥିବା କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲ ନୀତି ଓ ଲାଞ୍ଚଖୋର ମନୋବୃତ୍ତି ଯୋଗୁଁ ଯୋଜନାର ସୁଫଳ ଜନସାଧାରଣ ପାଉନଥିବା ଅଭିଯୋଗ ହୋଇଛି। ବାଲିତୁଠ କନିଷ୍ଠ ଯନ୍ତ୍ରୀ ଲଳିତ ବସ୍ତିଆ ନିଜ ସମ୍ପର୍କୀୟଙ୍କ ନାମରେ ଜମି କିଣିଥିବା ବାଲିତୁଠ ପଞ୍ଚାୟତର ପୂର୍ବତନ ବିଜେଡ଼ି ସଭାପତି ଭରତ ଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ହେଉଥିଲା ବେଳେ ଉକ୍ତ କନିଷ୍ଠ ଯନ୍ତ୍ରୀ ବଦଳି ହେଉନଥିବା ଓ କାହା ଛତ୍ରଛାୟା ତଳେ ରହିଛନ୍ତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏଥି ନିମନ୍ତେ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟରତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରିବା ସଂଗେ ସଂଗେ ବାଲିତୁଠ ପଞ୍ଚାୟତରେ ୫ବର୍ଷରେ କୋଟି କୋଟି ଟଙ୍କାର କାର୍ଯ୍ୟ କରାଯାଇଥିଲେ ମଧ କିଛି କୁଜିନେତାଙ୍କୁ ହାତ ବାରିସି କରି କାର୍ଯ୍ୟକୁ ନିମ୍ନମାନର କରି ଲକ୍ଷାଧିକ ଟଙ୍କା ହରିଲୁଟ୍ କରିଥିବା ବାଲିତୁଠ ପଞ୍ଚାୟତ ବିଜେଡି ବରିଷ୍ଠ ନେତା ତଥା ସମାଜସେବୀ ରମେଶ ଚନ୍ଦ୍ର ପରିଜା ଅଭିଯୋଗ କରିଛନ୍ତି। ଉକ୍ତ କନିଷ୍ଠ ଯନ୍ତ୍ରୀ ଲଳିତ ବସ୍ତିଆଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ କନିଷ୍ଠ ଯନ୍ତ୍ରୀଙ୍କ ଅସଲ ମୁଖା ଖୋଲିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଏଠାରେ ଦୀର୍ଘ ୫ବର୍ଷରୁ ଉର୍ଦ୍ଧ୍ୱ ଉକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ବଦଳି କରାଯିବାକୁ ବ୍ଲକ ପ୍ରଶାସନ, ଜଗତସିଂହପୁର ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଥିବା ବେଳେ, ଯଦି ବଦଳି କରାନଯାଏ ଜନଆନ୍ଦୋଳନ କରାଯିବ ବୋଲି ଶ୍ରୀଯୁକ୍ତ ପରିଜା ଓ ଶ୍ରୀଯୁକ୍ତ ନାୟକ ଚେତାବନୀ ଦେଇଛନ୍ତି।

# କାଜୁ ଜଙ୍ଗଲରେ ମହିଳାଙ୍କୁ ପଥରରେ ଛେଚି ହତ୍ୟା : ସୁନା ଗହଣା ଲୁଟ୍



ଛତ୍ରପୁର,(ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ଜହମି ନିକଟ କାଜୁ ଜଙ୍ଗଲରେ ମହିଳାଙ୍କୁ ପଥରରେ ଛେଚି ହତ୍ୟା କରିବା ପରେ ସୁନା ଗହଣା ଲୁଟି ନେଲେ ଦୁର୍ବୃତ୍ତ । ମୃତ ମହିଳା ଜଣଙ୍କ ହେଲେ ଜହମି ଗ୍ରାମର ପୁନି ନାହାକ । ଘଟଣାରୁ ଜଣାପଡିଛି ଅପରାହ୍ନ ସମୟରେ ପୁନି କାଜୁ ଜଙ୍ଗଲକୁ ଆମ୍ବ ତୋଳିବାକୁ ଯାଇ ଘରକୁ ଆଉ ଫେରିନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ କାଜୁ ଜଙ୍ଗଲରୁ ମିଳିଥିଲା ପୁନିର ମୃତଦେହ । ଖବର ପାଇ ଘଟଣାସ୍ଥଳରେ ରମ୍ଭା ପୋଲିସ ପହଞ୍ଚି ତଦନ୍ତ କରିବା ସହ ୨ଜଣଙ୍କୁ ଅଟକ ରଖିଛି । ଆଖପାଖ ଅଞ୍ଚଳରେ କିଛିଦିନ ହେଲା ଲଗାତାର ଭାବେ ଚୋରି ହେଉଥିବାବେଳେ ଚୋରି ଉଦ୍ଦେଶ୍ୟରେ ହତ୍ୟା କରାଯାଇଥିବା କହିଛନ୍ତି ପରିବାର ଲୋକେ। ସେପଟେ ହତ୍ୟା ପରେ ମହିଳା ଜଣଙ୍କ ପିନ୍ଧିଥିବା ସମସ୍ତ ସୁନା ଗହଣାକୁ ଦୁର୍ବୃତ୍ତମାନେ ନେଇ ଯାଇଥିବା ସୂଚନା ମିଳିଛି । ପୋଲିସ ମୃତଦେହ ଉଦ୍ଧାର କରି ଶବ ବ୍ୟବଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠେଇ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ହିଞ୍ଜିଳି ଯାତ୍ରାରେ ୫ଟି ସଚିବ

## ଲକ୍ଷ୍ମୀନୃସିଂହଙ୍କ ଦର୍ଶନ କଲେ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ ): ହିଞ୍ଜିଳି ଠାରେ ଅନୁଷ୍ଠିତ ତିନିଦିନିଆ ଶ୍ରୀଲକ୍ଷ୍ମୀନୃସିଂହ ଯାତ୍ରାର ଶେଷ ସନ୍ଧ୍ୟାରେ ଠାକୁରଙ୍କ ଦର୍ଶନ କରିଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍। ତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର୍ଉଭିନୀଲ କ୍ରିଷ୍ଣା ମଧ ଯାତ୍ରାରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫ଟି ସଚିବ ଶନିବାରରୁ ହିଞ୍ଜିଳି ନିର୍ବାଚନମଣ୍ଡଳୀ ଗସ୍ତରେ ଆସିଛନ୍ତି। ରାତି ପ୍ରାୟ ୯ଟା ୩୦ରେ ସେ ହିଞ୍ଜିଳି ରାଜବାଟୀସ୍ଥିତ ଲକ୍ଷ୍ମୀ ନୃସିଂହ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ କେଉଟ ବାଡ଼ ଓ ରଙ୍ଗଣୀ ବାଡ଼ ଯାତ୍ରା କମିଟି କର୍ମକର୍ତ୍ତା ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ନେଇଥିଲେ। ପାଣ୍ଡିଆନ ଓ ଅନ୍ୟମାନେ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିଥିଲେ। ଦୀର୍ଘ ୮୨ ବର୍ଷ ଧରି ହୋଇ ଆସୁଥିବା ଯାତ୍ରା ସମ୍ପର୍କରେ ୫-ଟି ସଚିବଙ୍କୁ ଅବଗତ କରାଯାଇଥିଲା। ମନ୍ଦିର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଉନ୍ନତି ନିମନ୍ତେ ୫-ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଯାତ୍ରା କମିଟି, କର୍ମକର୍ତ୍ତା ଓ ସ୍ଥାନୀୟ ନେତୃବୃନ୍ଦ। ୫-ଟି ସଚିବ ହିଞ୍ଜିଳିରେ ରାତ୍ରୀଯାପନ କରି ରବିବାର ଦିନ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦୁଇ ଗୋଟି ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି । ୫-ଟି ସଚିବଙ୍କ ସହ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଭି. କୀର୍ତ୍ତି ଭାସନ୍, ଗଞ୍ଜାମ ଏସପି ଜଗମୋହନ ମୀନା, ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଛତ୍ରପୁର ଉପ ଜିଲ୍ଲାପାଳ ପ୍ରସନ୍ନ ପାତ୍ର, ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳି ପ୍ରତିନିଧି ଶରତ କୁମାର ମହାପାତ୍ର, ନଗରପାଳ ସୁବାସ ଚନ୍ଦ୍ର ପଲେଇ ଉପସ୍ଥିତ ଥିଲେ।

# ବଡଓଲମା ବାଲିଯାତ୍ରା ଉଦ୍‌ଯାପିତ



ରାଇଘର, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଅଧୀନ ବଡଓଲମା ଗ୍ରାମରେ ବାଲିଯାତ୍ରା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ବାଲିଯାତ୍ରା ୧୨ ବର୍ଷକୁ ଥରେ ପଡୁଥିବାବେଳେ ୨୦୨୩ ବର୍ଷ ତା ୨୪.୧.୨୦୨୩ ଦିନ ଠାରୁ ଆରମ୍ଭ ହୋଇ ଦୀର୍ଘ ୩ ମାସ ୫ ଦିନରେ ଆଜି ଉଦ୍‌ଯାପିତ ହୋଇଛି । ଏହି ବାଲିଯାତ୍ରାରେ ଗ୍ରାମର ସମସ୍ତ ଦେବାଦେବୀଙ୍କ ପ୍ରତୀକ ଲାଠିକୁର୍ଚି ଉକଟ ମଣ୍ଡପରେ ଆସି ପୂଜାର୍ଚ୍ଚନା ହୋଇଥାଏ । ଏଥିରେ ମା' ସୁନଦେଇ ଠାକୁରାଣୀଙ୍କ ପୂଜାରୀ-ଧନ ପୂଜାରୀ, ମାଟି ପୂଜାରୀ-ଚନ୍ଦ୍ର ପୂଜାରୀ, କାମିନୀ ପୂଜାରୀ-ରନୁ ପୂଜାରୀ ପ୍ରମୁଖଙ୍କ ଦ୍ୱାରା ଗ୍ରାମର ମହୁରିଆ ଓ ବାଦ୍ୟକାରଙ୍କ ଦ୍ୱାରା ବାଦ୍ୟ ବଜାଇ ସକାଳ ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇଥାଏ । ୧୬.୪.୨୩ ଦିନ ଗ୍ରାମପାଖ ନଦୀରୁ ବାଲି ଆଣି ବାଲିଯାତ୍ରା ମଣ୍ଡପରେ ରଖାଯାଇ ୯ଦିନ ପରେ ଅକ୍ଷୟ ତୃତୀୟା ଦିନ ବିଭିନ୍ନ ପ୍ରକାରର ଶସ୍ୟ ଆଣିଥିବା ବାଲି ଉପରେ ବୁଣାଯାଇ ଦେବାଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇ ଆଗାମୀ ବର୍ଷରେ ଗ୍ରାମରେ ଭଲ ଫସଲ ହେବା ପାଇଁ ଦେବାଦେବୀଙ୍କ ନିକଟରେ ଗୁହାରି କରାଯାଇଥାଏ । ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଡାବୁଗାଁ ବ୍ଲକ ଜିଲା ପରିଷଦ ସଭ୍ୟ ଜୋନ-୧ ଧନସିଂ ଭତ୍ରା, ଜୋନ -୨ ଗୁପ୍ତ ବିଶୋୟୀ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ସାଂସଦ ପର୍ଶୁରାମ ମାଝି, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ପାପଡାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟା ଲିପିକା ମାଝି, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ପ୍ରକାଶ ଚନ୍ଦ୍ର ପଣ୍ଡା, ମୋହନ ମାଝି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବାଲିଯାତ୍ରା ପଡିଆରେ ବିଧାୟକ ପାଣ୍ଠିରୁ ନିର୍ମିତ ହୋଇଥିବା ବାଲିଯାତ୍ରା ମଣ୍ଡପକୁ ବିଧାୟକ ମନୋହର ରନ୍ଧାରୀ ଉଦ୍‌ଘାଟନ କରିଥିଲେ । ଗ୍ରାମରେ ଥିବା ବାଲିଯାତ୍ରା ମଣ୍ଡପରୁ ଗ୍ରାମର ଦେବାଦେବୀଙ୍କୁ ପଟୁଆର ସହିତ ବାଲିଯାତ୍ରା ପଡିଆକୁ ପ୍ରତ୍ୟାବର୍ତ୍ତନ କରିବା ପରେ ସେଠାରେ ଭୀମା ଓ କନ୍ଦନୀ ପ୍ରତିମୂର୍ତ୍ତି ସ୍ତମ୍ଭ ସ୍ଥାପନ, ରାତ୍ରରେ ଭୀମା ଦେବତା ଓ କନ୍ଦନୀ ଦେବୀଙ୍କର ବିବାହ ଉତ୍ସବ ହୋଇଥିଲା । ଭକ୍ତମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି ବାଲିଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଜନସମାଗମ ହୋଇଥିବାବେଳେ ଉଠାଦୋକାନୀଙ୍କର ଗହଳି ଦେଖିବାକୁ ମିଳିଥିଲା। ଏହି ବାଲିଯାତ୍ରା ପୂଜା କମିଟିର ସୁବାସ ଚନ୍ଦ୍ର ବିଶୋୟୀ, ରାଜେନ୍ଦ୍ର ବିଶୋୟୀ, ଉପେନ୍ଦ୍ର ବିଶୋୟୀ, ଘାସିରାମ ବିଶୋୟୀ, ଜଗଦୀଶ ଭତ୍ରା, ନିଳେନ୍ଦ୍ର ଭତ୍ରା, ପୀତାମ୍ବର ପୂଜାରୀ ଦଇନୁ ପୂଜାରୀ, ପଦମ ପୂଜାରୀ ପ୍ରମୁଖ ଗ୍ରାମର ବହୁ ଯୁବକମାନେ ସହଯୋଗ କରିଥିଲେ ।



ରାଇରଙ୍ଗପୁର/ମୟୂରଭଞ୍ଜ (ଭାସ୍କର ନ୍ୟୁଜ୍): ପ୍ରଶ୍ନ କୁମାର ଶତପଥୀ ଜାମଦା ବ୍ଲକର ବିନ୍ଦୁଚାନ୍ଦାନ ଅଲ ଇତୁନ ଆଶ୍ଲା ତାରଣା ପକ୍ଷରୁ ୧୧୯ ତମ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମବାର୍ଷିକ ଉତ୍ସବ ମହାଆନନ୍ଦରେ ପାଳିତ ହୋଇଯାଇଛି । ଆଶ୍ଲାର ଚେୟାରମ୍ୟାନ ବାଇଧର ସୋରେନ, ଆଶ୍ଲା ମାଚେଦ୍ ଗମକେୟ ହେମନ୍ତ ମୁର୍ମୁ, ସଂଯୋଜକ ସୀତାରାମ ମୁର୍ମୁ ଗାଁର ଗୁରୁ ତଥା ବୟସ୍କ ବ୍ୟକ୍ତି ବାସ୍ତା ହାଁସଦାଃ, ବାଇଧର ସୋରେନ, ଯୁବ ଛାତ୍ର ମଙ୍ଗଳ ମାର୍ଣ୍ଡି କହିଥିଲେ, ଏକ ସାଧାରଣ ମଣିଷ ନିଜର ସାଧନା ତଥା କାର୍ଯ୍ୟ ଯୋଗୁଁ ଆଜି ହୋଇପାରିଛନ୍ତି ଏକ ଅସାଧାରଣ ବ୍ୟକ୍ତିତ୍ୱ । ସାନ୍ତାଳୀ ସମ୍ପ୍ରଦାୟର ଲୋକେ ତାଙ୍କୁ ପୂଜା କରନ୍ତି ତଥା ସମ୍ପ୍ରଦାୟର ଲୋକଙ୍କ ଆଦର୍ଶ ଭାବରେ ପରିଚିତ । ଗୁରୁ ପୂର୍ଣ୍ଣିମା ଦିନ ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ନିକଟସ୍ଥ କପିବୁରୁ ଅଞ୍ଚଳ ଲୋକାରଣ୍ୟ ହୋଇଉଠେ ଗୁରୁଙ୍କ ପୂଜା ପାଇଁ । ସେଇ ଗୁରୁ ଯାହାଙ୍କ ଯୋଗୁଁ ଆଜି ସମ୍ଭବ ହୋଇଛି ସାନ୍ତାଳୀ ଭାଷାର ଲିପି। ଶେଷରେ ଅତିଥି ସମାଜସେବୀ ପ୍ରଶ୍ନ କୁମାର ଶତପଥୀ ସମସ୍ତଙ୍କୁ ସାଧୁବାଦ ଅର୍ପଣ କରିଥିଲେ।

# ଭଓାଝର-ଧୂରୂଆପଡା ସଡ଼କ କାମ ନିମ୍ନମାନର ଅଭିଯୋଗ



ଚନ୍ଦାହାଣ୍ଡି,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଚନ୍ଦହାଣ୍ଡି ବ୍ଲକର ଭଓାଝର ଠାରୁ ଧୁରୁଆପଡା ରାସ୍ତାକୁ ଝଜ ଫଣ୍ଡ ରେ ସଡକ ଜୋଯନାରେ ସାମିଲ କରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପକା ସଡକ ନିର୍ମାଣ କରାଗଲା । ଗ୍ରାମାଞ୍ଚଳରେ ଗମନା ଗମନ ବ୍ୟବସ୍ଥାକୁ ସୁଗମ କରିବାକୁ ହୋଇଛି ଏହି ସଡକ ଯୋଜନା । ଏଥି ନିମନ୍ତେ କୋଟି କୋଟି ଟଙ୍କା ଯୋଗାଇ ଦେଉଛନ୍ତି କେନ୍ଦ୍ର ସରକାର । ପାଣି ପରି ଖର୍ଚ୍ଚ ହେଉଛି ଟଙ୍କା ହେଲେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁଁ ଏହି ଯୋଜନା ବିଫଳ ହେବାକୁ ବସିଛି । ଚନ୍ଦାହାଣ୍ଡି ବ୍ଲକରେ ହୋଇଥିବା ଭତ୍ଝର -ଧୂରୁଆପଡା ୬.୪୫୦ କି.ମି. ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଏକ କୋଟି ଅଠାବନ ଲକ୍ଷ ଟଙ୍କା କେବଳ ମେଟାଲ ମୁରୁମ ପାଇଁ ବ୍ୟୟ କରାଯାଇଛି । ଏହି କାମ ନାନୁ ଅଗ୍ରଓାଲଙ୍କ ନାମରେ ଏଗ୍ରିମେଣ୍ଟ ହୋଇଥିବା ବେଳେ ଏହି କାମକୁ ପେଟି କଣ୍ଟ୍ରାକ୍ଟର ତଦାରଖ କରିଥିଲେ । ପ୍ରକାଶ ଥାଉକି ଉକ୍ତ ରାସ୍ତାରେ ନିମ୍ନ ମାନର ଓଭର ସାଇଜର ମେଟାଲ ବ୍ୟବହାର କରାଯାଇଥିବା ଦେଖିବାକୁ ମିଳିଛି । ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ଠିକାଦାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଉକ୍ତ ରାସ୍ତା ଉପରେ ଦୁଇ କିଲୋମିଟରର ପଚାଶ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ପିଚୁ କରାଯାଇଛି । ଉକ୍ତ କାର୍ଯ୍ୟ ନୂଆପଡା ଜିଲ୍ଲାର ଜଣେ ଠିକାଦାରଙ୍କ ନାମରେ ଥିବାବେଳେ ସେହି କାର୍ଯ୍ୟକୁ ଚନ୍ଦାହାଣ୍ଡିର ଜଣେ ମଧ୍ୟସ୍ଥି କଣ୍ଟ୍ରାକ୍ଟର ପ୍ରଦୀପ ସାମନ୍ତରାୟଙ୍କ ଦ୍ୱାରା ନିର୍ମାଣ କରାଯାଇଛି । ଉକ୍ତ ରାସ୍ତା ଏତେ ନିମ୍ନମାନର କରାଯାଇଛି ଯେ, ତାହା ହାତରେ ଘଷି ଦେଲେ ପିଚୁ ଛାଡିଯାଉଛି । ସପ୍ତାହେ ନ ପୂରୁଣୁ ରାସ୍ତା ଘାସ ହେବାସହ ରାସ୍ତା ଖରାପ ହୋଇଗଲାଣି । ପିଚୁ ହେବା ପୂର୍ବରୁ ପ୍ରତି ଏକ କିଲୋମିଟରର ଟ୍ରାକକୋଟରେ ସାତ ଡ୍ରମ ଆମ୍ଲୋସିନ ଅଏଲ ପକାଇବା ନିୟମ ଥିବା ବେଳେ ଉକ୍ତ ରାସ୍ତାରେ ମାତ୍ର ଏକ ଡ୍ରମ ଆମ୍ଲୋସିନ ଅଏଲ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି । ଶନିବାର ଉକ୍ତ ରାସ୍ତା ପରିଦର୍ଶନରେ ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେପି ଉପ ସଭାପତି ବଳଭଦ୍ର ମାଝୀ ଯାଇଥିଲେ । ସେ ନିଜେ ରାସ୍ତାର ଅବସ୍ଥା ଦେଖି କ୍ଷୋଭ ପ୍ରକାଶ ସହ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅନ୍ତୋନୀ କିଷାନଙ୍କୁ ରାସ୍ତା ସମ୍ପର୍କରେ ପଚାରି ବୁଝି ତୁରନ୍ତ ମରାମତି କରିବାକୁ ତାଗିଦ କରିଥିଲେ । ନିର୍ବାହୀ ଯନ୍ତ୍ରୀ ମଧ ଉକ୍ତ ରାସ୍ତା ଖରାପ ହୋଇଥିବା ସ୍ୱୀକାର କରି ଶୀଘ୍ର ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କଳାହାଣ୍ଡି ଜିଲ୍ଲାର ଏହି ରାସ୍ତା କାମ କରୁଥିବା ଠିକାଦାରମାନଙ୍କ ହାତବାରିଶି ସାଜିଛନ୍ତି ବିଭାଗିୟ ଅଧିକାରି । ଚନ୍ଦାହାଣ୍ଡି ବ୍ଲକରେ ବିଭିନ୍ନ ନିର୍ମାଣ କାମରେ ଦୁର୍ନୀତିର ସୀମା ଟପି ଯାଇଥିବା ବେଳେ ଏଠି ଲୋକପ୍ରତିନିଧିମାନେ ହାତ ବାନ୍ଧି ବସିଛନ୍ତି । ଅନ୍ୟପକ୍ଷରେ ସାଂସଦ ରମେଶ ମାଝୀ ଓ ବିଧାୟକ ପ୍ରକାଶ ମାଝୀଙ୍କ ନିଜ ବ୍ଲକରେ ଏ ଭଳି ନିମ୍ନମାନର କାମ କରି ଠିକାଦାର ହରିଲୁଟ କରୁଥିବା ବେଳେ ଏ ଭଳି ଠିକାଦାରମାନଙ୍କୁ ପ୍ରଶ୍ରୟ ନ ଦେବା ଏବଂ ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଜନସାଧାରଣରେ ଦାବି ହେଉଛି । ନିମ୍ନମାନର ରାସ୍ତା କାମର ଭିଡ଼ିଓ ସୋସିଆଲ ମିଡିଆରେରେ ଭାଇରଲ ହେବା ପରେ କିଛି ଠିକାଦାର ଆମର ଶାସନ ଚାଲିଛି ଆମେ ଯାହା ଇଚ୍ଛା ତାହା କରିବୁ ବୋଲି ମତାମତ ଦେଉଥିବା ବେଳେ ଜନସାଧାରଣ ରେ ଏହାକୁ ତୀବ୍ର ବିରୋଧ କରାଯିବା ସହ ବ୍ଲକର ବିଭିନ୍ନ କାର୍ଯ୍ୟର ରାଜ୍ୟ ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିଛନ୍ତି ।

## ୫-ଟି ଉଚ୍ଚବିଦ୍ୟାଳୟ ରୂପାନ୍ତରଣ ପ୍ରକ୍ରିୟା

# ୭୬ ରୂପାନ୍ତରିତ ହାଇସ୍କୁଲ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ



ନବରଙ୍ଗପୁର,(ଭାସ୍କର ନ୍ୟୁଜ୍):ଜିଲ୍ଲାରେ ତୃତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ୭୬ଟି ୫ଟି ରୂପାନ୍ତରିତ ହାଇସ୍କୁଲର ଲୋକାର୍ପଣ କରାଯାଇଛି । ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ ୧୨ଟି ହାଇସ୍କୁଲ ରୂପାନ୍ତରିତ, ଦ୍ୱିତୀୟ ପର୍ଯ୍ୟାୟରେ ୭୩ଟି ହାଇସ୍କୁଲ ଓ ତୃତୀୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ୭୬ଟି ହାଇସ୍କୁଲକୁ ରୂପାନ୍ତରିତ କରିଛନ୍ତି । ସରକାରୀ ଉଚ୍ଚ ବିଦ୍ୟାଳୟର ଉନ୍ନତ ଓ ଗୁଣାତ୍ମକ ଶିକ୍ଷାର ବିକାଶ ଦ୍ୱାରା ଛାତ୍ର ଛାତ୍ରୀମାନଙ୍କ କିପରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ ହୋଇପାରିବ ସେ ଉଦ୍ଦେଶ୍ୟରେ ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ଏକ ବୈପ୍ଳବିକ ପରିବର୍ତ୍ତନ ସ୍ୱରୂପ ୫ଟି ହାଇସ୍କୁଲ ରୂପାନ୍ତରଣ ପ୍ରକ୍ରିୟା ଆରମ୍ଭ କରାଯାଇ କାର୍ଯ୍ୟକାରୀ କରାଯାଉଛି ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ପୌରପାଳିକା ଉଚ୍ଚବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଏହି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଜିଲ୍ଲପାଳ ଡଃ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ । ଏହି ଜିଲ୍ଲାସ୍ତରୀୟ ସମାରୋହରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଉପାଧ୍ୟକ୍ଷ ଜିଲ୍ଲାପରିଷଦ ଲିପିକା ବାରୋଇ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଅନ୍ୟା ଦାସ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ନବରଙ୍ଗପୁର ଜିଲ୍ଲାରେ ଉନ୍ନତ ଓ ଗୁଣାତ୍ମକମାନର ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ ପାଇଁ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ହେତୁ ବିଧାୟକ ରନ୍ଧାରୀ ମୁଖ୍ୟମନ୍ତ୍ରୀ ଏବଂ ୫ଟି ସଚିବଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ସରକାରଙ୍କ ଜନହିତକର କଲ୍ୟାଣକାରୀ ଯୋଜନା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରି ନିଜର କବିତା ମାଧ୍ୟମରେ ଧନ୍ୟବାଦ ଅର୍ପଣ କରିଥିଲେ। ପୌରପାଳିକା ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ବୈଷ୍ଣବୀ ହରିଜନ ୫ଟି ରୂପାନ୍ତରିତ ହାଇସ୍କୁଲ ଦ୍ୱାରା ଛାତ୍ରଛାତ୍ରୀମାନେ କିପରି ଉନ୍ନତ ଓ ଗୁଣାତ୍ମକ ମାନର ଶିକ୍ଷା ପାଇପାରୁଛନ୍ତି । ସେ ସମ୍ପର୍କରେ ନିଜର ଅଭିଜ୍ଞତା ପ୍ରକାଶ କରିବା ସହିତ ମୁଖ୍ୟମନ୍ତ୍ରୀ ଓ ୫ଟି ସଚିବଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ,ଜିଲ୍ଲା ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ୫ଟି ସ୍କୁଲରେ ନିମ୍ନମାନର ଉପକରଣ ଅଭିଯୋଗ କଲା ବିଦ୍ୟାଳୟ ପରିଚାଳନା କମିଟି



ରାଇଘର (ଭାସ୍କର ନ୍ୟୁଜ୍): ରାଇଘର ପଞ୍ଚାୟତ ସମିତି ଅଧୀନରେ ଥିବା ଡୁମୁରିମୁଣ୍ଡା ଡି ଏନ କେ ଠାରେ ଥିବା ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ରେ ୫ଟ୍ର ଯୋଜନା ରେ ବିଦ୍ୟାଳୟ ରୁପନ୍ତୀକରଣ ପାଇଁ କିଣାଯାଇଥିବା ଉପକରଣ ନିମ୍ନମାନର ବୋଲି ଅଭିଯୋଗ କରିଛି ବିଦ୍ୟାଳୟ ପରିଚାଳନା କମିଟି ।ଏହି ବିଦ୍ୟାଳୟ କାମ ପାଇଁ ୭୦ଲକ୍ଷ ଟଙ୍କା ଆସିଥିବାବେଳେ ସେଥିରୁ ୧୬ଲକ୍ଷ ଟଙ୍କାରୁ ଉର୍ଧ ଟଙ୍କାର ବିଭିନ୍ନ ଉପକରଣ କିଣିବାପାଇଁ ବ୍ୟବସ୍ଥା ରହିଛି ।କିନ୍ତୁ ଏହି ସବୁ ପରିଚାଳନା କମିଟି କିଣିବା ନିୟମ ଥିବା ବେଳେ ଏହା ସେମାନଙ୍କ ଅଜାଣତ ରେ କରାଯାଇ କିଣାଯାଇଥିବା ସାମଗ୍ରୀ ବଜାର ଦର ଠାରୁ ଅଧିକା ଥିବା ନେଇ ପରିଚାଳନା କମିଟି ଅଭିଯୋଗ କରିଛି ।ଏହାକୁ ନେଇ ଶୁକ୍ରବାର ଅପରାହ୍ନ ରେ ସ୍କୁଲ ଫାଟକରେ ତାଲା ପକାଇଥିଲେ ଏହି ସମସ୍ୟାକୁ ସମାଧାନ କରିବା ଆଜି ସକଳୁ ପହଞ୍ଚି ଥିଲେ ବ୍ଲକ ବି ଡି ଓ ଦେବାଶିଷ କର ଙ୍କ ସହ ବ୍ଲକ ଅଧକ୍ଷା ନବୀନା ନାୟକ କିଣା ଯାଇଥିବା ସାମଗ୍ରୀ ସବୁ ବଦଳିବ ନୂତନ ସାମଗ୍ରୀ ଆସିବା କଥା କହିବା ପରେ କମିଟି ସଭାପତି କୁମୁଦ ରଞ୍ଜନ ବିଶ୍ୱାସ ,ଦୀପଙ୍କର ମଣ୍ଡଳ ,ସରପଞ୍ଚ ଚରଣ ଗଣ୍ଡ ,ସୁରଜ ରାୟ ,ନୀଳକାନ୍ତ ବିଶ୍ୱାସ ,ସୁଶୀଲ ବିଶ୍ୱାସ ସହମତି ପ୍ରକାଶ କରି ରାଜି ହେବାପରେ ସ୍କୁଲ ରୁ ତାଲା ଖୋଲିଥିଲା ।

# ଗଛରେ ପିଟି ହେଲା କାର୍ ଜଣେ ମୃତ

ବାମରା (ଭାସ୍କର ନ୍ୟୁଜ): ସୀମାବର୍ତ୍ତୀ ଝାରସୁଗୁଡା ଜିଲ୍ଲା ବାମରା-ଲଇକେରା ମୁଖ୍ୟ ରାସ୍ତା ଝରିଆବାହାଲ ସାହାସପୁର ମଝିରେ ଏକ ମାରୁତି ( ଉଆଗନ୍) ଆର ଭି ଏକ୍ସ ଆଇ ନମ୍ବର ଓଡି ୧୪ ଏଏ -୯୪୮୩ ଗାଡିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଗାଡିରେ ଥିବା ଜୟନ୍ତ କୁମାର ମହାନ୍ତି (୫୧)ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡିଛି । ଗାଡିରେ ଥିବା ଅନ୍ୟମାନେ ସାମାନ୍ୟ ଆହତ ହୋଇଥିବା ବେଳେ ସେମାନଙ୍କୁ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇ ଥିଲା । ଗତକାଲି ରାତ୍ରି ହୋଇଥିବା ବେଳେ ଶବ ବ୍ୟବଚ୍ଛେଦ ହୋଇ ପାରି ନ ଥିଲା । ଆଜି ଜୟନ୍ତଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗକୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି । ଏନେଇ ସାହାସପୁର ଫାଣ୍ଡି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାଯାଇଛି ।

# ଠକେଇ ମାମଲା, ଜଣେ ସାମ୍ବାଦିକଙ୍କ ସହ ୩ଜଣଙ୍କ ନାମରେ ମାମଲା

ଗୁଣପୁର (ଭାସ୍କର ନ୍ୟୁଜ୍): ସମ୍ପ୍ରତି ରାଜ୍ୟରେ ଚିଟଫଣ୍ଡ ଠକେଇ ମାମଲାରେ ମାଷ୍ଟର ମାଇଣ୍ଡ ସାଜିଥିବା ତଥାକଥିତ ବଡପଣ୍ଡା ମାନେ ବର୍ତ୍ତମାନ ଯାଏଁ ଜେଲର ଚାରି କାନ୍ଥ ତଳେ ରହୁ ଥିବା ଏବଂ ଠକେଇର ଶିକାର ହୋଇଥିବା ନିରୀହ ଜନତାଙ୍କୁ ଏ ଯାଏଁ ସେମାନଙ୍କ ପ୍ରାପ୍ୟ ମିଳି ନ ଥିବା ବେଳେ ରାୟଗଡା ଜିଲ୍ଲା ଭଳି ଏକ୍ ଆଦିବାସୀ ଅଧୁଷିତ ଜିଲ୍ଲାର ଗୁଣୁପୁର ବ୍ଲକରେ ଘଟିଛି ଚିଟ୍‌ଫଣ୍ଡ ଠକେଇ । ଏହି ଚିଟଫଣ୍ଡ ଠକେଇ ଘଟଣାରେ ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି ଚିଟଫଣ୍ଡର ତଥାକଥିତ ମାଷ୍ଟରମାଇଣ୍ଡ ମାନେ । ଗୁଣୁପୁର ବ୍ଲକ ଦେବାଶିଷ ମିଶ୍ର ଓ ତାଙ୍କ ସ୍ତ୍ରୀ ରାସବିରାଣୀ ମହାପାତ୍ର ଏବଂ ଗୁଣୁପୁରର ଜଣେ ବରିଷ୍ଠ ସାମ୍ବାଦିକ ମିଲି ଓରଫ ରଞ୍ଜିତ ପାଢ଼ୀ ଏମାନଙ୍କ ନାମରେ ଚିଟଫଣ୍ଡ ମାମଲାର ଦଫା ୪୨୦ ୧୨୦ ବି ଏବଂ ପ୍ରଟେକ୍ସନ ଅଫ ଇଣ୍ଟେରେଷ୍ଟ ଡିପୋଜିଟ ଧାରା ୬ଅନୁଯାୟୀ ମାମଲା ରୁଜୁ କରିଛି ଗୁଣୁପୁର ପୋଲିସ । ଏ ବାବଦରେ ଗୁଣୁପୁର ଥାନା ଅଧିକାରୀ ନୀଳାମ୍ବର ଯାନୀ ଆସନ୍ତାକାଲି କୋର୍ଟକୁ କେସଟି ପଠାଇଦିଆଯିବ ବୋଲି ସୂଚନା ଦେଇଛନ୍ତି ।ଏ ଚିଟଫଣ୍ଡ ଠକେଇରେ ମାମଲା ଅନୁଯାୟୀ ପ୍ରାୟ ୬୦ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ସୂଚନା ଦେଇଛନ୍ତି ଖୋଦ ଥାନା ଅଧିକାରୀ । ବର୍ତ୍ତମାନ ଏହି ଚିଟ୍ ଫଣ୍ଡ ଠକେଇ ମାମଲାରେ ଥିବା ଚାରି ଅଭିଯୁକ୍ତ ଫେରାର ଥିବା ଜଣାପଡିଛି । ଲୋକେ କିପରି ନ୍ୟାୟ ପାଇବେ ଏବଂ ନିହାତି ଗରିବ ଲୋକେ ସେମାନଙ୍କ ପ୍ରାପ୍ୟ ପାଇବେ କି ନାହିଁ ଏବଂ ଚିଟଫଣ୍ଡ ଠକେଇରେ ଅଭିଯୁକ୍ତଙ୍କୁ କ'ଣ ଦଣ୍ଡ ବିଧାନ ଦିଆଯିବ ଦେଖିବାକୁ ବାକି ରହିଲା ।

# ସିୟୁ ପକ୍ଷରୁ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ



କୋରାପୁଟ,(ଭାସ୍କର ନ୍ୟୁଜ) : କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ପକ୍ଷରୁ ଜି-୨୦ ଜନ ଭାଗିଦାରୀ କାର୍ଯ୍ୟକ୍ରମ ଅଧୀନରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏକାଧିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରବନ୍ଧ, ବକ୍ତୃତା, କୁଇଜ୍, ରଙ୍ଗୋଲି, ଚିତ୍ରାଙ୍କନ, ସ୍ଲୋଗାନ ଲେଖା ପ୍ରତିଯୋଗିତା, ବୃକ୍ଷରୋପଣ ଅଭିଯାନ, ଆର୍ଥଲେଟିକ୍ସ ମିଟ୍, ସ୍ୱଚ୍ଛତା ଅଭିଯାନ, ସେମିନାର, କର୍ମଶାଳା, ଖାଦ୍ୟ ମହୋତ୍ସବ ଆଦି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା । କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ପାଇଁ ଆଙ୍କର ଇନ୍‌ଷ୍ଟିଚ୍ୟୁଟ ଭାବେ ବିଶ୍ୱବିଦ୍ୟାଳୟ ମନୋନୀତ ହୋଇଥିଲା । ଜି-୨୦ ନୋଡାଲ ଅଫିସର ଥିବା ଡାକ୍ତର ପ୍ରଦୋଷ କୁମାର ରଥଙ୍କ ତତ୍ତ୍ୱାବଧାନରେ ଏପ୍ରିଲ ପହିଲାରୁ ୨୨ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିଥିଲା । ବିଶ୍ୱ ବିଦ୍ୟାଳୟ କ୍ୟାମ୍ପସରେ ବିଭିନ୍ନ ବିଷୟ ଉପରେ ଦୁଇଟି ସେମିନାର ଆୟୋଜନ ହୋଇଥିଲା । କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ 'ଜୈବ ବିବିଧତା ସଂରକ୍ଷଣ: ସମୟର ଆବଶ୍ୟକତା' ଶୀର୍ଷକ ସେମିନାର ହୋଇଥିଲା । ଦୁଇ ଆଥଲେଟିକ୍ସ ଇଭେଣ୍ଟ କରାଯାଇଥିଲା । ଏପ୍ରିଲ ୧୧ରୁ ୧୨ ପର୍ଯ୍ୟନ୍ତ ଫିଟନେସ୍ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଆଥଲେଟିକ୍ସ, ମାରାଥାନ, ଫ୍ଲିଗିଂ ରନ, ଯୋଗ, ଏରୋବିକ୍ସ, ଭଲିବଲ୍, ଅଧ୍ୟାପକ ଦୌଡ ଓ ଟେବୁଲ ଟେନିସ ଟୁର୍ଣ୍ଣାମେଣ୍ଟ ସ୍ଥାନ ପାଇଥିଲା । ଏପ୍ରିଲ ୨୧ରୁ ୨୨ ମଧ୍ୟରେ ପାରମ୍ପରିକ କ୍ରୀଡା ଆୟୋଜନ ହୋଇଥିଲା । ଆସାମ, ପଶ୍ଚିମବଙ୍ଗ ଓ ଓଡ଼ିଶାର ୮ଟି ଦଳ ଏଥିରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମକୁ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡ. ସୁବାଷ ସରକାର ଉଦ୍‌ଘାଟନ କରିଥିଲେ । ଯୁବ ଆଦିବାସୀ ଏବଂ ଖାଦ୍ୟ ମହୋତ୍ସବ କରାଯାଇଥିଲା । କ୍ୟାମ୍ପସ୍ ବାହାରେ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା । ନବରଙ୍ଗପୁର କଲେଜ, ମାଲକାନଗିରି କଲେଜ, ମାଲକାନଗିରି ସରକାରୀ ଆଇଟିଆଇ, ଜବହାର ନବୋଦୟ ବିଦ୍ୟାଳୟ, କୁଡୁମୁଲୁଗୁମ୍ମା କଲେଜ, ଜନ ଶିକ୍ଷା ଅନୁଷ୍ଠାନ, କୋରାପୁଟ ଜିଲ୍ଲା ଚିକିତ୍ସା କାର୍ଯ୍ୟାଳୟ, ମାଲକାନଗିରି ଆଦି ସ୍ଥାନରେ ପ୍ରତିଯୋଗିତା ହୋଇଥିଲା । ରେଜିଷ୍ଟାର ଡ. ଅସତି କୁମାର ଦାସ, ଅର୍ଥ ଅଧିକାରୀ କେ. କୋଶଲା ରାଓ, ଲୋକସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସହଯୋଗ କରିଥିଲେ । ଶିକ୍ଷା ସମ୍ପର୍କିତ ୱାର୍କ ଗ୍ରୁପ ସମ୍ମିଳନୀରେ ବିଶ୍ୱ ବିଦ୍ୟାଳୟରୁ ପ୍ରତିନିଧିତ୍ୱ କରିଥିଲେ ରାଗୁଲା ଦେବେନ୍ଦ୍ର, ପ୍ରକାଶ ପରସେଠ, ମନିଷ୍ ଗୁପ୍ତା ଓ ସସ୍ମିତା ବେହେରା । ଛାତ୍ର କଲ୍ୟାଣ ବିଭାଗ ଡିନ୍ ଡ. ରମେନ୍ଦ୍ର କୁମାର ୪ଜଣ ଛାତ୍ରଛାତ୍ରୀ ଓ ଜଣେ ଅଧ୍ୟାପକଙ୍କୁ ନେଇ ଆଇଆଇଟି ଭୁବନେଶ୍ୱର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ବରିଷ୍ଠ ବିଜେଡି ନେତା ଜୟନ୍ତୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ



ରାଜଗାଙ୍ଗପୁର, (ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ସହର ର ଜଣେ ବରିଷ୍ଠ ବିଜେଡି ନେତା ,ସମାଜ ସେବି ତଥା ଯୁବ ବ୍ୟବସାୟୀ ଜୟନ୍ତୀ ମହାନ୍ତିଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ଏ ଖବର ପ୍ରଚାରିତ ହେବା ପରେ ରାଜଗାଙ୍ଗପୁର ସହରର ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ପ୍ରାପ୍ତ ସୂଚନା ଅନୁଯାଇ ଗତ କାଲି ବରିଷ୍ଠ ବିଜେଡି ନେତା ତଥା ଯୁବ ବ୍ୟବସାୟୀ ଝାରସୁଗୁଡା ବାଇ ଇଲେକ୍ସନରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ନିଜ କାର ଯୋଗେ ଝାରସୁଗୁଡା ଯାଇଥିଲା । ସେଠାରେ ଦଳୀୟ କାର୍ଯ୍ୟକ୍ରମ ସାରି ସେଠାରୁ ଘରକୁ ଫେରୁଥିବା ବେଳେ କୌଣସି କାରଣରୁ ସେ ନିଜ ଭାରସାମ୍ୟ ହରାଇ ଥିବା ବେଳେ ଝାରସୁଗୁଡା ଜିଲ୍ଲା ଲଇକେରା ଠାରେ କାର ଦୁର୍ଘଟଣାର ଶିକାର ହୋଇଥିଲେ । ଏହି ଦୁର୍ଘଟଣାରେ କାରଟି ରାସ୍ତାରୁ ପ୍ରାୟ ଫୁଟ୍ ତଳକୁ ଖସି ପଡିଥିବା ବେଳେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା । ବିଳମ୍ବିତ ରାତ୍ରିରେ ଏ ଖବରର ରାଜଗାଙ୍ଗପୁର ଅଞ୍ଚଳରେ ପହଞ୍ଚିବା ପରେ ରାଜଗାଙ୍ଗପୁର ସହରରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା । ଆଜି ସକାଳେ ତାଙ୍କ ଲିପିଲୋଇ ସ୍ଥିତ ବାସ ଭବନରେ ତାଙ୍କ ଶବ ବ୍ୟବଚ୍ଛେଦ କରି ଅଣାଯାଇଥିବା ବେଳେ ରାଜଗାଙ୍ଗପୁର ସହର ବହୁ ବିଶିଷ୍ଟ ବ୍ୟକ୍ତି, ରାଜଗାଙ୍ଗପୁର ପୌରପାଳିକା ଅଧ୍ୟକ୍ଷା ମାଧୁରୀ ଲୁଗୁନ ଓ ଅନ୍ୟାନ ବିଜେଡି କର୍ମୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବେଦବ୍ୟାସ ଠାରେ ତାଙ୍କର ଶେଷ କୃତ ସମ୍ପର୍ଣ୍ଣ ହୋଇଥିବା ନେଇ ସୂଚନା ମିଳିଛି ।

# କୋଲାବ ଜଳଭଣ୍ଡାରରୁ ଅଚିହ୍ନା ଯୁବତୀଙ୍କ ଶବ ଉଦ୍ଧାର

କୋରାପୁଟ,(ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ କେରେଙ୍ଗା ପଞ୍ଚାୟତର ଗଇେପଦର ନିକଟସ୍ଥ କୋଲାବ ଜଳଭଣ୍ଡାରରୁ ଜଣେ ଅଚିହ୍ନା ଯୁବତୀଙ୍କ ଶବ ଉଦ୍ଧାର ହୋଇଛି । ଯୁବତୀଙ୍କ ଶବ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ନନ୍ଦପୁର ଏସ୍‌ଡିପିଓ ସ୍ୱୟଂ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ସୂଚନା ଅନୁଯାଇ, ଗପେଦର ନିକଟସ୍ଥ କୋଲାବ ଜଳଭଣ୍ଡାରରେ ଜଣେ ଯୁବତୀଙ୍କ ଶବ ଭାସୁଥିବା ନେଇ ନନ୍ଦପୁର ପୋଲିସ ଖବର ପାଇଥିଲା। ପରେ ନନ୍ଦପୁର ଏସଡିପିଓ ସୟ କୁମାର ମହାପାତ୍ର, ଥାନା ଅଧିକାରୀ ପ୍ରଫୁଲ ଲାକ୍ରା, ଏସଆଇ ଦୀପ୍ତିମୟୀ ଧାରୁଆ, ରାଣୀତୋଟା ଫାଣ୍ଡି ଏଏସ୍‌ଆଇ ସୟ କୁମାର ମଣ୍ଡଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଥିଲେ । ପରେ ଶବ ବ୍ୟବଚ୍ଛେଦ ପାଇଁ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା । ମୃତ ଯୁବତୀଙ୍କ କାନପଟୁ ରକ୍ତ ବାହୁଥିବା ବେଳେ ମୁଣ୍ଡରେ ଆଘାତ ଲଗାଥିବା ଜଣପାଡିଛି । ତେବେ ମୃତ ଯୁବତୀଙ୍କ ପରିଚୟ ମିଳିନଥିବା ବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ଏସଡିପିଓ ଶ୍ରୀ ମହାପାତ୍ର କହିଛନ୍ତି ।

# ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜବରଦଖଲ ଉଚ୍ଛେଦ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ନୂଆଗଡ଼ ସଦରମହକୁମା ଠାରେ ନୂତନ ଭାବେ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ସେଠାରେ ରହିଥିବା ବିଜୁ ପକ୍କାଘରକୁ ଉଚ୍ଛେଦ କରିବା ସହ ୧୩ ଗୋଟି ଗରିବ ପରିବାରଙ୍କ ବାସ ଗୃହକୁ ପ୍ରଶାସନ ଭାଙ୍ଗି ଦେଇଥିବା ଜଣା ପଡିଛି । ବର୍ତ୍ତମାନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ସରକାରୀ ଜମିରେ ଦୀର୍ଘ ବର୍ଷ ଧରି ୧୪ ଗରିବ ପରିବାର କୁଡ଼ିଆ ଘର କରି ରହିଆସୁଥିଲେ । ଏହା ମଧ୍ୟରେ ଗୋଟିଏ ବିଜୁ ପକାଘର ରହିଥିଲା । ସେହି ଜମିକୁ ବସଷ୍ଟାଣ୍ଡ ନିର୍ମାଣାରଥେ ପ୍ରଶାସନ ପକ୍ଷରୁ ଜାଗା ଚିହ୍ନଟ କରି ୧୭/୩/୨୦୨୧ ମସିହାରେ ରହୁଥିବା ପରିବାରକୁ ଉଚ୍ଛେଦ କରି ଦିଆଯାଇଥିଲା । ୧୪ ପରିବାର ମଧ୍ୟରୁ ୧୩ ପରିବାରକୁ ଉଚ୍ଛେଦ କରାଯାଇଥିବା ବେଳେ ସେଥିମଧ୍ୟରୁ ଗୋଟିଏ ବିଜୁ ପକ୍କାଘରକୁ ଉଚ୍ଛେଦ କରାନ ଯାଇ ତହସିଲ ପ୍ରଶାସନ ଏହାକୁ ସିଲ କରି ଦେଇଥିଲେ । ସୂଚନା ଅନୁଯାୟୀ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ଗତ କାଲି ସ୍ଥାନୀୟ ତହସିଲଦାର କୁରେଶ ଚନ୍ଦ୍ର ଜାନୀଙ୍କ ସମେତ ସେରଙ୍ଗ ଥାନା ଅଧିକାରୀ ଅଶୋକ କୁମାର ହାଙ୍ଗସ୍‌ଦା, ଖଜୁରୀପଦା ଫାଣ୍ଡି ଅଧିକାରୀ ଡି.ଗଜପତି ଦୋରା ସଦଳବଳେ ଉପସ୍ଥିତ ରହି ଉକ୍ତ ବିଜୁ ପକ୍କାଘର ଟିକୁ ଜେସିବି ସାହାଯ୍ୟରେ ଭଙ୍ଗା ଯାଇଥିଲା । ପରିବାର ଲୋକେ କହିବା ଅନୁଯାୟୀ ନୂଆଗଡ଼ ତହସିଲଦାର ସାତଦିନ ମଧ୍ୟରେ ଘର ଖାଲି କରିବା ପାଇଁ ଘର ମୁଖିଆ ମନୋଜ କୁମାର ସାହୁଙ୍କୁ ଏକ ନୋଟିସ ପୂର୍ବଦିନ ସନ୍ଧ୍ୟାରେ ଜାରି କରିଥିଲେ କିନ୍ତୁ ନୋଟିସ ଦେବାର କିଛି ସମୟ ପରେ ପୁଣି ଫେରସ୍ତ ନେଇ ଆରଦିନ ସକାଳେ ପୋଲିସ ଫୋର୍ସ ସହ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଘରକୁ ଉଚ୍ଛେଦ କରିଥିଲେ । ବାସହୀନଙ୍କୁ ଆବାସ ଯୋଜନାରେ ସାମିଲ କରି ପଟ୍ଟା ନଥିବା ସ୍ଥାନରେ ବିଜୁ ପକ୍କା ଘର କଲା ପରେ ପ୍ରଶାସନ ଉଚ୍ଛେଦ କରିବା ବିଷୟ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହୋଇ ଏହା ଏକ ପ୍ରଶ୍ନ ବାଚି ସୃଷ୍ଟି ହେଇଛି । ଏ ବିଷୟ ନେଇ ତାହସିଦାରଙ୍କୁ ପଚାରି ବୁଝିବାରୁ ମୁଁ କିଛି କହିପାରିବିନି କହି ସଂପୂର୍ଣ୍ଣ ମନା କରି ଦେଇଛନ୍ତି ।

# ପଛୁଆ ବର୍ଗ ସର୍ଭେକୁ ଜିଲ୍ଲା ମାଳି ସମାଜ ମହାସଂଘର ବିରୋଧ

ତେନ୍ତୁଳି ଖୁଣ୍ଟି,(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ୍‌ରେ ପ୍ରତ୍ୟେକ ପଞ୍ଚାୟତ ରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ପଛୁଆ ବର୍ଗ ସର୍ଭେ ଆରମ୍ଭ କରା ଯାଉଛି । ଏହି ସର୍ଭେକୁ କେତେକ ସମ୍ପ୍ରଦାୟର ଲୋକମାନେ ସହମତି ପ୍ରଦାନ କରି ସମସ୍ତ ବିବରଣୀ ପ୍ରଦାନ କରୁ ଥିବା ବେଳେ ତେନ୍ତୁଳି ଖୁଣ୍ଟି ଓ ନନ୍ଦା ହାଣ୍ଡି ବ୍ଲକ୍‌ର ମାଳି ସମାଜର ଲୋକମାନେ ବିରୋଧ କରିଥିବା ଦେଖିବାକୁ ମିଳିଛି । ବହୁ ପୂର୍ବରୁ ଆଦିବାସୀ ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରାଯାଇ ଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ଅଭି ଭକ୍ତ କୋରାପୁଟ ଜିଲ୍ଲା ବନବାସୀ ବିକାଶ ମହା ସଙ୍ଘ ଉପ ସଭାପତି ତଥା କୋରାପୁଟ ଜିଲ୍ଲା ମାଳି ସମାଜର ସଭାପତି ଦାଶରଥି ମାଳି ପ୍ରଶ୍ନ ଉଠାଇଛନ୍ତି । ବିଗତ ଦିନରେ କୋରାପୁଟ ଠାରେ ରଣା, ମାଳି, ପୁଟିଆ, କମାର, ଦୋରା ଓ କୁମ୍ଭାର ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ବୈଠକ୍ କରି ନିଷ୍ପତି ନେଇ ଛନ୍ତି । ସେହି କ୍ରମରେ ତେନ୍ତୁଳି ଖୁଣ୍ଟି ବ୍ଲକ୍ ଓ ନନ୍ଦାହାଣ୍ଡି ବ୍ଲକ୍‌ର ମାଳି ସମାଜର ସଭାପତି ସୁବାସ ଚନ୍ଦ୍ର ନାୟକ ବ୍ଲକ୍‌ରେ ବସ ବାସ କରୁଥିବା ସମସ୍ତ ମାଳି ସମାଜର ପ୍ରାୟ ୬୦୦ ରୁ ଉର୍ଦ୍ଧ ଲୋକମାନଙ୍କୁ ଏହି ସର୍ଭେରେ ଅସହଯୋଗ କରିବା ପାଇଁ ଜିଲ୍ଲା ମାଳି ସମାଜ ପକ୍ଷରୁ ସୂଚନା ଦେଇ ଥିବା ସେ ପ୍ରକାଶ କରିଛନ୍ତି । ଏହି ସର୍ଭେ କରୁଥିବା କର୍ମଚାରୀଙ୍କୁ କୌଣସି ତଥ୍ୟ ପ୍ରଦାନ ନ କରି ଏଥିରୁ ନିବୃତ୍ତ ରହିବା ପାଇଁ ଆହ୍ୱାନ ଦେଇଛନ୍ତି ।

# ୫-ଟି ସ୍କୁଲର ଉଦ୍‌ଘାଟନକୁ ବିରୋଧ



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ): ଶନିବାର ନବରଙ୍ଗପୁର ଜିଲ୍ଲାରେ ବିଭିନ୍ନ ସ୍ଥାନରେ ୫ ଟି ସ୍କୁଲ ଗୁଡ଼ିକୁ ମୁଖ୍ୟ ମନ୍ତ୍ରୀ ଭି ସି ମାଧମରେ ଉଦ୍‌ଘାଟନ କରିଛନ୍ତି । ସେହିପରି ତେନ୍ତୁଳି ଖୁଣ୍ଟି ବ୍ଲକ୍‌ରେ ମଧ ୬ଟି ସ୍କୁଲକୁ ମୁଖ୍ୟ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ସ୍କୁଲ ଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହି ଉଦଘାଟନକୁ ବିରୋଧ କରାଯାଇଛି । ତେନ୍ତୁଳି ଖୁଣ୍ଟି ସଦର ପଞ୍ଚାୟତର ବାପୁଜୀ ହାଇସ୍କୁଲ୍, ଦିବ୍ୟ ହୃଦୟ ହାଇସ୍କୁଲ, ଦିଗୀ ପଞ୍ଚାୟତର ଶିବପ୍ରସାଦ ହାଇସ୍କୁଲ, କଣ୍ଟାଗାଁ ହାଇସ୍କୁଲ, କାମତା ହାଇସ୍କୁଲ, କୁକୁଡ଼ା ବାଇ ହାଇସ୍କୁଲକୁ ଉଦଘାଟନ କରାଯାଇଛି । ତେବେ ତେନ୍ତୁଳିଖୁଣ୍ଟି ବ୍ଲକ ଦିଗିସଲପା ଗ୍ରାମ ପଞ୍ଚାୟତର ସଦରରେ ଥିବା ଶିବ ପ୍ରସାଦ ଉଚ୍ଚ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିସି ମାଧ୍ୟମରେ ଉଦ୍‌ଘାଟନ କରାଯାଇ ଥିବା ବେଳେ ଏହାକୁ ବିରୋଧ କରାଯାଇଛି । ବିଦ୍ୟାଳୟ କାମ ନିମ୍ନମାନର କରାଯାଇଥିବା ବେଳେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ନେଇ ବିଦ୍ୟାଳୟ କମିଟି ପକ୍ଷରୁ ବିରୋଧ କରାଯାଇ ସ୍କୁଲ ଗେଟ ଆଗରେ ପ୍ରତିବାଦ କରାଯାଇଛି । ଏହା ସହ ଶ୍ରେଣୀଗୃହରେ ଚାଲିଥିବା ମୁଖ୍ୟମନ୍ତ୍ରୀଙ୍କ ଲାଇଭ କାର୍ଯ୍ୟକ୍ରମ ସ୍ଥାନକୁ ଯାଇ କମିଟି ସଭାପତି ଏବଂ ସଦସ୍ୟମାନେ ପାଟିତୁଣ୍ଡ କରିଛନ୍ତି । ସ୍କୁଲର ପ୍ରଧାନଶିକ୍ଷକଙ୍କ ସହ କମିଟି ସଦସ୍ୟଙ୍କ ବଚସା ହେଉଥିବା ମଧ ଦେଖିବାକୁ ମିଳିଛି । ତେବେ ବିଦ୍ୟାଳୟ ପରିସରରେ ସମ୍ପୂର୍ଣ୍ଣ ସମାପ୍ତ ହୋଇ ନ ଥିବା ବେଳେ ଏହାକୁ ଉଦ୍‌ଘାଟନ କରିବାକୁ ବ୍ଲକ କର୍ତ୍ତୃପକ୍ଷ କିଭଳି କରୁଛନ୍ତି ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଧପନ୍ତରିଆ ସ୍କୁଲକୁ ପ୍ରଶାସନ ଦ୍ୱାରା ତରବରିଆ ଭାବେ କାହିଁକି ଉଦ୍‌ଘାଟନ କରିବାକୁ ବ୍ୟସ୍ତତା ଦେଖାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ । ଅଧାପନ୍ତରିଆ କାମ ହୋଇ ଥିବା ବେଳେ ବର୍ତ୍ତମାନ ଯଦି ସ୍କୁଲ ଉଦ୍‌ଘାଟନ ହୁଏ ତା'ହେଲେ ଆଗକୁ ଆଉ କାମ ନକରି ଛାଡ଼ିଦେବେ ଏବଂ ପ୍ରଶାସନ ଆଉ ଏଥିପ୍ରତି ଦୃଷ୍ଟି ଦେବେ ନାହିଁ ବୋଲି ଅଭିଯୋଗ କରିଛନ୍ତି ସ୍କୁଲ କମିଟି ସଦସ୍ୟ । ଏହା ସହ ସ୍କୁଲ ମଧ୍ୟରେ କରାଯାଇଥିବା ଅନ୍ୟ ସମସ୍ତ କାମରେ ସାମଗ୍ରୀ ସବୁ ନିମ୍ନମାନର ବ୍ୟବହାର କରିଥିବା ନେଇ ଅଭିଯୋଗ କରିଛନ୍ତି କମିଟି ସଦସ୍ୟମାନେ । ନବରଙ୍ଗପୁର ଜିଲ୍ଲାର ୭୬ ଟି ୫ଟି ସ୍କୁଲକୁ ମୁଖ୍ୟମନ୍ତ୍ରୀ ଭିସି ମାଧ୍ୟମରେ ଉଦ୍‌ଘାଟନ କାର୍ଯ୍ୟକ୍ରମ କରିବା ପୂର୍ବରୁ ଏଭଳି ବିରୋଧ କରାଯାଇ ଥିବା ଦେଖିବାକୁ ମିଳିଛି । ଯଦି ଅଧାପନ୍ତରିଆ ସ୍କୁଲ କାମକୁ ଉଦ୍‌ଘାଟନ କରିବେ ତେବେ ସ୍କୁଲ ଆଗରେ ଧାରଣା ଦେବା ପାଇଁ ଚେତାବନୀ ମଧ୍ୟ ଦେଇଛନ୍ତି ବିଦ୍ୟାଳୟ କମିଟି ଓ ଗ୍ରାମବାସୀମାନେ । ସେହି ପରି କୁର୍ମାକୋଟି ସ୍ଥିତ ଦିବ୍ୟ ହୃଦୟ ଉଚ୍ଚ ବାଳିକା ବିଦ୍ୟାଳୟକୁ ଉଦ୍‌ଘାଟନ କରିବା ପାଇଁ ସଙ୍ଗେ ସଙ୍ଗେ ପୋଲସ୍ତର କରି ରଙ୍ଗ ମାରିବା, ନିର୍ମାଣାଧୀନ ସିମେଣ୍ଟ ନାଳକୁ ପୋତିଦେବା ପାଚେରୀ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଉଦ୍‌ଘାଟନ କରାଯାଇଛି । ଏହା ପ୍ରଶାସନ ପାଇଁ ଲଜ୍ୟା ବିଷୟ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ ପାଇବା ସହ କମିଟି ତରଫରୁ ଘୋର ବିରୋଧ କରାଯାଇଥିଲା । ୫ ଟି ଯୋଜନାର ସ୍ୱଚ୍ଛତାର ପାଇଁ ଦୁର୍ନୀତି ନିବାରଣ ବିଭାଗର ତଦନ୍ତର ଆବଶ୍ୟକ ରହିଛି ବୋଲି ସାଧାରଣରେ ଦାବି ହେଉଛି ।



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ମଣିପୁରରେ ଅସମ୍ଭାଳ ସ୍ଥିତି

# ହିଂସାକାଣ୍ଡ ରୋକିବା ସମୟର ଆହ୍ୱାନ

ଆମ ଦେଶର ଅନ୍ୟତମ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଦୁଇ ଆଦିମ ସଂପ୍ରଦାୟ ମଧ୍ୟରେ ଗତ କିଛିଦିନ ହେଲା ସଂଘର୍ଷ ଓ ହିଂସାକାଣ୍ଡ ଘଟି ଭୟଙ୍କର ଅବସ୍ଥା ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ ଠାରୁ ଆରମ୍ଭ କରି ଅଧିକାଂଶ କେନ୍ଦ୍ରମନ୍ତ୍ରୀ ଏବଂ ପ୍ରମୁଖ ରାଜନେତା କର୍ଣ୍ଣାଟକରେ ଡେରା ପକାଇ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବାବେଳେ ସେପଟେ ହିଂସାକାଣ୍ଡରେ ସାରା ମଣିପୁର ଜଳୁଥିବାର ଦେଖାଯାଉଛି । ରାଜ୍ୟର ସଂଖ୍ୟାବହୁଳ ମଇତି ସଂପ୍ରଦାୟକୁ ଅନୁସୂଚିତ ଜନଜାତି (ଏସ୍.ଟି) ସଂରକ୍ଷଣ ପ୍ରଦାନ କରାଯାଇଥିବାରୁ ଆଦିବାସୀ କୁକି ସଂପ୍ରଦାୟ ପକ୍ଷରୁ ତାହାକୁ ପ୍ରବଳ ବିରୋଧ କରାଯାଇଛି ଏବଂ ଗତ ୩ ତାରିଖରୁ ଦୁଇ ସଂପ୍ରଦାୟ ଭିତରେ ରକ୍ତାକ୍ତ ସଂଘର୍ଷ ଜାରି ରହିଛି । ରାଜ୍ୟର ମୋଟ ୧୬ଟି ଜିଲ୍ଲା ମଧ୍ୟରୁ ଅଧିକାଂଶ ଜିଲ୍ଲାରେ ଏହି ଦୁଇ ଗୋଷ୍ଠୀ ଭିତରେ ଗଣ୍ଡଗୋଳ ଘଟି ସ୍ଥିତି ଜଟିଳ ହୋଇପଡିଛି । ପରିସ୍ଥିତି ଅସମ୍ଭାଳ ହେବା ଲକ୍ଷ୍ୟ କରି ରାଜ୍ୟପାଳ ସମସ୍ତ ସ୍ପର୍ଶକାତର ଅଞ୍ଚଳରେ ଦଙ୍ଗାକାରୀଙ୍କୁ ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦଙ୍ଗା ଆରମ୍ଭ ହେବା ପରେ ପରେ ରାଜ୍ୟ ସରକାର ସମସ୍ତ ଜିଲ୍ଲାର ହିଂସା ପ୍ରଭାବିତ ଅଞ୍ଚଳରେ କର୍ଫ୍ୟୁ ଜାରି କରିବା ସଙ୍ଗେ ସଙ୍ଗେ ପାଞ୍ଚଦିନ ପାଇଁ ସାରା ରାଜ୍ୟରେ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଥିଲେ । ଏହା ସତ୍ତ୍ୱେ ହିଂସା କମିବା ପରିବର୍ତ୍ତେ ଅନ୍ୟାନ୍ୟ ଜିଲ୍ଲାକୁ ବ୍ୟାପିବାରେ ଲାଗିଲା । ସ୍ଥିତି ନିୟନ୍ତ୍ରଣ କରିବାକୁ ରାଜ୍ୟବ୍ୟାପୀ ଆସାମ ରାଇଫଲ୍ସ ଓ ସୈନ୍ୟବାହିନୀ ମୁତୟନ କରାଯାଇଛି । ଏହା ବ୍ୟତୀତ ଗୃହ ମନ୍ତ୍ରଣାଳୟ ରାଜ୍ୟକୁ ର୍‌ୟାପିଡ୍ ଆକ୍ସନ ଫୋର୍ସର ପାଞ୍ଚଟି କମ୍ପାନୀକୁ ମଧ୍ୟ ପଠାଇଛି । ବିକ୍ଷୋଭକାରୀମାନେ ବିଭିନ୍ନ ଜିଲ୍ଲାରେ କେବଳ ହିଂସାକାଣ୍ଡ ଘଟାଉ ନାହାନ୍ତି, ସେମାନେ ଅନେକ ଗ୍ରାମକୁ ଜାଳିଦେବା ସହିତ ଦୋକାନ ବଜାରରେ ମଧ୍ୟ ନିଆଁ ଲଗାଇ ଦେଉଛନ୍ତି । ବହୁ ସ୍ଥାନରେ ବ୍ୟାପକ ସରକାରୀ ସମ୍ପତ୍ତି ନଷ୍ଟ କରାଯାଇଛି । ଏହି ପରିସ୍ଥିତିରେ ୧୩ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂହ କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଶନିବାର ଦିନ ସେ ସର୍ବଦଳୀୟ ବୈଠକ ଡକାଇ ଆଲୋଚନା କରିଥିଲେ । ମଣିପୁରକୁ ସମସ୍ତ ଟ୍ରେନ୍ ଚଳାଚଳ ବାତିଲ୍ କରାଯାଇଥିବାବେଳେ ବାୟୁସେନା ପକ୍ଷରୁ ଦୁଇଟି ଯୁଦ୍ଧ ବିମାନକୁ ପ୍ରସ୍ତୁତ ରଖାଯାଇଛି । ସବୁଠାରୁ ବଡ଼କଥା ହେଉଛି, ମଣିପୁର ହିଂସା ଏବେ ପଡ଼ୋଶୀ ରାଜ୍ୟ ମେଘାଳୟକୁ ବ୍ୟାପିଗଲାଣି ଓ ସେଠାରେ କିଛି ଜନଜାତି ସଂଗଠନ ପକ୍ଷରୁ ସଭା ଶୋଭାଯାତ୍ରା ଆୟୋଜନ କରାଯାଇଛି । ରାଜଧାନୀ ଦିଲ୍ଲୀରେ ମଧ୍ୟ ଏହାର ତାତି ଦେଖିବାକୁ ମିଳିଛି । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା କୁକି ଜନଜାତି ଓ ମଇତି ସଂପ୍ରଦାୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଛୋଟ ଧରଣର ସଂଘର୍ଷ ହୋଇଥିବାର ଖବର ମିଳିଛି । ହିଂସା ଦୃଷ୍ଟିରୁ ପଶ୍ଚିମବଙ୍ଗ ସରକାର ମଧ୍ୟ ସୀମାରେ ସତର୍କତା ଜାରି କରିଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ ମଣିପୁର ଉପତ୍ୟକାରେ ତଥା ରାଜ୍ୟର ପାଞ୍ଚଟି ଜିଲ୍ଲାରେ ମଇତି ସଂପ୍ରଦାୟର ସର୍ବାଧିକ ଲୋକ ବସବାସ କରନ୍ତି । ରାଜ୍ୟର ମୋଟ ଜନସଂଖ୍ୟାର ୫୩ ପ୍ରତିଶତ ହେଉଛନ୍ତି ଏହି ସଂପ୍ରଦାୟର ଓ ସେମାନେ ସମସ୍ତେ ହିନ୍ଦୁ । ଅନ୍ୟପକ୍ଷରେ ରାଜ୍ୟର ବୃହତ୍ ଆଦିବାସୀ ସଂପ୍ରଦାୟ ହେଉଛି କୁକି ଓ ସେମାନେ ମୁଖ୍ୟତଃ ପାହାଡ଼ିଆ ଅଞ୍ଚଳରେ ବସବାସ କରନ୍ତି । ସେମାନେ ମୁଖ୍ୟତଃ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀ ଓ ସେମାନଙ୍କ ସହ ନାଗା ଖ୍ରୀଷ୍ଟିଆନ୍ ରହିଛନ୍ତି । ରାଜ୍ୟର ୪ଟି ଜିଲ୍ଲାରେ ଏହି ସଂପ୍ରଦାୟର ପ୍ରଭାବ ରହିଛି । ତେଣୁ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ତରବରିଆ ଭାବରେ କୌଣସି ନିଷ୍ପତ୍ତି ନିଆଯିବା ଆଦୌ ସମୀଚିନ ନୁହେଁ । ରାଜ୍ୟ ଓ କେନ୍ଦ୍ର ସରକାର ଏହି ଦଙ୍ଗାକୁ ନିୟନ୍ତ୍ରଣ କରିବାକୁ ସୁଚିନ୍ତିତ ପଦକ୍ଷେପ ନେବା ସମୟର ଆହ୍ୱାନ ।

# ବିଶ୍ୱ ରେଡକ୍ରସ ଦିବସ

ବିଶ୍ୱବିଜୟୀ ଦାଶ
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ-୬୩୭୦୨୦୮୪୨୮

ମାନବ ସେବା ଓ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ୧୮୬୩ ମସିହାରେ ରେଡକ୍ରସ ସଂଗଠନ ସ୍ଥାପନ କରାଯାଇଥିଲା। ଏହା ଏକ ଅନ୍ତର୍ଜାତୀୟ ସଂଗଠନ ହୋଇଥିଲା ବେଳେ ଏହାର ମୁଖ୍ୟାଳୟ ସ୍ୱିଜରଲ୍ୟାଣ୍ଡର ଜେନେଭା ଠାରେ ଅବସ୍ଥିତ। ଏହି ସଂଗଠନର ପ୍ରତିଷ୍ଠାତା ହେଉଛନ୍ତି ବିଶିଷ୍ଟ ମାନନବବାଦୀ, ସମାଜ ସଂସ୍କାରକ ହେନେରୀ ଡୁନାଣ୍ଟ। ତାଙ୍କର ଜନ୍ମ ମେ ୮ ତାରିଖ ରେ ହୋଇଥିଲା, ସେଥିପାଇଁ ତାଙ୍କୁ ସମ୍ମାନ ଜଣାଇ ପ୍ରତିବର୍ଷ ମେ ୮ ତାରିଖକୁ ବିଶ୍ୱ ରେଡକ୍ରସ ଦିବସ ରୂପେ ପାଳନ କରାଯାଇଥାଏ। ଏହି ସଂଗଠନ ବିଶ୍ୱର ସର୍ବ ପ୍ରଥମ ଏବଂ ସର୍ବ ବୃହତ ମାନବବାଦୀ ସଂଗଠନ।

ବିଶ୍ୱର କୋଣେ ଅନୁକୋଣେ ଅସଂଖ୍ୟ, ଅଗଣିତ କେବଳ ରେଡକ୍ରସ ସ୍ୱେଚ୍ଛାସେବୀ, ସଦସ୍ୟ, କର୍ମକର୍ତ୍ତା ଏବଂ କର୍ମଚାରୀ ନୁହନ୍ତି ପରନ୍ତୁ ସାଧାରଣ ଲୋକେ ରେଡକ୍ରସ ମାନବବାଦୀ କାର୍ଯ୍ୟ ତୁଲାଇଅଛନ୍ତି। ସଂପୂର୍ଣ୍ଣ ସ୍ୱେଚ୍ଛାକୃତ ଏବଂ ଉତ୍ସର୍ଗୀକୃତ ସେବା ଭାବାପନ୍ନ ହୋଇ ଜନତାଙ୍କ ସେବା କରିଥାନ୍ତି।

ସଲଫେରିନୋ ଯୁଦ୍ଧର ବିଭୀଷିକା ଓ ଭୟାବହ ଅନୁଭୂତିକୁ ପାଥେୟ କରି ହେନେରି ଡୁନାଣ୍ଟ ନିଜର ପ୍ରଗାଢ ଉଦ୍ୟମ ବଳରେ ୧୮୬୩ ମସିହାରେ ଆରମ୍ଭ କରିଥିଲେ ଏକ ମାନବବାଦୀ ସେବା ସଂଗଠନ ଯାହା International Committee of the Red Cross ଭାବରେ ନାମିତ ହୋଇଥିଲା । ଏହି ସଂଗଠନର ମୂଳ ଉଦେଶ୍ୟ ଥିଲା ଯୁଦ୍ଧରେ ଆହତ ବ୍ୟକ୍ତିମାନଙ୍କୁ ସେବା ଓ ସହାଯ୍ୟ ପ୍ରଦାନ କରି ମାନବ ସମାଜର ଦୁଃଖ ଲାଘବ କରିବା । ସେହିଦିନ ଠାରୁ ଦୀର୍ଘ ୧୫୩ବର୍ଷ ଧରି ରେଡ଼କ୍ରସ୍ର ସ୍ୱେଚ୍ଛାସେବୀ ଓ ସଦସ୍ୟମାନେ ସକ୍ରିୟ ମାନବ ସେବାରେ ସ୍ଥାନୀୟ ଓ ବିଶ୍ୱସ୍ତରରେ ସକ୍ରିୟ । ସ୍ୱେଚ୍ଛାସେବୀ ଓ ସଦସ୍ୟ/ସଦସ୍ୟା ମାନଙ୍କର ତ୍ୟାଗ, ନିଷ୍ଠା ଓ ନିରବଚ୍ଛିନ୍ନ ସେବା ଯୋଗୁ ଆଜି ବିଶ୍ୱର ପ୍ରାୟ ସବୁ ଦେଶରେ ରେଡକ୍ରସ ଜନସେବାରେ କାର୍ଯ୍ୟରତ ।

ଭାରତୀୟ, ସଂସଦର ଆଇନ ୧୯୨୦ ଏବଂ ଓଡ଼ିଶା ବିଧାନ ସଭାର ଆଇନ ୧୯୩୬ ଅନୁଯାୟୀ ଭାରତ ଏବଂ ଓଡ଼ିଶାରେ ରେଡକ୍ରସ କାର୍ଯ୍ୟ କରିଆସୁଛି। ଯଦିଓ ପ୍ରାରମ୍ଭିକ ସ୍ତରରେ ଏହି ମାନବବାଦୀ ଅନୁଷ୍ଠାନ ଆହତ ସୈନିକ, ରୋଗୀ ଓ ଦୁଃଖିଙ୍କ ସେବା ପାଇଁ ପ୍ରତିଷ୍ଠିତ ହୋଇଥିଲା; ପରବର୍ତ୍ତୀ ସମୟରେ ଏହାର କାର୍ଯ୍ୟକ୍ଷେତ୍ର ବିପର୍ଯ୍ୟୟ ସହାୟତା, ବିପର୍ଯ୍ୟୟ ପ୍ରସ୍ତୁତି, ଗୋଷ୍ଠୀଗତ ସ୍ୱାସ୍ଥ୍ୟସେବା, ରକ୍ତ ଭଣ୍ଡାର ପରିଚାଳନା, ଭିନ୍ନକ୍ଷମମାନଙ୍କୁ ସାହାଯ୍ୟ ପ୍ରଦାନ ଏବଂ ସର୍ବୋପରି ରେଡକ୍ରସର ୭ଟି ମୌଳିକ ନୀତି ଯଥା- ମାନବିକତା, ନିରପେକ୍ଷତା, ସମଦର୍ଶିତା, ସ୍ୱାଧୀନତା, ସ୍ୱେଚ୍ଛାକୃତ ସେବା, ଏକତା ଓ ବିଶ୍ୱଜନୀନତାର ପ୍ରଚାର ତଥା ପ୍ରସାର ଦିଗରେ ପ୍ରସାରିତ ହୋଇଛି । ୧୯୩୬ ମସିହା ଠାରୁ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ନିରବଚ୍ଛିନ୍ନ ଭାବେ ଏହାର ୩୦ ଗୋଟି ଜିଲ୍ଲା ଶାଖା, ଆଞ୍ଚଳିକ ଶାଖା, ନଗର ଶାଖା ଏବଂ ଶାଖା ମାଧ୍ୟମରେ ରାଜ୍ୟର ଜନସାଧାରଣଙ୍କୁ ରେଡ଼କ୍ରସ୍ର ମାନବବାଦୀ ମୌଳିକ ନୀତି ଏବଂ ଚାରିଗୋଟି ପ୍ରମୁଖ କାର୍ଯ୍ୟକ୍ରମ ଯଥା- ବିପର୍ଯ୍ୟୟ ସହାୟତା, ବିପର୍ଯ୍ୟୟ ପ୍ରସ୍ତୁତି, ଗୋଷ୍ଠୀଗତ ସ୍ୱାସ୍ଥ୍ୟସେବା ଓ ଯନ୍ ଏବଂ ରେଡକ୍ରସର ମୌଳିକ ନୀତିର ପ୍ରଚାର ଓ ପ୍ରସାର ମାଧ୍ୟମରେ ବିଭିନ୍ନ ସମୟପୋଯୋଗୀ ଜନହିତକର କାର୍ଯ୍ୟକ୍ରମ ଆୟୋଜନ ପାଇଁ ପଦକ୍ଷେପ ନେଉଅଛି । ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନକୁ ଶତପ୍ରତିଶତ କରିବା ଲକ୍ଷ୍ୟରେ ରେଡ଼କ୍ରସ୍ ଏହାର ପ୍ରଚେଷ୍ଟା ଜାରି ରଖିଛି । ରାଜ୍ୟରେ 'ଜନ ଔଷଧି' ଅଭିଯାନକୁ ପ୍ରଚାର ଓ ପ୍ରସାର କରିବା ପାଇଁ ଏବଂ ଜନସାଧାରଣଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ଔଷଧ ସହଜ ଭାବରେ ଯୋଗାଇଦେବା ଲକ୍ଷ୍ୟରେ ରେଡକ୍ରସ ରାଜ୍ୟ ଶାଖା ଭାରତ ଏବଂ ଓଡ଼ିଶା ସରକାରଙ୍କ ସହାୟତାରେ ଏହାର ଜିଲ୍ଲା ଶାଖା ମାଧ୍ୟମରେ ରାଜ୍ୟରେ ଜନ ଔଷଧି କେନ୍ଦ୍ର ଖୋଲାଯାଇ ଜେନେରିକ୍ ଔଷଧ ଯୋଗାଇବା ଭଳି ଏକ ଯୁଗାନ୍ତକରୀ ପଦକ୍ଷେପ ନେଇଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟର ଅଗମ୍ୟ ଓ ଅପହଞ୍ଚ ଅଞ୍ଚଳଗୁଡ଼ିକରେ ତଥା ସହରାଞ୍ଚଳର ଗରିବ ଲୋକମାନଙ୍କ ନିମନ୍ତେ ନିୟମିତ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଜେନେରିକ ଔଷଧ ପ୍ରଦାନ କରାଯାଉଛି ।

ଜନସେବା କ୍ଷେତ୍ରରେ ଏହି ସଂଗଠନ ୧୯୧୭, ୧୯୪୪ ଓ ୧୯୬୩ ମସିହାରେ ନୋବେଲ ଶାନ୍ତି ପୁରସ୍କାର ପାଇସାରିଛି। ଏହି ସଂଗଠନ ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟ କରିଆସୁଛି। ମହାବିଦ୍ୟାଳୟର ରେଡକ୍ରସ ସ୍ୱେଚ୍ଛାସେବୀମାନେ ବିଭିନ୍ନ ଜନହିତକର କାର୍ଯ୍ୟ କରିଥାନ୍ତି। ଯୁବ ସ୍ୱେଚ୍ଛାସେବୀ ବିଭିନ୍ନ ରେଡକ୍ରସ କ୍ୟାମ୍ପରେ ଯୋଗ ଦେଇ ରେଡକ୍ରସ ସଂଗଠନରେ ବିଭିନ୍ନ ଜ୍ଞାନ ଅର୍ଜନ କରନ୍ତି ଓ କ୍ୟାମ୍ପରୁ ସମାଜସେବା ଓ ଜନସେବା ପାଇଁ ପ୍ରେରଣା ମିଳେ।

ମୁଁ ବି.ଏସ୍‌ସି ଗୋଦାବରୀଶ ମହାବିଦ୍ୟାଳୟ, ବାଣପୁରରେ ପଢୁଥିଲି। ଗୋଦାବରୀଶ ମହାବିଦ୍ୟାଳୟରେ ମଧ୍ୟ ରେଡକ୍ରସ ସଂଗଠନ କାର୍ଯ୍ୟ କରିଆସୁଛି। ମୁଁ ସେହି ରେଡକ୍ରସ ସଂଗଠନରେ ଯୋଗଦେଇଥିଲି। ତା'ପରେ ଜିଲ୍ଲାସ୍ତରୀୟ ରେଡ଼କ୍ରସ କ୍ୟାମ୍ପରେ ଯୋଗଦେଇଥିଲି। ସେହି କ୍ୟାମ୍ପରୁ ମୁଁ ବହୁତ କିଛି ଶିଖିଛି। ସେହି କ୍ୟାମ୍ପରେ ଓଡ଼ିଶାରୁ ଆସିଥିବା ବିଶିଷ୍ଟ ସ୍ୱେଚ୍ଛାସେବୀ ଗଣ ତାଙ୍କ ଉଦ୍‌ବୋଧନରେ ରେଡକ୍ରସ ସଂଗଠନର ବିଭିନ୍ନ ତଥ୍ୟ ଉପସ୍ଥାପନା କରିଥିଲେ ଏବଂ ରେଡକ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ, ଯାହା ଶୁଣି ମୁଁ ଆନନ୍ଦିତ ହେବା ସହ ବହୁତ କିଛି ଶିଖିଥିଲି। ବିଶ୍ୱ ରେଡକ୍ରସ ଦିବସ ଅବସରରେ ସମସ୍ତ ସ୍ୱେଚ୍ଛାସେବୀ ବନ୍ଧୁମାନଙ୍କୁ ଶୁଭେଚ୍ଛା ଜଣାଉଛି ।

# ଯାହାବି କରିବା - ହୃଦୟର ସହିତ କରିବା



ଦିଲ୍ଲୀପ ଦାଶଶର୍ମା
ଆଜୀବନ ସଦସ୍ୟ
ଭାରତୀୟ ରେଡକ୍ରସ୍ ସୋସାଇଟି
ମୋ-୮୯୮୪୦୦୭୬୦୦

ପ୍ରତ୍ୟେକ ମନୁଷ୍ୟ କିଛି ନା କିଛି କାମ କରନ୍ତି । ଆଗରୁ ପ୍ରତ୍ୟେକ କାମକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇଥିଲା । ଗୋଟିଏ ହେଲା ଅନ୍ତରଆତ୍ମା କିମ୍ବା ହୃଦୟର ନିର୍ଦ୍ଦେଶ ମାନି କାମ କରିବା ଓ ଅନ୍ୟଟି ହେଲା ବାଧ୍ୟ ବାଧକତାରେ କାମ କରିବା । ଏବେ କିନ୍ତୁ ଏହି କାମକୁ ତିନି ଭାଗରେ ବିଭକ୍ତ କରାଯାଇଛି । ତୃତୀୟ ଭାଗଟି ହେଲା ସାମାଜିକ ଗଣମାଧ୍ୟମ ପାଇଁ କାମ କରିବା । ଯେଉଁମାନେ ଚାକିରି କରିଛନ୍ତି କିମ୍ବା କାହାର ଅଧୀନରେ କାମ କରୁଛନ୍ତି ସେମାନେ ଉପର ଅଧିକାରୀ କିମ୍ବା ମାଲିକର ଇଚ୍ଛାରେ ବାଧ୍ୟ ହୋଇ କାମ କରନ୍ତି । ଆଉ କିଛି ସାମାଜିକ ଚଳଣୀ ଅଛି ଯେଉଁଥିରେ ଇଚ୍ଛା ନଥିଲେ ମଧ୍ୟ ଆପଣଙ୍କୁ ବାଧ୍ୟ ହୋଇ କାମ କରିବାକୁ ପଡିବ ଯେମିତିକି ସାବିତ୍ରୀ ବ୍ରତ ପୂର୍ବଦିନ ଭାଇର ଇଚ୍ଛା ଥାଉ ବା ନଥାଉ ଭଉଣୀ ଘରକୁ ଭାର ନିଶ୍ଚୟ ଦେବାକୁ ପଡିବ । ଅନ୍ତରଆତ୍ମା କିମ୍ବା ହୃଦୟର ନିର୍ଦ୍ଦେଶ ମାନି କାମ କରିବା ହେଉଛି ପ୍ରକୃତ କାମ ଯେଉଁଥିରେ ମନୁଷ୍ୟ ଖୁସିରେ କାମ କରେ ଓ ନିଷ୍ଠାର ସହିତ କାମ କରେ । ଏହି କାମ ଭିତରେ ସମାଜସେବା ଓ ସ୍ୱେଚ୍ଛାକୃତ ସେବା ଆଦି ଅନ୍ତର୍ଭୁକ୍ତ । ଯେମିତିକି ଜଣେ ରକ୍ତଦାତା ନିଷ୍ଠାର ସହିତ ରକ୍ତଦାନ କରେ କିମ୍ବା ଜଣେ ରେଡକ୍ରସ୍ ସ୍ୱେଚ୍ଛାସେବୀ ନିଷ୍ଠାର ସହିତ ଅନ୍ୟର ସେବା କରେ ଓ ଏଥିରୁ ସେ ଆନନ୍ଦ ଅନୁଭବ କରେ । ତୃତୀୟ କାମଟି ହେଉଛି କେବଳ ସାମାଜିକ ଗଣମାଧ୍ୟମ ପାଇଁ କାମ କରିବା । ଯେମିତିକି ଗୋଟିଏ କାମ ପ୍ରତି ମୋର ଆଗ୍ରହ ନାହିଁ କିମ୍ବା ମୁଁ ସେ କାମ କରିବା ପାଇଁ ବାଧ୍ୟ ନୁହେଁ, ତଥାପି ସେ କାମ ମୁଁ କରୁଛି କାହିଁକି ନା ଏହାର ଫଟୋ ମୁଁ ଫେସ୍-ବୁକ୍, ଟୁଇଟର୍ କିମ୍ବା ଇନଷ୍ଟାଗ୍ରାମ ଆଦିରେ ଛାଡିବି ।



ବିଶ୍ୱର ବୃହତ୍ତମ ମାନବୀୟ ସଙ୍ଗଠନ ରେଡକ୍ରସ୍‌ର ପ୍ରତିଷ୍ଠାତା ତଥା ନୋବେଲ ଶାନ୍ତି ପୁରସ୍କାର ବିଜେତା ଜନ୍ ହେନେରୀ ଡୁନାଣ୍ଟଙ୍କ ଜନ୍ମ ଦିବସ ମଇ ମାସ ୦୮ ତାରିଖକୁ ସମଗ୍ର ବିଶ୍ୱରେ 'ବିଶ୍ୱ ରେଡକ୍ରସ୍ ଦିବସ' ଭାବେ ପାଳନ କରାଯାଉଛି । ହେନେରୀ ଡୁନାଣ୍ଟ ୧୮୨୮ ମସିହା ଆଜିର ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ପ୍ରତିବର୍ଷ ବିଶ୍ୱ ରେଡକ୍ରସ୍ ଦିବସରେ ଏକ ବାର୍ତ୍ତା ଦିଆଯାଇଥାଏ । ଚଳିତ ବର୍ଷର ବାର୍ତ୍ତା ହେଉଛି 'ଆମେ ଯାହାବି କିଛି କାମ କରୁ- ସବୁ ହୃଦୟରୁ କରୁ' । ଚଳିତ ବର୍ଷର ବାର୍ତ୍ତାର ଗୁରୁତ୍ୱ ବହୁ ଅଧିକ । ସମସ୍ତ ବ୍ୟକ୍ତି ଯିଏ ଯେଉଁ ଠାରେ କାମ କରନ୍ତୁ ନା କାହିଁକି ସମସ୍ତେ ଯଦି ସବୁ କାମ ନିଜ ହୃଦୟର ସହିତ କରନ୍ତେ ତେବେ ସବୁ କାମ ସଫଳ ହୁଅନ୍ତା, ବିଫଳତା ଏକ ଶବ୍ଦ କେବଳ ଶବ୍ଦକୋଷରେ ଥାଆନ୍ତା । ଚଳିତ ବର୍ଷ ବିଶ୍ୱ ରେଡକ୍ରସ୍ ଦିବସର ବାର୍ତ୍ତା ଯାହା ମନେ ହେଉଛି ସ୍ୱେଚ୍ଛାସେବୀମାନଙ୍କ କାମକୁ ଅନୁଧ୍ୟାନ କରି କରାଯାଇଛି । ସ୍ୱେଚ୍ଛାସେବୀମାନେ ତ ସବୁବେଳେ ସବୁ କାମ ହୃଦୟର ସହିତ କରନ୍ତି । କାରଣ ସ୍ୱେଚ୍ଛାସେବୀମାନଙ୍କୁ କାମ କରିବା ପାଇଁ କେହି ବାଧ୍ୟ କରନ୍ତି ନାହିଁ କି ସେମାନେ ମଧ୍ୟ କାମ ବଦଳରେ ପଇସା କିମ୍ବା ଅନ୍ୟାନ୍ୟ କିଛି ପାଇବା ପାଇଁ ଆଶା କରି କାମ କରନ୍ତି ନାହିଁ । ରେଡକ୍ରସ୍‌ରେ ଲକ୍ଷ ଲକ୍ଷ ସଦସ୍ୟ/ସଦସ୍ୟା ଅଛନ୍ତି କିନ୍ତୁ ଯେଉଁମାନେ ଆସି ସ୍ୱେଚ୍ଛାକୃତ ଭାବେ କାମ କରନ୍ତି ସେମାନଙ୍କ ଆତ୍ମା ସେମାନଙ୍କୁ ନିର୍ଦ୍ଦେଶ ଦିଏ ସେବା ଓ ସାହାଯ୍ୟ କରିବା ପାଇଁ, ତେଣୁ ସେମାନେ ଆସନ୍ତି । ଚଳିତ ବର୍ଷର ବାର୍ତ୍ତା ଏଇଥି ପାଇଁ ବହୁ ଅଧିକ ଗୁରୁତ୍ୱ, କାରଣ କେବଳ ସମାଜସେବା କ୍ଷେତ୍ରରେ ଏହା ବ୍ୟବହାର ନକରି ସମସ୍ତ କାମ ପାଇଁ ଏହା ବ୍ୟବହାର କରି ପାରିଲେ ସମାଜ ଓ ସାମାଜିକ ଅନୁଷ୍ଠାନମାନଙ୍କ ସହିତ ରାଜ୍ୟ ଓ ଦେଶର ବହୁ ଉନ୍ନତି ଘଟିବ । ଉଦାହରଣ ସ୍ୱରୂପ ଜଣେ ଯୁବକ କିମ୍ବା ଯୁବତୀ ଯେତେବେଳେ କୌଣସି ଚାକିରି ପାଇଁ ସାକ୍ଷାତକାର ଦେଉଛନ୍ତି, ପ୍ରଥମେ ଯୁବକ/ଯୁବତୀଙ୍କର କେଉଁ କାମ ପ୍ରତି ଆଗ୍ରହ କିମ୍ବା କାମ କରିବାର ସଉକ ଅଛି ତାହା ବୁଝିବା ଆବଶ୍ୟକ ଓ ସେହିଭଳି ନିଯୁକ୍ତି ଦେବା ଆବଶ୍ୟକ ।

ଯାହାବି କରିବା - ହୃଦୟର ସହିତ କରିବା । ସମସ୍ତେ ସମସ୍ତ କାମ ହୃଦୟର ସହିତ କରିବା ବିଷୟରେ ଆଲୋଚନା କଲେ, ଠିକ୍ ଅଛି । କିନ୍ତୁ ବେଳେ ବେଳେ ଦୁଃଖ ଲାଗେ ଯେତେବେଳେ ସ୍ୱେଚ୍ଛାସେବକ ବୋଲାଉଥିବା ବ୍ୟକ୍ତି କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନର ଦାୟିତ୍ୱରେ ଥିବା ଅଧିକାରୀମାନେ ହୃଦୟର ସହିତ କାମ କରନ୍ତି ନାହିଁ । ସେହି ସମୟରେ ଆମକୁ ଲାଗେ ସତେ ଯେମିତି ଏମାନେ ମୁଖା ପିନ୍ଧିଛନ୍ତି । ଉଦାହରଣ ସ୍ୱରୂପ ଭାରତୀୟ ରେଡକ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ । ଏହାର ସଭାପତି ହେଉଛନ୍ତି ଓଡିଶାର ମହାମହିମ ରାଜ୍ୟପାଳ । ସଭାପତିଙ୍କ ଦ୍ୱାରା ଏହାର ସମ୍ପାଦକ ନିଯୁକ୍ତି ପାଆନ୍ତି । ୨୦୦୭ ମସିହାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାର ରାଜ୍ୟପାଳ ତଥା ରାଜ୍ୟ ରେଡକ୍ରସ୍‌ର ସଭାପତି ଭାବେ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ, ଏସ. ସି. ଜମିର, ସତ୍ୟ ପାଳ ମଲିକ ଥିଲେ ଓ ଗଣେଶି ଲାଲ୍ ଅଛନ୍ତି । ସତ୍ୟ ପାଳ ମଲିକ ମାତ୍ର ଦୁଇ ମାସ ପାଇଁ ଅତିରିକ୍ତ ଦାୟିତ୍ୱରେ ଥିଲେ ଓ ଗଣେଶି ଲାଲ୍‌ଙ୍କର ଚଳିତ ମାସରେ କାର୍ଯ୍ୟକାଳ ସମାପ୍ତ ହେବ । ଅନୁଷ୍ଠାନର ସଦସ୍ୟ ସଦସ୍ୟାମାନଙ୍କର ବାର୍ଷିକ ସାଧାରଣ ସଭା ବର୍ଷକୁ ଥରେ ହେବା ପାଇଁ ବିଧି ଥିଲେ ମଧ୍ୟ ତା ୧୨.୦୧.୨୦୧୦ ରିଖ ଦିନ ଶେଷଥର ପାଇଁ ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହା ପର ଠାରୁ ୧୨ବର୍ଷ ହେଲା ସଭାପତି ସଦସ୍ୟ ସଦସ୍ୟାମାନଙ୍କ ସହିତ ବୈଠକ କରି ନାହାଁନ୍ତି । ଏପରିକି ଏସ. ସି. ଜମିର, ସତ୍ୟ ପାଳ ମଲିକ ଓ ଗଣେଶି ଲାଲ୍ ତାଙ୍କ ସମୟରେ ଥରେ ହେଲେ ସଦସ୍ୟ ସଦସ୍ୟାମାନଙ୍କର ବୈଠକ କରି ନାହାଁନ୍ତି । ସେହିଭଳି ବର୍ଷକୁ ତିନିଥର ଅନୁଷ୍ଠିତ ହେବାକୁ ବିଧି ଥିବା କାର୍ଯ୍ୟନିର୍ବାହୀ କମିଟି ବୈଠକ ସେହି ୨୦୧୦ ମସିହା ଜାନୁଆରୀ ମାସରୁ ଅନୁଷ୍ଠିତ ହୋଇ ନାହିଁ । ଅବଶ୍ୟ ୨୦୧୯ ମସିହା ଫେବୃୟାରୀ ମାସରେ ଥରେ ଏକ କାର୍ଯ୍ୟନିର୍ବାହୀ ବୈଠକ ଅନୁଷ୍ଠିତ ହୋଇଥିଲା । ମାତ୍ର ଏହା କେବଳ କେଉଁ ନିୟମ ଲାଗୁ ହେବ ଏହି ଗୋଟିଏ କାର୍ଯ୍ୟସୂଚୀ ପାଇଁ ଅନୁଷ୍ଠିତ ହୋଇଥିଲା । ଏହି ବୈଠକ ନହେବା ଫଳରେ ରାଜ୍ୟ ରେଡକ୍ରସ୍‌ର ବଜେଟ ଓ ଆର୍ଥୀକ ବିବରଣୀ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୃହୀତ ନହୋଇ କାମ ଚାଲିଛି । ଆଜୀବନ ସଦସ୍ୟ ସଦସ୍ୟାମାନଙ୍କର ମାସିକ ବୈଠକ ବହୁ ବର୍ଷ ହେଲା ଅନୁଷ୍ଠିତ ହେଉଥିଲା । ଏହାକୁ ମଝିରେ ବନ୍ଦ କରି ଦିଆଗଲା । ଅବଶ୍ୟ ଏବେ ନୂତନ ସଚିବ ଆସିବା ପରେ ଏହି ମାସିକ ବୈଠକ ସ୍ଥାନରେ ତିନି ମାସିଆ ବୈଠକ କରାଇଛନ୍ତି । ଏ ସମସ୍ତ କାମକୁ ଯଦି ଆମେ ଅନୁଧ୍ୟାନ କରିବା ରେଡକ୍ରସ୍‌ର ସଭାପତି ଓ ସଚିବମାନେ ହୃଦୟର ସହିତ ବାର୍ଷିକ ସାଧାରଣ ଅଧିବେଶନ, କାର୍ଯ୍ୟନିର୍ବାହୀ କମିଟି ବୈଠକ ଓ ମାସିକ ବୈଠକ କ'ଣ କରିବା ପାଇଁ ଚାହୁଁ ନାହାଁନ୍ତି ? ଯଦି ଏହା ମିଥ୍ୟା ତେବେ ଆମେ କହି ପାରିବା କି, ଆମେ ଯାହାବି କିଛି କାମ କରୁଛୁ-ସବୁ ହୃଦୟରୁ କରୁଛୁ ବୋଲି ।

# ଏମିତି ଥିଲେ ଗୋପବନ୍ଧୁ ଚୌଧୁରୀ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ଭାରତର ମୁକ୍ତି ସଂଗ୍ରାମରେ ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମହାନ୍ ବିପ୍ଲବୀ। ସେ ୧୮୯୫ ମସିହା ମେ' ୮ତାରିଖରେ ପିତା ଗୋକୁଳାନନ୍ଦ ଚୌଧୁରୀ ଓ ମାତା ପଦ୍ମାବତୀ ଦେବୀଙ୍କ କୋଳମଣ୍ଡନ କରି କଟକ ସହରରେ ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ହେଲା ବର୍ତ୍ତମାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଖେରସ ଗ୍ରାମରେ। ପିତା ଗୋକୁଳାନନ୍ଦ ଚୌଧୁରୀ ଥିଲେ ଜଣେ ପ୍ରତିଷ୍ଠିତ ଆଇନଜୀବୀ, ବିଶିଷ୍ଟ ଜମିଦାର ଓ ଜଣେ ସୁପରିଚିତ ବ୍ୟକ୍ତି। ମାତ୍ର ଏସବୁର ମୋହ ତାଙ୍କୁ ନିଜ ଆଦର୍ଶ ଓ ନୀତିରୁ ପଥଚ୍ୟୁତ କରିପାରିନଥିଲା। ସୌଭାଗ୍ୟକୁ ସେ ଏପରି ଏକ ପରିବାରରେ ଜନ୍ମଗ୍ରହଣ କରିଥିଲେ ଯେଉଁଠି ସାରା ଦେଶଟାର ସ୍ୱପ୍ନ ଜମାଟବାନ୍ଧି ରହିଥିଲା । ଏହି ପରିବାରର ଉତ୍କଳର ମା' ରମାଦେବୀ, ବିପ୍ଲବୀ ଜନନାୟକ ନବକୃଷ୍ଣ ଚୌଧୁରୀ, ବିପ୍ଳବିଣୀ ମାଳତୀ ଚୌଧୁରୀ, ବିଶିଷ୍ଟ ସର୍ବୋଦୟ ନେତା ମନମୋହନ ଚୌଧୁରୀ ଓ ଅଗ୍ନିକନ୍ୟା ଅନ୍ନପୂର୍ଣ୍ଣା ମହାରଣାଙ୍କୁ ବା ନ ଜାଣେ କିଏ ?

ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମେଧାବୀ ଛାତ୍ର। ସେ କଟକରୁ ମାଧ୍ୟମିକ ଶିକ୍ଷା ସମାପ୍ତ କରି କଲିକତାରେ କୃତିତ୍ୱର ସହ ବି.ଏ ଓ ଏମ୍.ଏ ପାସ୍ କରିଥିଲେ। ପରେ କଲିକତାରେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି କଟକରେ ଡେପୁଟି ମାଜଷ୍ଟ୍ରେଟ୍ ରୂପେ ଅବସ୍ଥାପିତ ହୋଇଥିଲେ। ମାତ୍ର ଏହି ଚାକିରି ତାଙ୍କୁ ଭଲ ଲାଗୁନଥିଲା। ଓଡ଼ିଆମାନଙ୍କ ପ୍ରତି ଇଂରେଜମାନଙ୍କ ତାଚ୍ଛଲ୍ୟ ବ୍ୟବହାର ତାଙ୍କୁ ବ୍ୟଥିତ କରି ପକାଇଥିଲା। ୧୯୨୦ ମସିହାରେ ଯେତେବେଳେ କଟକ ଓ ଯାଜପୁର ଅଞ୍ଚଳରେ ଭୀଷଣ ନଈବଢ଼ି ହୋଇ ଯେନାପୁର ଭାସିଯାଇଥିଲା ସେତେବେଳେ ସେ ଯାଜପୁରରେ ଡେପୁଟି ମାଜିଷ୍ଟ୍ରେଟ ଥାଇ ଜେନାପୁର ଆସିଥିଲେ। ବନ୍ୟା ବିଧ୍ୱସ୍ତ ଗ୍ରାମଗୁଡ଼ିକୁ ଦେଖି ସେ କାନ୍ଦି ପକାଇଥିଲେ ଓ ସରକାରଙ୍କ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଦାବି ଜଣାଇଥିଲେ । ସରକାର ଗୋପବନ୍ଧୁଙ୍କ ଦାବିକୁ ଆଗ୍ରାହ୍ୟ କରିଦେବାରୁ ସେ ବାଧ ହୋଇ ଚାକିରି ଛାଡି ଦେଇଥିଲେ। ଏପରି ଉଦାହରଣ ସତରେ ବିରଳ। ଏପରିକି ସରକାରୀ ଚାକିରିରେ ଥାଇ ମଧ୍ୟ ସେ କଟକରେ 'ଭାରତୀ ମନ୍ଦିର' ନାମକ ଏକ ଲାଇବ୍ରେରୀ ଓ ଆଲୋଚନା ଚକ୍ର ପ୍ରତିଷ୍ଠା କରିଥିଲେ। ଯେଉଁଠିକୁ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ ଓ ଅନ୍ୟାନ୍ୟ କଲେଜ ଛାତ୍ରମାନେ ନିୟମିତ ଯାଇ ସେଠାକୁ ଆସୁଥିବା ବିଭିନ୍ନ ପତ୍ର ପତ୍ରିକା ଓ ସମ୍ବାଦପତ୍ର ପାଠକରି ଦେଶର ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ସମ୍ପର୍କରେ ଜାଣିପାରୁଥିଲେ। ୧୯୨୧ ମସିହାର କଥା, ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଡାକରା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା। ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ଜୋର ଧରିଥାଏ। ଏହି ଅସହଯୋଗ ଆନ୍ଦୋଳନକୁ ସମର୍ଥନ ଜଣାଇ ଯେଉଁ ସ୍କୁଲ କଲେଜ ଛାତ୍ରମାନେ ଅଧାରୁ ପାଠ ଛାଡିଦେଇ ସ୍ୱାଧୀନତା ସଂଗ୍ରାମୀ ହୋଇଥିଲେ ସେମାନଙ୍କୁ ତାଲିମ ଦେବା ପାଇଁ ବିଭିନ୍ନ ସ୍ଥାନରେ ଆଶ୍ରମ ଓ ଜାତୀୟ ବିଦ୍ୟାଳୟ ମାନ ପ୍ରତିଷ୍ଠା କରାଗଲା। ସେଥିମଧ୍ୟରୁ 'ଅଳକାଶ୍ରମ' ଥିଲା ଅନ୍ୟତମ। ୧୯୨୨ ମସିହା ଶ୍ରୀପଞ୍ଚମୀ ଦିନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଏହା ଶୁଭ ଉଦ୍‌ଘାଟିତ ହୋଇଥିଲା। ଜଗତସିଂହପୁର ଠାରେ ମାଛଗାଁ ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ ଓ ମୃତ ଅଳକା ନଈର ଉତ୍ତରପାର୍ଶ୍ୱରେ ଥିବା ସୋମନାଥ ହାଟକୁ ଲାଗି ପ୍ରଶସ୍ତ ଓ ବିସ୍ତୃତ ଆମ୍ବ ତୋଟାରେ ଆରମ୍ଭ ହୋଇଥିଲା ଏହି ଅନୁଷ୍ଠାନ-ସ୍ୱାଧୀନତା ସଂଗ୍ରାମର ତୀର୍ଥଭୂମି। ଏଥିପାଇଁ ଜମିଦାନ କରିଥିଲେ ଋତ୍ରା ଗ୍ରାମର ଭାଗିରଥୀ ମହାପାତ୍ର ଓ ବଂଶୀଧର ପଟ୍ଟନାୟକ। ଡେପୁଟି କଲେକ୍ଟର ଚାକିରି ଛାଡିଥିବା ଗୋପବନ୍ଧୁ ଚୌଧୁରୀ ହୋଇଥିଲେ ଅଳକାଶ୍ରମର ତତ୍ତ୍ୱାବଧାରକ।

ମହାତ୍ମା ଗାନ୍ଧୀଙ୍କର ଲବଣ ସତ୍ୟାଗ୍ରହର ଡାକରା ଓଡିଶାରେ ମଧ୍ୟ ବ୍ୟାପକ ଜନଜାଗରଣ ସୃଷ୍ଟିକରିଥିଲା। ୧୯୩୦ ମସିହା ମାର୍ଚ୍ଚ ୧୬ ତାରିଖରେ ଉତ୍କଳପ୍ରଦେଶ କମିଟିର ବାଲେଶ୍ୱର ଅଧିବେଶନରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ଇଞ୍ଚୁଡି ଗ୍ରାମକୁ ସତ୍ୟାଗ୍ରହ ପାଇଁ ମନୋନୀତ କରାଯାଇଥିଲା। ୧୯୩୦ ମସିହା ଏପ୍ରିଲ ୧୩ ତାରଖରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ୨୧ଜଣ ସତ୍ୟାଗ୍ରହୀ ପ୍ରଥମ ପର୍ଯ୍ୟାୟରେ ୭ଦିନରେ ୧୨୦ ମାଇଲ ଯାତ୍ରାକରି ସେମାନେ ଇଞ୍ଚୁଡି ଠାରେ ପହଞ୍ଚି ଲବଣ ଆଇନ ଭଙ୍ଗ କରିଥିଲେ। ଏଥିରେ ମହାନ୍ ସର୍ବୋଦୟ ନେତା ମନମୋହନ ଚୌଧୁରୀ ମାତ୍ର ୧୫ ବର୍ଷ ବୟସରେ ଏହି ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ନିଜ ପିତା ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ସହ ମଧ୍ୟ ଗିରଫ ହୋଇଥିଲେ। ଏହି ସତ୍ୟାଗ୍ରହ କ୍ରମେ ତୀବ୍ର ଆକାର ଧାରଣ କରିଥିଲା ଓ ବିଭିନ୍ନ ସ୍ଥାନରେ ମରାଯାଇଥିବା ଲୁଣ 'ଗାନ୍ଧୀ ଲୁଣ' ନାମରେ ପରିଚିତ ଥିଲା। ୧୯୩୪ ମସିହାରେ ଗୋପବନ୍ଧୁ ଚୌଧୁରୀ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ ଓ ଏଇଠି ଗଢ଼ି ଉଠିଥିଲା 'ମାନବ ସେବା - ମାଧବ ସେବା'ର ଯଜ୍ଞବେଦୀ ବହୁ ଚର୍ଚ୍ଚିତ ବରୀ ଆଶ୍ରମ। ଗ୍ରାମ ସଫେଇ, ନିଶା ନିବାରଣ, ପୌଢଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ ସେ ଅହରହ ଉଦ୍ୟମ ଜାରି ରଖିଥିଲେ। କାରଣ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଗ୍ରାମ୍ୟ ଅର୍ଥନୀତିର ବିକାଶ ନହେଲେ ସଂପୂର୍ଣ୍ଣ ସ୍ୱରାଜ ଆସିପାରିବ ନାହିଁ। ଏହି ଗଠନ ମୂଳକ କାର୍ଯ୍ୟରେ ତାଙ୍କର ଏକମାତ୍ର ପୁତ୍ର ମନମୋହନ, ପତ୍ନୀ ରମାଦେବୀ ଓ ଝିଅ ଅନ୍ନପୂର୍ଣ୍ଣା ମଧ୍ୟ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ଗୋପବନ୍ଧୁ ଚୌଧୁରୀ ପ୍ରତ୍ୟକ୍ଷ ରାଜନୀତିରେ ରହିବାକୁ ପସନ୍ଦ କରୁନଥିଲେ। ତାଙ୍କର ଏହି ସେବା କାର୍ଯ୍ୟଦ୍ୱାରା ସ୍ୱରାଜ ଚେତନା ଓ ଦେଶପ୍ରେମ ଭାବ ଉଦ୍ରେକ ହେଉଥିଲା, ସେଥିପାଇଁ ସେ ଇଂରେଜ ସରକାରଙ୍କ ରୋଷର ଶିକାର ହୋଇଥିଲେ। ସ୍ୱାଧିନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଲବ ଓ ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇ ସେ କାରାବରଣ ମଧ୍ୟ କରିଥିଲେ। ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା। ହେଲେ ଗୋପବନ୍ଧୁ ଚୌଧୁରୀ ଅନୁଭବ କଲେ ଯେ, ଏ ସ୍ୱରାଜ ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱରାଜ ନୁହେଁ। ସେଥିପାଇଁ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିଲେ। ଅର୍ଥନୈତିକ ସମତା ପ୍ରତିଷ୍ଠା ତାଙ୍କ ଜୀବନର ପରମ ମନ୍ତ୍ର ଥିଲା। ସମାଜରୁ କିପରି ଶୋଷଣ ହଟିବ, ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂରହେବ ସେଥି ନିମନ୍ତେ ସେ ନିରନ୍ତର ପ୍ରୟାସ ଜାରି ରଖିଥିଲେ। ଗରିବ, ନିଃସହାୟ ଜନତାଙ୍କ ପ୍ରତି ସେ ସର୍ବଦା ସମ୍ବେଦନଶୀଳ ଥିଲେ। ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ କେବଳ ସେଇମାନଙ୍କ କଥା ଚିନ୍ତା କରୁଥିଲେ ଓ ନିଜ ଆଦର୍ଶରୁ କେବେବି ବିଚ୍ୟୁତ ହୋଇନଥିଲେ। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ଏହିପରି ଏକ ମାନବିକ ମୂଲ୍ୟବୋଧର ପ୍ରତୀକ ମହାର୍ଘ ଜୀବନର ଅବସାନ ଘଟିଲା ୧୯୫୮ ମସିହା ଏପ୍ରିଲ ୨୯ ତାରିଖରେ। ମାତ୍ର ସେଇ କଥା ଓ ଗାଥା ଇତିହାସର ପାଣ୍ଡୁଲିପି ହୋଇ ରହିଗଲା। ସେ ପାଣ୍ଡୁଲିପିକୁ ପଢିବାର ଅଛି, ତା'ର ସାରମର୍ମକୁ ବୁଝି ତାକୁ ଉତ୍ତରପିଢି ପାଖରେ ପହଞ୍ଚାଇବାର ଅଛି। ସେ ଗୁରୁଦାୟିତ୍ୱ ଆମ ସମସ୍ତଙ୍କର।

# ଆମ ଭାଷା ଓ ସାହିତ୍ୟର ଗତି କେଉଁ ଆଡ଼କୁ ?



ଗୁରୁକଲ୍ୟାଣ ମହାପାତ୍ର
ଭୁବନେଶ୍ୱର
ଫୋନ-୯୪୩୭୦୧୨୧୨୩

There is a pleasure in poetic pains which none but poets know. ଲେଖକ ମାତ୍ରକେ ଏ କଥା କହିବେ। ମୁଁ ଜାଣେ, ଏହି ଆନନ୍ଦ ଟିକକ ଲେଖକ ବା କବିର ମଜୁରୀ। ଆଉ ଯଶ କହ, ମାନ କହ ଅର୍ଥ କହ, ପ୍ରଶଂସା କହ, ସେଗୁଡ଼ାକ ଉପୁରି ପାଉଣା। ଭାଗ୍ୟ ଘେନି ଫଳ। କହା ଭାଗ୍ୟରେ ସୁନମୁଣ୍ଡା ତ ଆଉ କାହା ଭାଗ୍ୟରେ ଖୁଦ କୁଣ୍ଡା। ଅଶାନ୍ତି ଓ ଅର୍ଥାଭାବ ଲେଖାର ବଡ଼ପ୍ରତିବନ୍ଧକ। ଲେଖା ଦ୍ୱାରା ଅର୍ଥୋପାର୍ଜନ ଲେଖକକୁ ବହୁତ ଉତ୍ସାହ ଓ ଉଦ୍ଦୀପନା ଦିଏ। ମାତ୍ର ଓଡ଼ିଶାରେ ସାହିତ୍ୟ ଲେଖି ପଇସା କମାଇବା ବା ପେଟ ପୋଷିବାର ବେଳ ତ ଏ ଯାଏଁ ଆସିନାହିଁ। ପୁଣି କେବେ ଆସିବ କି ନାହିଁ କିଏ ଜାଣେ ? (ମୁଁ କାହିଁକି ଲେଖେ, ୧୯୫୧ ମସିହା 'ଡଗର' ୧୪ବର୍ଷ ସଂଖ୍ୟା, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର) ଆମ ଭାଷା ତ ଶାସ୍ତ୍ରୀୟ ଭାଷା ହୋଇ ଯାଇଛି। ମାତ୍ର ଯେଉଁ ଭାଷା ସାହିତ୍ୟକୁ ସମୃଦ୍ଧ ଓ ସୁନ୍ଦର କରେ, ସେ ସାହିତ୍ୟର ଅର୍ଥାତ୍ ଆମ ଓଡ଼ିଆ ସାହିତ୍ୟର ଦୂରବସ୍ଥା କଥା ନକହିବା ଉଚିତ୍। ପ୍ରାୟ ୭୦ବର୍ଷ ତଳେ କାନ୍ତକବି ଲକ୍ଷ୍ମୀକାନ୍ତ ଆମ ସାହିତ୍ୟିକମାନଙ୍କ ସମ୍ପର୍କରେ ଯାହା କହିଥିଲେ ତାହା ଏବେ ମଧ୍ୟ ସତ ବୋଲି ମନେହେଉଛି। ଅବଶ୍ୟ କେହି କେହି ଲେଖକ ଲେଖାଲେଖିରୁ ଅର୍ଥ ଉପାର୍ଜନ କରିଥିଲେ ବା କରୁଛନ୍ତି। ମାତ୍ର ସେମାନଙ୍କ ମୁଖ୍ୟ ଜୀବିକା ଲେଖାଲେଖି ନୁହେଁ, ଅନ୍ୟ କିଛି। ସାହିତ୍ୟ ସେମାନଙ୍କ ପାଇଁ ସାମୟିକ ପେଶା, ପୂର୍ଣ୍ଣକାଳୀନ ପେଶା ନୁହେଁ। ବହିଲେଖି କେହି କେହି ଆୟକର ଦେଉଛନ୍ତି ବୋଲି ଗର୍ବବୋଧ କରିବାର ମଧ୍ୟ ଦେଖାଯାଇଥାଏ। ମାତ୍ର ସେମାନଙ୍କ ସାହିତ୍ୟ ପୁସ୍ତକର ପ୍ରଭାବ ଯେ ଓଡ଼ିଆ ପାଠକଙ୍କ ଉପରେ ଥାଏ, ତାହା ଗର୍ବର ସହିତ କୁହାଯାଇ ନପାରେ। ଦୁଃଖର କଥା ଯେଉଁ ସବୁ ଓଡ଼ିଆ ବହି ପୁରସ୍କାର ପାଇଥାଏ, ଅଧିକାଂଶ ଶିକ୍ଷିତ ବା ସାଧାରଣ ଓଡ଼ିଆ ପାଠକ ତାହା ପଢ଼ି ନଥାନ୍ତି। ଆମ ରାଜ୍ୟର ଜଣେ ବିଶିଷ୍ଟ ଲେଖକ, ସାମ୍ବାଦିକ ଓ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, 'ପ୍ରତିମା ପୁରସ୍କାର ଉତ୍ସବ-୨୦୨୩'ରେ କହିଛନ୍ତି, ସାହିତ୍ୟିକ ସମାଜକୁ ପଙ୍କିଳ ନକରୁ ପୁରସ୍କାର ଦୌଡ଼'। ('ସମ୍ବାଦ', ପୃଷ୍ଠା ୧୫, ୫ ମେ ' ୨୦୨୩) ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଲେଖକ। ସାମଗ୍ରିକ ଓଡ଼ିଶାର ଉନ୍ନତି ତାଙ୍କର ଲକ୍ଷ୍ୟ। ଓଡ଼ିଆ ଲେଖକମାନଙ୍କୁ ସାହିତ୍ୟ କ୍ଷେତ୍ରରେ ଉତ୍ସାହିତ କରିବାକୁ ତାଙ୍କ ଇଚ୍ଛାକ୍ରମେ ରାଜ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିବଡ଼ି ପୁରସ୍କାର ସମେତ ସାହିତ୍ୟର ବିଭିନ୍ନ ବିଭାଗର ପୁରସ୍କାର ରାଶିକୁ ବୃଦ୍ଧି କରିଛନ୍ତି। ଏପରିକି ବୟସ୍କ ଲେଖକମାନଙ୍କୁ ସମ୍ବର୍ଦ୍ଧନା ପାଇଁ ଅର୍ଥ ରାଶି ମଧ୍ୟ ଏକଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ମାତ୍ର କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ଭାଷାରେ 'କାହା ଭାଗ୍ୟରେ ସୁନାମୁଣ୍ଡା ତ କାହା ଭାଗ୍ୟରେ ଖୁଦକୁଣ୍ଡା' ଏବେ ବି ରହିଛି। ଏହାକୁ ଶୃଙ୍ଖଳିତ କରିବାକୁ ରାଜ୍ୟ ସଂସ୍କୃତି ବିଭାଗ ଓ ସାହିତ୍ୟ ଏକାଡେମୀ ଉଦ୍ୟମ ଜାରି ରଖିଥିଲେ। ମାତ୍ର ସେହି ସାହିତ୍ୟ ଏକାଡେମୀର ଜଣେ ସଦସ୍ୟ ପୁରସ୍କାର ଚୟନ ପଦ୍ଧତି ଉପରେ ଅଦାଲତକୁ ଯାଇଛନ୍ତି। ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏପରି କ୍ଷେତ୍ରରେ ତୁରନ୍ତ ନ୍ୟାୟ ପ୍ରଦାନ ନକଲେ, ଲେଖକ ଲେଖିକାମାନଙ୍କ ଭାଗ୍ୟର ପରିବର୍ତ୍ତନ ଘଟିବ ନାହିଁ ବୋଲି ସଚେତନ ଲେଖକମାନେ ଅନୁଭବ କରୁଛନ୍ତି। ରାଜ୍ୟର ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଅତିରିକ୍ତ ମୁଖ୍ୟ ଶାସନ ପାହ୍ୟାର ଅଛନ୍ତି ସତ୍ୟବ୍ରତ ସାହୁ, ବିଭାଗୀୟ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଚିବ ପ୍ରବୋଧ ଚନ୍ଦ୍ର ରାଉତ। ଅନ୍ୟାନ୍ୟ ଭଲ କର୍ମକର୍ତ୍ତା ବି ଅଛନ୍ତି ଯେଉଁମାନଙ୍କୁ ଏ ଲେଖକ ବ୍ୟକ୍ତିଗତ ଭାବେ ଜାଣେ ନାହିଁ। ତେବେ ଆଉ ଗୋଟିଏ ଦିଗପ୍ରତି ଏଠାରେ ଦୃଷ୍ଟି ଆକର୍ଷଣ କରୁଛି। ଧରାଧରି ଜରିଆରେ କୌଣସି ଲେଖକଙ୍କୁ ପୁରସ୍କାର ବା ସମ୍ବର୍ଦ୍ଧନା ଦିଆନଯାଉ। ଭଲ ଲେଖକ ଜଣେ ପୁରସ୍କାର ବା ସମ୍ବର୍ଦ୍ଧନା ପାଇଲେ ଓଡ଼ିଆ ଲେଖକ ବା ପାଠକମାନେ ଯେପରି ଖୁସି ହୁଅନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯାଉ। ଅନ୍ୟ ଗୋଟିଏ କଥାପ୍ରତି ମଧ୍ୟ ମୁଁ ଦୃଷ୍ଟି ଆକର୍ଷଣ କରୁଛି ଏଠାରେ। ମୁଖ୍ୟମନ୍ତ୍ରୀ ଯେଉଁ କଳାକାରମାନଙ୍କୁ ଭତ୍ତା ଦେଉଛନ୍ତି ମାସିକ, ତାହା ସମ୍ଭବତଃ ମାସିକ ବାରଶହ ଟଙ୍କା ବା ତଦୁର୍ଦ୍ଧ। ସେଥିରେ ସାହିତ୍ୟ ଲେଖକଙ୍କୁ ବାଦ ଦିଆଯିବାର କାରଣ ନାହିଁ। ମୋର ମନେ ଅଛି, ବିଶିଷ୍ଟ ହାସ୍ୟ ଲେଖକ ଓ 'ଡଗର' ପତ୍ରିକାର ସହଯୋଗୀ ସଂପାଦକ ଫତୁରା ନନ୍ଦ ମାସିକ ଶହେ ବା ଦୁଇଶହ ଟଙ୍କା ଦୁସ୍ଥ କଳାକାର ଭାବେ ପାଇ କଷ୍ଟେ ମଷ୍ଟେ ଚଳି ଯାଉଥିଲେ। ସେ ତ ଅବିବାହିତ ଥିଲେ। ତେଣୁ ଲେଖକମାନଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତାରୁ ବାଦ୍ ନଦେଇ ନିୟମକୁ ଏପରି କରନ୍ତୁ ଯେପରି ଜଣେ ଅଭାବରେ ଥିବା ଲେଖକ ସହଜରେ ଭତ୍ତା ବିନା ରାଜନୀତିକ ଚାପରେ ପାଇପାରିବ।



# ଆମ କଳାହାଣ୍ଡି



ସୋମବାର, ୦୮ ମଇ ୨୦୨୩
ଓଡ଼ିଶା ଭାସ୍କର, ଭୁବନେଶ୍ୱର



## ପୁଣି ଏନ୍‌ସିଟିଇ ସ୍ୱୀକୃତୀ ହାତେଇ ହୃତ ଗୌରବ ଫେରିପାଇଲା ଭବାନୀପାଟଣା ବିଇଡି କଲେଜ

### ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆନନ୍ଦର ମାହୋଲ

ଭବାନୀପାଟଣା(ଭାସ୍କର ନ୍ୟୁଜ୍): ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ପ୍ରକାଶିତ ଖବର ଓ ଉଚ୍ଚଶିକ୍ଷା ବିଭାଗ ଅନୁରୋଧ କ୍ରମେ ୨୦୨୦-୨୧ ଶିକ୍ଷାବର୍ଷ ଠାରୁ ଶିକ୍ଷାଦାନରୁ ବଞ୍ଚିତ ଥିବା କଳାହାଣ୍ଡି ବିଇଡି କଲେଜ ପୁନର୍ବାର ଏନ୍‌ସିଟିଇ ସ୍ୱୀକୃତୀ ଲାଭକରି ୨୦୨୩-୨୪ ଶିକ୍ଷାବର୍ଷ ଠାରୁ ଶିକ୍ଷାଦାନ କରିବାକୁ ଯୋଗ୍ୟ ବିବେଚିତ ହୋଇଛି। ମାନବ ସମ୍ବଳର ଅଭାବ ଦର୍ଶାଇ ଏନ୍‌ସିଟିଇ ୨୦୨୦-୨୧ ଶିକ୍ଷାବର୍ଷ ଠାରୁ କଳାହାଣ୍ଡି ବିଇଡି କଲେଜର ସ୍ୱୀକୃତୀକୁ ପ୍ରତ୍ୟାହାର କରିନେଇଥିଲେ। ଫଳରେ କଳାହାଣ୍ଡି ଓ ପଡୋଶୀ ଜିଲ୍ଲାର ଶହଶହ ବିଇଡି ପ୍ରଶିକ୍ଷଣ ନେବାକୁ ଥିବା ଆଶାୟୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇ ଯାଇଥିଲା ଓ ଅଭିଭାବକମାନେ ଆଶା ଏବଂ ଆଶଙ୍କା ଭିତରେ ଦିନ ଗଣୁଥିଲେ। ତେବେ ରାଜ୍ୟ ଉଚ୍ଚଶିକ୍ଷାବିଭାଗ ଏବଂ ଗଣମାଧ୍ୟମର ଉଦ୍ୟମ ଯୋଗୁଁ କଳାହାଣ୍ଡି ବିଇଡି କଲେଜ ପୁନର୍ବାର ଏନ୍‌ସିଟିଇର ସ୍ୱୀକୃତି ଲାଭକରି ଚଳିତ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଛାତ୍ରଛାତ୍ରୀ ଗ୍ରହଣ କରି ଶିକ୍ଷାଦାନ ଆରମ୍ଭ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛି। ଚଳିତ ବର୍ଷ ଏହି କଲେଜରେ ୧୦୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇବେ ଓ ୧୫ ଜଣ ଅଧ୍ୟାପକ ଅଧ୍ୟାପିକା ନିଯୁକ୍ତି ପାଇବେ ଓ ଆସନ୍ତା ଜୁନ୍ ମାସରେ ପ୍ରବେଶିକା ପରୀକ୍ଷା ହେବ ବୋଲି ବର୍ତ୍ତମାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶ କରିଛନ୍ତି। ଦୀର୍ଘଦିନ ପରେ କଳାହାଣ୍ଡି ବିଇଡି କଲେଜ ସାମୂହିକ ପ୍ରଚେଷ୍ଟା ଫଳରେ ତାହାର ହୃତ ଗୌରବ ଫେରାଇ ଆଣିବାରେ ସଫଳ ହୋଇଥିବାରୁ ଜିଲ୍ଲାରେ ଖୁସିର ମାହୋଲ ଦେଖିବାକୁ ମିଳିଛି।

## ପଡ଼ୋଶୀ ଜିଲ୍ଲାର ଛେଳି ଚାଷୀଙ୍କୁ ପ୍ରଶିକ୍ଷଣ ଦେଲେ ପ୍ରାଣୀଧନ ବିଭାଗ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଛେଳି ପାଳନ ପ୍ରତି ଅଧିକରୁ ଅଧିକ ଲୋକମାନଙ୍କୁ ଆକୃଷ୍ଟ କରି ପରିବାରର ଆର୍ଥିକ ମାନଦଣ୍ଡକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଭୁବନେଶ୍ୱରର ଜୀବ ବିଜ୍ଞାନ ସଂସ୍ଥାନ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ସାଲେଭଟାଠାରେ ଥିବା ମାଣିକସ୍ତୁ ଆଗ୍ରୋ ପ୍ରାଇଭେଟ ଲିମିଟେଡରେ ନବରଙ୍ଗପୁର ଜିଲ୍ଲାର ଛେଳି ଚାଷୀମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ଡ. ହେମନ୍ତ ପ୍ରଧାନ, ଜିଲ୍ଲା ତାଲିମ ସଂଯୋଜକ ଡା. କେଦାର ନାଥ ଖମାରୀ, ଜୀବ ବିଜ୍ଞାନ ସଂସ୍ଥାନ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ନିବେଦିତା ଜେନା, ମାଣିକସ୍ତୁର ଆଗ୍ରୋ ପ୍ରାଇଭେଟ୍ ଲିଃ.ର କାର୍ଯ୍ୟନିର୍ବାହୀ ଅଧିକାରୀ ଜୟନ୍ତୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ନବରଙ୍ଗପୁର ଜିଲ୍ଲାର ରାଇଘର, ଉମରକୋଟ, ଝରିଗାଁ ଓ କୋଷାଗୁମୁଡ଼ା ବ୍ଲକ୍‌ର ବହୁ ଛେଳି ଚାଷୀ ଓ ପ୍ରାଣୀମିତ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତଥିବା ଦେଖିବାକୁ ମିଳିଥିଲା। ନବୀନ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ସଞ୍ଚାରକ ଲକ୍ଷ୍ମୀ ନାରାୟଣ ବକ୍ସି, ବିଶ୍ୱବନ୍ଧୁ ପାଢ଼ୀ, ମୋନିଜ ସାହୁ, ସନାତନ ସାହୁ, ମନୋଜ ସାହୁ, ଦିଲୀପ ଗୌଡ଼ ପ୍ରମୁଖ ତାଙ୍କୁ ସହଯୋଗ କରିଥିଲେ।

## ଟିପିଗୁଡାକୁ ବ୍ଲକ୍ ମାନ୍ୟତା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଧର୍ମଗଡ଼ (ଭାସ୍କର ନ୍ୟୁଜ) କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅଧୀନ ଟିପିଗୁଡାକୁ ବ୍ଲକ ଘୋଷଣା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧର୍ମଗଡ଼ ଉପଜିଲ୍ଲାପାଳ ବେଦଭୂଷଣଙ୍କୁ ଜରିଆରେ ଏକ ଦାବିପତ୍ର ଦିଆଯାଇଛି । ଧର୍ମଗଡ଼ ବ୍ଲକ ଏକ ନମ୍ବର ଜୋନର ଜିଲ୍ଲା ପରିଷଦ ଅଞ୍ଚଳର ମଧ୍ୟମ ସ୍ଥଳ ଟିପିଗୁଡା । ଅଞ୍ଚଳରେ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଡାକ୍ତରଖାନା ଆଦି ରହିଥିଲେ ମଧ୍ୟ ଜନସାଧାରଣଙ୍କ ସାମଗ୍ରିକ ବିକାଶ ହୋଇପାରିନାହିଁ। ଲୋକେ ବିଭିନ୍ନ କାମ ପାଇଁ ନିଜ ବ୍ଲକ ଧର୍ମଗଡ଼କୁ ଆସିବାକୁ ହେଲେ ପ୍ରାୟ ୨୨ କିମି ଆସିବାକୁ ପଡିଥାଏ । ଅଞ୍ଚଳର ଲୋକେ ଜିଲ୍ଲା ସଦର ମହକମା ଭବାନୀପାଟଣାକୁ ଯିବା ଆସିବା ପାଇଁ ଅଦ୍ୟାବଧି ଗମନାଗମନର ସୁବ୍ୟବସ୍ଥା ହୋଇପାରିନାହିଁ। ଏଣୁ ଡୁମେରଗୁଡ଼ା, କନାଗାଁ, କାଙ୍କେରି, ସନ୍ଧିକୁଲିଆରୀ, ଟିପିଗୁଡା ପଞ୍ଚାୟତର ପ୍ରାୟ ୨୫ ଗୋଟି ଗ୍ରାମ ସହିତ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ଟିପିଗୁଡା ବ୍ଲକ ଗଠନ କରିବା ପାଇଁ ଦାବି କରାଯାଇଛି । ଏହି ଅବସରରେ ଚାଷୀ ନେତା ଜୀବଶଙ୍କର ନାଏକ, ସାମ୍ବାଦିକ କ୍ରିଷ୍ଣା ଦାସ ନାଏକ, ତେଜନ ଦୁର୍ଗା, ଟିପିଗୁଡା ସମିତି ସଭ୍ୟ ପ୍ରତିନିଧି ଚନ୍ଦ୍ର ବାଗ, ସମାଜସେବୀ ଶ୍ୟାମସୁନ୍ଦର ମାଝୀ, ବିଜେଡି ନେତା ଡମ୍ବରୁ ନାଏକ, ଚିଙ୍କୁ ଯାଦବ ସମେତ ଝରିଆ ସାହୁ ତେଲି ସମାଜର ଜିଲ୍ଲା ସଭାପତି ଟିକେରାମ ସାହୁ, ଟିପିଗୁଡା ଗୌନ୍ତିଆ ବନ୍ଦକୁମର ନାଏକ, ନିରାକାର ଦୁର୍ଗା ପ୍ରମୁଖ ଉପସ୍ଥିତ ରହି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ ।

## ବରିଷ୍ଠ ନାଗରିକଙ୍କ ପରଲୋକ



ଧର୍ମଗଡ (ଭାସ୍କର ନ୍ୟୁଜ୍): ଧର୍ମଗଡ ବ୍ଲକ ଜୟନ୍ତପୁର ପଞ୍ଚାୟତ ରଇନଗୁଡା ଗ୍ରାମର ବରିଷ୍ଠ ନାଗରିକ ଦେବେନ୍ଦ୍ର ନାଏକ (୮୭)ଙ୍କ ପରଲୋକ ଘଟିଛି। ସେ ଦୀର୍ଘଦିନରୁ ରୋଗ ଶଯ୍ୟା ପଡିରହିଥିଲେ। ଶନିବାର ଦିନ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ସାମାଜିକ ସଂସ୍କାରକ ଭାବେ ବେଶ ପରିଚିତ। ଗୀତା ପାଠ ପୁସ୍ତକ ସହ ଅନେକ ପୌରାଣିକ ବିଷୟରେ ତାଙ୍କର ଢେର ଅଭିଜ୍ଞତା ରହିଥିଲା। ଏପରିକି ଗର୍ଭବତୀ, ପ୍ରସୂତି, ଶିଶୁଙ୍କର ଅନେକ ଅସାଧ ରୋଗ ପାଇଁ ଜଡ଼ିବୁଟି ଔଷଧ ଦେଇ ଆରୋଗ୍ୟ କରି ବେଶ ସୁନାମ ଅର୍ଜନ କରିଥିଲେ। ବଡ଼ ପୁଅ ଚିତ୍ରସେନ ନାଏକ, ମଝିଆ ପୁଅ ଉଗ୍ରସେନ ନାଏକ, ସାନ ପୁଅ ଭୟରାମ ନାଏକ ସମେତ ବଡ ନାତି କ୍ଷୀରୋଦ, ଫାଲଗୁନ, କଂହା, କିରଣ, ତନ୍ମୟ, ଜ୍ୟୋତିର୍ମୟ ପ୍ରମୁଖ ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ବିଧାୟକ ମୌସୁଧି ବାଗ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦୁ ସିଂ ଦେଓ, କଂଗ୍ରେସ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ସିର୍ଲିଗୁଡ଼ା-ତେନ୍ତୁଲିପଡା ରାସ୍ତାରେ ପଡ଼ିଲା ମୋରମ

କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଟେମରା ପଞ୍ଚାୟତର ସିର୍ଲିଗୁଡା ସ୍କୁଲ୍ ଛକଠାରୁ ତେନ୍ତୁଳିପଡ଼ା ପର୍ଯ୍ୟନ୍ତ ରାସ୍ତା ପ୍ରଶାସନର ଅଣଦେଖା ଯୋଗୁଁ ଶୋଚନୀୟ ହୋଇଥିଲା। ଏନେଇ ଦୈନିକ ଓଡ଼ିଆ ଖବରକାଗଜ 'ଓଡ଼ିଶା ଭାସ୍କର'ରେ ଖବର ପ୍ରକାଶ ପାଇବା ପରେ ରାସ୍ତାରେ ପଞ୍ଚାୟତ ପକ୍ଷରୁ ଶୁକ୍ରବାର ମାଟି ମୋରମ ପକାଇଛନ୍ତି। ସୂଚନା ଯେ' ଟେମରା ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ମାତ୍ର ୧କିମି. ଦୂରରେ ଥିବା ତେନ୍ତୁଳିପଡାଠାରୁ ସିର୍ଲିଗୁଡା ଗାଁ ମଝି ଦେଇ ସ୍କୁଲ୍ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡିଥିଲା। ପ୍ରତିଦିନ ଯାତାୟତରେ ଲୋକେ ଅନେକ ସମସ୍ୟା ଭୋଗୁଥିବା ବେଳେ ରାସ୍ତା ନିର୍ମାଣ କରିବା ପାଇଁ ପଞ୍ଚାୟତ ସରପଞ୍ଚଠାରୁ ଆରମ୍ଭ କରି ଜିଲ୍ଲାପାଳ, ସାଂସଦ, ବିଧାୟକ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଭିଯୋଗ କରି ସାରିଥିଲେ ମଧ୍ୟ କାହାରି ଦୃଷ୍ଟି ପଡ଼ିନଥିଲା। ଏନେଇ ଉକ୍ତ ରାସ୍ତାର ଖବର ପ୍ରକାଶ ପାଇବା ପରେ ଟେମରା ସରପଞ୍ଚ କ୍ଷେତିରାମ ପାତ୍ର ତୋରିତ ପଦକ୍ଷେପ ନେଇ ମାଟି ମୋରମ ପକାଇଛନ୍ତି। ଟେଣ୍ଡାପାଲିରୁ ସିର୍ଲିଗୁଡ଼ା ପର୍ଯ୍ୟନ୍ତ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ନକ୍ସା ପ୍ରସ୍ତୁତି ହୋଇଛି ଏବଂ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଆଗକୁ ସିଘ୍ର କାମ ଆରମ୍ଭ ହେବା ନେଇ ମଧ୍ୟ କହିଛନ୍ତି।

## ବୁଦ୍ଧ ଜୟନ୍ତୀ ପାଳିତ



ଜୁନାଗଡ଼(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର କଲ୍ୟାଣ ମଣ୍ଡପ ଠାରେ ବହୁଜନ ସଂଗ୍ରାମ ସମିତି ପକ୍ଷରୁ ଭଗବାନ ଗୌତମ ବୁଦ୍ଧଙ୍କର ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସର ରେ ଭଗବାନ୍ ବୁଦ୍ଧ ଓ ବାବା ସାହେବ ବିଆର୍ ଆମ୍ବେଦକରଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ସଂଗଠନର ବରିଷ୍ଠ କର୍ମକର୍ତ୍ତା ରଞ୍ଜନ କୁମାର ଜାଲ ଭଗବାନ୍ ବୁଦ୍ଧଙ୍କ ସ୍ମୃତି ଚାରଣ କରି ସାମାଜିକ ଉତ୍ଥାନ ପାଇଁ ତାଙ୍କ ମାର୍ଗ ଦର୍ଶନ କରିଥିଲେ । ଅନ୍ୟତମ ସଦସ୍ୟ ଶରତ ଶବର ,ସତ୍ୟ ନାରାୟଣ ବସ୍ୟ, ପ୍ରେମଲାଲ ବାଗ, ଚକ୍ର ବାଗ ପ୍ରମୁଖ ପ୍ରମୁଖ ଭଗବାନ୍ ବୁଦ୍ଧଙ୍କ ବାର୍ତ୍ତା ଓ ବାଣୀ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଗଠନର ଚିତ୍ତ ରଞ୍ଜନ ନିଆଲ, ନରେନ୍ଦ୍ର କ୍ଷିତି, ଉଗ୍ରେସନ କନ୍ଦପାନ୍ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରବି ଶଙ୍କର ସୁନାନି, ସୁନ୍ଦର୍ ମୋହନ ଛତ୍ରିଆ , କୁମାର ମଣି ଦୁର୍ଗା, କଳିଆ କନ୍ଦପାନ୍, ଧରଣୀ ଭୋଇ ପ୍ରମୁଖଙ୍କ ସମେତ ସଂଗଠନର ଅନେକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



## ସେବା ଯୋଜନା ପରାମର୍ଶ କାର୍ଯ୍ୟକ୍ରମ

ନର୍ଲା (ଭାସ୍କର ନ୍ୟୁଜ୍): ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟ ନର୍ଲା ପରିସରରେ ସେବା ଯୋଜନା ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋହନ ପୁଟେଲ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ, କର୍ଲାପଡା ଉପସ୍ଥିତ ରହିଥିଲେ। ସେ ସଂକ୍ଷିପ୍ତରେ ଉକ୍ତ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। କଲେଜ ଅଧ୍ୟକ୍ଷ ନାରାୟଣ ପ୍ରସାଦ ନାଏକ, ଅଧ୍ୟାପକ ସୁଶାନ୍ତ କୁମାର ସାହୁ, ଅଧ୍ୟାପିକା ବାସନ୍ତୀ ସାହୁ ଉପସ୍ଥିତ ଥିଲେ । ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ କୁନି ନାଏକ, କ୍ଷମା ପ୍ରସାଦ ସିଂଦେଓ, ଚିତ୍ତରଞ୍ଜନ ବାରିକ ନିକିତା ସାହୁ , ତୁଷାର ଭୋଇ, ଭୀମ ଗଉଡ, ପୂଜା ରାଣୀ ପାତ୍ର ସମୂହ ସହ ମହାବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ମଧ୍ୟ ଉପସ୍ଥିତ ରହିଥିଲେ। ଶେଷରେ ଶ୍ରୀଯୁକ୍ତ ସାହୁ ଧନ୍ୟବାଦ୍ ଦେଇ କାର୍ଯ୍ୟକ୍ରମର ପରିସମାପ୍ତି କରିଥିଲେ ।

## ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଭବାନୀପାଟଣା (ଭାସ୍କର ନ୍ୟୁଜ୍): ସହରର ଚଞ୍ଚରାପଡା ସ୍ଥିତ ରାଧାକୃଷ୍ଣ ମନ୍ଦିର ପକ୍ଷରୁ ସ୍ଥାନୀୟ ମନ୍ଦିର ପଡିଆ ଠାରେ ବାବା ବ୍ରହ୍ମଚାରୀ ଶ୍ରୀ ଶ୍ରୀ ଚନ୍ଦ୍ର ଶେଖର ଚୈତନ୍ୟ ମହାରାଜଜୀଙ୍କ ପୌରହିତ୍ୟରେ ଏକ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଶ୍ରୀ ଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଅଛି। କୃଷ୍ଣଗୁରୁ ସାଂସ୍କୃତିକ ଅନୁଷ୍ଠାନର ସଭାପତି ଡ. ଚିତ୍ତରଞ୍ଜନ ମୁଣ୍ଡ ଓ ପ୍ରହରୀ କମିଟିର ସଭାପତି ଚକ୍ର ଦୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଧାର୍ମିକ ଅନୁଷ୍ଠାନରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଏହି ଉପଲକ୍ଷେ ପବିତ୍ର କଳସ ଯାତ୍ରା,ଅଧିବାସ କର୍ମ ଓ ନାମାରମ୍ଭ ସହ ଆନୁଷ୍ଠାନିକ ଭାବେ ନାମ ସମାପନ, ଦଧିହାଣ୍ଡି ଭଞ୍ଜନ, ମନୋଜ୍ଞ ନଗର ପରିକ୍ରମା ଏବଂ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ହେମନ୍ତ ଛତ୍ରିଆ, ନିର୍ମଳ ନାଏକ, କ୍ଷୀରସିନ୍ଧୁ ନାଏକ, ରମେଶ ଛତ୍ରିଆ, ରୋମାଞ୍ଚଳ ଛତ୍ରିଆ, ଗଙ୍ଗାଧର ବାଗ, ଚକ୍ର ନାଏକ, ଗୌରଚନ୍ଦ୍ର ଭୋଇ, ଯୋଗେଶ୍ୱର ନାଗ, ବୈଷ୍ଣବ ଚରଣ ଚନ୍ଦନଙ୍କ ସହ ଅନ୍ୟାନ୍ୟ ସଭ୍ୟସଭ୍ୟାମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।



## ଗୌତମ ବୁଦ୍ଧ ଓ ଭୀମଭୋଇଙ୍କ ଜୟନ୍ତୀ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବିଜୁ କଲ୍ୟାଣ ମଣ୍ଡପଠାରେ ଗୌତମ ବୁଦ୍ଧ ଓ ମହିମା ଧର୍ମର ପ୍ରବର୍ତ୍ତକ ତଥା ମହାନ୍ ସମାଜ ସଂସ୍କାରକ ସନ୍ଥ କବି ଭୀମ ଭୋଇଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସାମାଜିକ କ୍ରାନ୍ତି ସେହି ମହିମଙ୍କ ବିଚାର ଧାରାରେ ଅଛି। କେବଳ ଆମ୍ଭେମାନେ ତାଙ୍କ ବିଚାରକୁ ଅନୁସରଣ କରିବା ଆବଶ୍ୟକ ରହିଛି। ତେବେ ଯାଇ ସମାଜ ପରିବର୍ତ୍ତନ ହୋଇପାରିବ ବୋଲି ମଞ୍ଚସୀନ ଅତିଥିମାନେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୌତମ ବୁଦ୍ଧ, ଭୀମ ଭୋଇ, ଆମ୍ବେଦକର ଓ ସାବିତ୍ରୀ ବାଇ ଫୁଲେଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ ଓ ତ୍ରିସରଣମ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତା ସାବିତ୍ରୀ ବାଇ ଫୁଲେ ମହିଳା ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିୟମଗିରି ସୁରକ୍ଷା ସମିତି ସଭାପତି ତଥା ବିଶିଷ୍ଟ ଆମ୍ବେଦକରବାଦି ଲିଙ୍ଗରାଜ ଆଜାଦ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଏଓଏସ୍‌ସିଏଫ୍ ସଭାପତି ବିରଞ୍ଚି ନାରାୟଣ ଜାଲ, ଧର୍ମଗଡ଼ ସରପଞ୍ଚ ସଂଘ ସଭାପତି ହାତିରାମ ଦୁର୍ଗା, ଏସ୍ ସୁଜାତା, ଅଶୋକା ନାଏକ, ବଙ୍କିମ ସାଗର, ବିଭୀଷଣ ନାଏକ, ସାମନ୍ତ ଦୁର୍ଗା, ଦିଗାମ୍ବର ଦୂରିଆ, ସୁଷମା ସୁନା, ସମ୍ରାଟ ରାଜ, ଯୁଗେଶ୍ୱର୍ ସାଗର, ଚକ୍ରଧର ବେନୁପାଣି, ଉଦେ ପ୍ରସାଦ ଜାଲ ପ୍ରମୁଖ ଯୋଗ ଦେଇ ଗୌତମ ବୁଦ୍ଧ ଓ ଭୀମଭୋଇଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ମହିଳା ଯୋଗ ଦେଇଥିବା ବେଳେ ବୁଦ୍ଧ ଓ ଭୀମ ଭୋଇଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ମଞ୍ଚାସୀନ ଅତିଥିମାନେ ନାରୀ ସମାଜକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରେମାଲାଲ ଜଗତ ପରିଚାଳନା କରିଥିବା ବେଳେ ଭାରତ ବନ୍ଧୁ ସୁନାନି, ପ୍ରଭାକର ଜାଲ, ରମଣୀ ଦୁରୀଆ, ସୂର୍ଯ୍ୟ ନାରାୟଣ କୁମାର, ଜଗ ନାଏକ, କାମେଶ ନାଗ ଓ ଏଓଏସଏଫ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଧର୍ମଗଡ ପଞ୍ଚାୟତ ସମିତି ବୈଠକ

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା




ଧର୍ମଗଡ (ଭାସ୍କର ନ୍ୟୁଜ୍): ଧର୍ମଗଡ ପଞ୍ଚାୟତ ସମିତି ସଭାଗୃହ ଠାରେ ସମିତି ବୈଠକ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ବବିତା ପଟଯୋଷୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଧର୍ମଗଡ ବିଧାୟକ ମୌସଧି ବାଗ, ତହସିଲଦାର ହରେକୃଷ୍ଣ ବରିହା, ବିଡ଼ିଓ ଶରତ କୁମାର ସେଠୀ, ଉପାଧ୍ୟକ୍ଷା ଜୁଲି ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ଧର୍ମଗଡ ବ୍ଲକର ସମସ୍ତ ପଞ୍ଚାୟତର ସମିତି ସଭ୍ୟ, ସମସ୍ତ ସରପଞ୍ଚ, ଜିଲ୍ଲାପରିଷଦ ସଭ୍ୟଙ୍କ ସମେତ ବିଭିନ୍ନ ଲାଇନ୍ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ପାନୀୟ ଜଳ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୋଡ଼େନ ଠାରେ ଥିବା ପାନୀୟ ଜଳ ପ୍ରକଳ୍ପ ବନ୍ଦ ରହିଥିବାରୁ ଲୋକେ ପାନୀୟ ଜଳ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଟିପିଗୁଡା ପଞ୍ଚାୟତର ରଏନଗୁଡା ରେ ମଧ୍ୟ ଥିବା ପାନୀୟ ଜଳ ସମସ୍ୟା ନେଇ ଆଲୋଚନା ହୋଇଥିଲା । ସେହିପରି ଧଅରପୁର ସ୍ଥିତ ବସୁଧା ଯୋଜନା ନିର୍ମାଣ ହୋଇଥିଲେ ମଧ୍ୟ ଜଳ ଯୋଗାଣ ହେଉନଥିବା ଉପରେ ଆଲୋଚନା କରାଯାଇ ତୁରନ୍ତ ଏହା ଉପରେ ପଦକ୍ଷେପ ନେବା ପାଇଁ ବିଧାୟକ ଶ୍ରୀ ବାଗ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇ ଥିଲେ । ସେହିପରି ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ଗୃହ ସବୁର ମରାମତି ପାଇଁ ମଧ୍ୟ ଏଠାରେ ଆଲୋଚନା ହୋଇଥିଲା । ବ୍ଲକର ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ପୋଖରୀକୁ ଆଦର୍ଶ ପୋଖରୀ ଏବଂ ଗୋଟିଏ ଲେଖା ଗ୍ରାମ୍ୟହାଟର ଉନ୍ନତିକରଣ କରାଯିବ, ଏମଜିଏନ୍‌ଆରଇଜିଏ ଓ ବିଧାୟକ ପାଣ୍ଠିରୁ ଏ ସବୁ ନିର୍ମାଣ କରାଯିବ ବୋଲି ବିଧାୟକ ସୂଚନା ଦେଇଥିଲେ। ବୈଠକକୁ ଗ୍ରାମପଞ୍ଚାୟତ ଅଧିକାରୀ କେଦାର ନାଏକ ପରିଚାଳନା କରିଥିଲେ ।

## ରାଶିଫଳ

**ସୋମବାର, ୮ ମଇ ୨୦୨୩**



**ମେଷ:** ଶୁଭଖବର ପାଇ ମନ ଖୁସି ହେବ। ସହକର୍ମୀମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଓ ସୁନାମ ଅର୍ଜନ କରିବେ। ବ୍ୟବସାୟରେ ଆକସ୍ମିକ ଧନ ପ୍ରାପ୍ତି ହେବା ଫଳରେ ବଢେଇବାର ପ୍ରୟାସ କରିବେ। ରାଜନୈତିକ କ୍ଷେତ୍ରରେ ଶତ୍ରୁମାନେ ମିତ୍ରତାର ହାତ ବଢେଇବେ।



**ବୃଷ:** ଶିଳ୍ପବାଣିଜ୍ୟ ଓ ପରିବହନ ବ୍ୟବସାୟରେ ବିଭିନ୍ନ ଆଡୁ ଲାଭ ପାଇବେ। କିଛି ନୂତନ କର୍ମ ଆରମ୍ଭ କରି ନିକଟ ସମ୍ପର୍କୀୟଙ୍କଠାରୁ ପ୍ରଶଂସିତ ହେବେ। ବନ୍ଧୁବାନ୍ଧବମାନେ ଆର୍ଥିକ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରିବା ଯୋଗେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। ପ୍ରେମକ୍ଷେତ୍ରରେ ସଫଳତା ଲାଭ କରିବେ।



**ମିଥୁନ:** ସତସଙ୍ଗ ଓ ମନୋରଞ୍ଜନ, କ୍ରୀଡ଼ା କାମରୁ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ଯୋଗୁ ଧାର୍ମିକ କାର୍ଯ୍ୟରେ ମନ ବଳାଇବେ। ବିଦ୍ୟାରେ ଉନ୍ନତି କରିବେ। ସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ ସମ୍ମାନଜନକ ଘଟଣା ଘଟିବ। ଆର୍ଥିକସ୍ଥିତି ଭଲ ରହିବ କିଛି ଅସୁବିଧା ହେବ ନାହିଁ।



**କର୍କଟ:** ରାଜନୀତି କ୍ଷେତ୍ରରେ ସଫଳତା ଓ ଲୋକ ସମ୍ପର୍କ ଆତ୍ମ ସନ୍ତୋଷ ବଢ଼େଇବ। ପରିବାରରେ ଉତ୍ତମ ଯୋଜନାବଦ୍ଧ ହେବା ଫଳରେ ଆର୍ଥିକ କ୍ଷେତ୍ରରେ ଉନ୍ନତିହେବ। ଉଚ୍ଚାଧିକାରୀ, ସହକର୍ମୀ, ଭାଇ ବନ୍ଧୁ ବା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ସହଯୋଗ ମନୋବଳକୁ ବଢ଼େଇ ଦେବ। ନିଜର ବୁଦ୍ଧି, ବିବେକ ଖଟାଇ ସମସ୍ୟାର ସମାଧାନ କରିପାରିବେ।



**ସିଂହ:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇ ଆଶା ଆକାଂକ୍ଷା ଓ ମହତ୍ୱାକାଂକ୍ଷା ପୂର୍ଣ୍ଣହେବ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନପନ୍ଥା ଅନୁସରଣ କରିବେ।



**କନ୍ୟା:** ଆଶା କରୁଥିବା ଖବର ପାଇ ଖୁସୀ ହୋଇଯିବେ। ଶରୀର ସୁସ୍ଥ ରହିବ। ସାମାଜିକ ପ୍ରତିଷ୍ଠା ଓ ମାନସମ୍ମାନରେ ବୃଦ୍ଧି ହେବ। ବ୍ୟବସାୟରେ ଉନ୍ନତି ସହ ଆର୍ଥିକ ସ୍ଥିତିରେ ବୃଦ୍ଧି ହେବ। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରୁ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ଅନେକଦିନ ଧରି ଚାଲିଥିବା ଦ୍ୱନ୍ଦ୍ୱର ସମାଧାନ ହେବ।



**ତୁଳା:** ଶତ୍ରୁମାନେ ତଳମୁହାଁ ହେବେ। ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ପରିଶ୍ରମ କରି ପ୍ରଶଂସା ପାଇବେ। ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ, ଦଳ ସମର୍ଥନ ବଢିବା ସହ ମୁଖ୍ୟନେତାଙ୍କର ପ୍ରିୟପାତ୍ର ହେବେ। ମାଲିମକଦ୍ଦମାରେ ବିଜୟଲାଭ ହେବ।



**ବିଛା:** ସାମାଜିକ କଲ୍ୟାଣ ଓ ଜୀବନସ୍ତର ପରିବର୍ତ୍ତନର ଉଦ୍ୟମ କରିବେ। ସରକାରୀ କର୍ମଚାରୀମାନେ କର୍ମ କ୍ଷେତ୍ରରେ ସମ୍ମାନ ଲାଭ କରିବେ। ରାଜନୀତି ସ୍ତରରେ ନିମ୍ନବର୍ଗ କର୍ମୀଙ୍କ ପ୍ରତି ସତର୍କ ରହି ଚଉଆଖିଆହୋଇ କର୍ତ୍ତବ୍ୟ ପାଳି ଚାଲିଲେ ପରେ ହଇରାଣ ହେବେ ନାହିଁ। ମାଲି ମୋକଦ୍ଦମାରେ ମୁଣ୍ଡ ଉଚ୍ଚା ରହିବ। ଅଚାନକ ଧନପ୍ରାପ୍ତି, ଭାଇ ବନ୍ଧୁ ମିତ୍ରମାନଙ୍କର ସାହାଯ୍ୟ ସହଯୋଗ ପାଇବେ। ସଭାସମିତି, ସାହିତ୍ୟ ଓ କଳାକ୍ଷେତ୍ରରେ ସମ୍ମାନ ପାଇବେ।



**ଧନୁ:** ପରିବାରରେ ଯୋଜନା ମୁତାବକ କାମ କଲେ କୌଣସି ପ୍ରକାର ଅସୁବିଧା ହେବ ନାହିଁ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ଅଧିକ ଘନିଷ୍ଠତା ହେବ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ଉନ୍ନତି ପାଇଁ ପ୍ରୟାସ ରତ ହେବେ। କର୍ମ କ୍ଷେତ୍ରରେ ଅଧିକାରୀ କାମରେ ପ୍ରସନ୍ନ ରହିବେ। ରାଜନୀତି କ୍ଷେତ୍ରରେ ଅଧିକରୁ ଅଧିକ ଲୋକ ସମର୍ଥନ ପାଇ ସଫଳ ହେବେ। ରାସ୍ତା ଘାଟରେ ସତର୍କ ରହିବେ।



**ମକର:** ନିକଟସ୍ଥ ସ୍ଥାନମାନଙ୍କରେ ଭ୍ରମଣକରି ବେଶ୍ ଆନନ୍ଦ ଅନୁଭବ କରିବେ। ପୁରାତନ ରୋଗରୁ ମୁକ୍ତି ମିଳିବ। ବ୍ୟବସାୟୀମାନଙ୍କର କାରବାର ବୃଦ୍ଧି ହେବା ଫଳରେ ଆର୍ଥିକସ୍ଥିତି ସୁଧୁରି ଯାଇ ମନରେଥିବା କାମନା ପୂର୍ଣ୍ଣ ହେବ। ନୂଆ ଜ୍ଞାନର ବୃଦ୍ଧି ହେବ। ରାଜନୀତିରେ ଉନ୍ନତି ହେବା ସହ ଯଶ ପ୍ରତିଷ୍ଠା ମିଳିବ। ଟଙ୍କାର ଆବଶ୍ୟକତା ପୂରଣ ହେବ। ବିଦ୍ୟା କ୍ଷେତ୍ରରେ ଉନ୍ନତି ହେବା ସହ ମନ ଖୁସି ରହିବ।



**କୁମ୍ଭ:** ଶୁଭ ସମାଚାର ମିଳିପାରେ। ସାମାଜିକ ପ୍ରତିଷ୍ଠା, ମାନ ସମ୍ମାନ ବୃଦ୍ଧି ପାଇବ। ସନ୍ତାନଙ୍କ ସହଯୋଗରେ କେତେକ ସମସ୍ୟାର ସମାଧାନ ହେବ। କର୍ମରେ ଉନ୍ନତି ସହିତ ବାସସ୍ଥାନ ବା ଯାନବାହନର ନବୀକରଣ ଇତ୍ୟାଦି ନାନାବିଧ ସୁଯୋଗ ପ୍ରାପ୍ତି ହେବ। ନୂତନ କାର୍ଯ୍ୟରେ ହାତଦେଇ କୃତ କାର୍ଯ୍ୟ ହେବେ ଅଧୁରା କାର୍ଯ୍ୟ ପୂରଣ ହେବ। ନିବେଶ କରିଲେ ବହୁତ ଧନ ପ୍ରାପ୍ତ ହେବ।



**ମୀନ:** ବ୍ୟବସାୟୀମାନେ ଗ୍ରାହକ ସେବାକୁ ଗ୍ରହଣ କରି ଯଶ ମାନ ବୃଦ୍ଧି ସହିତ ଉତ୍ତମ ଆୟର ପଥ ପରିଷ୍କାର କରିବେ। ସାମ୍ବାଦିକମାନଙ୍କର ପଦମର୍ଯ୍ୟାଦା ବୃଦ୍ଧି ପାଇବ। ତଳ ମହଲରୁ ଆଶାତୀତ ଲାଭ ପାଇବେ। ଛାତ୍ରଛାତ୍ରୀମାନେ ମିତ୍ରଙ୍କ ସାହାଯ୍ୟ ଦ୍ୱାରା କାର୍ଯ୍ୟ ହାସଲ କରିବେ। ମନୋବିଜ୍ଞାନ ସମ୍ବନ୍ଧରେ ବିଶେଷ ରୁଚି ରହିବ। ରାଜନୀତି କ୍ଷେତ୍ରରେ ସଫଳ ସିଦ୍ଧହେବେ।



ଛତ୍ରିଆଙ୍କ ସ୍ତମ୍ଭ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଲୋଚାପଡ଼ା ସ୍ଥିତ ରଘୁନାଥ ମନ୍ଦିରରେ ବଡ଼ଭାଇକୁ ପନିକିରେ ହାଣିଥିବା ଅଭିଯୋଗରେ ତାଙ୍କ ସାନ ଭାଇକୁ ନିମଖଣ୍ଡି ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀର ଗୋପୀଥାନା ଅନ୍ତର୍ଗତ ମୁରୁଢା ଗ୍ରାମର ମନୋରଞ୍ଜନ ରଥ (୪୨)। ସୂଚନାଯୋଗ୍ୟ ଯେ, ମହନ୍ତ ଚିନ୍ମୟାନନ୍ଦ ଲୋଚାପଡ଼ା ସ୍ଥିତ ରଘୁନାଥ ମନ୍ଦିରରେ ରୁହନ୍ତି। ସେଠାରେ ତାଙ୍କ ସାନ ଭାଇ ମନୋରଞ୍ଜନ ମଧ୍ୟ କିଛିବର୍ଷ ହେଲା ରହୁଥିଲେ। ଶୁକ୍ରବାର ମହନ୍ତ ସଂକୀର୍ତ୍ତନ ପାଇଁ ନିକଟସ୍ଥ ଗ୍ରାମ ମସିହାଖାଲି ଯାଇଥିଲେ। ରାତ୍ର ୯ଟା ସମୟରେ ସେ ମନ୍ଦିରକୁ ଫେରିଥିଲେ। ମନ୍ଦିର ଭିତରେ ନିଶାଶକ୍ତ ଅବସ୍ଥାରେ ଥିବା ତାଙ୍କ ସାନ ଭାଇ ମନୋରଞ୍ଜନଙ୍କୁ ଦେଖି ମହନ୍ତ ତାଗିଦ କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ମନୋରଞ୍ଜନ ନିକଟରେ ଥିବା ଏକ ଲୁହା ପନିକି ଧରି ବଡ଼ ଭାଇ ମହନ୍ତଙ୍କୁ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ଏପରିକି ପନିକି ଚୋଟରେ ମହନ୍ତଙ୍କ ଡାହାଣ ହାତ ପାପୁଲିର ଏକ ଆଙ୍ଗୁଠିରେ ଗଭୀର ଆଘାତ ଲାଗିଥିଲା। ଏନେଇ ମହନ୍ତ ପୁଲିସକୁ ଖବର କରିଥିଲେ। ପୁଲିସ ଘଟଣା ସ୍ଥଳେ ପହଞ୍ଚି ମନୋରଞ୍ଜନଙ୍କୁ ଗିରଫ କରିବା ସହ ପନିକି ଜବତ କରିଥିବା ଜଣାପଡ଼ିଛି।



# ସରକାରଙ୍କ ସାବତ ପୁଅ ପାଲଟିଛି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର !




ବାଲିପାଟଣା (ଭାସ୍କର ନ୍ୟୁଜ୍) : ସାବତ ପୁଅ ପାଲଟିଛି ରାଜଧାନୀ ଉପକଣ୍ଠ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ସରକାରୀ ଘୋର ଉଦାସୀନତା ଏହାକୁ ପ୍ରମାଣ କରୁଛି । ଖବର ପ୍ରକାଶ ପାଇଲେ ମଧ୍ୟ ଫଳ ଶୂନ୍। ସୂଚନା ଅନୁସାରେ ଏଠାରେ ଏକ୍ସ-ରେ ମେସିନ ଅଛି, କିନ୍ତୁ ନାହାଁନ୍ତି ଟେକ୍ନିସିଆନ୍, ରେଡିଓଗ୍ରାଫର ନାହାନ୍ତି ଖତ ଖାଉଛି ମେସିନ୍, ଜରୁରୀକାଳିନ ପରିସ୍ଥିତିରେ ଇସିଜି ମେସିନ୍ ନାହିଁ, ଅସ୍ତ୍ରୋପଚାର ପାଇଁ ଉପକରଣ ବି ମହଜୁଦ ଅଛି କିନ୍ତୁ ନାହାଁନ୍ତି ସର୍ଜରୀ ବିଶେଷଜ୍ଞ । ଫଳରେ ଉଭୟ ଘରେ ଝୁଲୁଛି ତାଲା । ଭିତରେ ଖତ ହେବାକୁ ବସିଲାଣି ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ । ନାହାନ୍ତି ଶିଶୁ ରୋଗ ବିଶେଷଜ୍ଞ । ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଥିଲେ ମଧ୍ୟ କୌଣସି ପ୍ରକାର ପ୍ରସବ ହେଇ ପାରୁନାହିଁ ଫଳରେ ଗର୍ଭବତୀ ମହିଳାମାନେ ବାହାରକୁ ଯାଇ ବହୁ ହନ୍ତସନ୍ତ ହେଉଛନ୍ତି। କିନ୍ତୁ ସରକାରଙ୍କ ନିଦ ଭାଙ୍ଗୁନି । ସମସ୍ୟା ଭୋଗୁଛନ୍ତି ଜନସାଧାରଣ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ କୁମାର ବେହେରାଙ୍କ ମତରେ ଦୁର୍ଘଟଣା ଗ୍ରସ୍ତ ରୋଗୀମାନଙ୍କୁ ଏକ୍ସ-ରେ ଅଭାବରୁ ଆମକୁ କ୍ୟାପିଟାଲ ହସ୍ପିଟାଲକୁ ରେଫର୍ କରିବାକୁ ପଡୁଛି । କେବଳ ସେତିକି ନୁହେଁ ଅନେକ ଦିନ ଧରି ଦୁଇଜଣ ଲାବ ଟେକ୍ନିସିଆନ ଓ ପାଞ୍ଚ ଜଣ ଫିଲ୍ଡ ୱାର୍କର ଡେପୁଟେସନରେ ରାଜଧାନୀରେ କାମ କରୁଛନ୍ତି, କିନ୍ତୁ ଦରମା ନେଉଛନ୍ତି ଏହିଠାରୁ । ଫଳରେ ରୋଗୀମାନେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି । ତଥ୍ୟ ଅନୁସାରେ ବାଲିପାଟଣା ବ୍ଲକ୍‌ର ୧୭ଟି ପଞ୍ଚାୟତର ଲୋକମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ମାତ୍ର କେତେକ ଆନୁଷଙ୍ଗିକ କାରଣ ପାଇଁ ଲୋକମାନେ ଦିନକୁ ଦିନ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ବିଶ୍ୱାସ ହରାଉଛନ୍ତି। ଅନେକ ସମୟରେ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କର ଚିକିତ୍ସା କେବଳ ଏକ୍ସ-ରେ ରିପୋର୍ଟ ଅଭାବରୁ ହୋଇପାରୁନାହିଁ । ଉପସ୍ଥିତ ଡାକ୍ତରମାନେ ଯଥା ସମ୍ଭବ ରୋଗୀମାନଙ୍କୁ ଚିକିତ୍ସା କରୁଥିବାବେଳେ ଅନେକ ସମୟରେ ଅସାମାଜିକ ନିଶାଖୋର ବ୍ୟକ୍ତିମାନେ ଡାକ୍ତରମାନଙ୍କୁ ଆକ୍ରମଣ କରୁଛନ୍ତି । ଏଥିପାଇଁ ଡାକ୍ତରଖାନା ପରିସର ମଧ୍ୟରେ କର୍ମଚାରୀମାନଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ହୋଇ ପାରିନାହିଁ । ଗତ ବର୍ଷ ବ୍ଲକ୍ ପରିସରରେ ବୈଠକ ଭବନରେ ଅନୁଷ୍ଠିତ ହୋଇଥିବା ଅଧକ୍ଷ ବୈଠକରେ ଏହି ସବୁ ସମସ୍ୟା ପ୍ରସଙ୍ଗ ଉଠାଇ ସମାଧାନ ପାଇଁ ଚିକିତ୍ସା ଅଧିକାରୀ ଡା. ଶ୍ରୀକାନ୍ତ ବେହେରା ଅନୁରୋଧ କରିଥିଲେ ମଧ୍ୟ ଏଯାଏଁ କୌଣସି ସମସ୍ୟାର ସମାଧାନ ହୋଇ ପାରିନାହିଁ ବୋଲି ଡା. ଶ୍ରୀଯୁକ୍ତ ବେହେରା କ୍ଷୋଭ ପ୍ରକାଶ କରିଛନ୍ତି। ଜଣେ ଡାକ୍ତରଙ୍କ ବଦଳି ହୋଇଯାଇଥିବା ବେଳେ ଡେପୁଟେସନରେ ଆସିଥିବା ଶିଶୁ ବିଭାଗର ଡାକ୍ତର ଆସନ୍ତା ମାସରେ ଚାଲିଯିବେ । ରହିଲେ ସମୁଦାୟ ୬ ଜଣ ଡାକ୍ତର । ନିହାତି ଭାବେ ଜଣେ ସର୍ଜରୀ ବିଶେଷଜ୍ଞ ଏବଂ ଜଣେ ଶିଶୁ ରୋଗ ବିଶେଷଜ୍ଞ ପାଇଁ ସ୍ଥାନୀୟରେ ଦାବି ହେଉଥିବାବେଳେ ଏକ ପୁରାତନ ଡାକ୍ତରଖାନାରେ ଡାକ୍ତରଙ୍କ ଘୋର ଅଭାବ, ଯେତିକି ଚାପ ଡାକ୍ତରଙ୍କ ଉପରେ ପଡୁଛି ସେତିକି ହନ୍ତସନ୍ତ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ୫-ଟିରେ ସାମିଲ ହୋଇଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରଟିରେ ଆଗକୁ କାନ୍ଥ ବାଡ ରଙ୍ଗ ବୋଳା ହେବା ସହିତ ଚାକଚକ୍ୟ ହେବାକୁ ଯାଉଛି କିନ୍ତୁ ଅସଲ ଆବଶ୍ୟକତା ଠାରୁ ଅନେକ ଦୂରରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ସରକାରୀ ଉଦାସୀନତା ଜନସାଧାରଣଙ୍କୁ ଚିନ୍ତାରେ ପକାଇବା ସହିତ ଖର୍ଚ୍ଚାନ୍ତ ମଧ୍ୟ କରୁଛି। ତେବେ କେବେ ଏତେ ସବୁ ସମସ୍ୟାର ସମାଧାନ ହେବ ଦେଖିବାକୁ ବାକି ରହିଲା ।

# ଦକ୍ଷିଣ ଏରସମାରେ କେବେ ଦୂର ହେବ ପାନୀୟ ଜଳ ସମସ୍ୟା



ଏରସମା, (ଭାସ୍କର ନ୍ୟୁଜ୍) : ଏରସମା ଗଡବିଷ୍ଣୁନପୁର ପଞ୍ଚାୟତ ଅସିଆ, ସୁଆକୁଣ୍ଡ, ଘାସୁଆ, ପାତୁଆ, ଗାରିଆ ଆଦି ଗ୍ରାମରେ ପାନୀୟ ଜଳ ସମସ୍ୟା ଉଗ୍ର ରୂପ ଧାରଣା କଲାଣି। ପ୍ରାୟ ଅଢେଇ ହଜାର ଲୋକ ସ୍କୁଲ ପରିସରରେ ଥିବା ନଳକୂପ ଉପରେ ନିର୍ଭର କରୁଛନ୍ତି। ମାତ୍ର ସ୍କୁଲ ଛୁଟି ହୋଇଗଲେ ଲୋକମାନେ ପାଣି ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ଏହି ପଞ୍ଚାୟତର ଗାରିଆ ଠାରେ ବହୁ ଦିନ ପୂର୍ବେ ଏକ ପାନୀୟ ଜଳ ପ୍ରକଳ୍ପ ଥିଲା ମାତ୍ର ଜଳସ୍ତର କମିଯିବାରୁ ୧୦ ବର୍ଷ ହେବ ପ୍ରକଳ୍ପ ବନ୍ଦ ହୋଇପଡିଛି। ଅଧିକାଂଶ ନଳକୂପରେ ଲୁଣା ପାଣି ବାହାରୁଥିବାରୁ ମଧୁର ପାଣି ପାଇଁ ଗ୍ରାମବାସୀ ଡହଳବିକଳ ହେଉଛନ୍ତି। ପଞ୍ଚାୟତକୁ ଆସୁଥିବା ଟ୍ୟାଙ୍କର୍ ପାଣି ସମୁଦ୍ରକୁ ଶଙ୍ଖେ ସଦୃଶ ଗୋଟିଏ ପରିବାରକୁ ୨୦ରୁ ୩୦ଲିଟର୍ ପାଣି ଦିଆଯାଉଅଛି। ଏହି ଅଞ୍ଚଳରେ ତୁରନ୍ତ ଅଧିକ ପାନୀୟ ଜଳ ଯୋଗାଇବା ଓ ବିଦ୍ୟାଳୟରେ ଥିବା ପାଇପକୁ ସର୍ବସାଧାରଣ ବ୍ୟବହାର ପାଇଁ ପଦକ୍ଷେପ ନେବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ପଦମପୁର ପଞ୍ଚାୟତ ଶିଆଳି ବେଳାଭୂମିରେ ଏକ ମାତ୍ର ନଳକୂପ ଅଚଳ ହୋଇ ପଡିଛି। ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଶିଆଳି ବେଳାଭୂମିକୁ ସରକାର ମାନ୍ୟତା ଦେବା ପରେ ଏଠାରେ ପର୍ଯ୍ୟଟକମାନଙ୍କ ଭିଡ଼ ଜମୁଛି। ମାତ୍ର ଏଠାରେ ଯାତ୍ରୀମାନଙ୍କୁ ସାଧାରଣ ସର୍ବନିମ୍ନ ସୁବିଧା ଯୋଗାଇ ଦେବାରେ ଜଳ ଓ ପରିମଳ ବିଭାଗ ବିଫଳ ହୋଇଥିବା ଦେଖିବାକୁ ମିଳୁଛି। ଯେଉଁଥି ପାଇଁ ପର୍ଯ୍ୟଟକମାନେ ବେଳାଭୂମିକୁ ଆସିବା ପାଇଁ ଆଉ ମନବଳାଉ ନାହାନ୍ତି। ଏହି ପର୍ଯ୍ୟଟନସ୍ଥଳୀରେ ପାନୀୟ ଜଳ ସୁବିଧା ସହିତ ବେଳାଭୂମିର ସୋଚ୍ଛତା ପ୍ରତି ତୁରନ୍ତ ବ୍ଲକ ଅଧିକାରୀ ଓ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ହୃଦ୍‌ଘାତ ପୀଡିତ ବିପିନଙ୍କୁ ଆର୍ଥିକ ସହାୟତା ପ୍ରଦାନ

କୁଜଙ୍ଗ, (ଭାସ୍କର ନ୍ୟୁଜ୍) : କୁଜଙ୍ଗ ବ୍ଲକ ସାଇଲୋ ପଞ୍ଚାୟତ ଅନ୍ତର୍ଗତ ଭରାଳୋ ଗ୍ରାମର ହୃଦଘାତ ରୋଗରେ ପୀଡିତ ବିପିନ ବିହାରୀ ମହାନ୍ତିଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ। ସୂଚନା ଯୋଗ୍ୟ କି, ବିପିନ କିଛିଦିନ ତଳେ ହୃଦ୍‌ଘାତ



ରୋଗରେ ପୀଡିତ ହୋଇ ଏବେ ଶଯ୍ୟାଶାୟୀ। ସେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ପାଖରେ ଯାହା ଅର୍ଥ ଥିଲା ସେ ସବୁ ଅସ୍ତ୍ରୋପଚାରରେ ଶେଷ ହୋଇ ଯାଇଛି। ବର୍ତ୍ତମାନ ଔଷଧ କିଣିବାକୁ ଟଙ୍କାଟିଏ ବି ପାଖରେ ନାହିଁ। ଏବେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତି,ସଂଯୋଜକ ମାନସ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ ଏବଂ ରୁନିବାଳା ମଲ୍ଲିକ ପ୍ରମୁଖ ବିପିନଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

## ଅଷ୍ଟପ୍ରହରୀ ଉଦ୍‌ଯାପିତ

ଡେଲାଙ୍ଗ, (ଭାସ୍କର ନ୍ୟୁଜ୍) : ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ବେରବୋଇ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ରାଧାମୋହନ ଦେବଙ୍କ ମନ୍ଦିର ପରିସରରେ ୩ ଦିନ ବ୍ୟାପି ଅନୁଷ୍ଠିତ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଦିନ ଆଦ୍ୟବାସ ପର୍ବ ଅନୁଷ୍ଠିତ ହୋଇଥିବାବେଳେ ବ୍ରତୀମାନେ ପ୍ରଥମେ ନିକଟସ୍ଥ ବ୍ରହ୍ମେଶ୍ୱର ଦେବଙ୍କ ପୁଷ୍କରିଣୀରୁ କଳସି ଭର୍ତ୍ତି ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିବା ପରେ ଯଥାବିଧି ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। କଳସପୂଜା, ସୂର୍ଯ୍ୟ ପୂଜା, ମଙ୍ଗଳ ଆଳତୀ ଆଦି ପୂଜା ଯଥାବିଧି ନୀତିକାନ୍ତି ଅନୁଯାୟୀ ସମାପନ ହୋଇଥିଲା। ଗ୍ରାମର କିଶୋର ବାରିକ ଓ ତାଙ୍କ ଧର୍ମପତ୍ନୀ ସୁମିତ୍ରା ବାରିକ ଯଥାକ୍ରମେ କର୍ତ୍ତା ଓ କର୍ତ୍ତୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏକାଧିକ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମ ସଂକୀର୍ତ୍ତନ କରାଯାଇ ୩ ଦିନ ପରେ ଗତ ଶୁକ୍ରବାର ଦିନ କଳସ ବିସର୍ଜନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ମୁଖ୍ୟ ପୁରୋଧା ବନମାଳୀ ଦାଶଙ୍କ ତତ୍ତ୍ୱାବଧାନରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ ଯଥାବିଧି ସମାପନ ହୋଇଥିଲା।

# 'କଳାକୁ ସମ୍ମାନ ଓ କଳାକାରଙ୍କୁ ସୁଯୋଗ ଦେବାର ମଞ୍ଚ ମହାନଗର ମହୋତ୍ସବ'




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଖେଳ ପଡିଆ ଠାରେ ଚାଲିଥିବା ମହାନଗର ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗଞ୍ଜାମ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତିକୁ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଦୀର୍ଘ ୧୧ଦିନ ଧରି ଚାଲିଥିଲା ଏହି ମହୋତ୍ସବ। କମିଟିର ସଭାପତି ନାରାୟଣ ମହାଙ୍କୁଡଙ୍କ ଅଧ୍ୟକ୍ଷତା ଏବଂ ସମ୍ପାଦକ ଗୋପାଳ ପଟ୍ଟନାୟକଙ୍କ ତତ୍ତ୍ୱାବଧାନ ରେ ଆୟୋଜିତ କାର୍ଯ୍ୟକ୍ରମର ଅନ୍ତିମ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇ ୧୧ ଦିନ ଧରି ଆୟୋଜିତ ଏହି ମହୋତ୍ସବ ର ଆୟୋଜକ ଙ୍କୁ ଧନ୍ୟବାଦ ଦେବା ସହ କଳା ସଂସ୍କୃତିକୁ ବଞ୍ଚାଇ ରଖିବାକୁ ହେଲେ ଏଭଳି ମହୋତ୍ସବର ଆବଶ୍ୟକତା ଥିବା ମତ ରଖିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁରର ପୂର୍ବତନ ବିଧାୟକ ଡ଼. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ,ଓଡିଶା କାଜୁ ନିଗମ ଅଧକ୍ଷ ସୁବାସ ମହାରଣା, ବ୍ରହ୍ମପୁର ଏସପି ଶ୍ରବଣ ବିବେକ ଏମ୍, ଅନ୍ତର୍ଜାତୀୟ ଉଦଘୋଷକ ହୃଷିକେଶ ପାଣିଗ୍ରାହୀ, ଅନ୍ତର୍ଜାତୀୟ ଉଦଘୋଷିକା ସୁଦୀପତା ପାଣିଗ୍ରାହୀ, ଇଞ୍ଜିନିୟର ଉମା ଶଙ୍କର ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ଡ. ଜଗନ ମହୋନ ମହାପାତ୍ର, ପ୍ରମୋଦ ପଣ୍ଡା, ଅଶୋକ ବ୍ରହ୍ମା, ସମୀର ଆଚାର୍ଯ୍ୟ, ଦେବହରି ବେହେରା ମହାନଗର ଉପ ସଭାପତି ମିହିର ତ୍ରିପାଠୀ, ସୁଦୀପ ସାହୁ , ପ୍ରଶାନ୍ତ ଦାସ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମହାନଗର ମହୋତ୍ସବର ଅନ୍ତିମ ତଥା ଶେଷ ସନ୍ଧ୍ୟାରେ ଖଲିକୋଟ କଲେଜ ପଡ଼ିଆ ପରିସରରେ ସାନଖେମୁଣ୍ଡି ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ଶେଷ ସାଂସ୍କୃତିକ ସନ୍ଧ୍ୟାରେ ସକାଳ ଓ ନନ୍ଦିଘୋଷ ଗ୍ରୁପ ପକ୍ଷରୁ ମହୋତ୍ସବର ସାଂସ୍କୃତିକ ସଂଧ୍ୟାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଶ୍ରୀ ଶ୍ରୀ ମା ନାରାୟଣୀ ଦାସ କାଠିଆ, ଫୁଲଟାକୁ 'ସକାଳ' ସମ୍ମାନ ବିଜେତା ଭାବେ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ବ୍ରହ୍ମପୁରକୁ କଳିଙ୍ଗ ସାହିତ୍ୟ ସମାଜ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସେହିପରି ବ୍ରହ୍ମପୁର ଏସପିଙ୍କୁ ଦୈନିକ ଓଡ଼ିଆ ଖବର କାଗଜ ସକାଳ ପକ୍ଷରୁ ବେଷ୍ଟ ପୋଲିସ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ମହୋତ୍ସବର ଅନ୍ତିମ ସାଂସ୍କୃତିକ ସନ୍ଧ୍ୟାର ପ୍ରାରମ୍ଭରେ ବିଭିନ୍ନ କଳାକାରଙ୍କ ଦ୍ୱାରା ଆଧୁନିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସାଂସ୍କୃତିକ ସନ୍ଧ୍ୟାର ଶେଷ ପର୍ଯ୍ୟାୟରେ ବ୍ରହ୍ମପୁର ସହରର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ଉଦ୍‌ଘୋଷକ ଭାବେ ଶିବାନନ୍ଦ ବାରିକ ଓ କାହ୍ନୁ ରାଉତ ରହିଥିବାବେଳେ ମଞ୍ଚ ପରିଚାଳନା ଡ଼. ମିହିର ତ୍ରିପାଠୀ କରିଥିଲେ। ପରିଶେଷରେ କମିଟି ସଦସ୍ୟ ସତ୍ୟ ଚେତନ ପରିଡା ଓ ଅସିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିରାମ ପାତ୍ର, ଲିଙ୍କୁ ଡାକୁଆ, ସିମାଞ୍ଚଳ ସାହୁ, ଶଙ୍କର ରଣା, ଚିଙ୍କୁ ପ୍ରତିନିଧି, ଅନନ୍ତ ରାମ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ଏବେ ବି ବଞ୍ଚିଛି ମାନବିକତା : ଲୋକଙ୍କ ସେବାରେ ବ୍ରତୀ ଯୁବପିଢି

# ସାମାଜିକ ସଂସ୍ଥା 'ସାଇ ସେବା ସଦନ' ପକ୍ଷରୁ ନାରାୟଣ ସେବା





ଆସିକା, (ଭାସ୍କର ନ୍ୟୁଜ୍) : ବର୍ତ୍ତମାନର ସଭ୍ୟ ସମାଜରେ ଲୋକଙ୍କ ସେବା କ୍ଷେତ୍ରରେ ବିଭିନ୍ନ ସଂସ୍ଥା ଗଢି ଉଠିଛି । ସାମାଜିକ ସଚେତନତା ସାଙ୍ଗକୁ ଅନେକ କିଛି ଦାୟିତ୍ୱ ମଧ୍ୟ ବହନ କରୁଛନ୍ତି । ହେଲେ ଆସିକା ସହର ଉପକଣ୍ଠ ୧୯୯୮ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁଣ୍ଡିଚି ମୂଷା ଭଳି ଏକ ଗୁରୁ ଦାୟିତ୍ୱ ବହନ କରି 'ସାଇ ସେବା ସଦନ' ସାମଜିକ ସଂସ୍ଥା ଗଠନ କରାଯାଇଛି । ମାନବ ସେବା ନାରାୟଣ ସେବା ଉଦ୍ଦେଶ୍ୟ ମନେ କରି ସମସ୍ତ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ଦିନ ଦରିଦ୍ର ଓ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଖମ୍ବେଶ୍ୱରୀ ପାଟଣା ଠାରେ ନାରାୟଣ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ 'ସାଇ ସେବା ସଦନ' ସାମାଜିକ ସଂସ୍ଥା ସଭାପତି ଦେବକାନ୍ତ ଶର୍ମା ଓ ଉପସଭାପତି ସୁଧିରକାନ୍ତ ଦୋରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ସମ୍ପାଦକ ମନୋଜ କୁମାର ସାହୁ ଏବଂ ଯୁଗ୍ମ ସମ୍ପାଦକ ଶିଶିର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ଅବସରରେ ଆସିକା ହରିହର ହାଇସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଏ.ଯୁଧିଷ୍ଠିର ଦୋରା, ଆସିକା ଅଞ୍ଚଳର ଗୋପବନ୍ଧୁବାଦୀ ତଥା ମାନବ ସେବା ସମିତି ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥ ଏବଂ ଦୁର୍ଗା ଚରଣ ମିଶ୍ର ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମରେ ଶୋଭା ବଢାଇଥିଲେ । ଏଥିରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ୧୯୯୮ ମାଟ୍ରିକ ବ୍ୟାଚର ଅଫେରା ରାଇଜକୁ ଚାଲି ଯାଇଥିବା ସ୍ୱର୍ଗତ ପି.ଶଙ୍କର ଦୋରା, ସ୍ୱର୍ଗତ ଡି.ସୁନିଲ ପାତ୍ର(ରମ୍ପୁ), ସ୍ୱର୍ଗତ ରବି ଆଚାରୀ, ସ୍ୱର୍ଗତ ମଙ୍ଗୁଲୁ ଜେନା, ସ୍ୱର୍ଗତ ଦେବାଶିଷ ଶତପଥି, ସ୍ୱର୍ଗତ କେ.ସନ୍ତୋଷ ରାଓ, ସ୍ୱର୍ଗତ ପ୍ରମିସ କର, ସ୍ୱର୍ଗତ କ୍ଷେତ୍ରବାସି ବେହେରାଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ କରାଯାଇ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ଆସିକା ସହର ଓ ଏହାର ଆଖପାଖ ଅଞ୍ଚଳରୁ ଆସିଥିବା ଦିନ ଦରିଦ୍ର ଓ ଅସହାୟ ଲୋକଙ୍କୁ ଭୁରି ଭୋଜନ ସାଙ୍ଗକୁ ଉପହାର ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ବନ୍ଧୁ ଏକାଠି ହୋଇ ଏକ ଚିନ୍ତାଧାରାରେ ସାମିଲ ହୋଇ ଆଗକୁ କିଭଳି ବଢିବା ଆଉ ଲୋକଙ୍କ ଉଦ୍ଦେଶ୍ୟରେ ସେବା ଭଳି କାର୍ଯ୍ୟକୁ ବଜାୟ ରଖିବା ପାଇଁ ଆଶାବ୍ୟକ୍ତ କରିଥିଲେ । ଦେଶ ଓ ରାଜ୍ୟ ବାହାରେ ଏହି ସଂସ୍ଥାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ ପାଇଁ ସମସ୍ତଙ୍କୁ ମିଳିମିଶି କାର୍ଯ୍ୟ କରିବା ସହିତ ସାଇ ସେବା ସଦନ ଉତ୍ତରୋତ୍ତର କାମନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଓ ବହୁ ମାନ୍ୟଗଣ ବ୍ୟକ୍ତି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପଦ୍ମାଳୟ ପ୍ରଧାନ, ଏମ.ସାଗରିକା ରାଓ, ଦେବାଶିଷ ପଣ୍ଡା, ଅସିତ କୁମାର ଚର୍ଚ୍ଚି, ସନ୍ତୋଷ ବେହେରା, ଶମ୍ଭୁ ବେହେରା, ପ୍ରେମାନନ୍ଦ ଖଟାଇ, ସଞ୍ଜୟ ମହାରଣା, ନିହାର ରଞ୍ଜନ ପଟ୍ଟନାୟକ,ଅମରେଶ ପାତ୍ର, କାହ୍ନୁ ଚରଣ ପଣ୍ଡା, ଶିବ ଶତପଥି, ଶିତେଶ ସାହୁ, ଲକ୍ଷ୍ମଣ ବେହେରା, ବାଲକ୍ରିଷ୍ଣା ରେଡି(ଆୟା), ଦୁର୍ଗାଚରଣ ବେହେରା, ଟିକିନା ଜେନା, ସାଗର ସେଠି ସମେତ ବହୁ ବନ୍ଧୁ ଯୋଗ ଦେଇ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ଦୁଇ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ଓ ମୋବାଇଲ ଲୁଟ୍

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ୫୯ନଂ ଜାତୀୟ ରାଜପଥର ସହର ଥାନା ଅନ୍ତର୍ଗତ ରାଜାରାଣୀ ଆପାର୍ଟମେଣ୍ଟ ନିକଟରେ ଦୁଇ ଯୁବକଙ୍କୁ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି । ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଆଙ୍କୁଶପୁର ନିକଟ ରାଇଝୋଳ ଗ୍ରାମର ନିର୍ମାଲ୍ୟ ସାହୁ ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଏକ ଦୋକାନରେ କାମ କରନ୍ତି । ଗତ ୪ ତାରିଖ ରାତିରେ ଦୋକାନ ବନ୍ଦ ହେବା ପରେ ନିର୍ମାଲ୍ୟ ତାଙ୍କ ଗ୍ରାମର ଅମୁଲି ସାହୁଙ୍କୁ ଆଣିବା ପାଇଁ ବ୍ରହ୍ମପୁର ରେଳଷ୍ଟେସନ ଯାଇଥିଲେ। ଅମୁଲି ଆନ୍ଧ୍ରପ୍ରଦେଶର ଏଲୁରୁରେ ଏକ କମ୍ପାନୀରେ କାମ କରୁଥିବା ବେଳେ କୌଣସି କାମରେ ଯାଇ କରମଣ୍ଡଳ ଏକ୍ସପ୍ରେସ ଟ୍ରେନରେ ଘରକୁ ଫେରିଥିଲେ। ଅମୁଲିଙ୍କୁ ଧରି ନିର୍ମାଲ୍ୟ ନିଜ ବାଇକରେ ଗ୍ରାମକୁ ଫେରୁଥିବା ବେଳେ ଫାଷ୍ଟ ଗେଟ୍‌ରୁ ହିଞ୍ଜିଳିକାଟୁ ଯିବା ରାସ୍ତାରେ ଥିବା ରାଜାରାଣୀ ଆପାର୍ଟମେଣ୍ଟ ନିକଟରେ ୪ ଦୁର୍ବୃତ୍ତ ଉଭୟଙ୍କୁ ମାରଣାସ୍ତ୍ର ଦେଖାଇ ଅଟକାଇଥିଲେ। ନିର୍ମାଲ୍ୟ ଓ ଅମୁଲି ଭୟଭୀତ ହୋଇଯାଇଥିଲେ। ଦୁର୍ବୃତ୍ତମାନେ ନିର୍ମାଲ୍ୟଙ୍କ ପକେଟରେ ଥିବା ୧ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ସମେତ ଅମୁଲିଙ୍କ ନିକଟରୁ ୭୦୦ ଟଙ୍କା ଓ ଗୋଟିଏ ମୋବାଇଲ ଲୁଟିନେଇ ଘଟଣାସ୍ଥଳରୁ ଚାଲିଯିବାକୁ ଧମକ ଦେଇଥିଲେ। ଏନେଇ ନିର୍ମାଲ୍ୟ ସଦର ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କୁ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ ପାଟ୍ରୋଲିଂ କଡ଼ାକଡ଼ି ହେଉଛି। ରାଜାରାଣୀ ଆପାର୍ଟମେଣ୍ଟ ନିକଟରେ ଅନ୍ଧାର ସହ ନିଛାଟିଆ ରାସ୍ତା ରହିଥିବା ବେଳେ ଏପରି କି ଆଖପାଖରେ ସିସିଟିଭି ବି ଲାଗି ନାହିଁ । ତେଣୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏହି ଲୁଟ୍ କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି ।

# ରାଶିଫଳ

**ସୋମବାର, ୮ ମଇ ୨୦୨୩**



**ମେଷ:** ଶୁଭଖବର ପାଇ ମନ ଖୁସି ହେବ। ସହକର୍ମୀମାନଙ୍କର ସମର୍ଥନ ଏବଂ ଅଧସ୍ତନଙ୍କର ସହଯୋଗ ଯୋଗୁ କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ଓ ସୁନାମ ଅର୍ଜନ କରିବେ। ବ୍ୟବସାୟରେ ଆକସ୍ମିକ ଧନ ପ୍ରାପ୍ତି ହେବା ଫଳରେ ବଢେଇବାର ପ୍ରୟାସ କରିବେ। ରାଜନୈତିକ କ୍ଷେତ୍ରରେ ଶତ୍ରୁମାନେ ମିତ୍ରତାର ହାତ ବଢେଇବେ।



**ବୃଷ:** ଶିଳ୍ପବାଣିଜ୍ୟ ଓ ପରିବହନ ବ୍ୟବସାୟରେ ବିଭିନ୍ନ ଆଡୁ ଲାଭ ପାଇବେ। କିଛି ନୂତନ କର୍ମ ଆରମ୍ଭ କରି ନିକଟ ସମ୍ପର୍କୀୟଙ୍କଠାରୁ ପ୍ରଶଂସିତ ହେବେ। ବନ୍ଧୁବାନ୍ଧବମାନେ ଆର୍ଥିକ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରିବା ଯୋଗେ ଚିନ୍ତା କରିଥିବା କାମ ଗୁଡିକ ଠିକ୍ ଭାବେ ସଂପୂର୍ଣ୍ଣ ହେବ। ପ୍ରେମକ୍ଷେତ୍ରରେ ସଫଳତା ଲାଭ କରିବେ।



**ମିଥୁନ:** ସତସଙ୍ଗ ଓ ମନୋରଞ୍ଜନ, କ୍ରୀଡ଼ା କାମରୁ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ଯୋଗୁ ଧାର୍ମିକ କାର୍ଯ୍ୟରେ ମନ ବଳାଇବେ। ବିଦ୍ୟାରେ ଉନ୍ନତି କରିବେ। ସ୍ୱାସ୍ଥ୍ୟକର ପରିବେଶ ସାଙ୍ଗକୁ ସମ୍ମାନଜନକ ଘଟଣା ଘଟିବେ। ଆର୍ଥିକସ୍ଥିତି ଭଲ ରହିବ କିଛି ଅସୁବିଧା ହେବ ନାହିଁ।



**କର୍କଟ:** ରାଜନୀତି କ୍ଷେତ୍ରରେ ସଫଳତା ଓ ଲୋକ ସମ୍ପର୍କ ଆମ୍ ସନ୍ତୋଷ ବଢ଼େଇବ। ପରିବାରରେ ଉତ୍ତମ ଯୋଜନାବଦ୍ଧ ହେବା ଫଳରେ ଆର୍ଥିକ କ୍ଷେତ୍ରରେ ଉନ୍ନତିହେବ। ଉଚ୍ଚାଧିକାରୀ, ସହକର୍ମୀ, ଭାଇ ବନ୍ଧୁ ବା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ସହଯୋଗ ମନୋବଳକୁ ବଢ଼େଇ ଦେବ। ନିଜର ବୁଦ୍ଧି, ବିବେକ ଖଟାଇ ସମସ୍ୟାର ସମାଧାନ କରିପାରିବେ।



**ସିଂହ:** ସନ୍ତାନର ଭବିଷ୍ୟତ ପାଇଁ ଯୋଜନା କରି ପୁଞ୍ଜି ନିବେଶ କରିବେ। ଦାମ୍ପତ୍ୟ ସୁଖରେ ଆଶାଜନକ ଫଳପ୍ରାପ୍ତି ହେବ। ଜାଗା, ଜମି, ବାସଗୃହ ଓ ଯାନବାହାନ କ୍ରୟ କରିବାର ସୁବିଧା ପାଇବେ। କାର୍ଯ୍ୟ କ୍ଷେତ୍ରରେ ସଫଳତା ପାଇ ଆଶା ଆକାଂକ୍ଷା ଓ ମହତ୍ୱାକାଂକ୍ଷା ପୂର୍ଣ୍ଣହେବ। ବନ୍ଧୁ ମିତ୍ରଙ୍କର ସହଯୋଗ, ପ୍ରେରଣା ଓ ଆର୍ଥିକ ସହାୟତାରେ ନୂତନପନ୍ଥା ଅନୁସରଣ କରିବେ।



**କନ୍ୟା:** ଆଶା କରୁଥିବା ଖବର ପାଇ ଖୁସୀ ହୋଇଯିବେ। ଶରୀର ସୁସ୍ଥ ରହିବ। ସାମାଜିକ ପ୍ରତିଷ୍ଠା ଓ ମାନସମ୍ମାନରେ ବୃଦ୍ଧି ହେବ। ବ୍ୟବସାୟରେ ଉନ୍ନତି ସହ ଆର୍ଥିକ ସ୍ଥିତିରେ ବୃଦ୍ଧି ହେବ। ପ୍ରଶାସନ, ପ୍ରକାଶନ, ଅଧ୍ୟୟନ ଓ ଅଧ୍ୟାପନା, ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରୁ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ଅନେକଦିନ ଧରି ଚାଲିଥିବା ଦ୍ୱନ୍ଦ୍ୱର ସମାଧାନ ହେବ।



**ତୁଳା:** ଶତ୍ରୁମାନେ ତଳମୁହାଁ ହେବେ। ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ଅଧିକ ପରିଶ୍ରମ କରି ପ୍ରଶଂସା ପାଇବେ। ରାଜନୈତିକ କ୍ଷେତ୍ରରେ ଲୋକ ସମର୍ଥନ, ଦଳ ସମର୍ଥନ ବଢ଼ିବା ସହ ମୁଖ୍ୟନେତାଙ୍କର ପ୍ରିୟପାତ୍ର ହେବେ। ମାଲିମକଦ୍ଦମାରେ ବିଜୟଲାଭ ହେବ।



**ବିଛା:** ସାମାଜିକ କଲ୍ୟାଣ ଓ ଜୀବନସ୍ତର ପରିବର୍ତ୍ତନର ଉଦ୍ୟମ କରିବେ। ସରକାରୀ କର୍ମଚାରୀମାନେ କର୍ମକ୍ଷେତ୍ରରେ ସମ୍ମାନ ଲାଭ କରିବେ। ରାଜନୀତି ସ୍ତରରେ ନିମ୍ନବର୍ଗ କର୍ମୀଙ୍କ ପ୍ରତି ସତର୍କ ରହି ଚଉଆଖିଆହୋଇ କର୍ତ୍ତବ୍ୟ ପାଳି ଚାଲିଲେ ପରେ ହଇରାଣ ହେବେ ନାହିଁ। ମାଲି ମୋକଦ୍ଦମାରେ ମୁଣ୍ଡ ଉଚ୍ଚା ରହିବ। ଅଚାନକ ଧନପ୍ରାପ୍ତି, ଭାଇ ବନ୍ଧୁ ମିତ୍ରମାନଙ୍କର ସାହାଯ୍ୟ ସହଯୋଗ ପାଇବେ। ସଭାସମିତି, ସାହିତ୍ୟ ଓ କଳାକ୍ଷେତ୍ରରେ ସମ୍ମାନ ପାଇବେ।



**ଧନୁ:** ପରିବାରରେ ଯୋଜନା ମୁତାବକ କାମ କଲେ କୌଣସି ପ୍ରକାର ଅସୁବିଧା ହେବ ନାହିଁ। ଦାମ୍ପତ୍ୟ ସୁଖରେ ମଧୁରତା ଆସିବ ଓ ଅଧିକ ଘନିଷ୍ଠତା ହେବ। ପ୍ରେମିକ ପ୍ରେମିକାମାନେ ପ୍ରେମ କ୍ଷେତ୍ରରେ ଉନ୍ନତି ପାଇଁ ପ୍ରୟାସ ରତ ହେବେ। କର୍ମ କ୍ଷେତ୍ରରେ ଅଧିକାରୀ କାମରେ ପ୍ରସନ୍ନ ରହିବେ। ରାଜନୀତି କ୍ଷେତ୍ରରେ ଅଧିକରୁ ଅଧିକ ଲୋକ ସମର୍ଥନ ପାଇ ସଫଳ ହେବେ। ରାସ୍ତା ଘାଟରେ ସତର୍କ ରହିବେ।



**ମକର:** ନିକଟସ୍ଥ ସ୍ଥାନମାନଙ୍କରେ ଭ୍ରମଣକରି ବେଶ୍ ଆନନ୍ଦ ଅନୁଭବ କରିବେ। ପୁରାତନ ରୋଗରୁ ମୁକ୍ତି ମିଳିବ। ବ୍ୟବସାୟୀମାନଙ୍କର କାରବାର ବୃଦ୍ଧି ହେବା ଫଳରେ ଆର୍ଥିକସ୍ଥିତି ସୁଧୁରି ଯାଇ ମନରେଥିବା କାମନା ପୂର୍ଣ୍ଣ ହେବ। ନୂଆ ଜ୍ଞାନର ବୃଦ୍ଧି ହେବ। ରାଜନୀତିରେ ଉନ୍ନତି ହେବା ସହ ଯଶ ପ୍ରତିଷ୍ଠା ମିଳିବ। ଟଙ୍କାର ଆବଶ୍ୟକତା ପୂରଣ ହେବ। ବିଦ୍ୟା କ୍ଷେତ୍ରରେ ଉନ୍ନତି ହେବା ସହ ମନ ଖୁସି ରହିବ।



**କୁମ୍ଭ:** ଶୁଭ ସମାଚାର ମିଳିପାରେ। ସାମାଜିକ ପ୍ରତିଷ୍ଠା, ମାନ ସମ୍ମାନ ବୃଦ୍ଧି ପାଇବ। ସନ୍ତାନଙ୍କ ସହଯୋଗରେ କେତେକ ସମସ୍ୟାର ସମାଧାନ ହେବ। କର୍ମରେ ଉନ୍ନତି ସହିତ ବାସସ୍ଥାନ ବା ଯାନବାହନର ନବୀକରଣ ଇତ୍ୟାଦି ନାନାବିଧ ସୁଯୋଗ ପ୍ରାପ୍ତି ହେବ। ନୂତନ କାର୍ଯ୍ୟରେ ହାତଦେଇ କୃତ କାର୍ଯ୍ୟ ହେବେ ଅଧୁରା କାର୍ଯ୍ୟ ପୂରଣ ହେବ। ନିବେଶ କରିଲେ ବହୁତ ଧନ ପ୍ରାପ୍ତ ହେବ।



**ମୀନ:** ବ୍ୟବସାୟୀମାନେ ଗ୍ରାହକ ସେବାକୁ ଗ୍ରହଣ କରି ଯଶ ମାନ ବୃଦ୍ଧି ସହିତ ଉତ୍ତମ ଆୟର ପଥ ପରିଷ୍କାର କରିବେ। ସାମ୍ବାଦିକମାନଙ୍କର ପଦମର୍ଯ୍ୟାଦା ବୃଦ୍ଧି ପାଇବ। ତଳ ମହଲରୁ ଆଶାତୀତ ଲାଭ ପାଇବେ। ଛାତ୍ରଛାତ୍ରୀମାନେ ମିତ୍ରଙ୍କ ସାହାଯ୍ୟ ଦ୍ୱାରା କାର୍ଯ୍ୟ ହାସଲ କରିବେ। ମନୋବିଜ୍ଞାନ ସମ୍ବନ୍ଧରେ ବିଶେଷ ରୁଚି ରହିବ। ରାଜନୀତି କ୍ଷେତ୍ରରେ ସଫଳ ସିଦ୍ଧହେବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

# ରାଜ୍ୟ ଖବର



ବୋଲଗଡ, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ବଜରଙ୍ଗ ବଳହୀ ଯୁବ ସଂସଦ ପକ୍ଷରୁ ହନୁମାନ ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ତଥା ଅଖଣ୍ଡ ହନୁମାନ ଚାଳିଶା ନାମ ଯଜ୍ଞ ପଥରଚକଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ଣ୍ଣିମା ପ୍ରଥମ ଦିବସରେ ଅଙ୍କୁରାରୋପଣ , ଶୁଭ ଅଧିବାସ , ଗ୍ରାମ ନେଳିଆ ପୋଖରୀରୁ ପୂଜାପାଠ କରାଯାଇ ମୃଦଙ୍ଗ,ଗିନି, ଘଣ୍ଟ ବାଦନ ଓ ନାମ ସଂକ୍ରିତନରେ କଳସଧାରୀ ମାନେ ଗ୍ରାମ ପରିକ୍ରମା କରି ମନ୍ଦିର ଯଜ୍ଞ ପୀଠରେ କଳସ ସ୍ଥାପନ କରାଯାଇଥିଲା। ଦ୍ୱିତୀୟ ଦିବସ ଶନିବାର ରେ ସୂର୍ଯ୍ୟପୂଜା ଅଖଣ୍ଡ ହନୁମାନ ଚାଳିଶା ପାଠ,ଅଗ୍ନି ସ୍ଥାପନ ଓ ଆହୁତି କାର୍ଯ୍ୟ ଓ ତୃତୀୟ ଦିବସ ରବିବାର ୧୦୮ ଅଖଣ୍ଡ ହନୁମାନ ଚାଳିଶା ପାଠ ସମ୍ପୂର୍ଣ ପରେ ପୂର୍ଣ୍ଣାହୂତି କାର୍ଯ୍ୟ ସମାପନ ହୋଇଥିଲା। ସମସ୍ତ ପୂଜା କାର୍ଯ୍ୟକୁ ବରିଷ୍ଠ ପୁରୋହିତ ଗୋବର୍ଦ୍ଧନ ଷଡ଼ଙ୍ଗୀ, ମନ୍ଦିର ପୂଜକ ବ୍ରହ୍ମାନନ୍ଦ ପଣ୍ଡା ସମ୍ପାଦନ କରିଥିଲେ।୨ ଦିନ ଧରି ହଜାର ହଜାର ଶ୍ରଦ୍ଧାଳୁ ମାନେ ପ୍ରାସାଦ ସେବନ କରିଥିଲେ।ସନ୍ଧ୍ୟାସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ 'ଭକ୍ତ କାନ୍ଦୁଛି ବଡ଼ ଦାଣ୍ଡରେ' ଶୀର୍ଷକ ନାଟକ ପରିବେଷଣ କରାଯାଇଥିଲା। ଏହି ବାର୍ଷିକ ଉତ୍ସବରେ ବରିଷ୍ଠ ସମାଜ ସେବୀ ବ୍ରଜବନ୍ଧୁ ସୁବୁଦ୍ଧି ଯୋଗ ଦେଇ ଥିବା ବେଳେ ବିଭିନ୍ନ ଅଞ୍ଚଳର ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସୁକାନ୍ତ ଝପଟସିଂହ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିବା ବେଳେ ସଂପୁର ଗ୍ରାମବାସୀ ଓ ବଜରଙ୍ଗୀ ବଲୀ ଯୁବ ସଂସଦ ସଦସ୍ୟ ମାନେ ମିଳିତ ଭାବେ ସହଯୋଗ କରି ପରିଚାଳନା କରିଥିଲେ। ଆଜି ମନ୍ଦିର ଯଜ୍ଞ ମଣ୍ଡପ ନିର୍ମାଣ ନିମନ୍ତେ ବିଧାୟକ ପାଣ୍ଠିରୁ ୨ ଲକ୍ଷ୍ୟ ଟଙ୍କା ବିନିଯୋଗ ପାଇଁ ବି ଖଙ୍ଗୁରିଆ ଗ୍ରାମ ପଞ୍ଚାୟତର ବିଜେଡ଼ି ସଭାପତି ଚିତରଞ୍ଜନ ମିଶ୍ର ଶିଳାନ୍ୟାସ କରିଥିଲେ।

## ଅଶାନ୍ତ ମଣିପୁରରୁ ଫେରିଲେ ଓଡ଼ିଆ ଛାତ୍ରଛାତ୍ରୀ
# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମଣିପୁରରେ ସୃଷ୍ଟି ହୋଇଥିବା ହିଂସା ସାଙ୍ଘାତିକ ରୂପ ଧାରଣ କରିଛି। ସେଠାରେ ଆଦିବାସୀ ଓ ଅଣ ଆଦିବାସୀଙ୍କ ମଧ୍ୟରେ ଲାଗି ରହିଥିବା ସଂଘର୍ଷରେ ଇତି ମଧ୍ୟରେ ୫୪ ଜଣଙ୍କ ଜୀବନ ଯାଇ ସାରିଲାଣି। ଯଦିଓ ସ୍ଥିତି ଧୀରେଧୀରେ ସ୍ୱାଭାବିକ ହେବାରେ ଲାଗିଛି, ତଥାପି ସେଠାରେ ରହୁଥିବା ଓଡ଼ିଆ ଛାତ୍ରଛାତ୍ରୀ ଓଡ଼ିଶା ଫେରିବା ଆରମ୍ଭ କରିଛନ୍ତି। ଏହି କ୍ରମରେ ରବିବାର ଇମ୍ଫାଲରୁ ୧୦ ଜଣ ଓଡ଼ିଆ ଛାତ୍ରଛାତ୍ରୀ ବିମାନ ଯୋଗେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେମାନେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଓଡ଼ିଶା ମୋ ପରିବାର ପକ୍ଷରୁ ସ୍ୱାଗତ କରାଯାଇଥିଲା। ରାଜ୍ୟ ସରକାରଙ୍କ ସହଯୋଗ ଉଦ୍ୟମରେ ସେମାନଙ୍କୁ ମଣିପୁରରୁ ଉଦ୍ଧାର କରାଯାଇ ଓଡ଼ିଶା ଅଣାଯାଇଛି। ମଣିପୁରରୁ ଫେରିଥିବା ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ସମସ୍ତ ବିଷୟରେ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ ଯେ ମଣିପୁରରେ ରହିଥିବା ଅଣଆଦିବାସୀ ସମ୍ପ୍ରଦାୟ କୁହାଯାଉଥିବା ମେଇତି ସମ୍ପ୍ରଦାୟର ଜନସଂଖ୍ୟା ହେଉଛି ମୋଟ ଜନସଂଖ୍ୟାର ୫୩ ପ୍ରତିଶତ। ମାତ୍ର ସେମାନେ ରାଜ୍ୟର ୧୦ ପ୍ରତିଶତ ଅଞ୍ଚଳରେ ସୀମାବଦ୍ଧ ରହିଛନ୍ତି। ଏପରିକି ମିଆଁମାର ଓ ବାଂଲାଦେଶୀ ନାଗରିକଙ୍କ ବେଆଇନ ଅନୁପ୍ରବେଶକୁ ସେମାନେ ମଧ୍ୟ ବିରୋଧ କରୁଛନ୍ତି। ବର୍ତ୍ତମାନର ନିୟମ ଅନୁସାରେ ରାଜ୍ୟର ପାର୍ବତ୍ୟାଞ୍ଚଳରେ ବସବାସ ଲାଗି ମେଇତିମାନଙ୍କୁ ଅନୁମତି ପ୍ରଦାନ କରାଯାଇ ନାହିଁ। ତେବେ ରାଜ୍ୟର ୯୦ ପ୍ରତିଶତ ଅଞ୍ଚଳରେ ଆଦିବାସୀମାନେ ବସବାସ କରୁଥିବା ବେଳେ ମେଇତିମାନେ ୬୦ ଆସନ ବିଶିଷ୍ଟ ବିଧାନସଭାରେ ଦୁଇ ତୃତୀୟାଂଶ ଆସନ ହାସଲ କରିଛନ୍ତି।

## ନିଗମାନନ୍ଦ ଉଚ୍ଚ ବିଦ୍ୟାପୀଠ ପରିଦର୍ଶନ କଲେ ୫-ଟି ସଚିବ



ଆସିକା, (ଭାସ୍କର ନ୍ୟୁଜ୍): ଆଜି ଗଞ୍ଜାମ ଗସ୍ତ ବେଳେ ୫-ଟି ଦ୍ୱାରା ନିକଟରେ ରୂପାନ୍ତରିତ ହୋଇଥିବା ଆସିକା ବ୍ଲକ ଖଣ୍ଡଦେଉଳି ପଞ୍ଚାୟତ ନିଗମାନନ୍ଦ ଉଚ୍ଚ ବିଦ୍ୟାପୀଠ କର୍ଣ୍ଣଲି ପରିଦର୍ଶନ କରିଛନ୍ତି ୫-ଟି ସଚିବ ଭି କେ ପାଣ୍ଡିଆନ। ବିଦ୍ୟାଳୟ ଠାରେ ଆଜି ୫-ଟି ସଚିବ ଙ୍କୁ ସ୍ୱାଗତ କରିବା ପାଇଁ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସାଂସଦ ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା ସଭାପତି ଜିତେନ୍ଦ୍ର ବିଷୋୟୀ, ଖଣ୍ଡଦେଉଳି ସରପଞ୍ଚ ଆରତୀ ଦେବୀ, ସମିତି ସଭ୍ୟା ସାଆନ୍ତା ଦଳେଇ, ଅଶ୍ୱିନୀ ବିଷୋୟୀ, ପ୍ରଣବ ବିଷୋୟୀ,ପ୍ରଧାନ ଶିକ୍ଷକ ଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ୫-ଟି ସଚିବଙ୍କୁ ପୁଷ୍ପ ଗୁଚ୍ଛ ଓ ଉପଢୌକାନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୫ଟି ସଚିବ ରୂପାନ୍ତରିତ ବିଦ୍ୟାଳୟର ଗୁଣବତ୍ତା ବିଷୟରେ ଛାତ୍ର ଛାତ୍ରୀ ମାନଙ୍କୁ ବୁଝାଇବା ସହ ସେମାନଙ୍କ ସହ କିଛି ସମୟ ଅତିବାହିତ କରିଥିଲେ। ଏହାପରେ ସେ ଶେରଗଡ଼ ଅଭିମୁଖେ ଯାତ୍ରା କରିଥିଲେ।

# ଦୁର୍ନୀତିକୁ ନେଇ ବିରୋଧୀ ଚୁପ୍ କାହିଁକି ?

କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ଦୀର୍ଘ ଚାରି ବର୍ଷ ମଧ୍ୟରେ ବିଭିନ୍ନ ଦୁର୍ନୀତି କୁ ନେଇ ଚର୍ଚ୍ଚାରେ ରହି ଆସୁଥିବା ବେଳେ ବିରୋଧୀ ଦଳର ଭୂମିକା ସନ୍ଦେହ ଜନକ ସ୍ଥିତି ରେ, ସେମାନେ ଆଗାମୀ ଦିନରେ ସରକାରୀ ଦଳରୁ ପାର୍ଥି ହେବା ପାଇଁ କିମ୍ବା କୌଣସି ଭିତିରି ବୁଝାମଣା ଜିଲ୍ଲା ର ସରକାରୀ ଦଳର ହେବି ୱେଟ ନେତା ଙ୍କ ସହିତ ରହିଛିକି ?ଯାହାକୁ ନେଇ କୋରେଇ ରେ ଚର୍ଚ୍ଚା ର ବିଷୟ ପାଲଟିଛି ।ଏହି ବ୍ଲକ ୨୮୦୦ ହିତାଧିକାରୀ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇବା ପାଇଁ ଅପେକ୍ଷାରେ ଥିଲା ବେଳେ ଜଣେ ହିତାଧିକାରୀ ମୃତ୍ୟୁ ବରଣ କଲେ ଆଉ ଜଣେ ଏହି ଯୋଜନା ର ସୁଫଳ ପାଇପାରିବେ ।ଖାଦ୍ୟ ଯୋଗାଣ ଅଧିକାରୀ ଯେଉଁ ଡିଲର ପାଖରେ ଯେତିକି ପରିମାଣର କୋଟା ଅଛି ସେଥିରୁ ଗୋଟିଏ କିଲୋ ବଢ଼େଇ ପାରୁନାହାନ୍ତି ସେମାନଙ୍କ ଅଧୀନରେ ଥିବା ରେସନ କାର୍ଡ,ହିତାଧିକାରୀ ମୃତ୍ୟୁ ବରଣ କଲେ ସେମାନଙ୍କ କୋଟା କୁ ନୂତନଭାବେ କାହାକୁ ନ ଦେଇ ତାକୁ ହରିଲୁଟ କରି ଚାଲିଛନ୍ତି ।ସହ ସହ ଲୋକ ଖରାଦିନ ରେ ପାନୀୟ ଜଳ ପାଇଁ ହା ହା କର ହେଉଥିବା ସମୟରେ ବ୍ଲକ ପାନୀୟ ଜଳ ଅଧିକାରୀ ଗୋଟିଏ ପରିବାର ପାଇଁ ନଳକୂପ ସଦାକପୁର ର ଚାରଦା ଏବଂ ବଟିରାର ଷ୍ଟେସନ ବଜାର ଠାରେ ହୋଇଥିବା ଦେଖିବାକୁ ମିଳୁଛି ।ଏହି ବ୍ଲକ ଅଧୀନରେ ହେଉଥିବା କଂକ୍ରିଟ ରାସ୍ତା କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତ ରେ କରାଯାଉଅଛି ଯାହା ଧର୍ମକୁ ଆଖିଠାର ସଦୃଶ କିନ୍ତୁ ଆଶ୍ଚର୍ଯ୍ୟ ର କଥା ଅତି ନିମ୍ନ ମାନର କାମରେ ସମ୍ପୂର୍ଣ ବିଲ କରାଯାଉଅଛି ।କୋରେଇ ବ୍ଲକ ରେ ସ୍ୱାସ୍ଥ୍ୟ, ଶିକ୍ଷା ବିଶେଷ କରି ବ୍ଲକ ର ବିଭିନ୍ନ ପଦ ପଦବୀରେ ୧୦ ବର୍ଷ ଠାରୁ ଅଧିକ ବର୍ଷ ରହି ଏଠାରେ ବିଭିନ୍ନ ଦୁର୍ନୀତି ରେ ସମ୍ପୃକ୍ତ ରହି କାର୍ଯ୍ୟ କରୁଥିଲେ ମଧ ସେମାଙ୍କର ବଦଳି ହେଉନାହିଁ ।ବିଭିନ୍ନ ସମୟରେ ଗଣମାଧ୍ୟମରେ ଦୁର୍ନୀତିଖୋର କର୍ମଚାରୀଙ୍କ ବିରୁଦ୍ଧରେ ଖବର ପ୍ରକାଶ ପରେ ମଧ ଜିଲ୍ଲା ପ୍ରଶାସନ ଚୁପ କଣ ପାଇଁ ଯାହାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହେଉଛି ।ଏହି ବ୍ଲକରେ ଅଧୀନରେ ଥିବା କୃଷି ବିଭାଗରେ ହେଉଥିବା ଦୁର୍ନୀତି କହିଲେ ସରିବନି ଶୁଣିବାକୁ ମିଳୁଛି ଆତ୍ମା କମିଟି ରେ ସଭ୍ୟ ହେବାପାଇଁ ଯେଉଁ ମାନଙ୍କର ନାମ ସୁପାରିଶ କରାଯାଇଅଛି ସେମାନଙ୍କ ର ନା ଜମି ଅଛି ନା କୌଣସି ଚାଷ ଅଛି କିନ୍ତୁ ସେମାନଙ୍କ ନାମ ସୁପାରିଶ କରାଯାଇଅଛି ।ଏହି ବିଭାଗ ରେ କୃଷି ଓ କୃଷକ ମାନଙ୍କ ପାଇଁ ଆସୁଥିବା ସୁବିଧା ସବସିଡ଼ି ବିନା ହାତଗୁଞ୍ଜାରେ ମିଳି ପାରୁନାହିଁ ।ଏହି କ୍ରମରେ ଶିଶୁ ବିକାଶ ବିଭାଗ ରେ ବିଭିନ୍ନ ଗ୍ରାମାଞ୍ଚଳରେ ଅଙ୍ଗନବାଡି କେନ୍ଦ୍ର ରେ ପିଲାମାନଙ୍କ ଅନୁପସ୍ଥିତ ରେ ସମ୍ପୂର୍ଣ ଉପସ୍ଥାନ ଦେଖାଇ ହଜାର ହଜାର ଟଙ୍କା ମିଥ୍ୟା ବିଲ କରୁଥିବା ଆଲୋଚନା ହେବା ସହ ଯେଉଁ ଛତୁଆ ଖାଦ୍ୟ ଗର୍ଭବତୀ ଓ ଶିଶୁ ମାନଙ୍କୁ ବଣ୍ଟନ କରାଯାଉଛି ତାହା ଅତି ନିମ୍ନ ମାନର ପ୍ରସ୍ତୁତ କରାଯଉଥିବା ଅଭିଯୋଗ ହେଉଥିଲେ ମଧ ଉପଯୁକ୍ତ ମାନ ପରୀକ୍ଷା କରା ନଯାଇ ଅଧିକାରୀ ଅହେତୁକ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହେଉଛି ।ଏ ସମସ୍ତ ଦୁର୍ନୀତି ର ଖବର ବାରମ୍ବାର ପ୍ରକାଶ ପାଉଥିଲେ ମଧ ବିଜେପି ଓ କଂଗ୍ରେସ ଦଳ ଏହା ଦେଖି ଚୁପ ରହିବା ସାଧାରଣ ଜନତା ସହଜରେ ଗ୍ରହଣ କରି ପାରୁନାହାନ୍ତି ।ରାଜନୀତି ର ଏନ୍ତୁଡ଼ି ଶାଳ କୋରେଇ ହୋଇଥିବା ବେଳେ ଉଭୟ ବିରୋଧୀ ଦଳ କେବଳ ନିଜର ଉପସ୍ଥିତ ବିବାହ, ବ୍ରତଘର, ଧାର୍ମିକ ଅନୁଷ୍ଠାନ, ଏକୋଇଶା ଆଦି ଭୋଜି ପର୍ବ ରେ ଦେଖିବାକୁ ମିଳୁଛି ।ଘନ ଘନ ଫୋଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରକୃତ ବିରୋଧୀ ଦଳ ର କାର୍ଯ୍ୟ ରୁ ନିବୃତ ରହୁଛନ୍ତି ।ଏଥିରୁ ଅନୁମାନ ଉଭୟ ବିରୋଧୀ ଶାସକ ଦଳ ସହିତ ଏକ ଅଘୋଷିତ ବୁଝାବଣା ହୋଇଛି।

## ୫ ହାଇୱେ ଲୁଟେରା ଗିରଫ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବିଳମ୍ବିତ ରାତିରେ ଜାତୀୟ ରାଜପଥରେ ଯାତ୍ରୀଙ୍କଠାରୁ ଲୁଟ କରୁଥିବା ଅଭିଯୋଗରେ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଲୁଟେରା ଗ୍ୟାଙ୍ଗର ମୁଖ୍ୟ ସହଦେବଖୁଣ୍ଟା ଥାନା ବଡ଼ ନୂଆପୁର ଅଞ୍ଚଳର ଧର୍ମେନ୍ଦ୍ର ପରିଡ଼ା ଓରଫ ଟୁଙ୍ଗୁରୁ, ଦୁଇ ସହଯୋଗୀ ସଦର ଥାନା ଆଳଦିଆ ଅଞ୍ଚଳର ରିପୁନ ଜେନା ଓରଫ ଜାଫରୋଲ ଓ ଟାଉନ ଥାନା ଗୋପାଳ ଗାଁ ଅଞ୍ଚଳର ଗଜେନ୍ଦ୍ର ଦାସ ଓରଫ କହ୍ନେଇ। ସେମାନଙ୍କୁ ସହଯୋଗ କରୁଥିବା ସଦର ଥାନା ଓଳନ୍ଦାସାରଗାଁ ଅଞ୍ଚଳର ସୂର୍ଯ୍ୟକାନ୍ତ ଦାସ ଓରଫ ବାପୁନୁ ଓ ସହଦେବଖୁଣ୍ଟା ଥାନା ବଡ଼ନୂଆ ପୁର ଅଞ୍ଚଳର ଆକାଶ ଲେଙ୍କା ଓରଫ ପୁନିଆଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୬ଟି ମୋବାଇଲ, ଗୋଟିଏ ଟାବଲେଟ, ଚୋରି ହୋଇଥିବା ଗୋଟିଏ ଟାଟା ଏସି ଗାଡ଼ି, ତା ଭିତରେ ଥିବା ସମସ୍ତ ସାମଗ୍ରୀ, ଗୋଟିଏ ନୂଆ ବୁଲେଟ ଗାଡ଼ି ଜବତ କରାଯାଇଛି। ଦିନରେ ରଙ୍ଗମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଅଭିଯୁକ୍ତମାନେ ରାତିରେ ରାଜପଥରେ ଲୁଟ କରୁଥିବା ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନିରେ ସୂଚନା ଦେଇଛନ୍ତି ଏସପି ସାଗରିକା ନାଥ। ଗତ ୨୯ ତାରିଖରେ ଖନ୍ତାପଡ଼ା ଥାନା ଅନ୍ତର୍ଗତ ଖୁସୀ ଢାବା ନିକଟରେ ମୋଟର ସାଇକେଲ ଛିନତାଇ ଟଙ୍କା ଲୁଟ ଘଟଣା ପରେ ଏସପି ହାଇୱେ ଲୁଟେରାଙ୍କ ଉପରେ ତୀକ୍ଷଣ ନଜର ରଖିବାକୁ ସମ୍ପୃକ୍ତ ଥାନାଗୁଡ଼ିକୁ ସଜାଗ କରି ଦେଇଥିଲେ। ଫଳରେ ୮ ଦିନ ଭିତରେ ଏହି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିବାକୁ ପୁଲିସ ସକ୍ଷମ ହୋଇଥିଲା। ଡକାୟତମାନେ ହାଇୱେର ଅନ୍ଧାରିଆ ସ୍ଥାନରେ ଲୁଟ ଅପରେସନ କରୁଥିଲେ। ଛୁରି ଓ ଭୁଜାଲି ଦେଖାଇ ଲୋକଙ୍କୁ ଭୟଭୀତ କରି ସେମାନଙ୍କଠାରୁ ଟଙ୍କା ଓ ଦୁଇଚକିଆ ଯାନ ଛଡ଼ାଇ ନେଉଥିଲେ ବୋଲି ଏସପି କହିଛନ୍ତି।ଗିରଫ ଅଭିଯୁକ୍ତଙ୍କ ନାମରେ ଥାନାରେ ଏକାଧିକ ମାଲା ରହିଛି ବୋଲି ଏସପି ଶ୍ରୀମତୀ ନାଥ କହିଛନ୍ତି। ଅଭିଯୁକ୍ତଠାରୁ ଜବତ ହୋଇଥିବା ଗାଡ଼ିଗୁଡ଼ିକୁ ଛିନତାଇର ଶିକାର ବ୍ୟକ୍ତିଙ୍କୁ ହସ୍ତାନ୍ତର କରାଯାଇଛି। ଏସପି ଚାବି ଓ କାଗଜପତ୍ର ଦେଇଥିଲେ। ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେହେରା ଓ ସଦର ଥାନାଧିକାରୀ ଜୟନ୍ତ ବେହେରା ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମାଙ୍କଡ଼ିଆ ଜନଜାତି ପିଉଛନ୍ତି ଝରଣା ପାଣି




ଝରାଡ଼ିହି/ରାଇରଙ୍ଗପୁର, (ଭାସ୍କର ନ୍ୟୁଜ୍): ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଉପଖଣ୍ଡ ଠାରୁ ମାତ୍ର ଚାଳିଶ କିଲୋମିଟର ଦୂରରେ ଥିବା ବହଳଦା ବ୍ଲକର ଯଶିପୁର ପଞ୍ଚାୟତର ଦିବାକଚା ଗ୍ରାମରେ ରହୁଥିବା ପ୍ରାୟ ପଚିଶ ପରିବାର ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ପାନୀୟ ଜଳ, ଗମନାଗମନ, ସ୍ୱାସ୍ଥ୍ୟ, ବିଜୁଳି ଏବଂ ଶିକ୍ଷା ଭଳି ମୌଳିକ ସୁବିଧାରୁ ଗ୍ରାମବାସୀମାନେ ବଞ୍ଚିତ ହେଉଛନ୍ତି। ନଳକୂପର ବ୍ୟବସ୍ଥା ନଥିବାରୁ ଗ୍ରାମବାସୀ ମାନେ ଝରଣା ପାଣି ଉପରେ ନିର୍ଭରଶୀଳ। ବିଶୁଦ୍ଧ ଜଳ ନ ପାଇବାରୁ ବହୁ ସମୟରେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ଲୋକମାନେ ସେମାନଙ୍କର ଜୀବିକା ପାଇଁ ମଧ୍ୟ ସଂଘର୍ଷରତ। ଏଭଳି ଦୁର୍ଦ୍ଦିନ ସମୟରେ, ଭାରତୀୟ ରେଡକ୍ରସ ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଓ ଜୁନିୟର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ରେଡ୍‌କ୍ରସ ପହଞ୍ଚି ସହଯୋଗର ହାତ ବଢ଼ାଇଛି। ଗ୍ରାମବାସୀଙ୍କ ଜୀବନ ଓ ଜୀବିକାରେ କିପରି ଉନ୍ନତି ଆଣି ସେମାନଙ୍କ ଜୀବନକୁ ନୂତନ ଆଲୋକରେ ଆଲୋକିତ କରିହେବ ତାହା ଉପରେ ରେଡ୍‌କ୍ରସ ଟିମ ଆସେସମେଣ୍ଟ କରିଥିଲେ। ଶିକ୍ଷାର ଅଭାବରୁ ସ୍ୱାସ୍ଥ୍ୟର ଯତ୍ନ ନେବାରେ ସେମାନେ ମଧ୍ୟ ଅସମର୍ଥ। ସଠିକ ସ୍ୱାସ୍ଥ୍ୟ ନିମନ୍ତେ ,ଜଳ ପରିମଳ ଓ ପରିଚ୍ଛନତାର ଭୂମିକା ଉପରେ ଜୁନିୟର ରେଡ୍‌କ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ ଗ୍ରାମବାସୀମାନଙ୍କୁ ସଚେତନ କରାଇଥିଲେ। ଜଙ୍ଗଲ ମଧ୍ୟରେ ରହୁଥିବା ଏହି ପରିବାର ଲୋକମାନଙ୍କୁ ସାପକାମୁଡ଼ା, ବିଜୁଳି ଉପରେ ପ୍ରାଥମିକ ସହାୟତା ଦ୍ୱାରା କିପରି ମୂଲ୍ୟବାନ ଜୀବନ ବଞ୍ଚେଇ ହେବ ତାହା ଉପରେ ଫାଷ୍ଟ ଏଡ଼ ଲେକଚର ଲୀଲାପୂର୍ଣ୍ୟତୀର୍ଥ ସ୍ୱାଇଁ ଆଲୋକପାତ କରିବା ସହ ଗୁଣି ଗାରେଡି ଭଳି ଅନ୍ଧବିଶ୍ୱାସଠୁ ଦୁରେଇ ରହିବାକୁ ପରାମର୍ଶ ଦେଇଥିଲେ। ମୟୁରଭଞ୍ଜ ଜିଲ୍ଲାର ଜୁନିୟର ରେଡ୍‌କ୍ରସ ଅଧିକାରୀ ସ୍ମିତିରଞ୍ଜନ ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ଜିଲ୍ଲା ପରିଷଦ ଭଗବତୀ ମିଶ୍ର, ପୂର୍ବତନ ଜିଲ୍ଲା ପରିଷଦ ରୁବି ମହାକୁଡ଼,ସମାଜସେବୀ ଲାଲମୋହନ ବାରିକ,କମଳା କାନ୍ତ ମିଶ୍ର, ବିଦ୍ୟା ମହାକୁଡ଼, ଦେବଦତ୍ତ ରାଉତ, ଲକ୍ଷ୍ମୀ ମଣ୍ଡଳ, ମାନସ ବାରିକ, ଶିବ ସାହୁ ପ୍ରମୁଖ ଉପସ୍ଥିତ ଥିଲେଓ ଗ୍ରାମବାସୀ ମାନଙ୍କର ବିଭିନ୍ନ ଅଭଯୋଗକୁ ଜିଲ୍ଲା ଜରୁରିକାଳୀନ ଅଧିକାରୀ ସୁଜୟ କୁମାର ପତିଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଜେଆରସିଓ ଶ୍ରୀ ସ୍ୱାଇଁ ପ୍ରତିଶୃତି ଦେଇଥିଲେ ଓଏଥିରେ ବିଭିନ୍ନ ବିଦ୍ୟାଳୟର କାଉନସେଲର ମିତା ହାଁସଦା, ସାଗୀନ ମାଝୀ, ବିରେନ ଦଳେଇ, ପ୍ରକାଶ ଚନ୍ଦ୍ର ନାୟକ,ନଗେନ ବାରିକ, ପତିତପାବନ ନାୟକ ପ୍ରମୁଖ ସହଯୋଗ କରିଥିଲେଓଏହି କାର୍ଯ୍ୟକ୍ରମରେ ଗ୍ରାମବାସୀମାନଙ୍କୁ ପାଲ, ରୋଷେଇ ସରଞ୍ଜାମ, ମସାରୀ, ଲୁଗା, ଲୁଙ୍ଗି, ବାଲ୍ଟି, ମଗ, ହାଇଜିନ କିଟ ଭଳି ବିଭିନ୍ନ ପ୍ରକାର ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଭାରତୀୟ ରେଡ୍‌କ୍ରସ ସୋସାଇଟି ର ପରିଚାଳନା କମିଟି ମେମ୍ବର ସୁବୋଧ ସିଂ ଓଡ଼ିଶା ରେଡ୍‌କ୍ରସର ଏଭଳି ତୃଣମୂଳ ସ୍ତରୀୟ କାର୍ଯ୍ୟକୁ ବେଶ ପ୍ରଶଂସା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବୃଦ୍ଧାଙ୍କୁ ଦଳିଦେଲା...

ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଏପ୍ରିଲ ୨୭ ତାରିଖରେ ହାତୀ ଆକ୍ରମଣରେ କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ସାନ୍ତରାପୁର ମେଣ୍ଢାମୁଣ୍ଡି ସାହିରେ ହାତୀ ଏକ ଘର ଭାଙ୍ଗି ଦେବାରୁ କାନ୍ଥ ପଡ଼ି ବର୍ଷକର ଶିଶୁ କନ୍ୟାର ମୃତ୍ୟୁ ହୋଇଥିଲା। ୨୦୧୨ରୁ ୨୦୨୨ ମଧ୍ୟରେ ଅର୍ଥାତ ୧୦ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାତୀ ଆକ୍ରମଣରେ ୯୨୫ ଜଣଙ୍କର ଜୀବନ ଯାଇଥିବା ବେଳେ ବିଭିନ୍ନ କାରଣରୁ ୭୮୪ଟି ହାତୀଙ୍କର ମୃତ୍ୟୁ ଘଟିଥିଲା।

### ବଢୁଛି ବାତ୍ୟା...

କାଳବୈଶାଖୀର ପ୍ରଭାବ ହ୍ରାସ ପାଇଥିବାରୁ ତାପମାତ୍ରାରେ ବୃଦ୍ଧି ଘଟିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ୪ ଦିନ ମଧ୍ୟରେ ତାପମାତ୍ରା ସ୍ୱାଭାବିକ ଠାରୁ ୩ ରୁ ୫ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ଥିବା ମଧ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ୫ କେଜି...

ଆତଙ୍କବାଦୀଙ୍କ ଗୁଳିମାଡ଼ ଓ ଆଇଇଡି ବିସ୍ଫୋରଣରେ ୫ ଜଣ ଯବାନ ସହିଦ ହୋଇଥିଲେ। ସେବେଠାରୁ ଅପରେସନ ତ୍ରିନେତ୍ର ଚାଲୁ ରହିଛି। ଜାମ୍ମୁ ଓ କାଶ୍ମୀରର ଦୁଇଟି ଭିନ୍ନଭିନ୍ନ ସ୍ଥାନରେ ସୁରକ୍ଷା କର୍ମୀଙ୍କ ଗୁଳିରେ ଦୁଇଜଣ ଆତଙ୍କୀ ନିହତ ହୋଇଛନ୍ତି। ରଜୌରୀ ଜିଲ୍ଲାର କାଣ୍ଡି ଜଙ୍ଗଲରେ ଜଣେ ଆତଙ୍କୀ ନିହତ ହୋଇଥିବା ବେଳେ ବାରମୂଳା ଜିଲ୍ଲା କୁଞ୍ଜର ଅଞ୍ଚଳରେ ଆଉ ଜଣେ ଆତଙ୍କବାଦୀ ନିପାତ ହୋଇଛନ୍ତି। ଅପରେସନ ତ୍ରିନେତ୍ରରେ ସେନା ସହ ସିଆରପିଏଫ୍ ଏବଂ ଜାମ୍ମୁକାଶ୍ମୀରର ପୋଲିସ ସାମିଲ ହୋଇଛନ୍ତି।

### ଗଞ୍ଜାମରେ...

କରିଥିଲେ। ପିଆରଆଇ ମେମ୍ବର ଓ ଗୁରୁପଡ଼ା ଗାଁ ଲୋକଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ମଧ କରିଥିଲେ। ସେହିପରି ସେରଗଡ଼ ବ୍ଲକ୍ ପିଉଳ ପଞ୍ଚାୟତର ଉତ୍ତରେଶ୍ୱର ଶିବ ମନ୍ଦିର ଓ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ସହ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କ ସହିତ ଆଲୋଚନା କରିଛନ୍ତି। ଖୁବ୍ ଶୀଘ୍ର ମନ୍ଦିରଗୁଡ଼ିକର ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଆସନ୍ତା ଡିସେମ୍ବର ସୁଦ୍ଧା ଏହିସବୁ କାର୍ଯ୍ୟ ଶେଷ ହେବ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ସେହିପରି ଶନିବାର ରାତିରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁଠାରେ ଥିବା ଲକ୍ଷ୍ମୀନୃସିଂହଙ୍କ ତିନି ଦିନିଆ ଯାତ୍ରାର ଶେଷ ଦିନରେ ଶ୍ରୀ ପାଣ୍ଡିଆନ ଯୋଗ ଦେଇ ବେଶ୍ ଖୁସି ପ୍ରକଟ କରିଥିଲେ। ରବିବାର ଶ୍ରୀ ପାଣ୍ଡିଆନ ଉତ୍ତରେଶ୍ୱର ମନ୍ଦିର ବୁଣାକାର ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା କୁଶଳୀ କାରିଗରୀମାନଙ୍କ ଦକ୍ଷତା ବୃଦ୍ଧି, ସେମାନଙ୍କ ଜୀବନଜୀବିକାର ଉନ୍ନତି ଓ ବସ୍ତ୍ର ବିକ୍ରିବଟା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଥୁବୁବୁରାଇ ଗ୍ରାମ ପଞ୍ଚାୟତର ବ୍ରାହ୍ମଣସାହି, ଟହଁର, ଗୋଠଗାଁ, ପିଉଳ, ଗୋବିନ୍ଦପୁର ଓ ନରେନ୍ଦ୍ରପୁର ଅଞ୍ଚଳର ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଦେଖି ଖୁସି ପ୍ରକଟ କରିବା ସହ କାର୍ଯ୍ୟଶୈଳୀର ପ୍ରଶଂସା କରିଥିଲେ। ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ମୋ ହସ୍ପିଟାଲ, ବ୍ଲକ କାର୍ଯ୍ୟାଳୟ, ମିଶନଶକ୍ତି କାଫେ, ମାର୍କେଟ କଂପ୍ଲେକ୍ସ କାର୍ଯ୍ୟ ସମୀକ୍ଷା ଓ ଅଗ୍ରଗତିର ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ କୀର୍ତ୍ତିଭାସନ ଭି ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

### ଝାରସୁଗୁଡ଼ା ହେବ...

ସେବାର ସୁଯୋଗ ପାଇଲେ ତାକୁ ସେ ସାକାର କରିବେ। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ାବାସୀ ଦୀପାଳିଙ୍କୁ ଭୋଟ ଦେବାପାଇଁ ସେ ନିବେଦନ କରିଥିଲେ। ଏଥିସହିତ ବିରୋଧୀଙ୍କୁ ମଧ୍ୟ କଟୁ ସମାଲୋଚନା କରିଥିଲେ । ସେ କହିଥିଲେ, ପଦ୍ମପୁରରେ ଯେପରି ବିଜେଡିର ମହିଳା ପ୍ରାର୍ଥୀ ବର୍ଷାସିଂ ବରିହାଙ୍କୁ ବିରୋଧୀ ଯେମିତି ଗାଳି ଦେବା ସହ ଆକ୍ଷେପ କରିଥିଲେ, ତାହା ସେତେବେଳେ ମୋତେ ଭଲ ଲାଗି ନଥିଲା। ଏବେ ପୁଣି ଝାରସୁଗୁଡ଼ାରେ ମଧ୍ୟ ଦୀପାଳିଙ୍କୁ ଯେଉଁଭଳି ଭାବେ ଗାଳି ଦେଉଛନ୍ତି ତାହା ଠିକ୍ ନୁହେଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଯେ ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଆସନ୍ତା ୧୦ ତାରିଖରେ ଭୋଟଗ୍ରହଣ ଅନୁଷ୍ଠିତ ହେବାକୁ ଯାଉଛି। ୮ ତାରିଖ ସନ୍ଧ୍ୟାରେ ପ୍ରଚାର ଶେଷ ହେବ। ଏହାପୂର୍ବରୁ ରବିବାର ସେଠାରେ ହାଇଭୋଲଟେଜ ପ୍ରଚାର ଦେଖିବାକୁ ମିଳିଥିଲା। ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଇଦାନକୁ ଓହ୍ଲାଇଥିବାବେଳେ ବିଜେଡି ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଚାର କରିଥିଲେ। ଏଥିରେ ବିଜେଡିର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ସେମାନଙ୍କ ମନରେ ଉତ୍ସାହ ଭରି ଦେଇଥିଲା।

# ଯାହାକୁ ରାଜନୀତିକୁ ଆଣିଲେ, ସିଏ ଏବେ କଣ୍ଟା

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବିଧାୟକ ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଲ୍ଲିକଙ୍କ ହାତ ତିଆରି କାଗଜ ବାଘ ଏବେ ପ୍ରମୋଦଙ୍କୁ ଶିକାର କରିବାକୁ ଉଦ୍ୟତ। ଯାହାକୁ ନେଇ ଏବେ ନିଆଳୀ ରାଜନୈତିକ ମହଲରେ ତିବ୍ର ଆଲୋଚନା ପର୍ଯ୍ୟାଲୋଚନା ଜୋର ଧରିଛି। ଦିନଥିଲା ଯେଉଁ କର୍ମୀଙ୍କୁ ଅନ୍ୟଦଳରୁ ସାଉଁଟି ନିଜ ଦଳକୁ ଆଣି ହାତରେ ଗଢି ନିକଟତର କରି ବିଭିନ୍ନ ପଦପଦବିରେ ରଖିଥିଲେ ସେଇ କର୍ମୀ ଏବେ ବିଧାୟକଙ୍କ ରାଜନୀତି କ୍ୟାରିୟରରେ କଣ୍ଟା ସାଜିଛନ୍ତି। ୪ର୍ଥ ପାଳିରେ ପ୍ରମୋଦ ପୁଣି ନିଆଳୀ ସଂରକ୍ଷିତ ଆସନରେ ପ୍ରର୍ଥିତ୍ୱ ବଜାୟ ରଖି ୪ର୍ଥ ଥର ବିଜୟ ହେବାପାଇଁ ଅହରହ ଉଦ୍ୟମ ଜାରୀ ରଖିଥିବା ବେଳେ ବୁମେରାଂ ସାଜିଛନ୍ତି କିଛି ହାତ ଗଣତି ହାତତିଆରି କର୍ମୀ। ସେମାନଙ୍କ ମଧ୍ୟରେ ଏବେ ଚର୍ଚ୍ଚାରେ ଅଛନ୍ତି କଂଗ୍ରେସ ଆମଦାମୀ ତଥା ବର୍ତ୍ତମାନର ସବୁଠାରୁ ବିଧାୟକଙ୍କ ପ୍ରିୟ ଆତ୍ମା ଅଧ୍ୟକ୍ଷ ବିଷ୍ଣୁ ଚରଣ ସ୍ୱାଇଁ। ବିଜେଡିରେ ଯୋଗ ଦେବାପରଠାରୁ ବିଧାୟକଙ୍କ ନିକଟତର ହେବାପାଇଁ ଯଥାସାଧ୍ୟ ଉଦ୍ୟମ କରି ବିଧାୟକଙ୍କ ଆଶିର୍ବାଦ ରେ ବରିଷ୍ଠ କର୍ମୀଙ୍କ ଠାରୁ ପଦ ଛଡାଇ ଆଣି ନିଜେ ଗାଦି ମାଡି ବସିବା ପରେ ନିଜର ଅସଲ ସ୍ୱରୂପ ପ୍ରଦର୍ଶନ କରିଛନ୍ତି। ବିଧାୟକଙ୍କ ପ୍ରର୍ଥୀତ୍ୱକୁ କାଟି ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଉଦ୍ୟମ ଜାରୀ ରଖିଥିବା ଇଂ ପ୍ରଶନ୍ନ ମଲ୍ଲିକଙ୍କ ସହ ଭିତିରି ସମ୍ପର୍କ ରଖି ବିଧାୟକ ପ୍ରମୋଦଙ୍କ ଗୋଛି କାଟିବାରେ ବ୍ୟସ୍ତ ଅଛନ୍ତି। ପ୍ରଶନ୍ନଙ୍କ ସହିତ ଗୋଟିଏ ଗୁପ୍ତ ବୈଠକରେ ବସି ମନ୍ତ୍ରଣା ଚଳାଇଥିବାର ଫଟୋ ଗୁପ୍ତରେ ସାମ୍ବାଦିକଙ୍କ ହସ୍ତଗତ ହେବାପରେ କେତେକ ଗଣମାଧ୍ୟରେ ଖବର ପ୍ରସାରିତ ହୋଇଛି ଯାହା ଏବେ ପ୍ରମୋଦଙ୍କ ପାଖରେ ବିଷ୍ଣୁଙ୍କ ମୁଖା ଖୋଲିଦେଇଛି। ପ୍ରମୋଦ ବିଷ୍ଣୁଙ୍କର ଏହି ଆତ୍ମଘାତିକୁ ନେଇ କେତେ ଅସନ୍ତୁଷ୍ଟ ଅଛନ୍ତି ତାହାତ ପଛକଥା କିନ୍ତୁ ବିଧାୟକଙ୍କ ଅନୁଗାମୀ ସମର୍ଥକଙ୍କୁ ଏହା ଗଭୀର ଆଘାତ ଦେଇଛି। ସେମାନେ ବିଷ୍ଣୁଙ୍କ ଉପରେ କ୍ରୋଧରେ ରକ୍ତ ଚାଉଳ ଚୋବାଇବା ସହ ସୋସିଆଲ ମିଡିଆରେ ମଧ୍ୟ ଏନେଇ ବର୍ତ୍ତା ପଠାଇବା ଆରମ୍ଭ କରି ସାରିଲେଣି। ବିଧାୟକଙ୍କୁ ହାତକରି ଅନ୍ୟ କର୍ମୀଙ୍କ ବିରୁଦ୍ଧରେ କୁମନ୍ତ୍ରଣା କରି ଏତେ କମ୍ ଦିନ ମଧ୍ୟରେ ବିଷ୍ଣୁ ଦଳର ବହୁ ଉପରେ ରହି ଶେଷରେ ଏପରି ଆତ୍ମଘାତି କରିବା ସମସ୍ତ ନିଆଳୀ ବିଜେଡି କର୍ମୀଙ୍କୁ ଚକିତ କରିଛି। ପୂର୍ବରୁ ପ୍ରମୋଦ ବିଜେଡିର ବହୁ ପୁରୁଣା ଆନ୍ତର୍ଘାତି ନେତାଙ୍କୁ ଚେକ୍‌ଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ନିଆଳୀ ବିଜେଡିରେ ଶୃଙ୍ଖଳା ଜାରୀ ରଖି ଆସୁଥିବାବେଳେ ଏବେ ବିଷ୍ଣୁଙ୍କ ପାଇଁ କିଭଳି କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ତାହା ଏବେ ଦେଖିବାକୁ ଅପେକ୍ଷା ରହିଛି।

# ବିପଦପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ତାର

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ଗ୍ରାମରେ ବିଜୁଳି ସଂଯୋଗ ଆସି ପ୍ରାୟ ତିରିଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଛି । ତେବେବର୍ଷ ବର୍ଷ ଧରି ଏହି ବିଜୁଳି ସେବା ଯୋଗଉଥିବା ତାର ଗୁଡିକ ପୁରୁଣା ହୋଇ ଯାଇଥିବା ସହ ତଳକୁ ଝୁଲି ଆସିଥିବା ବେଳେ ଏହାର କୌଣସି ପ୍ରକାରର ମରାମତି କିମ୍ବା ଏହାକୁ ବଦଳା ଯାଉନି । ଯେଉଁଥି ପାଇଁ ପଦ୍ମଗିରି ଗ୍ରାମରେ ଅଧିକାଂଶ ବିଜୁଳି ତାର ଜରାଜୀର୍ଣ୍ଣ ହୋଇ ତଳ ଆଡକୁ ଝୁଲି ପଡିଥିବାରୁ ପୂର୍ବରୁ ଅନେକ ଲୋକ ବିଜୁଳିର ସଂସ୍ପର୍ଶରେ ଆସି ସାରିଛନ୍ତି । ଯାହା ଫଳରେ ଆଜି ଏକ କେନ୍ଦୁପତ୍ର ବୋଝେଇ ଗାଡି ଏହି ବିଜୁଳି ତାର ର ସଂସ୍ପର୍ଶରେ ଆସି ଏକ ଅଗ୍ନିକାଣ୍ଡ ଘଟି ଯାଇଛି । ଗାଡିରେ ବିଜୁଳି ଯୋଗୁଁ ସର୍ଟସର୍କଟ ହୋଇ ନିଆଁ ଲାଗି ଯାଇଥିବା ବେଳେ ଗାଡି ଚାଳକ ଓ ଗାଡିଟିକୁ ଉଧାର କରିବା ପାଇଁ ବିଜୁଳି କିମ୍ବା ନିଆକୁ ଖାତିର ନକରି ସ୍ଥାନୀୟ ବଜରଙ୍ଗ ପରିବାର ସଦସ୍ୟ ଅମୃତ ମାଝୀ ଓ କିଛି ସ୍ଥାନୀୟ ଲୋକେ କୌଶଳ କ୍ରମେ ନିଆକୁ ଆୟତ୍ତ କରିଥିଲେ । ଫଳରେ ଗାଡି ଚାଳକ, ଗାଡି ଏବଂ ଆଖପାଖର ଦୋକାନ ଗୁଡିକ ଏକ ବଡ ଧରଣର ଅଗ୍ନିକାଣ୍ଡରୁ ଅଳ୍ପକେ ବର୍ତ୍ତି ଯାଇଥିଲେ । ପଦ୍ମଗିରି ମୁଖ୍ୟ ମାର୍କେଟ ମଧ୍ୟରେ ଥିବା ତାର ଗୁଡିକ ବିପଦର ସ୍ପଷ୍ଟ ସଂକେତ ଦେଉଥିବା ବେଳେ ଏହି ତାର ଗୁଡିକୁ ବଦଳାଇବା କିମ୍ବା ଏହା ଯୋଗୁଁ ହେବାକୁ ଯାଉଥିବା ସମସ୍ୟାର କିଛି ପ୍ରତିକାର କରିବା ପାଇଁ ବାରମ୍ବାର ସ୍ଥାନୀୟ ଲୋକେ, ସ୍ଥାନୀୟ ବଜରଙ୍ଗ ପରିବାର ପୂର୍ବରୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ନିଦାବିଷ୍ଟୁ ସାଜିଥିବା ଅଭିଯୋଗ ହୋଇଛି।

# ପଣ୍ଡୁଆହୁରା ମଠରେ ବିଶ୍ୱଶାନ୍ତି ମହାଯଜ୍ଞ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ବ୍ଲକ ଦେବୀ କନ୍ଦଳ ଦ୍ୱୀପାଞ୍ଚଳ ଅନ୍ତର୍ଗତ ରାଣୀଓଳା ପଣ୍ଡୁଆହରା ମଠ ପଣ୍ଡୁ ଗୋସେଇଁଙ୍କ ବିଜେସ୍ଥଳୀରେ ୫ ଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଭବାନୀ ଶଙ୍କର ଷଡଙ୍ଗୀ ଓ ତାଙ୍କର ସହଯୋଗୀ ପଣ୍ଡିତ ମାନେ ବେଦ କର୍ମକାଣ୍ଡ ଓ ସମସ୍ତ ପୂଜାବିଧି ସମାପନ କରିଥିଲେ। କର୍ତ୍ତା ଭାବେ ପୁଲିନ ସ୍ୱାଇଁ ସସ୍ତ୍ରୀକ ଉପବେଶନ କରିଥିବା ବେଳେ ବାବା ଅମୀନ ଦାସ, ଅଭିରାମ ମହାନ୍ତି, ଅଭିମନ୍ୟୁ ଜେନା ଓ ପ୍ରାକ୍ତନ ସରପଞ୍ଚ ସରୋଜ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ତଦାରଖ କରିଥିଲେ। କଟକ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ବିଧାୟକ ଡ. ପ୍ରମୋଦ କୁମାର ମଲ୍ଲିକ, ସରପଞ୍ଚ ତ୍ରିନାଥ ମହାନ୍ତି, ସମାଜସେବୀ ଜ୍ୟୋତିରଞ୍ଜନ ମହାନ୍ତି, ଅଭିମନ୍ୟୁ ମଲ୍ଲିକ, ପ୍ରାକ୍ତନ ସମିତି ସଭ୍ୟ ସୁଦର୍ଶନ ବେଉରା ଓ ସ୍ୱେଚ୍ଛାସେବୀ ସଂଗଠନ ଛାତ୍ର ଯୁବ ବିକାଶ ପରିଷଦ (ସିଭିପି)ର ସଂଯୋଜକ ଶିବରାମ ଖୁଣ୍ଟିଆ ପ୍ରମୁଖ ଯଜ୍ଞସ୍ଥଳରେ ଉପସ୍ଥିତ ହୋଇ ଭକ୍ତ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ। ଅରୁଣ କୁମାର ସ୍ୱାଇଁ, ପଞ୍ଚାନନ ପଟ୍ଟନାୟକ ଓ ସୁଚୀ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

E-34

**Office of the C.D.M. & PHO cum District Mission Director, Jajpur**
**TENDER CALL NOTICE**
**No 2780 Date 17.04.2023**

Sealed Tenders are invited from interested eligible bidders for supply & Installation of Lift Drive in Patient Lift MCH Building,DHH Jajpur. The Bidders may download the Tender Documents directly from the WEBSITE available at www.jajpur.nic.in. The tenders in the prescribed format along with all relevant documents for DHH, Jajpur should reach the office of the undersigned on or before Dt.08.05.23, 01.00 P.M. through Regd. Post / Speed Post / Courier only. The envelope should be duly super-scribed on top of envelope as "Tender for supply & Installation of Lift Drive at DHH, Jajpur". The tender will be opened on Dt.09.05.23 at 09.00 A.M. The undersigned reserves the right to reject any or all the bids/Tenders without assigning any reason thereof.

Sd/- Dr. Sibasish Moharana
Chief District Medical& Public Health Officer
Jajpur

OIPR 10042/11/0001/2324



ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଗଡମୋଟରୀ ପଞ୍ଚାୟତର କଲ୍ୟାଣମଣ୍ଡପ ସଭା ଗୃହରେ ଶନିବାର ପୂର୍ବାହ୍ନ ୧୧ଟାରେ ଗ୍ରାମ ପଞ୍ଚାୟତସ୍ତରୀୟ ବିତ୍ତୀୟ ସାକ୍ଷରତା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଭାନେତ୍ରୀ ସବିତା ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ଗଡମୋଟରୀ ପଞ୍ଚାୟତର ୧୫୦ରୁ ଉର୍ଦ୍ଧ୍ୱ ଏସଏଚଜି ସଦସ୍ୟା ଯୋଗଦେଇ ଜନ ସୁରକ୍ଷା ଅଧୀନରେ ବିତ୍ତୀୟ ବ୍ୟବସ୍ଥାର ପରିଚାଳନା ଓ କାର୍ଯ୍ୟକାରିତା ସମ୍ପର୍କରେ ଅବଗତ ହୋଇଥିଲେ। ଏହି ଶିବିରରେ ଏଲଡିଏମ୍ କେ କେ ଆଚାର୍ଯ୍ୟ, ସ୍ଥାନୀୟ ୟୁକୋ ବ୍ୟାଙ୍କ ମ୍ୟାନେଜର ଯୋଗେଶ କୁମାର ପ୍ରଧାନ, ଏଫଏଲସି ନୀଳାମ୍ବର ମହାନ୍ତି ଓ ବିଏଲସି ଜ୍ୟୋତିରଞ୍ଜନ ପାତ୍ର ପ୍ରମୁଖ ଯୋଗଦେଇ ଉପସ୍ଥିତ ମହିଳା ସଦସ୍ୟାମାନଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ନାମାଙ୍କନ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ।ଗଡମୋଟରୀ ପଞ୍ଚାୟତ ସରପଞ୍ଚ ମାର୍କଣ୍ଡ ମଙ୍ଗରାଜ ଓ ସମିତି ସଭ୍ୟ ଲଲାଟ କେଶରୀ ସାମନ୍ତରାୟ ସୁରୁଖୁରୁରେ ଶିବିର ପରିଚାଳନା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିଥିଲେ।ଏହି ଶିବିର ପରିଚାଳନା କାର୍ଯ୍ୟରେ ସହଯୋଗ ପାଇଁ ସଭାନେତ୍ରୀ ସବିତା ବରାଳ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ନିର୍ଗୁଣ୍ଡି ସ୍ଥିତ ପୁରୁଣା ଟୋଲ ଗେଟ୍ ନିକଟରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ସୂଚନାଥାଉକି, ତାମିଲାନାଡୁ ଚେନ୍ନାଇ ଅଂଚଳର ଜଣେ ଡ୍ରାଇଭର ଡି. ଗୌରୀଶଙ୍କର (୪୩) ନିର୍ଗୁଣ୍ଡି ପୁରୁଣା ଟୋଲ୍ ଗେଟ୍ ନିକଟରେ ଥିବା ଏକ ଦୋକାନରୁ ପାଣି ପିଇବା ପରେ ହଠାତ୍ ତଳେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ପୁଲିସ୍‌କୁ ଖବର ଦେବା ପରେ ପୁଲିସ୍ ଘଟଣା ସ୍ଥଳରେ ପହଂଚି ଉକ୍ତ ବ୍ୟକ୍ତିଙ୍କୁ ହାଇୱେ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ଡାକ୍ତରଖାନା ପଠାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିବା ଜଣାପଡ଼ିଛି । ଏ ସଂକ୍ରାନ୍ତରେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍): ଚୌଦ୍ୱାର ଥାନା ଅନ୍ତର୍ଗତ କରଞ୍ଜି ଛକ ନିକଟରେ ଜଣେ ବାଇକ୍ ଆରୋହୀ ଗଛରେ ପିଟି ହୋଇ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ସୂଚନାଥାଉକି, ଟାଙ୍ଗୀ-କପିଳାସ ରୋଡ଼ରେ ୧୦ଟି ରେସିଙ୍ଗ୍ ବାଇକ୍ ଆରୋହୀ ସେହି ରାସ୍ତା ଦେଇ ଢେଙ୍କାନାଳ ଅଭିମୁଖେ ଦ୍ରୁତଗତିରେ ଷ୍ଟଣ୍ଟ ଦେଖାଇ ଯାଉଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ଏକ ଗଛ ସହିତ ପିଟି ହୋଇଯିବା ଫଳରେ ବାଇକ୍ ଆରୋହୀ ଘଟଣାସ୍ଥଳରେ ଗୁରୁତର ଆହତ ହେବା ସହ ତାଙ୍କର ଗୋଡ଼ ଜଙ୍ଘ ହାଡ଼ ଦୁଇଖଣ୍ଡ ହୋଇଯାଇଥିବା ଜଣାପଡ଼ିଛି । ସେମାନେ ହିନ୍ଦୀରେ କଥାବାର୍ତ୍ତା ହେଉଥିବା ବେଳେ ସେମାନଙ୍କର କୌଣସି ପରିଚୟ ମିଳିପାରିନାହିଁ । ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ କଟକ ବଡ଼ଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି।

## ୧୪ ବାଇକ୍ ଉଦ୍ଧାର, ୩ ଗିରଫ

ପାରାଦୀପ, (ଭାସ୍କର ନ୍ୟୁଜ୍): ବାଇକ ଚୋରି ରାକେଟକୁ ଧରିଲା ପାରାଦୀପ ଆଦର୍ଶ ଥାନା ପୋଲିସ । ଦିର୍ଘ ଦିନ ହେବ ପାରାଦୀପ ସହରରେ ଗାଡି ଚୋରି କରି ଆତଙ୍କ ସୃଷ୍ଟି କରିଥିବା ୩ଜଣ ଚୋର କୁ ଗିରଫ କରିବାରେ ସହ ୧୪ ଟି ବାଇକ୍ ଉଦ୍ଧାର କଲା ପୋଲିସ। ସୁରେଶ ଦାସ ଓ ଦିଲ୍ଲୀପ ଜେନା ପାରାଦୀପ୍ ବନ୍ଦର ଅଞ୍ଚଳ କୁ ଆସି ସୁବିଧା ସୁଯୋଗ ଦେଖି ବାଇକ୍ ଗୁଡିକୁ ଚୋରି କରି ଏରସମା ଅଞ୍ଚଳ ରେ ବିକ୍ରି କରୁଥିବା ବେଳେ ଦିଲ୍ଲୀପ ପରିଡା ନାମକ ବ୍ୟକ୍ତି ଏମାନଙ୍କ ଠାରୁ ଗାଡି କିଣୁଥିବା ଅଭିଯୋଗ ରେ ମଧ୍ୟ ଗିରଫ ହୋଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାରାଦୀପ୍ ପୋଲିସର ଏକ କମ୍ପାନୀ ଗାଡି କୁ ପିସିଆର୍ ଡ୍ରାଇଭର୍ ଭାବେ ଗାଡି ଚଳାଉ ଥିବା ଦିଲ୍ଲୀପ ଜେନା ସବୁ ଗଳିକନ୍ଦି ଜାଣିଥିବା ବେଳେ ସେ ଏହି ଚୋରି ରାକେଟର ମୁଁ ମୁଖ୍ୟ ବୋଲି ପୋଲିସ ପ୍ରକାଶ କରିଛି । ୩ ଅଭିଯୁକ୍ତ ଙ୍କୁ ଗିରଫ କରି ଆଜି ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ୫ ୱାରେଣ୍ଟି କୋର୍ଟଚାଲାଣ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ପୋଲିସର ରାତ୍ର ପାଟ୍ରୋଲିଙ୍ଗ ଅପରାଧୀଙ୍କ ପାଇଁ କାଳ ହେଲା। ବନ୍ଧା ହେଲେ ୫ ଜଣ ୱାରେଣ୍ଟି ଆସାମୀ। ଦୀର୍ଘ ଦିନ ହେବ ବିଭିନ୍ନ ଅପରାଧ ରେ ଜଡିତ ଥାଇ ପୋଲିସକୁ ଚକମା ଦେଖାଇ ଲୁଚି ରହିଥିବା ଅପରାଧୀ ପୋଲିସ ପାଟ୍ରୋଲିଙ୍ଗ କରୁଥିବା ସମୟରେ ଗତ କାଲି ରାତିରେ ଧରା ପଡିଛନ୍ତି। କାକଟପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନ ଚଢ଼ାଉ କରିବାରେ ପୋଲିସ ୫ଜଣ ଆସାମୀ କୁ ଧରିବାରେ ପୋଲିସ ସଫଳ ହୋଇଛି ଖବର ନେବାରୁ ଜଣାପଡିଛି ଯେ, ଗିରଫ ହୋଇଥିବା କଟକଣା ଗ୍ରାମର ଶେଖ ରିୟୁଆନ, ଉଦ୍ୟନାଥ ପୁରର କୈଳାସ କାଣ୍ଡି, ବଂଶୀଧର ପୁର ଗ୍ରାମର ଅରୁଣ ତ୍ରିପାଠୀ, ଦହିଖିଆ ଗ୍ରାମର ନଟବର ସ୍ୱାଇଁ ଓ କଳ୍ପନା ସ୍ୱାଇଁଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି. ରାତ୍ର ପାଟ୍ରୋଲିଂ ଜୋରଦାର କରାଯିବାରୁ ଅପରାଧୀ ଙ୍କ ମଧ୍ୟରେ ଛନକା ପଶିଛି।

## ଶତାୟୁ ବୃଦ୍ଧଙ୍କ ପରଲୋକ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ କେଂଟାଲୋ ଗ୍ରାମପଂଚାୟତ ମଲ୍ଲିପୁର ଗ୍ରାମର ଶତାୟୁ ପୁରୁଷ ବୈରାଗୀ ଚରଣ ଦାଶଙ୍କର ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୬ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର, ପୁତ୍ର ବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ତାଙ୍କର ମରଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା। ତାଙ୍କର ନାତି ରାମନାଥ ଦାଶ ମୁଖାଗ୍ନି ଦେଇଥିଲେ।

# ଖବର ପ୍ରକାଶ ପରେ ଚେତିଲା ପ୍ରଶାସନ, ୮ ପଥର ଟ୍ରକ୍ ଜବତ



ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ଅଂଚଳରୁ ବ୍ୟାପକ ମାତ୍ରାରେ ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ହେଉଥିବା ଖବର ଓଡିଶା ଭାସ୍କରରେ ପ୍ରକାଶ ପାଇବା ପରେ ରାଜସ୍ୱ ବିଭାଗର ନିଦ ଭାଙ୍ଗିଛି । ଉଚ୍ଚ ଅଧିକାରୀ ତାଗିଦ କରିବା ପରେ ତହସିଲଦାର ନିମାପଡା ଅଂଚଳରେ ଚଢଉ କରି ୮ଟି ପଥର ଟ୍ରକକୁ ଜବତ କରି ପୋଲିସ ଜିମା ଦେଇଛନ୍ତି । କଣ ପାଇଁ ତହସିଲଦାର ସେହିଠାରେ ସେମାନଙ୍କ ଠାରୁ ଜୋରିମାନା ଆଦାୟ କଲେ ନାହିଁ ତାହାକୁ ନେଇ ବିଭିନ୍ନ ପ୍ରଶ୍ନ ସୃଷ୍ଟି କରିଛି । ରାତି ଅଧରେ ରାଜସ୍ୱ ବିଭାଗ କର୍ମଚାରୀଙ୍କ ଜ୍ଞାତସାରରେ କୁଶଭଦ୍ରା ଓ ବିଭିନ୍ନ ଅଂଚଳରୁ ମାଟି ଓ ବାଲି ଚାଲାଣ ହେଉଥିବା ବେଳେ କଣ ପାଇଁ ରାଜସ୍ୱ ବିଭାଗ ଅନୁକମ୍ପା ଦେଖାଉଛି ଯାହାଦ୍ୱାରା ରାଜସ୍ୱ ବିଭାଗରି କୋଟି କୋଟି ଟଙ୍କା ଲୁଣ୍ଠନ ହେଉଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ତହସିଲ ଅଂଚଳରୁ ବ୍ୟାପକମାତ୍ରାରେ ଲଘୁ ଖଣିଜ ଦ୍ରବ୍ୟ ଲୁଣ୍ଠନ ହେଉଥିବା ବେଳେ ତହସିଲଦାର ଚଢଉ କରି ଜଟଣି ଖୋର୍ଦ୍ଧା ଅଂଚଳରୁ ପଥର ଆଣି ଆସୁଥିବା ୮ଟି ଟ୍ରକକୁ ଜବତ କରିଛନ୍ତି। ଏହି ଟ୍ରକମାନଙ୍କରେ ଚାଲାଣ ହେଉଥିବା ପଥରର କାଗଜ ପତ୍ର ସଠିକନଥିବା ଜଣାପଡିଛି । ଟ୍ରକ ମାଲିକମାନେ ଜୋରିମାନା ପୈଠକ ନକରିବାରୁ ତହସିଲଦାର ପୋଲିସ ଜିମା ୮ଟି ଟ୍ରକ ଦେଇଥିବା ବେଳେ ତହସିଲର କେତେଜଣ କର୍ମଚାରୀ ଓ ଅନ୍ୟ ଜରେ ଅଣ କର୍ମଚାରୀଙ୍କ ମଧ୍ୟରେ ଟ୍ରକ ଖସାଇବା ପାଇଁ ତହସିଲ କାର୍ଯ୍ୟାଳୟରେ ଆଲୋଚନା ହେଉଥିବା ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି । ପ୍ରତ୍ୟେକ ଦିନ ଶହ ଶହ ଟ୍ରକରେ ପଥର ଚୋରା ଚାଲାଣ ହେଉଥିବା ବେଳେ ଆଗରୁ କଣ ପାଇଁ ଏହି ଟ୍ରକକୁ ଧରାଯାଉନଥିଲା ତାହା ମଧ୍ୟ ସାଧାରଣରେ ଅଲୋଚନାର ଖୋରାକ ଯୋଗାଇଛି । ପ୍ରତ୍ୟେକ ଦିନ କୁଶଭଦ୍ରା ନଦୀରୁ ବାଲିମାଟି ଚାଲାଣ ହେଉଥିବା ପ୍ରତିବାଦର ସ୍ୱର ଉଠୁଥିଲେ ମଧ୍ୟ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ଘଟଣା ପ୍ରତି ଜିଲ୍ଲା ପାଳ ଅତିରିକ୍ତ ଜିଲ୍ଲାପାଳ ଉପଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ସ୍ୱାଧୀନତାର ୭୬ ବର୍ଷ ପରେ ମଧ୍ୟ ଗାଁକୁ ରାସ୍ତା ନାହିଁ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ସ୍ୱାଧୀନତା ୭୬ ବର୍ଷପରେ ମଧ୍ୟ ଗ୍ରାମକୁ ନାହିଁ ରାସ୍ତା । ଅବହେଳିତ ଅବସ୍ଥାରେ ଗ୍ରାମବାସୀ ରହିଥିବା ବେଳେ ପ୍ରଶାସନର ପ୍ରତିଶୃତି ପାଣିର ଗାର ସଦୃଶ ପାଲଟିଛି । ନିର୍ବାଚନ ସମୟରେ ମିଳେ ପ୍ରତିଶୃତି । ନିର୍ବାଚନ ସରିଗଲା ପରେ ନେତା ଭୁଲିଯାନ୍ତି ଲୋକଙ୍କ ସମସ୍ୟା। ଏହି ଗ୍ରାମକୁ ରାସ୍ତା ନଥିବା ବେଳେ ଗୁରୁତର ରୋଗୀ ଖଟିଆରେ ବୁହା ହୋଇ ସ୍ୱାସ୍ଥ୍ୟକେନ୍ଦ୍ର ଅସୁଥିବା ପରି ନଜିର ରହିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ବ୍ଲକ ସଲଙ୍ଗ ପଞ୍ଚାୟତ ସଲଙ୍ଗ ମଲିକ ସାହିକୁ ଦୀର୍ଘ ୭୬ ବର୍ଷ ହେବ ୨କିମି ରାସ୍ତା ନଥିବା ବେଳେ କେତେକ ଦଳୀୟ କର୍ମୀ ରାସ୍ତା ତଳେଇ ନାମରେ ସାମାନ୍ୟ କିଛି କାର୍ଯ୍ୟ କରି ସରକାରୀ ଅର୍ଥକୁ ଲୁଟ କରୁଛନ୍ତି । ରାସ୍ତା ନିର୍ମାଣ ହେବା ୨ମାସ ପରେ ରାସ୍ତା ଫାଟି ଆଁ ମେଲା ହୋଇଛି । ସଲଙ୍ଗ ମଲିକ ସାହିକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ପ୍ରଶାସନ ଠାରୁ ଆରମ୍ଭ କରି ନେତାଙ୍କ। ନିମାପଡା ବ୍ଲକ ଅଂଚଳରେ ବିକାଶ ହୋଇଛି କୁହାଯାଉଥିବା ବେଳେ ଏହି ସାହିକୁ ବୁଲି ଆସିଲେ ସରକାରଙ୍କ ବିକାଶ ତାହା ଜଣାପଡିବ।

## ମା' ବ୍ରାହ୍ମଣୀ ଦେବୀଙ୍କ ଯାତ୍ରା ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପିତ

ବେଲଗୁଣ୍ଠା, (ଭାସ୍କର ନ୍ୟୁଜ୍): ବେଲଗୁଣ୍ଠାର ଅଧିଷ୍ଠାତ୍ରୀ ଦେବୀ ମା ବ୍ରାହ୍ମଣୀ ଦେବୀଙ୍କ ଯାତ୍ରା ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ସ୍ଥାନୀୟ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ରବିବାର ଦିନ ପୂର୍ବାହ୍ନ ସାଢ଼େ ଏଗାରଟା ବେଳେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ବେଲଗୁଣ୍ଠା ରେ ପହଞ୍ଚିବା ପରେ ପ୍ରଥମେ ବେଲଗୁଣ୍ଠା ବଡ଼ଦାଣ୍ଡସ୍ଥିତ ଶ୍ରୀଶ୍ରୀ ମା ବ୍ରାହ୍ମଣୀ ଦେବୀଙ୍କ ଯାତ୍ରା ମହୋତ୍ସବ କାର୍ଯ୍ୟାଳୟକୁ ଶୁଭ ଉଦଘାଟନ କରିଥିଲେ। ପରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ କୋଳିସାହିସ୍ଥିତ ମାଙ୍କ ଅସ୍ଥାୟୀ ପୀଠରେ ପହଞ୍ଚିବା ପରେ ମାଙ୍କ ଠାରେ ବିଧାୟକ ରୀତିନୀତି ଓ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ମାଙ୍କ ଠାରେ ପୂଜାର୍ଚ୍ଚନା ହୋଇ ଆସିଥିବା ଶୁଭ ପତାକା ଧରି ବେଲଗୁଣ୍ଠା ବଡ଼ଦାଣ୍ଡ ଠାରେ ପୁଣି ପହଞ୍ଚି ବଡ଼ଦାଣ୍ଡ ମଝିରେ ଶୁଭ ଖୁଣ୍ଟିର ପୂଜାର୍ଚ୍ଚନା ପରେ ଏହାକୁ ସ୍ଥାପନ କରାଯାଇ ଥିଲା। ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ଯାତ୍ରା ମହୋତ୍ସବ କମିଟି ସଭାପତି ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ ଯାତ୍ରା କମିଟି କାର୍ଯ୍ୟକାରୀ ସଭାପତି ନଗରପାଳ ଫିରୋଜ କୁମାର ସେଠୀ, ଯାତ୍ରା ମହୋତ୍ସବ କମିଟି ଉପଦେଷ୍ଟା ତଥା ପୂର୍ବତନ ନଗରପାଳ ରବୀନ୍ଦ୍ରନାଥ ମହାପାତ୍ର, ବେଲଗୁଣ୍ଠା ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ ଯାତ୍ରା କମିଟି ଉପସଭାପତି ଚନ୍ଦ୍ରମଣି ସାମଲ ,ସମ୍ପାଦକ ତଥା ଆଇନ ପରାମର୍ଶଦାତା ବରିଷ୍ଠ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା, ସମ୍ପାଦକ ସିଏଚ.ସନ୍ତୋଷ କୁମାର ସୁବୁଦ୍ଧି, ପୂର୍ବତନ ନଗରପାଳ ପ୍ରଶାନ୍ତ କୁମାର ସାହୁ, ଯାତ୍ରା କମିଟି କାର୍ଯ୍ୟକାରୀ କମିଟି ସଭ୍ୟ ତଥା କାଉନସିଲର ଦିଲ୍ଲୀପ କୁମାର ଆଚାରୀ, ଏସ.ଭାସ୍କର ପାତ୍ର,ଦିବ୍ୟରଞ୍ଜନ ଦାସ, କାହ୍ନୁ ଚରଣ ସାହୁ, ପ୍ରଦୀପ କୁମାର ସେଠୀ, ବିଶ୍ୱନାଥ ଦଳାଇ ପ୍ରମୁଖଙ୍କ ସହ ଅନ୍ୟାନ୍ୟ କିଛି କାଉନସିଲରଙ୍କ ସମ୍ପର୍କୀୟ, ଶିକ୍ଷାବିତ ମନୋରଞ୍ଜନ ପାଣିଗ୍ରାହୀ, ରୋଟାରୀ କ୍ଲବ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ତଥା ବିଶିଷ୍ଟ ଗୋଷ୍ଠି ସଙ୍ଗଠକ ଭି.ଦେବୀପ୍ରସାଦ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ତଥା ସଙ୍ଗଠକ ରବୀନ୍ଦ୍ରନାଥ ଚୌଧୁରୀ, କୋଳିସାହି କମିଟି ସଭାପତି ଲୋକନାଥ ପାତ୍ର ,ସମ୍ପାଦକ ବିଭୁତି ପାତ୍ର, ଉପଦେଷ୍ଟା ବିଜୟ କୁମାର ସାମଲ, ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ପ୍ରଧାନ, ସୁଧାଂଶୁ ଶେଖର ପୋଲାଇ, ମିଡ଼ିଆ କ୍ଲବ ସଭାପତି ଏଲ.ସତୀଶ ରେଡ୍ଡୀ, ସମ୍ପାଦକ ନବକିଶୋର ମହାରଣା, କୋଷାଧକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ, ସଭ୍ୟ ସୁନୀଲ କୁମାର ପାଣିଗ୍ରାହୀ, ରବୀନ୍ଦ୍ରନାଥ ସୁବୁଦ୍ଧି,ସେବା ସମବାୟ ସମିତି ସଭ୍ୟ ପ୍ରଭାକର ଜେନା ପ୍ରମୁଖଙ୍କ ସହ ଶତାଧିକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୋମବାର ଦିନ ବେଲଗୁଣ୍ଠା ୪ ନମ୍ବର ୱାର୍ଡ ଅନ୍ତର୍ଗତ ରଙ୍ଗଣି ପାଟଣା ସାହି ବାସିନ୍ଦାଙ୍କ ତରଫରୁ ଶ୍ରୀଶ୍ରୀ ମା ବ୍ରାହ୍ମଣ ଦେବୀଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି । ମାଙ୍କ ଯାତ୍ରା ସମ୍ପର୍କିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ସୋମବାର ଦିନ ପ୍ରକାଶ ପାଇବ ବୋଲି ଯାତ୍ରା କମିଟି ସୂତ୍ରରୁ ଜଣାପଡ଼ିଛି।

## ମସ୍ତିସ୍କ ଆଘାତରେ ଯୁବ ସମାଜସେବୀଙ୍କ ପରଲୋକ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ବ୍ଲକ ଅଧୀନ ରଘୁନାଥପୁର ଗ୍ରାମର କିଶୋର ଚନ୍ଦ୍ର ରାଉତ ମସ୍ତିସ୍କ ଆଘାତରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୪ବର୍ଷ ହୋଇଥିବା ବେଳେ ତାଙ୍କର ପରିବାର ରେ ସ୍ତ୍ରୀ, ଗୋଟେ ଶିଶୁ କନ୍ୟା, ବିଧବା ମାଆ ଏବଂ ଭାଇ, ଭାଇ ବୋହୁ ଅଛନ୍ତି। ସୂଚନା ଅନୁସାରେ ଗତ କାଲି ରାତି ପ୍ରାୟ ୧୨ଟା ସମୟରେ ଶ୍ରୀ ରାଉତ ସୋଇଥିବା ବେଳେ ହଠାତ ମସ୍ତିଷ୍କ ଆଘାତରେ ଗୁରୁତର ହେବାରୁ ପ୍ରଥମେ ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର ହୋଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ଅଞ୍ଚଳରେ ସମାଜସେବା କ୍ଷେତ୍ର ରେ ବହୁ ସୁନାମଅର୍ଜନ କରି ପ୍ରିୟ ପାତ୍ର ଥିଲେ.ଏହି ଦୁଖଦଃ ଘଟଣା ପ୍ରଘଟହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଖବରପାଇ ତାଙ୍କ ରଘୁନାଥପୁର ଘରେ ଅଞ୍ଚଳ ଲୋକଙ୍କ ଭିଡ଼ ଜମିଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଶ୍ରୀଶ୍ରୀ ଶାମେଶ୍ୱର ମହାଦେବଙ୍କ ପୀଠରେ ରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୂତି

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ବ୍ଲକ୍ ରାମକୃଷ୍ଣପୁର ପଂଚାୟତର ଶ୍ରୀଶ୍ରୀ ଶାମେଶ୍ୱର ମହାଦେବଙ୍କ ପୀଠରେ ଷଡ଼ବିଂଶତମ ବିଶ୍ୱଶାନ୍ତି ରୁଦ୍ରମହାଯଜ୍ଞର ପୂର୍ଣ୍ଣାହୂତି ଗତକାଲି ବୁଦ୍ଧପୂର୍ଣ୍ଣୀମାରେ ହୋଇଯାଇଛି । ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଯଜ୍ଞରେ ପ୍ରଥମ ଦିବସରେ ଅଙ୍କୁରାରୋପଣ, କଳସଯାତ୍ରା, ମଙ୍ଗଳଘଟସ୍ଥାପନ କରାଯାଇ ଶୁଭାଧିବାସ ହୋଇଥିଲା । ୩ ତାରିଖ ବୁଧବାର ଠାରୁ ପ୍ରତ୍ୟହ ମଙ୍ଗଳ ଆଳତି, ବେଦପାଠ, ସୂର୍ଯ୍ୟପୂଜା, ଗୋ-ପୂଜା, ଦେବାଦେବୀଙ୍କ ପୂଜାର୍ଚ୍ଚନା କରାଯାଇ ଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ଆଳତି, ଶ୍ରୀନାମ ସଂକୀର୍ତ୍ତନ କାର୍ଯ୍ୟମାନ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ପାଲା ପରିବେଷଣ କରାଯିବା ସହ ମହିମା ସାଧୁମାନଙ୍କ ଦ୍ୱାରା ସାମୁହିକ ଖଞ୍ଜଣି ଭଜନ ପରିବେଷଣ ହୋଇଥିଲା । ପବିତ୍ର ବୈଶାଖପୂର୍ଣ୍ଣୀମା ରାତ୍ର ୮ଘଟିକାରେ ମହାଯଜ୍ଞର ପୂର୍ଣ୍ଣାହୂତି ହୋଇଥିଲା। ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଯଜ୍ଞ ମହୋତ୍ସବରେ ଯୋଗଦେଇ ଆର୍ଶିବାଦ ଭିକ୍ଷା କରିଥିଲେ । ଯଜ୍ଞରେ କର୍ତ୍ତାକର୍ତ୍ତ ଭାବେ ବିଶ୍ୱଜିତ ଷଡ଼ଙ୍ଗୀ ଓ ତାଙ୍କ ଧର୍ମପତ୍ନି ଯୋଗଦେଇଥିବା ବେଳେ ପଣ୍ଡିତ ଅଭିମନ୍ୟୁ ଷଡ଼ଙ୍ଗୀ ଓ ତାଙ୍କ ସହଯୋଗୀ ପଣ୍ଡିତମାନେ ଯଜ୍ଞକର୍ମ ସମ୍ପନ୍ନ କରିଥିଲେ । ଯଜ୍ଞକମିଟି ଓ ସ୍ଥାନୀୟ ଗ୍ରାମବାସୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ରେଲ୍‌ୱେ ଅଣ୍ଡର ପାସ୍ କରୁଛି ନାକେଦମ୍

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ବଣୁଆ ହାତୀଙ୍କ ସୁରକ୍ଷା ଓ ଟ୍ରେନ ଚଳାଚଳରେ ବାଧା ନହେବା ପାଇଁ ରେଳ ବିଭାଗ ପକ୍ଷରୁ କରାଯାଇଥିବା ଅଣ୍ଡର ପାସ ରାସ୍ତା ପାଇଁ ଅଂଚଳବାସୀ ନାକେ ଦମ ହେଉଛନ୍ତି। ଯାହାକୁ ନେଇ ଢେଙ୍କାନାଳ ଜିଲ୍ଲା ବଳଦିଆ ବନ୍ଧ ପଂଚାୟତର ୮ଟି ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ତୁରନ୍ତ ଏହି ରାସ୍ତାର ବିକଳ୍ପ ବ୍ୟବସ୍ଥା କରାନଗଲେ ଭୟଙ୍କର ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ଅଂଚଳବାସୀ। ଅଭିଯୋଗ ମୁତାବକ ବଳଦିଆ ବନ୍ଧ ଛକ ୫୫ନମ୍ବର ଜାତୀୟ ରାଜପଥରୁ ପଂଚାୟତର ମୁଖ୍ୟ କାର୍ଯ୍ୟାଳୟ ଠାରୁ ମହୁଳପଡା, କୁରୁମ ଟାଙ୍ଗର, ଖଜୁରିଆ ଓ ମୁଣ୍ଡାସାହି ଦେଇ କପିଳାଶକୁ ଯୋଗାଯୋଗ କରୁଥିବା ମୁଖ୍ୟ ରାସ୍ତାରେ ପୂର୍ବତଟ ରେଳପଥ ରହିଛି। ଫଳରେ ହାତୀ ଚଳାଚଳ ଯୋଗୁଁ ସୁରକ୍ଷା ପାଇଁ ରେଳ ବିଭାଗ ପକ୍ଷରୁ ଅଣ୍ଡର ପାସ ସୁଡ଼ଙ୍ଗ ନିର୍ମାଣ କରାଯାଇ ରେଳ କ୍ରସିଂ ରାସ୍ତାକୁ ବନ୍ଦ କରିଦିଆଯାଇଛି। ଫଳରେ ଅସରାଏ ବର୍ଷାରେ ଏହି ଶୁଡଙ୍ଗ ରାସ୍ତା ପାଣିରେ ବୁଡି ରହିବାରୁ ଏହି ରାସ୍ତା ଯୋଗାଯୋଗ କରିଥିବା ପ୍ରାୟ ୮ଟି ଗ୍ରାମର ବାସିନ୍ଦା ଏକ ପ୍ରକାର ଜଳବନ୍ଦୀ ହୋଇ ରହୁଥିବା ଜଣାପଡିଛି। ଯାହାକୁ ନେଇ ଏହି ଅଂଚଳ ବାସୀ ଆଜି ଏହି ରେଳ ସୁଡଙ୍ଗ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତୁରନ୍ତ ଏହାର ସ୍ଥାୟୀ ସମାଧାନ ନହେଲେ ବାଧହୋଇ ଅଂଚଳ ବାସୀ ଭୟଙ୍କର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।ଗିରିଶ ମହାପାତ୍ର, ଗଗନ ବିହାରୀ ପଣ୍ଡା, ଗଣେଶ୍ୱର ସାମଲ, ଅଧିର ସାମଲ ଓ କୈଳାସ ବେହେରା ପ୍ରମୁଖ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କୁ ସ୍ଥାନୀୟ ସର୍କିଟ୍ ହାଉସ୍ ଠାରେ ସାକ୍ଷାତ କରି ଆଲୋଚନା ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି ।



## ସିଠାଳ ଦ୍ୱୀପାଞ୍ଚଳରେ ତ୍ରିଲୋଚନଙ୍କ ସ୍ମୃତିସଭା




'ଅଡସପୁର-ଆଳିପିଙ୍ଗଳ ରାସ୍ତାକୁ ତ୍ରିଲୋଚନ ସାରଣୀ ନାମରେ ନାମିତ କରାଯାଉ'

ନିଆଳି, (ଭାସ୍କର ନ୍ୟୁଜ୍): ସ୍ୱର୍ଗତ ତ୍ରିଲୋଚନ କାନୁନଗୋଙ୍କ ସ୍ମୃତିସଭା ସିଠାଳୋ ଦ୍ୱୀପାଞ୍ଚଳର ଡିହସିଠାଳୋ ଗ୍ରାମର ଶ୍ରୀରାଧାମୋହନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ଭାବମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ସିଠାଳୋ ଗ୍ରାମପଞ୍ଚାୟତର ସରପଞ୍ଚ କବିତା ମହାପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମାବେଶରେ ଦ୍ୱିପାଞ୍ଚଳ ସ୍ମୃତିକମିଟିର ସବାପତି ଶିକ୍ଷାବିତ୍ ଅକ୍ଷୟ କୁମାର ନାୟକଙ୍କ ସଭାପତିତ୍ୱ କରିଥିଲେ। ୧୯୬୪ ମସିହାରେ ଓଡିଶାରେ ସଂଗଠିତ ଦୁର୍ବାର ଚାତ୍ର ଆନ୍ଦୋଳନର ନେତୃତ୍ୱ ନେଉଥିବା ତ୍ରିଲୋଚନ କାନୁନଗୋ ପରବର୍ତି ସମୟରେ ଗୋବିନ୍ଦପୁର ନିର୍ବାଚନ ମଣ୍ଡଳୀର ନଦୀଘେରା ସିଠାଳୋ ଦ୍ୱୀପାଞ୍ଚଳକୁ ଜନସେବାର ସାଧନାସ୍ଥଳୀ ଭାବରେ ଆପଣେଇ ନେଇଥିଲେ। ଛୋଟିଆ ଦ୍ୱୀପାଞ୍ଚଳର ଚ଼ରିପଟେ ସୁଉଚ୍ଚ ନଦୀବନ୍ଧ, ଗମନା ଗମନ ପାଇଁ ତିନୋଟି ପୋଲ ଏବଂ ତିନୋଟି ହାଇସ୍କୁଲ ସ୍ଥାପନ ତ୍ରିଲୋଚନ କାନୁନଗୋଙ୍କ ପୃଷ୍ଠପୋଷକତା ଯୋଗୁଁ ସମ୍ଭବପର ହୋଇପାରିଛି। ଦ୍ୱୀପାଞ୍ଚଳ ଗମନାଗମନ କ୍ଷେତ୍ରରେ ଅଡସପୁର ଦେଇ ଭୁବନେଶ୍ୱର, କଟକ, ଆଳିପିଙ୍ଗଳ ପୋଲଦେଇ ଜଗତସିଂହପୁର, ପାରାଦ୍ୱୀପ, କେନ୍ଦ୍ରପଡା, କାଳଖ ପୋଲଦେଇ ଚ଼ରିଛକ, କାକଟପୁର, ନିମାପଡା, ଗୋପ ଓ ପୁରୀ ସହଜ ସଂଯୋଗ ପାଇଛି। ବିଶେଷ କଥାହେଲା ସ୍ୱର୍ଗତ କାନୁନଗୋ ଏହି ଅଞ୍ଚଳର ଅଧିକାଂଶ ଲୋକଙ୍କୁ ବ୍ୟକ୍ତିଗତ ଭାବରେ ଜାଣିଥିଲେ ଏବଂ ସ୍ଥାନୀୟ ଜନସାଧାରଣ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସ୍ୱର୍ଗତ କାନୁନଗୋଙ୍କର ଅନ୍ଧାମୀ ଥିଲେ। ବନ୍ୟା, ବାତ୍ୟା ଓ ପ୍ରାକୃତିକ ଦୁର୍ବିପାକ ସମୟରେ ସେ ପାଦରେ ଚ଼ଲିଚ଼ଲି ଏବଂ ନିଜେ ଡଙ୍ଗା ଚ଼ଳନା କରି ସେ ପ୍ରଭାବିତ ଲୋକଙ୍କ ପାଖରେ ପହଁଚୁଥିଲେ। ଗୋବିନ୍ଦପୁର, କଟକ ସଦରର ବିଧାୟକ, କଟକ ମୁନିସିପାଲିଟିର ଚେୟାରମ୍ୟାନ୍ ଓ ଜଗତସିଂହପୁର ସାଂସଦ ବାବରେ ନିର୍ବାଚିତ ହୋଇଥିଲେ। ଉପକୁଳ ଓଡିଶାର ସେ ଜଣେ ବିଜ୍ଞ ଓ ପ୍ରବାବଶାଳୀ ନେତା ଭାବରେ ସାରା ଓଡିଶାରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ମୂଲ୍ୟବୋଧ ଭିତିକ ରାଜନିତୀରେ ସେ ବିଶ୍ୱାସ କରୁଥିଲେ। ଶିକ୍ଷା, ସମାଜସେବା ଓ ସାହିତ୍ୟ ସାଧନାରେ ସେ ନିଜର ଛାପ ଛାଡିଦେଇଛନ୍ତି। ତାଙ୍କ ହାତତିଆରି ଉଦୟନାଥ ମହାବିଦ୍ୟାଳୟ ସାରା ଓଡିଶାରେ ଏକ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ଭାବରେ ମାନ୍ୟତା ପାଇଛି। ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ପୁର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ବିଧାୟକ ପ୍ରମୋଦ ମଲ୍ଲିକ, ଜଗତସିଂହ ପୁରର ବରିଷ୍ଠ କଂଗ୍ରେସ ନେତା ପ୍ରଶନ୍ନ ସାମନ୍ତରାୟ, ବରିଷ୍ଠ ଆଡଭୋକେଟ ଦେବବ୍ରତ ସାହୁ, କଟକ ସହର ବିଜେଡି ସଭାପତି ଲଲାଟେନ୍ଦୁ ବୁଡ, ଉପକୁଳ ବିକାଶ ପରିଷଦର ଆବାହକ ସରୋଜ ନାୟକ, ଅବସରପ୍ରାପ୍ତ ପ୍ରଫେସର ରାମଚନ୍ଦ୍ର ପଣ୍ଡା, ରାଖାଲ ଚନ୍ଦ୍ର ସ୍ୱାଇଁ, ଗୌରାଙ୍ଗ ସ୍ୱାଇଁ, କୁମର ଚରଣ ସ୍ୱାଇଁ, ରମେଶ ଚନ୍ଦ୍ର ମହାପାତ୍ର, ଅଶୋକ ମହାପାତ୍ର, ରମାକାନ୍ତ ମହାପାତ୍ର, ଦୁଃଶାସନ ପରିଡା, ପ୍ରମୋଦ ସାହାଣୀ, ଜଗବନ୍ଧୁ ବୁଡ, ଯତୀନ୍ଦ୍ର ନାଥ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ କବିତା ମହାପାତ୍ର ସମେତ ଶହ ଶହ ସଂଖ୍ୟାରେ ଅଞ୍ଚଳବାସୀ ଯୋଗଦେଇ ଦିମ୍ବଗତଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅଡସପୁର-ଆଳିପିଙ୍ଗଳ ୨୨ କି.ମି. ରାସ୍ତାକୁ ତ୍ରିଲୋଚନ ସାରଣୀ ନାମରେ ନାମିତ କରିବାକୁ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଶେଷରେ ରମେଶ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବାବୁଜଙ୍ଗ ଗ୍ରାମପଞ୍ଚାୟତ ପାଲଟିଛି ଦୁର୍ନୀତିର ଗନ୍ତାଘର

# ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ବାବୁଜଙ୍ଗ ଗ୍ରାମପଂଚାୟତ ଦୀର୍ଘ ଦିନ ହେଲା ଦୁର୍ନୀତିର ଗନ୍ତାଘରରେ ପରିଣତ ହୋଇଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ଦୁର୍ନୀତିଖୋରଙ୍କ ବିରୁଦ୍ଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ଜ୍ଞାତସାରରେ ବାବୁଜଙ୍ଗ ଗ୍ରାମପଂଚାୟତଟି ଦୁର୍ନୀତିରେ ଉବୁଟୁବୁ ହେଉଛି। ଏହି ପଂଚାୟତରେ ଦୁର୍ନୀତି ଚରମସୀମାରେ ପହଂଚିଛି। ଯେତେ ଆପତି ଅଭିଯୋଗ କଲେ ମଧ୍ୟ ପ୍ରଶାସନ ନିଦା ବିଷ୍ଣୁ ସାଜିଛି। ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଦୁର୍ନୀତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ପ୍ରଶାସନ ତରଫରୁ ଅଡିଟ ରିପୋର୍ଟକୁ ମଧ୍ୟ କାର୍ଯ୍ୟକାରୀ କରାଯାଉନଥିବାର ଅଭିଯୋଗ ହୋଇଛି। ଏହି ଗ୍ରାମପଂଚାୟତରେ ଗତ ୨୦୧୬-୧୭ ,୨୦୧୭-୧୮ ,୨୦୧୮-୧୯ ଆର୍ଥୀକ ବର୍ଷରେ ନିର୍ବାଚିତ ଲୋକପ୍ରତିନିଧି ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ଲଗାମଛଡା ଦୁର୍ନୀତି କରାଯାଇଥିବାର ଅଡିଟ ରିପୋର୍ଟରୁ ଜଣାଯାଇଛି । ଏସମ୍ପର୍କରେ ଆଇନଜୀବୀ ପଠାଣୀ ଜ୍ୟୋର୍ତିମୟ ନନ୍ଦ ସୂଚନା ଅଧିକାରରେ ତଥ୍ୟ ମଗାଇଥିଲେ। ଜିଲ୍ଲା ଅଡିଟ ଅଫିସର କଟକ ତାଙ୍କ ଚିଠି ନଂ.୨୦୦୨ ତା ୨୬/୧୨/୨୦୨୩ ରେ ଦେଇଥିବା ସୂଚନା ଅଧିକାରରେ ଚାଂଚଲ୍ୟକର ତଥ୍ୟ ଦେଇଥିବାର ଜଣାଯାଇଛି। ଅଡିଟ ରିପୋର୍ଟରୁ ଜଣାଯାଇଛି ଯେ ପଂଚାୟତରାଜ ବିଭାଗ ଓଡିଶାଙ୍କ ପତ୍ର ସଂଖ୍ୟା ୮୧୮୨ତା ୨୪/୫/୨୦୧୪ ପ୍ରକାରେ ପ୍ରିୟା ସଫ୍ଟ ମାଧ୍ୟମରେ ଗ୍ରାମପଂଚାୟତର କ୍ୟାସ ବହି ଗୁଡିକ ପ୍ରସ୍ତୁତ କରାଯାଇଥିଲା। ଗତ ୨୦୧୬-୧୭ ଆର୍ଥୀକ ବର୍ଷ ଶେଷ ସୁଧା ଏହି ପଂଚାୟତରେ ୬୧ ଲକ୍ଷ ୯୦ ହଜାର ୫୨୮ଟଙ୍କା ବିନିଯୋଗ ନ ହୋଇ ପଂଚାୟତ ପାଣ୍ଠିରେ ବଳକା ରହିଥିଲା ବେଳେ ୨୦୧୬-୧୭ ଆର୍ଥୀ ଶେଷକୁ ବିଭିନ୍ନ ଯୋଜନାରେ ୪୩ ଲକ୍ଷ ୬୮ ହଜାର ୧୬୧ ଟଙ୍କା ର ବିନିଯୋଗ ପ୍ରମାଣପତ୍ର ପ୍ରେରଣ କାଯାଇନାହିଁ। ସେହିପରି ଭାବେ ୯ହଜାର ୨୯୩ଟଙ୍କା ବିଭିନ୍ନ ପାଣ୍ଠିରୁ ପାଣ୍ଠିକୁ ସ୍ଥାନାନ୍ତରଣ କରାଯାଇ ଖର୍ଚ୍ଚ କରାଯାଇଥିବାରୁ ଏହାକୁ ଆପତି ଜନକ ଭାବେ ବିବେଚନା କରାଯାଇଛି। ବକେୟା ସରକାରୀ ଦେୟ ୭୩ହଜାର ୮୦୪ ଟଙ୍କା କୁ ଶୀଘ୍ର ସମ୍ପୃକ୍ତ କାର୍ଯ୍ୟାଳୟରେ ଦାଖଲ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭୈତିକ ଯାଂଚ ସମୟରେ ଓଏପି ପାଣ୍ଠିରୁ ଆତ୍ମସାତ କରାଯାଇଥିବା ୨ଲକ୍ଷ ୪୧ ହଜାର ୭୦୦ଟଙ୍କା ସପକ୍ଷରେ ସ୍ୱତନ୍ତ୍ର ବିବରଣୀ ପ୍ରଦାନ କରାଯାଇଛି। ସମୀକ୍ଷା ବିବରଣୀରେ ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଏହି ଅର୍ଥ ଆଦାୟ କରାଯିବା ନିମନ୍ତେ ସୁପାରିଶ କରାଯାଇଛି। ଏହି ପଂଚାୟତରେ ମୋଟ ୧୧ଲକ୍ଷ ୧୯ ହଜାର ୩୨୩ଟଙ୍କା ଆପତି ଜନକ ଭାବେ ରଖାଯାଇଛି। ଏହି ଟଙ୍କା ଉପରେ ଯଥା ଶୀର୍ଘ କାର୍ଯ୍ୟାନୁଷ୍ଠାନ ନେଇ ପରିପାଳନ ବିବରଣୀ ପଠାଇବା ଜରୁରୀ ଅଟେ। ଏହି ଟଙ୍କା ଆତ୍ମସାତ କରାଯାଇଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ବାପୁଜୀ ପାଠାଗାର ନିମନ୍ତେ ଆଲମାରୀ କ୍ରୟରେ ୪୬ହଜାର ୯୫୦ଟଙ୍କା ଖର୍ଚ୍ଚ ହୋଇଥିବାର ଦର୍ଶାଯାଇଥିଲା ବେଳେ ଏହି ପାଠାଗାର ପୁସ୍ତକ କ୍ରୟରେ ରହସ୍ୟ ଜନକଭାବେ ୨ଲକ୍ଷ ୫୨ହଜାର ୩୯୫ଟଙ୍କା ଖର୍ଚ୍ଚ କରାଯାଇଥିବାର ଦର୍ଶାଯାଇଛି। ତେବେ ଏତେ ପରିମାଣର ପୁସ୍ତକ କ୍ରୟକରାଗଲା ବୋଲି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ସେହିପରି ଭାବେ ଏହି ଆର୍ଥୀକ ବର୍ଷ ୧୧ଲକ୍ଷ ୧୯ହଜାର ୩୨୩ଟଙ୍କାର ଆର୍ଥୀକ ଦେଣନେଣ ଆପତି ଜନକ ଭାବେ ରଖାଯାଇଥିଲା ବେଳେ ୨ଲକ୍ଷ ୪୧ହଜାର ୭୦୦ଟଙ୍କା ବିଭିନ୍ନ ବ୍ୟକ୍ତିଙ୍କ ଠାରୁ ଆଦାୟ ନିମନ୍ତେ ସୁପାରିଶ କରାଯାଇଛି। କିନ୍ତୁ ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇ ନାହିଁ। ସେହିପରି ଭାବେ ଗତ ୨୦୧୭-୧୮ ଆର୍ଥୀକ ବର୍ଷରେ ଏହି ପଂଚାୟତରେ ୭୬ଲକ୍ଷ ୪୨ ହଜାର ୧୭୨ ଟଙ୍କା ବିନିଯୋଗ ନହୋଇ ପଂଚାୟତ ପାଣ୍ଠିରେ ବଳକା ରହିଛି। ସେହିପରି ଭାବେ ୧୨ଲକ୍ଷ ୮୦ ହଜାର ୩୪୭ଟଙ୍କାର ଆର୍ଥୀକ ଦେଣନେଣ ଆପତିଜନକଭାବେ ରଖାଯାଇଛି। ତେବେ ଏହି ପଂଚାୟତରେ ବ୍ୟାପକ ଆର୍ଥୀକ ଅନିୟମିତତା ହୋଇଥିବାର ଅଡିଟ ରିପୋର୍ଟରୁ ଜଣାପଡିଛି। ନିର୍ବାଚିତ ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀଙ୍କ ଠାରୁ ଏହି ଟଙ୍କା ଆଦାୟ କରାଯିବା ନିମନ୍ତେ ଅଡିଟ ଅଧିକାରୀ ତାଙ୍କ ରିପୋର୍ଟରେ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟାକାରୀ ହେଉନଥିବାର ଅଭିଯୋଗ ହୋଇଛି। ପର୍ଯ୍ୟାୟ କ୍ରମେ ଏହି ପଂଚାୟତରେ ନିର୍ବାଚିତ ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀ ଅସାଧୁମେଂଟ କରି ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସମ୍ପର୍କରେ ଆମପ୍ରତିନିଧି ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କୁ ପଚାରିବାରୁ ସେ ଅଡିଟ ରିପୋର୍ଟ ଦେଖିସାରିବା ପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳଙ୍କ ନିକଟକୁ ସୁପାରିଶ କରିବେ ବୋଲି ମତବ୍ୟକ୍ତ କରିଥିଲେ।

## ୫ ଦିନିଆ ଯୋଗ ଶିବିର ଉଦ୍‌ଯାପିତ

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ତହସିଲ ଅନ୍ତର୍ଗତ ଭୀମଦାସପୁର ଯୋଗ ସମିତି ଆନୁକୂଲ୍ୟରେ ପଟୁଆହାଟ ସ୍ଥିତ ମା' ଦୁର୍ଗାଙ୍କ ମଣ୍ଡପ ଠାରେ ଅନୁଷ୍ଠିତ ୫ ଦିନିଆ ଯୋଗ ଶିବିର ଉଦଯାପୀତ ହୋଇଯାଇଛି । ୩ ତାରିଖ ରୁ ଆରମ୍ଭ ହୋଇଥିବା ଯୋଗଶିବିରକୁ ଓଡ଼ିଶା ପତଞ୍ଜଳି ଯୋଗସମିତିର ରାଜ୍ୟ କିଶାନ ପ୍ରଭାରୀ ଏସ୍‌ପିଡ଼ି ଆର ମହାପାତ୍ର ଉଦଘାଟନ କରି ଶରୀରକୁ ରୋଗମୁକ୍ତ କରିବା ପାଇଁ ଯୋଗର ଆବଶ୍ୟକତା ଉପରେ ବକ୍ତବ୍ୟ ଦେଇ ପ୍ରାଣାୟମ ଓ ଆସନ ଶିକ୍ଷା ପ୍ରଦାନ କରିଥିଲେ । ଚତୁର୍ଥ ଦିବସରେ ପତଞ୍ଜଳି ଯୋଗସମିତି ରାଜ୍ୟ ସହ ପ୍ରଭାରୀ ସୁନିଲ କୁମାର ଶର୍ମା, ଯୋଗଶିକ୍ଷକ ସତ୍ୟରଂଜନ ଷଡ଼ଙ୍ଗୀ ଯୋଗଦେଇ ଯୋଗର ଉପକାରୀତା ଉପରେ ଆଲୋକପାତ କରିଥିଲେ । ଏହି ଶିବିରକୁ ସାଲେପୁର ତହସିଲ ପ୍ରଭାରୀ ପ୍ରତାପ କୁମାର ମହାନ୍ତି, ମାହାଙ୍ଗା ତହସିଲ ପ୍ରଭାରୀ ମୃତ୍ୟୁଞ୍ଜୟ ମହାପାତ୍ର ପରିଚାଳନା କରିଥିବା ବେଳେ ଯୋଗ ଶିକ୍ଷକ ସଚ୍ଚିଦାନନ୍ଦ ବିଶ୍ୱାଳ, ତପନ ଗୁରୁଜୀ, ଉମାକାନ୍ତ ଦାଶ, ଅରୁଣ ନାୟକ, ଦିବାକର ସ୍ୱାଇଁ ଉପସ୍ଥିତ ଥିଲେ । ମିନାକ୍ଷୀ ମିଶ୍ର, ମହେନ୍ଦ୍ର ବେହେରା, ଦୀପକ କୁମାର ବେହୁରା, ନିରଂଜନ ନାୟକ, କାମିନୀ ବଲ୍ଲଭ ସ୍ୱାଇଁ , ବିକ୍ରମ ବାରିକ ପ୍ରମୁଖ ଏହି ଶିବିରକୁ ଆୟୋଜନ କରିଥିଲେ ।






ଲକ୍ଷ୍ନୌ: ପିଏଫ୍‌ଆଇ ସଂପୃକ୍ତିକୁ ନେଇ ଉତ୍ତରପ୍ରଦେଶରେ ଏଟିଏସ୍ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାର ୭୦ ଜଣଙ୍କୁ ପଚରାଉଚରା ପାଇଁ ଅଟକ ରଖାଯାଇଛି। ପିଏଫ୍‌ଆଇ ଉପରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏଟିଏସ୍ ଏକ ସରକାରୀ ବିବୃତ୍ତିରେ କହିଛନ୍ତି ଯେ ବିଭିନ୍ନ ଜିଲ୍ଲାରେ ୨୧୧ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ରିହାଇ ଫୋରମର ସଭାପତି ମୋହମ୍ମଦ ଶୁଏବଙ୍କୁ ରାଜଧାନୀ ଲକ୍ଷ୍ନୌର ଅମିନାବାଦସ୍ଥିତ ଥିବା ତାଙ୍କ ଘରୁ ପୋଲିସ ଉଠାଇ ନେଇଛି। ୟୁପି ଏଟିଏସ୍ ମଧ୍ୟ ପିଏଫ୍‌ଆଇ ସହ ଜଡିତ ପରଭେଜ ଅହମ୍ମଦ ଏବଂ ରଇସ୍ ଅହମ୍ମଦଙ୍କୁ ଗିରଫ କରିଛି। ପରଭେଜ ଏବଂ ରଇସ୍ ଅହମ୍ମଦଙ୍କ ବିରୋଧରେ ବାରାଣାସୀର ଲୋହଟା ପୋଲିସ ଷ୍ଟେସନରେ ମାମଲା ରୁଜୁ ହୋଇଥିଲା। ଗିରଫ ଲୋକଙ୍କୁ ପଚରାଉଚରା କରୁଛି ଏଟିଏସ୍ ଟିମ୍। ଏଟିଏସ୍ ଟିମ୍ ଅନେକ ସହର ଉପରେ ଅଚାନକ ଚଢ଼ଉ କରିଥିଲା। ଶନିବାର ସକାଳ ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶାମଲି, ଗାଜିଆବାଦ, ଲକ୍ଷ୍ନୌ, ବାରାଣାସୀ, ବିଜନୋର ଆଦି ସ୍ଥାନରେ ଏଟିଏଫ୍‌ର କାର୍ଯ୍ୟାନୁଷ୍ଠାନ ଜାରି ରହିଛି।



## ରେସ୍‌ଲରଙ୍କ ଆନ୍ଦୋଳନକୁ ଖାପ୍ ପଞ୍ଚାୟତର ସମର୍ଥନ

# ୨୧ ସୁଦ୍ଧା ବ୍ରିଜ୍‌ଭୂଷଣ ଗିରଫ ନହେଲେ ଆନ୍ଦୋଳନ ତୀବ୍ର ଚେତାବନୀ

ନୂଆଦିଲ୍ଲୀ: ଖାପ ପଞ୍ଚାୟତ ନେତାମାନେ ରବିବାର ଦିଲ୍ଲୀର ଯନ୍ତରମନ୍ତରରେ ପହଞ୍ଚି ରେସଲରମାନେ ଜାରି ରଖିଥିବା ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଏଥିସହ ରେସଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ ସଭାପତି ବ୍ରିଜ ଭୂଷଣ ଶରଣ ସିଂହଙ୍କ ବିରୋଧରେ ୧୫ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବ୍ରିଜ ଭୂଷଣ ଶରଣ ସିଂହଙ୍କୁ ଆସନ୍ତା ୨୧ ତାରିଖ ସୁଦ୍ଧା ଗିରଫ କରିବାକୁ ମଧ୍ୟ ଖାପ ପଞ୍ଚାୟତ ପକ୍ଷରୁ ଦାବି ରଖାଯାଇଛି। ପଦକ୍ଷେପ ନିଆ ନ ଗଲେ ଅନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚାଷୀ ନେତାମାନେ ପ୍ରକାଶ କରିଛନ୍ତି। ସେପଟେ ରେସଲଙ୍କୁ ସମର୍ଥନ ଦେବାକୁ ବହୁ ସଂଖ୍ୟାରେ



ସମ୍ୟୁକ୍ତ କିଷାନ ମୋର୍ଚ୍ଚାର ନେତା ଓ ଭାରତୀୟ କିଷାନ ମୋର୍ଚ୍ଚା ଉଗ୍ରହାନର ନେତାମାନେ ପହଞ୍ଚିଥିବା ଦେଖି ଦିଲ୍ଲୀ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଛି। କାରଣ ରେସଲଙ୍କୁ ସମର୍ଥନ ଦେଇ ସମ୍ୟୁକ୍ତ କିଷାନ ମୋର୍ଚ୍ଚା ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଇଛି। ରେସଲରମାନଙ୍କୁ ଚାଷୀ ନେତା ଓ ଚାଷୀ ସଂଗଠନମାନଙ୍କ ସମର୍ଥନ ମିଳିବା ଦେଖି ପୁଲିସ ପକ୍ଷରୁ ବିଭିନ୍ନ ରାସ୍ତାର ଛକମାନଙ୍କରେ ବ୍ୟାରିକେଟ କରିବା ସହ ବ୍ୟାରିକେଟ ଆଗରେ ବାଲି ଭର୍ତ୍ତି ଟ୍ରକ୍‌କୁ ଥୋଇଛି। ପାଟ୍ରୋଲିଂକୁ ବଢ଼ାଇ ଦିଆଯାଇଥିବା ବେଳେ ହିଂସା ପ୍ରତିହତ ଟିମ୍ ମୁତୟନ କରିଛି। ସୂଚନା ଥାଉକି, ଧାରଣା ଦେଉଥିବା ରେସଲରମାନେ ରେସଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ ସଭାପତି ତଥା ସାଂସଦ ବ୍ରିଜ ଭୂଷଣ ଶରଣ ସିଂହଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି। ଅଭିଯୋଗକାରୀଙ୍କ ଭିତରେ ଜଣେ ନାବାଳିକା ରେସଲର ମଧ୍ୟ ଅଛନ୍ତି। ତେବେ ବ୍ରିଜ ଭୂଷଣ ଅଭିଯୋଗକୁ ଭିତ୍ତିହୀନ ବୋଲି କହିବା ସହ ଏହାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିଛନ୍ତି।

## 'ରବୀନ୍ଦ୍ରନାଥ ଟାଗୋର ଥିଲେ ଜଣେ ମହାନ୍ ବ୍ୟକ୍ତି'

ରାୟପୁର: ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ୧୬୨ ତମ ଜନ୍ମ ବାର୍ଷିକୀ ଅବସରରେ ଆଜି ଗୋରେଲା-ପେଣ୍ଡ୍ରା-ମାରୱା ଜିଲ୍ଲା ଡାକ୍ତରଖାନା କମ୍ପ୍ଲେକ୍ସରେ ଟାଗୋର ଭାଟିକା ଏବଂ ସଂଗ୍ରହାଳୟର ମୂଳଦୁଆ ସ୍ଥାପନ କରି ବିଧାନସଭା ବାଚସ୍ପତି ଡକ୍ଟର ଚରଣଦାସ ମହନ୍ତ ତାଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ସେ ନବନିର୍ମିତ ହାମର ଲ୍ୟାବର୍ ଉଦଘାଟନ କରିଥିଲେ। ଏହି ଅବସରରେ ବିସାହୁ ଦାସ ମହନ୍ତ ଜୀଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବରେ ଭାରତୀୟ ସାଂସ୍କୃତିକ ପାର୍ଷିର ସୌଜନ୍ୟରେ କବି ଗୁରୁଦେବ ରବୀନ୍ଦ୍ରନାଥ ଟାଗୋରଙ୍କ ଜନ୍ମ ବାର୍ଷିକୀରେ ଭାଷାବିତ୍ ତଥା ସଙ୍ଗୀତଜ୍ଞ ଡକ୍ଟର ଚିତ୍ତରଂଜନ କରଙ୍କ ଦ୍ୱାରା 'ରବୀନ୍ଦ୍ର ସଂଗୀତ'ର ଏକ ଚମତ୍କାର ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଡକ୍ଟର ମହନ୍ତ କହିଛନ୍ତି ଯେ ରବୀନ୍ଦ୍ରନାଥ ଟାଗୋର ଜଣେ ମହାନ ବ୍ୟକ୍ତି। ତାଙ୍କର



ସ୍ମୃତି ଏହି କ୍ଷେତ୍ର ସହିତ ସଂଲଗ୍ନ ହୋଇଛି। ସେ ତାଙ୍କ ପତ୍ନୀ ଶ୍ରୀନାଲିନୀ ଦେବୀଙ୍କୁ ଯକ୍ଷ୍ମା ରୋଗରେ ଚିକିତ୍ସା କରିବା ପାଇଁ ସେପ୍ଟେମ୍ବର ୧୯୦୨ ରେ ସାନିଟୋରିୟମକୁ ଆସିଥିଲେ। ସେ ନିଜ ପତ୍ନୀଙ୍କୁ ସୁସ୍ଥ କରିବା ପାଇଁ ବହୁତ ସମୟ ବିତାଇଥିଲେ। ଡକ୍ଟର ମହନ୍ତ କହିଛନ୍ତି ଯେ ରବୀନ୍ଦ୍ରନାଥ ଟାଗୋର ଗାନ୍ଧୀଙ୍କୁ 'ମହାତ୍ମା' ଆଖ୍ୟା ଦେଇଛନ୍ତି। ଟାଗୋର ଜୀ ଜଣେ ବିଶ୍ୱ ପ୍ରସିଦ୍ଧ କବି, ସାହିତ୍ୟିକ, ଦାର୍ଶନିକ ତଥା ଭାରତୀୟ ସାହିତ୍ୟର ନୋବେଲ ବିଜେତା। ସେ ଗୁରୁଦେବ ନାମରେ ମଧ୍ୟ ଜଣାଶୁଣା। ସେ ହେଉଛନ୍ତି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଯିଏକି ବଙ୍ଗଳା ସାହିତ୍ୟ ମାଧ୍ୟମରେ ଭାରତୀୟ ସାଂସ୍କୃତିକ ଚେତନାରେ ନୂତନ ଜୀବନ ଦେଇଥିଲେ। ସେ ଏସିଆର ପ୍ରଥମ ନୋବେଲ ବିଜେତା।

## ଡବଲ୍ ଇଞ୍ଜିନ୍ ସରକାର ସହ ଟ୍ରିପିଲ୍ ଇଞ୍ଜିନ୍ ସରକାର ଯୋଡ଼ିବା ଆବଶ୍ୟକ: ଯୋଗୀ

ବରେଲି: ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର ବରେଲି କଲେଜରେ ଆୟୋଜିତ ଏକ ଜନସଭାକୁ ସମ୍ବୋଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ଜନସଭାକୁ ସମ୍ବୋଧିତ କରି କହିଥିଲେ ଯେ ଏଠାରେ ଡବଲ୍ ଇଞ୍ଜିନ୍ ସରକାର ସହ ଟ୍ରିପିଲ୍ ଇଞ୍ଜିନ୍ ସରକାର ଯୋଡ଼ିବା ଆବଶ୍ୟକ। ଡବଲ୍ ଇଞ୍ଜିନ୍



ଅର୍ଥାତ କେନ୍ଦ୍ର ଓ ରାଜ୍ୟ ସରକାର ସହରାଞ୍ଚଳ ପାଇଁ ଯେଉଁ ଅର୍ଥ ଅନୁମୋଦନ କରିବେ ତାହାକୁ ଠିକ୍ ଭାବେ ଟ୍ରିପିଲ୍ ଇଞ୍ଜିନ୍ (ପୌରାଞ୍ଚଳ) ସହ ଯୋଡ଼ିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ବରେଲି ନଗର ନିଗମର ମେୟର ଆସନକୁ ନେଇ ନଗରପାଳିକା ଓ ନଗର ପଞ୍ଚାୟତରେ ବିଜେପି ପ୍ରାର୍ଥୀ ଜିତିବା ଜରୁରୀ ବୋଲି କହିଥିଲେ। ସେହିପରି ଯୋଗୀ ଆହୁରି କହିଥିଲେ ଯେ ବରେଲି ସମେତ ଉତ୍ତରପ୍ରଦେଶ ଦଙ୍ଗାଗ୍ରସ୍ତ ଭାବେ ପରିଚିତ ଥିଲା। ଏବେ କିନ୍ତୁ ଉତ୍ତରପ୍ରଦେଶ ବିକାଶର ପ୍ରଦେଶ ଭାବେ ପରିଚିତ ହୋଇଛି। ସେ କହିଥିଲେ ଯେ ଫେବୃଆରୀ ୧୦ରୁ ୧୨ରେ ଆୟୋଜିତ ଗ୍ଲୋବାଲ୍ ବିଜ୍‌ନେସ୍ ସମ୍ମିଳନୀରେ ୩୫ ଲକ୍ଷ କୋଟି ଟଙ୍କାର ନିବେଶ ଆସିଛି। ଏହା ରାଜ୍ୟର ଉଦ୍ୟୋଗରେ ବିନିଯୋଗ ହେବ ଓ ଯୁବକମାନଙ୍କୁ ରୋଜଗାର ମିଳିବ।

## 'ଯୋଗ ଧର୍ମ ସହିତ ସନାତନ ଧର୍ମର ପ୍ରତିଷ୍ଠା ସମଗ୍ର ବିଶ୍ୱରେ ବୃଦ୍ଧି ପାଇବ'

ନୂଆଦିଲ୍ଲୀ : ଯୋଗଗୁରୁ ସ୍ୱାମୀ ରାମଦେବ ଜୀ ମହାରାଜଙ୍କ ନେତୃତ୍ୱରେ ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଭାରତ ସ୍ୱାଭିମାନ (ମହିଳା ୱିଙ୍ଗ) ଏବଂ ଜି -୨୦ ର ସହଭାଗୀ ସଂଗଠନ ଡବ୍ଲୁ-୨୦, ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ନୂଆଦିଲ୍ଲୀରେ ଏକ ବିଶାଳ ମହିଳା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୫୫୦୦ ମହିଳା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଯୋଗୀ ସ୍ୱାମୀ ରାମଦେବ ଜୀ ମହାରାଜ ମହିଳାମାନଙ୍କର ଶାରୀରିକ, ମାନସିକ ଏବଂ ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ପାଇଁ ଯୋଗ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଜୀ ମହାରାଜ କହିଛନ୍ତି ଯେ ଜୁନ୍ ୨୧ରେ ଆନ୍ତର୍ଜାତୀୟ ଯୋଗ ବିଶ୍ୱ ସ୍ତରରେ ପାଳନ କରାଯିବ। ଏହାପୂର୍ବରୁ ଆମେ ଦିଲ୍ଲୀରୁ ଯୋଗ ଆରମ୍ଭ



କରିବାକୁ ଚାହୁଁ ଏବଂ ଏହି ବାର୍ତ୍ତା ଦେବାକୁ ଚାହୁଁଛୁ ଯେ ଯୋଗ କେବଳ ଜାତୀୟ ନୁହେଁ ବିଶ୍ୱବ୍ୟାପୀ ଏବଂ ଯୋଗ ଧର୍ମ ସହିତ ସମଗ୍ର ବିଶ୍ୱରେ ସନାତନ ଧର୍ମର ସମ୍ମାନ ବୃଦ୍ଧି ପାଇବ। ସ୍ୱାମୀଜୀ ମହାରାଜ କହିଛନ୍ତି ଯେ ବର୍ତ୍ତମାନଠାରୁ ୧୦ ବର୍ଷ ପରେ ଭାରତ ସମଗ୍ର ବିଶ୍ୱର ସବୁଠାରୁ ବଡ ଅର୍ଥନୈତିକ, ଆଧ୍ୟାତ୍ମିକ, ସାଂସ୍କୃତିକ ତଥା ସର୍ବବୃହତ ରଣନୀତିକ ଶକ୍ତି ହେବ। ଭାରତ ସମଗ୍ର ବିଶ୍ୱକୁ ଆଗେଇ ନେବ ଏବଂ ଏକ ସୁସ୍ଥ, ଦକ୍ଷ, ସଂସ୍କୃତ, ଅତ୍ୟନ୍ତ ଗୌରବମୟ ଭାରତ ଗଠନରେ ଆମର ମା ଏବଂ ଭଉଣୀମାନେ ସବୁଠାରୁ ବଡ଼ ଭୂମିକା ଗ୍ରହଣ କରିବେ। ଧୈର୍ଯ୍ୟ ରଖନ୍ତୁ, ଯୋଗକୁ ଗ୍ରହଣ କରନ୍ତୁ, ସମସ୍ତ ବାଧାବିଘ୍ନ ଅଚିରେ ଶେଷ ହୋଇଯିବ। ସେ କହିଛନ୍ତି ଯେ ଦେଶର ୬୦ କୋଟି ମା ଏବଂ ଭଉଣୀ ଏବଂ ସମଗ୍ର ବିଶ୍ୱର ପ୍ରାୟ ୪୦୦ କୋଟି ମା ଏବଂ ଭଉଣୀଙ୍କ ଆଶୀର୍ବାଦ ମୋ ପାଖରେ ଅଛି।

## ବସୁନ୍ଧରା ରାଜେଙ୍କ ଯୋଗୁଁ ମୋ ସରକାର ବଞ୍ଚିଯାଇଥିଲା: ଗେହଲୋଟ୍

ଜୟପୁର: ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲୋଟ୍ ରବିବାର ଦାବି କରିଛନ୍ତି ଯେ ତାଙ୍କ ଦଳର ବିଧାୟକଙ୍କ ଦ୍ୱାରା ୨୦୨୦ ବିଦ୍ରୋହ ସମୟରେ ବସୁନ୍ଧରା ରାଜେ ଏବଂ ଅନ୍ୟ ଦୁଇ ବିଜେପି ନେତା ତାଙ୍କ ସରକାରକୁ ବଞ୍ଚାଇବାରେ ସାହାଯ୍ୟ କରିଛନ୍ତି। ସେ ବିଦ୍ରୋହୀ କଂଗ୍ରେସ ବିଧାୟକଙ୍କ ବିରୋଧରେ ଏହା ମଧ୍ୟ କହିଛନ୍ତି ଯେ ସେମାନେ ବିଜେପିରୁ ନେଇଥିବା ଟଙ୍କା ଫେରସ୍ତ କରନ୍ତୁ ଯାହାଦ୍ୱାରା ସେମାନେ ବିନା ଚାପରେ ନିଜ କର୍ତ୍ତବ୍ୟ ପାଳନ କରିପାରିବେ। ଗେହଲୋଟର ତତ୍କାଳୀନ ଡେପୁଟି ସଚିନ୍ ପାଇଲଟ୍ ଏବଂ ଅନ୍ୟ ୧୮ ଜଣ କଂଗ୍ରେସ ବିଧାୟକ ଜୁଲାଇ ୨୦୨୦ରେ ତାଙ୍କ ନେତୃତ୍ୱ ବିରୁଦ୍ଧରେ ବିଦ୍ରୋହ କରିଥିଲେ। ପାର୍ଟି ହାଇ କମାଣ୍ଡଙ୍କ



ହସ୍ତକ୍ଷେପ ପରେ ଏକ ମାସର ସଙ୍କଟ ଶେଷ ହୋଇଥିଲା। ପରେ ପାଇଲଟଙ୍କୁ ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କଂଗ୍ରେସ ସଭାପତି ପଦରୁ ହଟାଇ ଦିଆଯାଇଥିଲା। ଢୋଲପୁରରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଗେହଲୋଟ୍ କହିଛନ୍ତି ଯେ ତିନିଜଣ ବିଜେପି ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ, ପୂର୍ବତନ ବିଧାନସଭା ବାଚସ୍ପତି କୈଳାଶ ମେଘୱାଲ ଏବଂ ବିଧାୟକ ଶୋଭାରାନି କୁଶୱାଙ୍କ ସମର୍ଥନ ହେତୁ ତାଙ୍କ ସରକାର ବିପଦରୁ ବର୍ତ୍ତିଯାଇଥିଲା।

# ବାଣିଜ୍ୟ



ରାଉରକେଲା(ଭାସ୍କର ନ୍ୟୁଜ୍): ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପରିସରରେ ସଡକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ନୂତନ ପ୍ରଯୁକ୍ତି କୌଶଳ ଯୁକ୍ତ ପଦକ୍ଷେପ ସ୍ୱରୂପ ଇଡି (ୱାର୍କସ) ବିଲଡିଙ୍ଗ ନିକଟରେ ଥିବା ଚତୁଃରୋଡ୍ କ୍ରସିଂରେ ମଇ ୫ ତାରିଖରେ ଏକ ଅତ୍ୟାଧୁନିକ ରେଡ୍ ଲାଇଟ୍ ଉଲ୍ଲଂଘନ ଚିହ୍ନଟ (ଆରଏଲଭିଡି) ସିଷ୍ଟମ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀଏସ ଆର ସୂର୍ଯ୍ୟବଂଶୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ସେବା ବିଭାଗର ସିଜିଏମ ଇନ ଚାର୍ଜ, ଶ୍ରୀ ଦେବବ୍ରତ ଦତ୍ତ, ସିଜିଏମ ଷ୍ଟିଲ ଶ୍ରୀ ରାମକୃଷ୍ଣ ପାତ୍ର, ଡିଜାଇନ ଓ ସସ୍ମ ବିଭାଗର ସିଜିଏମ ଶ୍ରୀ ରବି ରଞ୍ଜନ, ଇଲେକ୍ଟ୍ରିକଲ ବିଭାଗର ସିଜିଏମ, ଶ୍ରୀ ଏମ୍ କେ ମହାନ୍ତି, ଇନଷ୍ଟ୍ରୁମେଣ୍ଟେସନ୍ ଓ ଅଟୋମେସନ୍ ବିଭାଗର ସିଜିଏମ, ଶ୍ରୀ ସୁଦୀପ ପାଲ ଚୌଧୁରୀଙ୍କ ସମେତ ଅଟୋମେସନ୍, ସଞ୍ଚାର ଏବଂ ସୁରକ୍ଷା ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

# ୫୮୮.୭୮୦ ବିଲିୟନ ଡଲାରରେ ପହଞ୍ଚିଲା ଭାରତର ବୈଦେଶିକ ମୁଦ୍ରାଭଣ୍ଡାର

ନୂଆଦିଲ୍ଲୀ: ବୈଦେଶିକ ମୁଦ୍ରା ଭଣ୍ଡାରରେ ଅଭିବୃଦ୍ଧି ସହ ଅନ୍ତର୍ଜାତୀୟ ମୁଦ୍ରାକୋଷରେ ଭାରତର ଆହରଣ ଅଧିକାର (ଏସଡିଆର)ରେ ମଧ୍ୟ ବୃଦ୍ଧି ହୋଇଛି। ଭାରତର ବୈଦେଶିକ ମୁଦ୍ରାଭଣ୍ଡାରରେ ବେଶ ଅଭିବୃଦ୍ଧି ହୋଇଛି। ଏହାର ଏକ ସପ୍ତାହ ପୂର୍ବରୁ ଅର୍ଥାତ ଏପ୍ରିଲ ୨୧ରେ ସମାପ୍ତ ସପ୍ତାହ କାଳରେ ୨.୧୬ ବିଲିୟନ ଡଲାର ହ୍ରାସ ହୋଇଥିଲା। ଗତ ୨୮ ଏପ୍ରିଲରେ ସମାପ୍ତ ସପ୍ତାହ କାଳରେ ଭାରତର ଫରେନ ଏକ୍ସଚେଞ୍ଜ



ରିଜର୍ଭରେ ୪.୫୩୨ ବିଲିୟନ ଡଲାରର ଜୋରଦାର ବୃଦ୍ଧି ହୋଇଛି। ଏବେ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୫୮୮.୭୮୦ ବିଲିୟନ ଡଲାରରେ ପହଞ୍ଚିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ପକ୍ଷରୁ ଜାରି ତଥ୍ୟ ଅନୁସାରେ ୨୮ ଏପ୍ରିଲରେ ଶେଷ ହୋଇଥିବା ସପ୍ତାହ କାଳରେ ଭାରତ ବୈଦେଶିକ ମୁଦ୍ରା ଭଣ୍ଡାରରେ ବେଶ୍ ଅଭିବୃଦ୍ଧି ହୋଇଛି। ତେବେ ତା ୨ସପ୍ତାହ ପୂର୍ବରୁ ମୁଦ୍ରାଭଣ୍ଡାରରେ ୧.୫୬୭ ବିଲିୟନ ଡଲାର ବୃଦ୍ଧି ହୋଇଥିଲା। ଅକ୍ଟୋବର ୨୦୨୧ରେ ଭାରତୀୟ ବୈଦେଶିକ ମୁଦ୍ରାଭଣ୍ଡାର ୬୪୫ ବିଲିୟନ ଡଲାରର ସର୍ବକାଳୀନ ଉଚ୍ଚସ୍ତରକୁ ପହଞ୍ଚିଥିଲା। ଆରବିଆଇଙ୍କ ସାପ୍ତାହିକ ତଥ୍ୟ ଉପରେ ନଜର ପକାଇଲେ ୨୮ ଏପ୍ରିଲ ୨୦୨୩ରେ ସମାପ୍ତ ସପ୍ତାହରେ ଭାରତର ଫରେନ କରେନ୍ସି ଆସେଟ ମଧ୍ୟ ବଢ଼ିଛି। ଏହି ସପ୍ତାହରେ ଫରେନ କରେନ୍ସି ଆସେଟ୍‌ରେ ୪.୯୯ ଡଲାର ବୃଦ୍ଧି ହୋଇ ୫୧୯.୪୮ ବିଲିୟନ ଡଲାରରେ ପହଞ୍ଚି ଯାଇଛି। ତେବେ ଏହା ପୂର୍ବ ସପ୍ତାହରେ ଏଥିରେ ୨.୧୪୬ ବିଲିୟନ ଡଲାର ହ୍ରାସ ହୋଇଥିଲା। ଉଲ୍ଲେଖଯୋଗ୍ୟ ଯେ ମୋଟ ବୈଦେଶିକ ମୁଦ୍ରା ଭଣ୍ଡାରରେ ବିଦେଶୀ ମୁଦ୍ରା ଆସେଟ୍ (ଏଫସିଏ) ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥାଏ। ଡଲାରରେ ମୂଲ୍ୟାନ କରାଯାଉଥିବା ଏଫସିଏରେ ୟୁରୋ, ପାଉଣ୍ଡ ଓ ୟେନ ଭଳି ଅଣ ଆମେରିକୀୟ ମୁଦ୍ରାରେ ହେଉଥିବା ହ୍ରାସ ବୃଦ୍ଧି ପ୍ରଭାବକୁ ମଧ୍ୟ ଏଥିରେ ସାମିଲ କରାଯାଇଥାଏ।

## ମୁକ୍ତିଲାଭ କଲା ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମର 'ସୋମୟର୍ ସ୍ମ୍ରିତିମାଳା'

କୋଲକାତା: ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମସ ପକ୍ଷରୁ ଏହାର ନୂଆ କ୍ଷୁଦ୍ର ଚଳଚିତ୍ର 'ସୋମୟର୍ ସ୍ମ୍ରିତିମାଳା'(ମେମୋରିଜ୍ ଅଫ୍ ଟାଇମ୍)କୁ ରିଲିଜ୍ କରାଯାଇଛି। ଗୌତମ ବୋଷ୍‌ଙ୍କ ଦ୍ୱାରା ନିର୍ଦ୍ଦେଶିତ ୩୫ ମିନିଟ୍‌ର ଏହି କ୍ଷୁଦ୍ର ଚଳଚିତ୍ର କୋଲ୍‌କାତାରେ ବାସ କରୁଥିବା ଜଣେ ଦମ୍ପତି ଯଥା ୪୦ ବର୍ଷ ବୟସର ଜଣେ ଲେଖକ କବିର ବାସୁ (ସୁମନ ମୁଖୋପାଧ୍ୟାୟଙ୍କ ଦ୍ୱାରା ଅଭିନୀତ) ଏବଂ ତାଙ୍କ ପତ୍ନୀ ତଥା ଜଣେ ଶିକ୍ଷକ ସୁମିତା (ଗାର୍ଗୀ ରୟ ଚୌଧୁରୀଙ୍କ ଦ୍ୱାରା ଅଭିନୀତ)ଙ୍କ ବାହାରିଛନ୍ତି। ଭର୍ଚୁଆଲ କ୍ଲାସ୍‌ରୁମ୍‌ଠାରୁ ଆରମ୍ଭ କରି ଭୟ ସୃଷ୍ଟିକାରୀ ହସ୍ପିଟାଲ, ମାନସିକ ସ୍ୱାସ୍ଥ୍ୟର ଚିନ୍ତା ଓ ପ୍ରବାସୀ ଶ୍ରମିକମାନଙ୍କ ଦୁଃଖ ପର୍ଯ୍ୟନ୍ତ ଏହି ସର୍ଟ ଫିଲ୍ମ କୋଭିଡ୍-୧୯ ମହାମାରୀର ଅପ୍ରତ୍ୟାଶିତ ପରିଣାମଗୁଡିକ ଉପରେ ଏକ ଭିନ୍ନ ଶୈଳୀରେ ଆଲୋକପାତ କରିଛି। ଏହି ଚଳଚିତ୍ର ସମ୍ପର୍କରେ ନିର୍ଦ୍ଦେଶକ ଗୌତମ ବୋଷ କହିଛନ୍ତି, 'ମହାମାରୀ ସମୟରେ ଅନୁଭବ କରାଯାଇଥିବା ଭାବନାଗୁଡିକୁ ଭର୍ଚୁଆଲ ମାଧ୍ୟମରେ କେବଳ ୩୫ ମିନିଟ୍‌ରେ କ୍ୟାପ୍‌ଚର କରିବା




ଅସମ୍ଭବ ଅଟେ। ସୋମୟର୍ ସ୍ମ୍ରିତିମାଳା ମହାମାରୀ ସମୟରେ କିଭଳି ଆମ ଚାରିପାଖର ଦୁନିଆ ପରିବର୍ତ୍ତନ ହୋଇଥିଲା ତାହାକୁ କୋଲ୍‌କାତାରେ ବାସ କରୁଥିବା ଜଣେ ଦମ୍ପତିଙ୍କ ଦୃଷ୍ଟିକୋଣ ମାଧ୍ୟମରେ ଚିତ୍ରଣ କରିବା ପାଇଁ ଏକ ପ୍ରୟାସ ଅଟେ। ମୁଁ ଭାବୁଛି ଏହି ଫିଲ୍ମ ରୟାଲ ଷ୍ଟାଗ୍ ବ୍ୟାରେଲ ସିଲେକ୍ଟ ଲାର୍ଜ ସର୍ଟ ଫିଲ୍ମସର ଦର୍ଶକମାନଙ୍କ ସହିତ ଦୃଢ଼ତାର ସହ ପ୍ରତିଧ୍ୱନିତ କରିବ। ଦୃଷ୍ଟିକୋଣ ମାଧ୍ୟମରେ ଲକ୍‌ଡାଉନ୍ ଯୋଗୁଁ ସୃଷ୍ଟି ହୋଇଥିବା ଅନିଶ୍ଚିତତା ଓ ଅସହଜତାର ଭାବନାକୁ କ୍ୟାପ୍‌ଚର କରିଛି। ମହାମାରୀର ପ୍ରାରମ୍ଭିକ ପର୍ଯ୍ୟାୟ '୨୫ ମାର୍ଚ୍ଚ ୨୦୨୦-ଦେଶବ୍ୟାପୀ ଲକ୍‌ଡାଉନ୍‌ର' ସମୟରେ ସେଟ୍ କରାଯାଇଥିବା 'ସୋମୟର୍ ସ୍ମ୍ରିତିମାଳା' ହେଉଛି ଏକ ଭାବନା ଉଦ୍ରେକକାରୀ ଚଳଚିତ୍ର ଯାହା ଫିଲ୍ମର ପ୍ରାରମ୍ଭିକ ଗଠନକୁ ଦର୍ଶାଉଛି। ଏଥିରେ ଉଭୟ ଏକ ରୋଡ୍ ଟ୍ରିପ୍‌ରେ

## କାର୍ଯ୍ୟକ୍ଷେତ୍ରରେ ବିବିଧତାର ଅନ୍ତର୍ଭୁକ୍ତୀକରଣ ପାଇଁ ବିଶେଷଜ୍ଞଙ୍କ ଆହ୍ୱାନ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ପରିବର୍ତ୍ତିତ ଦୁନିଆରେ ବ୍ୟବସାୟଗୁଡିକୁ ପ୍ରାସଙ୍ଗିକ ରହିବା ପାଇଁ ନୂତନ ମାନବସମ୍ବଳ ଧାରା ସହ ଜଡିତ ହେବାକୁ ପଡିବ। ଏହି ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ବିଭିନ୍ନ କ୍ଷେତ୍ରର ସଂଗଠନଗୁଡିକ କାର୍ଯ୍ୟକ୍ଷେତ୍ରରେ ବିବିଧତାର ଆହ୍ୱାନ ଦେଇଛନ୍ତ। ସେମାନେ ସଂସ୍ଥାଗୁଡିକୁ ଅଧିକ ମଜଭୁତ ଓ ପ୍ରଭାବୀ କାର୍ଯ୍ୟକ୍ଷେତ୍ର ନିର୍ମାଣ କରିବାରେ ସାହାଯ୍ୟ କରିବା ପଇଁ ପ୍ରଭାବୀ ଶ୍ରମଶକ୍ତି ଅଭ୍ୟାସ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସମ୍ମିଳନୀ ଡାଇଭର୍‌ସିଅପର ଥିଲେ କିନ୍ତୁ ଦକ୍ଷ ପ୍ରାର୍ଥୀମାନଙ୍କର ବହୁମୁଖୀ ଶୃଙ୍ଖଳାକୁ ସନ୍ଧାନ କରିବା କଷ୍ଟକର ଥିଲା। ଡାଇଭର୍‌ସିଅସ୍ ସୋସାଇଟି ଏହି ଅନ୍ତରକୁ ଦୂର କରିବା ପାଇଁ ପ୍ରାର୍ଥୀମାନଙ୍କୁ ଚୟନ କରିବା ଆରମ୍ଭ କରିଥିଲା। ଏହି ଯାତ୍ରାରେ ଡାଇଭର୍‌ସିଅସ୍ ବୁଝିଥିଲା ଯେ, ଏହି ଅନ୍ତରକୁ ଦୂର କରିବା ପାଇଁ ଏହାକୁ



କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱ ଦେବା ଉଚିତ। ଡାଇଭର୍‌ସିଅସ୍ ଓ ପିଏନବି ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱରରେ ଆଜି ଆୟୋଜିତ ଏଚ୍‌ଆର୍ କନ୍‌କ୍ଲେଭ୍ ଆଇକେଏଆଇରେ ଯୋଗ ଦେଇଥିବା ବିଶେଷଜ୍ଞ ଓ ବକ୍ତାମାନେ କର୍ପୋରେଟ୍ ଦୁନିଆକୁ ଅଧିକ ଅନ୍ତର୍ଭୁକ୍ତୀକରଣ କରିବା ପାଇଁ ପ୍ରତିଷ୍ଠାତା, ଅର୍ଚ୍ଚନା ମିଶ୍ରଙ୍କ ସ୍ୱାଗତ ସମ୍ବୋଧନ ସହିତ ଆରମ୍ଭ ହୋଇଥିଲା। ଡାଇଭର୍‌ସିଅସ୍ ହେଉଛି ଏକ ଷ୍ଟାର୍ଟଅପ୍ ଯାହା ଏକ ଦକ୍ଷ, ବହୁମୁଖୀ, ସମାନ ଓ ସମାବେଶୀ (ଡିଇଆଇ) କାର୍ଯ୍ୟକ୍ଷେତ୍ର ଚାହୁଁଥିବା ସଂସ୍ଥାଗୁଡିକର ଆକାଂକ୍ଷିତ ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଉତ୍ସାହର ସହ କାର୍ଯ୍ୟ କରିଥାଏ। ନିଜ ସମ୍ବୋଧନରେ ଅର୍ଚ୍ଚନା ମିଶ୍ର କହିଛନ୍ତିଯେ, 'ଅନେକ ସଂସ୍ଥା ନିଯୁକ୍ତି ପାଇଁ ପ୍ରସ୍ତୁତ ସଚେତନତା ଓ ଦକ୍ଷତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ଏବଂ ତାହା ଏହି ପ୍ଲାଟ୍‌ଫର୍ମ 'ଆଇକେଏଆଇ' ଗଠନ କରିବା ପଛର ମୁଖ୍ୟ ପ୍ରେରଣା ଥିଲା। ଆକ୍ସିସ୍ ଟ୍ରଷ୍ଟି ସର୍ଭିସେସ୍‌ର ଏମ୍‌ଡି ଓ ସିଇଓ, ଦୀପା ରଥ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, 'ଏକ ସଂଗଠନର ଅଭିବୃଦ୍ଧି ପାଇଁ ଡିଇଆଇର ଅନୁପାଳନ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ।

## ଟିସିଏନ୍‌ଏସ୍ କ୍ଲୋଥିଂକୁ ଅଧିଗ୍ରହଣ ପାଇଁ ବୁଝାମଣା ସ୍ୱାକ୍ଷରିତ

ମୁମ୍ବାଇ:ଭାରତର ଅଗ୍ରଣୀ ଫେସନ୍ ଓ ପୋଷାକ କଂପାନି ଏବିଏଫ୍‌ଆର୍‌ଏଲ୍ ପକ୍ଷରୁ ଟିସିଏନ୍‌ଏସ୍ କ୍ଲୋଥିଂକୁ ଅଧିଗ୍ରହଣ କରିବା ଲାଗି ଏକ ବୁଝାମଣା ସ୍ୱାକ୍ଷର କରାଯାଇଛି। ଡବ୍ଲୁ, ଅରେଲିଆ, ୱିସ୍‌ଫୁଲ୍, ଫକ୍‌ସଂଗ୍ ଓ ଇଲେଭେନ୍ ଭଳି ବ୍ରାଣ୍ଡର ମାଲିକାନା ଟିସିଏନ୍‌ଏସ୍ କ୍ଲୋଥିଂ ପାଖରେ ରହିଛି। ବୁଝାମଣା ଅନୁସାରେ ପ୍ରତିଷ୍ଠାତାଙ୍କ ଅଂଶଧନକୁ ଅଧିଗ୍ରହଣ କରିବା ପରେ ଏକ ପବ୍ଲିକ୍ ଓପୋନ୍ ଅଫର ଜାରି କରାଯିବ। ଏହା ପରେ ଦୁଇ ସଂସ୍ଥା ମଧ୍ୟରେ ମିଶ୍ରଣ ହେବ। ପ୍ରତିଷ୍ଠାତାଙ୍କ ଅଂଶଧନ ଓ ଓପୋନ୍ ଅଫରର ମୂଲ୍ୟ ୫୧% ଅଂଶଧନ ଅନୁସାରେ ୧୬୫୦ କୋଟି ଟଙ୍କା ରହିଛି। ଏହାକୁ ଭାରତୀୟ ଫେସନ୍ କ୍ଷେତ୍ରରେ ସର୍ବବୃହତ ଡିଲ୍ କୁହାଯାଉଛି। ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ ଶ୍ରୀ କୁମାର ମଙ୍ଗଳମ୍ ବିର୍ଲାକହିଛନ୍ତି ଯେ, 'ଭାରତୀୟ ଉପଭୋକ୍ତା ଅର୍ଥନୀତିର ଚମତ୍କାରିତା ଓ ବ୍ୟାପକତା ଉପରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ରହିଥିବା ବିଶ୍ୱାସର ଆଉ ଏକ ସ୍ୱୀକୃତି ହେଉଛି ଏହି ବୁଝାମଣା। ଭାରତ ଏବେ ବହୁ ଦଶନ୍ଧିର ଉପଯୋଗିତା ବୃଦ୍ଧି ଭଳି ସ୍ତରରେ ଥିବା ବେଳେ ଏହି ଚମତ୍କାର ଦେଶର ଫେସନ୍ ଦୃଶ୍ୟପଟ୍ଟକୁ ଆକାର ପ୍ରଦାନ କରିବାରେ ଏବିଏଫ୍‌ଆର୍‌ଏଲ୍ ଆଗରେ ରହିଛି। ଭାରତୀୟ ଫେସନ ବ୍ରାଣ୍ଡର ସବୁ କ୍ଷେତ୍ରରେ ରହିଥିବା ପୁରୁଣା ବ୍ରାଣ୍ଡ୍‌ଗୁଡ଼ିକୁ ସହଯୋଗ କରିବାରେ ଏହି ବୁଝାମଣା ମାଇଲଖୁଂଟ ସାବ୍ୟସ୍ତ ହେବ। ଟିସିଏନ୍‌ଏସ୍‌ର ପୋର୍ଟଫୋଲିଓରେ ରହିଥିବା ମହିଳାଙ୍କ ପସନ୍ଦର ଏଥନିକ୍ ବ୍ରାଣ୍ଡକୁ ଗ୍ରହଣ କରି ଆମେ ଏଥନିକ୍ ୱୟାର ଉପରେ ପ୍ରତିବଦ୍ଧତାକୁ ଦୋହରାଇଛୁ ଯାହା ହେଉଛି ପୋଷାକ ଶିଳ୍ପର ସର୍ବବୃହତ ବର୍ଗ। ଏହି ସହଯୋଗିତା ଜରିଆରେ ଦ୍ରୁତ ଅଭିବୃଦ୍ଧିଶୀଳ ଏବିଏଫ୍‌ଆର୍‌ଏଲ୍ ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟରେ ପହଂଚିବ। ଏବିଏଫ୍‌ଆର୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଆଶିଷ ଦିକ୍ଷୀତ କହିଛନ୍ତି ଯେ, 'ଭାରତୀୟ ସଂସ୍କୃତି ଓ ଐତିହ୍ୟକୁ ନେଇ ନିଜ ପରିଚୟରେ ଆଜିର ଯୁବ ଭାରତୀୟମାନେ ନୂଆ ବିଶ୍ୱାସ ପାଇଥିବାରୁ ଭାରତୀୟ ଏଥନିକ୍ ୱୟାର କ୍ଷେତ୍ରରେ ପରବର୍ତ୍ତୀ ବ୍ରାଣ୍ଡ୍ ସୃଷ୍ଟି ହେବ। ଟିସିଏନ୍‌ଏସ୍ ଏହାର ବ୍ରାଣ୍ଡ୍ ଡବ୍ଲୁ, ଅରେଲିଆ, ୱିସଫୁଲ୍, ଫକ୍‌ସଙ୍ଗ ଓ ଇଲେଭେନ୍ ଜରିଆରେ ଭାରତୀୟମହିଳାମାନଙ୍କ ଫେସନ୍ ଆବଶ୍ୟକତାକୁ ବିଭିନ୍ନ ବଜାର ଓ ମୂଲ୍ୟ କ୍ଷେତ୍ରରେ ପୂରଣ କରୁଛି। ପ୍ରତିଟି ବ୍ରାଣ୍ଡ୍ ଲମ୍ବା ସମୟରେ ଗଠନ ହୋଇଛି ଏବଂ ଗ୍ରାହକମାନଙ୍କ ବ୍ୟାପକ ଭଲ ପାଇବା ହାସଲ କରିଛି। ଭାରତର ସବୁଠୁ ବ୍ୟାପକ ଏଥନିକ୍ ୱୟାର ପୋର୍ଟଫୋଲିଓ ସୃଷ୍ଟି କରିବା ଲାଗି ଆମ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହେଉଛି ଏହି କାର୍ଯ୍ୟକ୍ରମ। ଟିସିଏନ୍‌ଏସ୍‌ର ପରିଚାଳନା ନିର୍ଦ୍ଦେଶକ ଅନ' ଦାଗା କହିଛନ୍ତି ଯେ, 'ଦେଶରେ ମହିଳା ଏଥନିକ୍ ୱୟାର କ୍ଷେତ୍ରରେ ଏକ ଅଗ୍ରଦୂତ ବ୍ରାଣ୍ଡ୍ ହେଉଛି ଟିସିଏନ୍‌ଏସ୍।ଗତ ୨୦ ବର୍ଷ ଭିତରେ ଏହା ଅଗ୍ରଣୀ ବ୍ରାଣ୍ଡ୍ ଜରିଆରେ ଭାରତର ସବୁଠୁ ସଫଳ ମହିଳା ଫ୍ରାଚାଂଇଜି ଗଠନ କରିଛି। ବଜାରକୁ ଦୀର୍ଘମିଆଦୀ ଅଭିବୃଦ୍ଧି ସୁଯୋଗ ପ୍ରଦାନ କରୁଛି ଏବଂ ଏବିଏଫ୍‌ଆର୍‌ଏଲ୍ ସହିତ ଏହି ସହଯୋଗିତା ସେହି ସୁଯୋଗକୁ ପୂର୍ଣ୍ଣତାର ସହ ହାସଲ କରିବାରେ ସହାୟକ ହେବ

# ଖେଳ ଖବର



ଭୁବନେଶ୍ୱର (ଭାସ୍କ ନ୍ୟୁଜ୍) : ଭଦ୍ରକ ରେଲୱେ ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସ୍ପିନର ଟ୍ୟାଲେଣ୍ଟ ହଣ୍ଟ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲାର ଜୋନାଲ ଭେନ୍ୟୁ ଭଦ୍ରକରେ ୯୭ଜଣ ସ୍ପିନ ବୋଲର ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିଥିଲେ। ଓଡ଼ିଶା ସିନିୟର ପୁରୁଷ ଦଳ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆଙ୍କ ବ୍ୟତୀତ ଓସିଏର ଜୁନିୟର ଓ ସିନିୟର ଚୟନକର୍ତ୍ତାଗଣ, ଅମିୟ ରାୟ, ସୁବିତ ବିଶ୍ୱାଳ, ପ୍ରଭଞ୍ଜନ ମଲିକ, ନିରଞ୍ଜନ ବେହେରା ଓ ଶୁଭ୍ରଜିତ୍ ସାହୁ ପ୍ରମୁଖ ପ୍ରତିଭା ଚିହ୍ନଟ କରିଥିଲେ। ଏହି କ୍ୟାମ୍ପର ଉଦ୍‌ଘାଟନ ବେଳେ ଭଦ୍ରକ ଜିଲା କ୍ରିକେଟ ଆସୋସିଏଶନର କର୍ମକର୍ତ୍ତାଗଣ ଯଥା ସଭାପତି ଉପେନ୍ଦ୍ର ବାରିକ, ଉପସଭାପତି ଭବତୋଷ ଦାସ, ସାଧାରଣ ସମ୍ପାଦକ ଧୀରେନ ପଲାଇ, କୋଷାଧକ୍ଷ ବ୍ୟୋମକେଶ ସେନାପତି, କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଜ୍ୟୋତିକାନ୍ତ ନାୟକ, ପଥ୍ୱନ ଶର୍ମା, ନରେନ ପଲାଇ ଏବଂ ଉପଦେଷ୍ଟା କମିଟି ସଦସ୍ୟ ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ନୌକୁ ହରାଇ ଗୁଜରାଟ ପ୍ଲେଅଫ୍ ନିକଟତର



ନୂଆଦିଲ୍ଲୀ: ଡିଫେଣ୍ଡିଂ ଚାମ୍ପିଅନ୍ ଗୁଜରାଟ ଟାଇଟନ୍ସ ଅଲରାଉଣ୍ଡ ପ୍ରଦର୍ଶନ କରି ଲକ୍ଷ୍ନୌ ସୁପର ଜିଆଣ୍ଟ୍ସକୁ ୫୬ ରନରେ ପରାସ୍ତ କରିବା ସହ ଚଳିତ ଆଇପିଏଲର ପ୍ଲେଅଫ ଖେଳିବା ନିକଟତର ହୋଇଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଆଇପିଏଲ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୨୨୭/୨ ରନର ଏକ ବିଶାଳ ସ୍କୋର କରିଥିବା ବେଳେ ପଛରେ ବ୍ୟାଟିଂ କରି ଲକ୍ଷ୍ନୌ ସୁପର ଜିଆଣ୍ଟସ ୭ ୱିକେଟ ହରାଇ ୧୭୧ ରନ କରିବା ସହ ୫୬ ରନରେ ହାର ମାନିଛି। ଓପନର କେଲେ ମେୟର୍ସ ୩୨ଟ ବଲରୁ ୪୮ ଓ ୱିକେଟ କିପର ବ୍ୟାଟର କ୍ୱିଣ୍ଟନ ଡି କକ୍ ୭୦ ରନ କରି ଆଉଟ ହେବା ପରେ ଲକ୍ଷ୍ନୌର ଅନ୍ୟ କୌଣସି ବ୍ୟାଟର ପ୍ରତିପକ୍ଷ ଗୁଜରାଟ ବୋଲିଂକୁ ସଠିକ ମୁକାବିଲା କରି ପାରି ନ ଥିଲେ।ପରବର୍ତ୍ତୀ ସମୟରେ ଆଉଟ ହୋଇଥିବା ଅନ୍ୟ ୫ ବ୍ୟାଟରଙ୍କ ମଧ୍ୟରୁ ଆୟୁଷ ବାଦୋନୀ ୨୧ ଓ ଦୀପକ ହୁଦା ୧୧ ରନ କରିଥିବା ବେଳେ ଅନ୍ୟ ତିନି ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚି ପାରି ନ ଥିଲେ। ମୁଖ୍ୟତଃ ଦଳର ଦୁଇ ଲଢୁଆ ତଥା ମ୍ୟାଚ ବିଜୟୀ ବ୍ୟାଟର ମାର୍କଶ ଷ୍ଟୋନିସ ୪ ଓ ନିକୋଲାସ ପୂରନ ୩ ରନ କରି ଆଉଟ ହେବା ପରେ ଲକ୍ଷ୍ନୌର ବିଜୟ ଆଶା ମଉଳି ଯାଇଥିଲା। ଗୁଜରାଟର ସଫଳ ବୋଲର ମୋହିତ ଶର୍ମା ୨୯ ରନରେ ୪ ୱିକେଟ ଅକ୍ତିଆର କରି ଲକ୍ଷ୍ନୌ ବିଜୟ ପଥରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଥିଲେ। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୨ ୱିକେଟ ହରାଇ କରିଥିଲା ୨୨୭ ରନ। ଓପନର ରିଦ୍ଧିମାନ ଶାହ ୮୧ ଓ ଶୁବମନ ଗିଲ ଅପରାଜିତ ୯୪ ରନ କରିବା ସହିତ ଦୁହେଁ ପ୍ରଥମ ୱିକେଟ ଯୋଡିରେ ୧୪୨ ରନ ଯୋଗ କରି ଦଳ ପାଇଁ ଏକ ବିଶାଳ ସ୍କୋର କରିବା ପାଇଁ ମୂଳଦୁଆ ମଜଭୁତ କରିଥିଲେ। ପରବର୍ତ୍ତୀ ସମୟରେ ଡେଭିଡ ମିଲର ୧୨ ବଲରୁ ଅପରାଜିତ ୨୧ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୫ ବଲରୁ ୨୫ ରନ କରିବା ଫଳରେ ଗୁଜରାଟ ପୁଣି ଏକ ବଡ ସ୍କୋର କରିବା ସହ ବିଜୟ ହାସଲ କରିଛି। ଏହି ବିଜୟ ସହିତ ଗୁଜରାଟ ପ୍ଲେଅଫ ପର୍ଯ୍ୟାୟ ଖେଳିବା ପାଇଁ ଅତି ନିକଟତର ହୋଇଛି। ଗୁଜରାଟ ୧୧ ମ୍ୟାଚରୁ ୮ ବିଜୟ ସହିତ ସର୍ବାଧିକ ୧୬ ପଏଣ୍ଟ ହାସଲ କରିଥିବା ବେଳେ ଚେନ୍ନାଇ ସୁପର କିଙ୍ଗସ ସମାନ ସଂଖ୍ୟକ ମ୍ୟାଚ ଖେଳି ୧୩ ପଏଣ୍ଟ ସହ ଦ୍ୱିତୀୟ ଓ ଆଜିର ମ୍ୟାଚରେ ଗୁଜରାଟ ଠାରୁ ପରାଜୟ ସତ୍ତ୍ୱେ ୧୧ ମ୍ୟାଚରୁ ୧୧ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛି।

## ଅବଦୁଲ ସାମଦଙ୍କ ଲଢୁଆ ବ୍ୟାଟିଂ: ବଟଲରଙ୍କ ଦମ୍‌ଦାର ୯୫ରନ୍ ବୃଥା

# ରାଜସ୍ଥାନ ବିପକ୍ଷରେ ହାଇଦ୍ରାବଦାର ରୋମାଞ୍ଚକର ବିଜୟ



ଜୟପୁର : ସ୍ଥାନୀୟ ସବାଇ ମାନସିଂ ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ଆଇପିଏଲ୍‌ର ୫୨ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସକୁ ୪ ୱିକେଟରେ ହରାଇ ସନ୍‌ରାଇଜର୍ସ ହାଇଦ୍ରାବାଦ ଏକ ରୋମାଞ୍ଚକର ବିଜୟ ହାସଲ କରିଛଇ। ରାଜସ୍ଥାନ ରୟାଲର୍ସ ଧାର୍ଯ୍ୟ କରିଥିବା ୨୧୫ରନ୍ ବିଜୟ ଟାର୍ଗେଟକୁ ସନ୍‌ରାଇଜ ହାଇଦ୍ରାବାଦ ୬ୱିକେଟ ହରାଇ ୨୧୭ ରନ୍ କରିବା ସହ ଏକ ଉତ୍ସାହପୂର୍ଣ୍ଣ ବିଜୟ ହାସଲ କରିବାରେ ସଫଳ ହୋଇଛି। ଶେଷ ତଥା ୨୦ତମ ଓଭର ସବୁଠାରୁ ରୋମାଞ୍ଚକର ହୋଇଥିଲା। ରାଜସ୍ଥାନ ରୟାଲସ୍‌ର ପେସ୍ ବୋଲର ସନ୍ଦୀପ୍ ଶର୍ମାଙ୍କ ଶେଷ ତଥା ଷଷ୍ଠ ବଲ୍ ନୋ ବଲ୍ ହେବାରୁ ସନ୍ ରାଇଜ୍ ହାଇଦ୍ରାବାଦ ପାଇଁ ବିଜୟ ସୁଯୋଗ ସୃଷ୍ଟି ହୋଇଥିଲା। ଅନ୍ତିମ ବଲ୍‌କୁ ଅବଦୁଲ ସାମଦ ଛକା ମାରି ହାଇଦ୍ରାବାଦକୁ ବିଜୟ ପଥରେ ଆଗେଇ ନେଇଥିଲା। ଟସ୍ ଜିଣିବା ପରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲସ୍ ୨ୱିକେଟ ବିନିମୟରେ ୨୧୪ରନ୍ କରିଥିଲା। ଯଶବୀ ଜୟସ୍ୱାଲ ୩୫, ଯୋଶ ବଟଲର ୯୫, ଅଧିନାୟକ ସଞ୍ଜୁ ସାମସନ୍ ୬୬ ରନ୍ କରିଥିଲେ। ପଛରେ ବ୍ୟାଟିଂ କରି ହାଇଦ୍ରାବାଦ ଅନମୋଲପ୍ରୀତ ସିଂ ୩୩, ଅଭିଷେକ ଶର୍ମା ୫୫, ରାହୁଲ ତ୍ରିପାଠୀ ୪୭, ହେନେରେକ୍ କ୍ରେଜେଲ ୨୬, ଗ୍ଲେନ୍ ଫିଲିପସ୍ ୨୫ ଓ ଅବଦୁଲ ସାମଦ ୭ବଲରୁ ଅପରାଜିତ ୧୭ ରନ୍ କରିବା ଫଳରେ ହାଇଦ୍ରାବବାଦ ବିଜୟ ହୋଇ ପାରିଥିଲା।

## ଭାରତୀୟ ଓପନ ପାରା ଆଥଲେଟିକ୍ ଚାମ୍ପିଅନସିପ୍

# ଜୟନ୍ତୀଙ୍କୁ ୩ୟ ସ୍ୱର୍ଣ୍ଣ ପଦକ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଓଡ଼ିଶାର ମହିଳା ପାରା ଆଥଲେଟ ଜୟନ୍ତୀ ବେହେରା ବେଙ୍ଗାଲୁରୁରେ ଚାଲିଥିବା ପଞ୍ଚମ ଭାରତୀୟ ଓପନ ପାରା ଆଥଲେଟିକ ଚାମ୍ପିଅନସିପରେ ହାସଲ କରିଛନ୍ତି ୩ ସ୍ୱର୍ଣ୍ଣ ପଦକ। ରବିବାର ଅନୁଷ୍ଠିତ ୨୦୦ ମିଟର ଦୌଡ଼ରେ ସେ ସ୍ୱର୍ଣ୍ଣ ପଦକ ଜିତି ହାର୍ଟ୍ରିକ ସଫଳତା ପାଇଛନ୍ତି। ଏହାପୂର୍ବରୁ ଜୟନ୍ତୀ ୨୬.୭୭ ସେକେଣ୍ଡରେ ୨୦୦ ମିଟର ଦୂରତ୍ୱ ଅତିକ୍ରମ କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ସେ ଶ୍ରୀଲଙ୍କାର କୁମୁଦିକା ଦୟାନି (୨୭.୬୮)ଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଥିବା ବେଳେ ଶ୍ରୀଲଙ୍କାର ଅନ୍ୟତମ ପ୍ରତିଯୋଗୀ ଜନନୀ ଧନଞ୍ଜୟନା (୨୮.୨୬ ସେକେଣ୍ଡ) ତୃତୀୟ ସ୍ଥାନ ହାସଲ କରିଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ମଧ ଜୟନ୍ତୀ ବେହେରା ଶନିବାର (୪୦୦ ମିଟର) ଓ ଶୁକ୍ରବାର (୧୦୦ ମିଟର) ମଧ ସ୍ୱର୍ଣ୍ଣପଦକ ହାସଲ କରିଥିଲେ।




ବିରାଟ କୋହଲି ଓ ସୌରଭ ଗାଙ୍ଗୁଲିଙ୍କ ମଧରେ ଦୀର୍ଘଦିନ ଧରି ରହିଥିବା ତିକ୍ତତା ଦୂର ହୋଇଛି। ଶନିବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ଓ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ଆଇପିଏଲ ମ୍ୟାଚ୍ ଅବସରରେ ଉଭୟ କର ମର୍ଦ୍ଦନ କରିଥିଲେ। ତେଣୁ ଏହି ପ୍ରସଙ୍ଗର ପୂର୍ଣ୍ଣଚ୍ଛେଦ ପଡିବ ବୋଲି ଅନୁମାନ।

# ବିଶ୍ୱ ଆଥ୍‌ଲେଟିକ୍ ଦିବସ ପାଳିତ

ନୂଆଦିଲ୍ଲୀ : ଆଜି ବିଶ୍ୱ ଆଥ୍‌ଲେଟିକ ଦିବସ ପାଳିତ ହୋଇଯାଇଛି। ପ୍ରତି ବର୍ଷ ମେ’ ୭ ତାରିଖକୁ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ଭାବରେ ପାଳନ କରାଯାଇଥାଏ। ସମଗ୍ର ବିଶ୍ୱର କ୍ରୀଡ଼ାବିତ୍‌ଙ୍କ ମଧରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ଏହା ସହିତ ଶିଶୁ ଓ ଯୁବକମାନଙ୍କ ମଧରେ ଫିଟ୍‌ନେସ୍‌କୁ ନେଇ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ୧୯୯୬ ମସିହାରେ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ପ୍ରଥମ ଥର ପାଳନ କରାଯାଇଥିଲା। ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସର ପ୍ରଚଳନ କରାଯାଇଥିଲା। ୧୯୧୨ରେ ଆଇଏଏଏଫ୍ ସ୍ଥାପନ କରାଯାଇଥିଲା। ୨୦୧୯ରେ ଏହାର ନାମ ୱାର୍ଲଡ ଆଥ୍‌ଲେଟିକ୍ସକୁ ପରିବର୍ତ୍ତନ କରାଯାଇଥିଲା। ୧୭ଟି ଦେଶର ଫେଡେରେଶନକୁ ନେଇ ସମଗ୍ର ବିଶ୍ୱରେ ଶିଶୁ ଓ ଆଥ୍‌ଲେଟମାନଙ୍କୁ ସଚେତନ କରିବା ଦିଗରେ ଆରମ୍ଭ ହୋଇଥିବା ମିଶନରେ ଏହା ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା।

# ଆଇପିଏଲ ଇତିହାସରେ ପ୍ରଥମ : ଦୁଇ ଭାଇଙ୍କ ମଧ୍ୟରେ ଲଢ଼େଇ



ନୂଆଦିଲ୍ଲୀ: ଆଇପିଏଲ ଇତିହାସରେ ପ୍ରଥମ ଥର ପାଇଁ ଦୁଇ ଭାଇଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିଲା। ରବିବାର ଗୁଜରାଟର ଅହମ୍ମଦାବାଦ ସ୍ଥିତ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ଆଇପିଏଲ ମ୍ୟାଚରେ ହାର୍ଦ୍ଦିକ ପାଣ୍ଡ୍ୟା ଓ କୃନାଲ ପାଣ୍ଡ୍ୟା ଦୁଇ ପୃଥକ ଦଳର ଅଧିନାୟକତ୍ୱ କରୁଛନ୍ତି। କେଏଲ ରାହୁଲ ଆହତ ଜନିତ କାରଣ ନେଇ ଆଇପିଏଲର ଅବଶିଷ୍ଟ ମ୍ୟାଚ ଖେଳିବାରୁ ବଞ୍ଚିତ ହେବା ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଡ ଭାଇ ୩୨ ବର୍ଷୀୟ କୃନାଲ ପାଣ୍ଡ୍ୟା ଲକ୍ଷ୍ନୌ ସୁପର ଜିଆଣ୍ଟସ୍ ଫ୍ରାଞ୍ଚାଇଜର ନେତୃତ୍ୱ ନେଉଛନ୍ତି। ସେହିପରି ଗତବର୍ଷ ଠାରୁ ହାର୍ଦ୍ଦିକ ପାଣ୍ଡ୍ୟା ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଇ ଆସୁଛନ୍ତି । ତେଣୁ ରବିବାର ଅହମ୍ମଦାବାଦରେ ଲକ୍ଷ୍ନୌ ଓ ଗୁଜରାଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଦୁଇ ଭାଇ ମୁହାଁମୁହିଁ ହୋଇଥିଲେ। ଆଇପିଏଲ ଇତିହାସରେ ଏହା ହେଉଛି ପ୍ରଥମ ଘଟଣା। ପୂର୍ବରୁ ଆଇପିଏଲରେ ଦୁଇ ଭାଇ ପୃଥକ ଫ୍ରାଞ୍ଚାଇଜ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ହେଁ ଗୋଟିଏ ମ୍ୟାଚରେ କେବେ ଅଧିନାୟକ ଭାବେ ପରସ୍ପରକୁ ଭେଟି ନ ଥିଲେ। ମାତ୍ର ରବିବାର ମ୍ୟାଚରେ ଏହା ଦେଖିବାକୁ ମିଳିଲା। ଆଇପିଏଲରେ ପୂର୍ବରୁ ଇର୍ଫାନ ପଠାଣ ଓ ୟୁନୁସ ପଠାଣ (ଭାରତ),ମାଇକେଲ ହସି ଓ ଡେଭିଡ ହସି (ଅଷ୍ଟ୍ରେଲିଆ), ଟମ୍ କୁରାନ- ସାମ କୁରାନ (ଇଂଲଣ୍ଡ),ଶନ ମାର୍ଶ ଓ ମିଚେଲ ମାର୍ଶ(ଅଷ୍ଟ୍ରେଲିଆ), ଆବେ ମୋର୍କେଲ ଓ ମୋର୍ନେ ମୋର୍କେଲ (ଦକ୍ଷିଣ ଆଫ୍ରିକା), ଦୀପକ ଚହର ଓ ରାହୁଲ ଚହର(ଭାରତ), ବ୍ରେଣ୍ଡେନ ମ୍ୟାକ୍ୟୁଲମ ଓ ନାଥନ ମ୍ୟାକ୍ୟୁଲମ(ନ୍ୟୁଜିଲାଣ୍ଡ), ଡ୍ୱାନୋ ବ୍ରାଭୋ ଓ ଡ୍ୟାରେନ ବ୍ରାଭୋ(ୱେଷ୍ଟଇଣ୍ଡିଜ) ଓ ମାର୍କୋ ଜାନସେନ ଓ ଡୁଆନ ଜାନସେନ(ଦକ୍ଷିଣ ଆଫ୍ରିକା) ଭାଇ ଯୋଡି ପୃଥକ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ରବିବାର ମ୍ୟାଚରେ ଟସ୍ ଜିତିବା ପରେ କୃନାଲ ପାଣ୍ଡ୍ୟା କହିଛନ୍ତି ଯେ ଆମେ ଦୁଇ ଭାଇ ଗୋଟିଏ ମ୍ୟାଚରେ ପୃଥକ ଦଳ ପକ୍ଷରୁ ଅଧିନାୟକତ୍ୱ କରିବା ସୁଯୋଗ ଓ ସ୍ୱପ୍ନ ଆଜି ସାକର ହୋଇ ପାରିଛି। ତେବେ ମ୍ୟାଚ ବେଳେ କ୍ରିକେଟ ଫିଲ୍ଡରେ ଉଭୟ ନିଜ ଦଳର ସ୍ୱାର୍ଥ ପାଇଁ ଲଢ଼ିବାକୁ ପଡିବ। ସେହିପରି ହାର୍ଦ୍ଦିକ କହିଛନ୍ତି ଯେ ଏହା ଆମ ପରିବାର ପାଇଁ ଏକ ନିଆରା ତଥା ଭାବ ପ୍ରବଣ ମୁହୂର୍ତ୍ତ। ଆମର ପିତା ଥିଲେ ସେ ନିଶ୍ଚିତ ସବୁଠାରୁ ଅଧିକ ଖୁସି ଅନୁଭବ କରିଥାନ୍ତେ। ତଥାପି ଦୁଇ ଭାଇଙ୍କର ଏହି ଭୂମିକା ନେଇ ପରିବାର ବର୍ଗ ନିଶ୍ଚିତ ଗର୍ବ ଅନୁଭବ କରୁଛନ୍ତି। ସୂଚନା ଯୋଗ୍ୟ ଯେ ଗୁଜରାଟରେ ଜନ୍ମିତ ଦୁଇ ଭାଇ ଘରୋଇ ଦଳ ପାଇଁ ଖେଳୁଥିବା ବେଳେ କୃନାଲ ହେଉଛନ୍ତି ଜଣେ ବାମହାତୀ ବ୍ୟାଟର ଓ ଲେଫ୍ଟ ଆର୍ମ ସ୍ପିନର। କୃନାଲ ଭାରତ ପାଇଁ ୫ ଦିନିକିଆ, ୧୯ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ବେଳେ ହାର୍ଦ୍ଦିକ ଜଣେ ପେସ୍ ବୋଲର ଓ ହାର୍ଡ ହିଟିଂ ବ୍ୟାଟର। ସେ ଭାରତ ପାଇଁ ୧୧ ଟେଷ୍ଟ, ୭୪ ଦିନିକିଆ ଓ ୮୭ ଟି-୨୦ ମ୍ୟାଚ ଖେଳିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ଗତ ବର୍ଷ ପ୍ରଥମ ଥର ପାଇଁ ଆଇପିଏଲରେ ସାମିଲ ହୋଇଥିବା ଗୁଜରାଟ ଜିଆଣ୍ଟସକୁ ଆଇପିଏଲ ଚାମ୍ପିଅନ କରାଇ ଥିଲେ।

# ପ୍ରଥମ କଲର ବେଲ୍ଟ ପ୍ରତିଯୋଗିତା



ଯାଜପୁର/ଧାମନଗର (ଭାସ୍କର ନ୍ୟୁଜ୍) : ମା’ବିରଜା ଟାଇକୋଣ୍ଡ ଏକାଡେମି, ଯାଜପୁର ଏବଂ ଧାମନଗର ଟାଇକୋଣ୍ଡ ଏକାଡେମୀ, ଧାମନଗର, ଭଦ୍ରକ ମିଳିତ ଆନୁକୂଲ୍ୟରେ ଧାମନଗର ଫିଡ଼ର ସ୍କୁଲ ପରିସରରେ ପ୍ରଥମ କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଯାଇଛି। ଏଥିରେ ୫୦ ରୁ ଊର୍ଦ୍ଧ୍ୱ ବାଳକ ବାଳିକା ଅଂଶ ଗ୍ରହଣ କରିଥିଲେ। ସେଥି ମଧରୁ ୟେଲୋ, ଗ୍ରୀନ୍, ବ୍ଲୁ ଏବଂ ରେଡ୍ ବେଲ୍ଟ କୃତିତ୍ୱ ଅର୍ଜନ କାରିଥିଲେ। ଏହାକୁ ପରିଚାଳନା କରିଥିଲେ ଓଡ଼ିଶା ଟାଇକୋଣ୍ଡ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ଉଭୟ ଏକାଡେମିର ମୁଖ୍ୟ କୋଚ ଗଜେନ୍ଦ୍ର ମାଝୀ ଏବଂ ସୁରଜ ଲାଲ ସାମଲ, ମା’ବିରଜା ଟାଇକୋଣ୍ଡ ଏକାଡେମୀର ସଭାପତି ଏବଂ ମାନସ ରଂଜନ ମହାପାତ୍ର ଓ ଧାମନଗର ଟାଇକୋଣ୍ଡ ଏକାଡେମିର ମୁଖ୍ୟ ସହଯୋଗ କରିଥିଲେ।

## ଧାରଣାରତ ରେସଲରଙ୍କୁ ଖାପ ପଞ୍ଚାୟତ ଓ କୃଷକ ୟୁନିୟନର ଦୃଢ଼ ସମର୍ଥନ

# ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ରତର ହେବ



ନୂଆଦିଲ୍ଲୀ: ଭାରତୀୟ କୁସ୍ତି ମହାସଂଘର ସଭାପତି ବ୍ରିଜଭୂଷଣ ଶରନ ସିଂଙ୍କୁ ହଟାଇବା ପାଇଁ ସ୍ଥାନୀୟ ଜନ୍ତରମନ୍ତର ଠାରେ ଆନ୍ଦୋଳନ ଚଳାଇଥିବା ଭାରତୀୟ ରେସଲରଙ୍କୁ ଭେଟି ଦୃଢ଼ ସମର୍ଥନ ଦେଇଛନ୍ତି ଖାପ ପଞ୍ଚାୟତ ଓ କୃଷକ ୟୁନିୟନ। ରେସଲର ଓ ଏହି ଦୁଇ ପକ୍ଷ ମଧ୍ୟରେ ଆଜି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ବେଳେ ଆଗାମୀ ୧୦ ଦିନ ମଧ୍ୟରେ କେନ୍ଦ୍ର ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ ନ କଲେ ଆନ୍ଦୋଳନ ଅଧିକ ତୀବ୍ର ହେବ ବୋଲି ରେସଲର ମାନେ ଧମକ ଦେଇଛନ୍ତି। ଧାରଣାରତ ମହିଳା ରେସଲ୍‌ରଙ୍କୁ ସଂଖ୍ୟାଧିକ ରାଜନେତା ଓ ପୁରୁଖା କ୍ରୀଡାବିତ୍ ସମର୍ଥନ କରିଥିବା ବେଳେ ଦିନକୁ ଦିନ ଅନ୍ୟାନ୍ୟ ସଂଗଠନର ସମର୍ଥନ ଧିରେ ଧିରେ ବଢିବାରେ ଲାଗିଛି। ମୁଖ୍ୟତଃ ପଞ୍ଜାବ ଓ ହରିୟାଣାର ଏକାଧିକ ସଂଗଠନ ଓ ବିଶିଷ୍ଟ ବ୍ୟକ୍ତି ବିଶେଷ ରେସଲ୍‌ରଙ୍କ ଆନ୍ଦୋଳନକୁ ଅଧିକ ତୀବ୍ର କରିବା ପାଇଁ ଏକାଠି ହେଉଛନ୍ତି। ରବିବାର ହରିୟାଣା କୃଷକ ସଂଗଠନ ଓ ଖାପ ପଞ୍ଚାୟତର ବହୁ ସଂଖ୍ୟକ ସଦସ୍ୟଙ୍କ ସହିତ ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତା ରାକେଶ ଟିକାଏତ ଧାରଣା ସ୍ଥଳରେ ପହଞ୍ଚି ରେସଲରଙ୍କ ପ୍ରତି ଅତ୍ୟାଚାର ହେଉଥିବା ଦର୍ଶାଇ ସମର୍ଥନ ପ୍ରଦାନ କରିଛନ୍ତି। ରାକେଶ ଟିକାଏତ କହିଛନ୍ତି ରେସଲରଙ୍କୁ କିପରି ନ୍ୟାୟ ମିଳିବ ତାହା ଚିନ୍ତା କରିବାର କଥା। ମାତ୍ର ସେମାନଙ୍କ ଦାବି ପୂରଣ ନହେଲେ ଏହି ଆନ୍ଦୋଳନ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିବ। ସେହିପରି ଆନ୍ଦୋଳନକାରୀ ମହିଳା ରେସ୍‌ଲର ଦିନେଶ ଫୋଗତ ପୁଣି ସୂଚାଇ ଦେଇଛନ୍ତି ଯେ, ବ୍ରିଜଭୂଷଣଙ୍କୁ ଗିରଫ କରା ନଯିବା ପର୍ଯ୍ୟନ୍ତ ଆମେ ଏହି ଆନ୍ଦୋଳନରୁ କଦାପି ଓହରିବୁ ନାହିଁ। ଚଳିତ ମେ ମାସ ୨୧ତାରିଖ ପର୍ଯ୍ୟନ୍ତ ଆମେ କେନ୍ଦ୍ର ସରକାରଙ୍କ ମହଲତ ଦେଇଛୁ। ଏହି ସମୟ ମଧ୍ୟରେ ଯଦି ବ୍ରିଜ୍‌ଭୂଷଣଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ତେବେ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଅନ୍ୟପକ୍ଷରେ ଖାପ ପଞ୍ଚାୟତ ଓ କୃଷକ ୟୁନିୟନ ପକ୍ଷରୁ ୩୧ଜଣ ସଦସ୍ୟଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଏମାନେ ଆନ୍ଦୋଳନକାରୀ ରେସଲରଙ୍କୁ ସମସ୍ତ ପ୍ରକାର ସହଯୋଗ ଓ ପରାମର୍ଶ ଦେବେ।

# ଗ୍ରୀଷ୍ମକାଳୀନ ବଲ୍ ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଶିବିର



କଟକ, (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ବଲ ବ୍ୟାଡମିଣ୍ଟନ ସଙ୍ଘ ପକ୍ଷରୁ ଦେୟମୁକ୍ତ ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର ଆଜି ବିଡାନାସୀ ଖେଳପଡିଆଠାରେ ଉଦଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଓଡିଶା ଆର୍ଚେରୀ ଆସୋସିଏସନର ସମ୍ପାଦକ ସମ୍ପର୍ଣ୍ଣାନନ୍ଦ ଦାସ, ଅତିଥି କଟକ କ୍ରୀଡ଼ା ଭାରତୀ ସମ୍ପାଦକ ତୁଷାରକାନ୍ତ ସିଂ ଏବଂ ସଙ୍ଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଶିବିରରେ ଚତୁର୍ଥ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ତଥା (୧୪,୧୬ ଏବଂ ୧୯ ବର୍ଷ)ରୁ କମ୍ ମୋଟ ୧୦୨ ଜଣ ଛାତ୍ରଛାତ୍ରୀ ଏବଂ ଖେଳାଳୀ ନିଜର ନାମ ପଞ୍ଜିକରଣ କରିଥିବା ବେଳେ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ବିଡାନାସୀ ଖେଳପଡିଆ ଏବଂ ଜଗତପୁର ଗ୍ରାମ ଖେଳପଡିଆରେ ପ୍ରତ୍ୟେକ ଦିନ ସକାଳ ୬ଟା ରୁ ୮ଟା ଏବଂ ସନ୍ଧ୍ୟା ୪ଟା ରୁ ୬ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବାର ଜିଲ୍ଲା ସମ୍ପାଦକ ଅଜୟ କୁମାର ସାହୁ ପ୍ରକାଶ କରିଛନ୍ତି।

# ଥାଇଲାଣ୍ଡ ପାରା ବ୍ୟାଡମିଣ୍ଟନ୍ ଟାଇଟଲ୍ ଉପରେ ପ୍ରମୋଦ ଭଗତଙ୍କ ଲକ୍ଷ୍ୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶ୍ୱର ନମ୍ବରୱାନ ପୁରୁଷ ଯୋଡି ପ୍ରମୋଦ ଭଗତ ଓ ସୁକାନ୍ତ କଦମ ପରବର୍ତ୍ତୀ ସମୟରେ ଅନୁଷ୍ଠିତ ହେବାକୁ ଥିବା ଥାଇଲାଣ୍ଡ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ପୂର୍ବ ସଫଳତା ଦୋହରାଇବା ଲକ୍ଷ୍ୟ ରଖିଛନ୍ତି। ଏହା ପରେ ବାହାରିନରେ ଅନୁଷ୍ଠିତ ହେବାକୁ ଥିବା ପାରା ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉପରେ ମଧ୍ୟ ଏହି ଡବଲ୍ସ ଯୋଡି ଲକ୍ଷ୍ୟ ରଖିଥିବା କହିଛନ୍ତି। ପଦ୍ମଶ୍ରୀ ପୁରସ୍କାର ବିଜେତା ପ୍ରମୋଦ ଭଗତ କହିଛନ୍ତି ଯେ ଚଳିତ ବର୍ଷ ପାରା ବ୍ୟାଡମିଣ୍ଟନ ଖେଳାଳିଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । କାରଣ ଚଳିତ ବର୍ଷ ଚୀନରେ ଏସିଆନ ପାରା ଗେମ୍ସ,ପାରା ଅଲିମ୍ପିକ୍ କ୍ୱାଲିଫାୟାର ପ୍ରତିଯୋଗିତା ସହିତ ଏକାଧିକ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବା ପାଇଁ ଅଛି। ତେଣୁ ଏହି ସବୁ ଗୁରୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟକୁ ଦୃଷ୍ଟିରେ ରଖି ଆଜି ଠାରୁ ପ୍ରସ୍ତୁତିକୁ ଜୋରଦାର କରିଛୁ। କୋଚ ଶିବ ପ୍ରସାଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଲିମ ନେଉଛି। ତେଣୁ ସମସ୍ତ ଅଭିଜ୍ଞତା ବିନିଯୋଗ କରି ଭାରତ ପାଇଁ ଏକାଧିକ ପଦକ ହାସଲ ଯୋଜନା କରିଛି। ସେହିପରି ପ୍ରମୋଦଙ୍କ ପାର୍ଟନର ସୁକାନ୍ତ କଦମ କହିଛନ୍ତି ଯେ ଗତ ବ୍ରାଜିଲ ଟୁର୍ଣ୍ଣାମେଣ୍ଟ ସିଙ୍ଗଲ୍ସ ମୋ ପାଇଁ ଭଲ ନ ଥିଲା। ମାତ୍ର ଡବଲ୍ସରେ ସଫଳ ହେବା ଦ୍ୱାରା ମନୋବଳ ଅଧିକ ଦୃଢ଼ ହୋଇ ପାରିଛି।



ଆଜିକାଲି ତ୍ୱଚାକୁ ଚମକ୍ ରଖିବାକୁ ସବୁବେଳେ କସରତ କରୁଛନ୍ତି ଯୁବପିଢ଼ି। କୃତ୍ରିମ ଉପାୟରେ ତ୍ୱଚାକୁ ଚକ୍‌ଚକ୍ କରିପକାଉଛନ୍ତି। ପୁଣି କେତେଦିନ ପରେ ତ୍ୱଚା ଯେଉଁଭଳି ଦେଖାଯାଉଥିଲା ସେହିଭଳି ରହୁଛି। ଏନେଇ ବ୍ୟସ୍ତବିବ୍ରତ ହେଉଛନ୍ତି ଯୁବପିଢ଼ି। କିନ୍ତୁ ଆମେ ଏକ ପ୍ରାକୃତିକ ଉପାୟ ବତାଇବୁ। ଏଥିପାଇଁ ଆପଣଙ୍କୁ ବେଶି କଷ୍ଟ କରିବାକୁ ପଡିବନି । ବରଂ ଘରେ ରହି ଏମିତି କିଛି କରବେ, ଯାହା ଫଳରେ ଆପଣଙ୍କ ସ୍କିନ୍ ଗ୍ଲୋ କରିବ । ପାଣି ପିଇବା ଦ୍ୱାରା ତ୍ୱଚା ଭଲ ଭାବରେ ହାଇଡ୍ରେଟେଡ୍ ଏବଂ ପୁଷ୍ଟିକର ହୋଇଥାଏ ଯାହା ଚର୍ମର ଚମକକୁ ଉନ୍ନତ କରିଥାଏ । ଯେତେବେଳେ ସ୍କିନ୍ ଭଲ ହାଇଡ୍ରେଟ୍ ହୋଇଯାଏ, ଏହା ଅଧିକ ଉଜ୍ଜ୍ୱଳ ଦେଖାଯାଏ । ଜଳ ଆପଣଙ୍କ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ଯାହା ବ୍ରଣ ଏବଂ ବ୍ରେକଆଉଟ୍ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଶରୀର ଯେତେବେଳେ ଡିହାଇଡ୍ରେଟ୍ ହୋଇଯାଏ । ସେତେବେଳେ ଚର୍ମ ଅଧିକ ତେଲ ଉତ୍ପାଦନ କରେ, ଯାହା ଜମାଟ ବାନ୍ଧିବା ଏବଂ ବ୍ରେକଆଉଟ୍ ହୋଇପାରେ । ପର୍ଯ୍ୟାପ୍ତ ପରିମାଣର ଜଳ ଗ୍ରହଣ ଆପଣଙ୍କ ଶରୀରରୁ ଅଧିକ ଲୁଣ ଏବଂ ବିଷାକ୍ତ ପଦାର୍ଥ ବାହାର କରିଥାଏ ।

## ୩୦ରେ ପାଦ ଥାପିଲେ ଏରିକା



୩୦ ବର୍ଷ ବୟସରେ ପାଦ ଥାପିଲେ ଲୋକପ୍ରିୟ ଅଭିନେତ୍ରୀ ଏରିକା ଫର୍ଣ୍ଣାଣ୍ଡିସ୍ । ଏରିକା ୭ ମଇ ୧୯୯୩ ରେ ମାଙ୍ଗାଲୋରରେ ଜନ୍ମଗ୍ରହଣ କରିଥିଲେ। ଛୋଟବେଳେ ସେ ଦାରିଦ୍ର୍ୟ ସୀମା ଦେଇ ଗତି କରିଥିଲେ। କିନ୍ତୁ ଭାଗ୍ୟ ତାଙ୍କୁ ତାଙ୍କ ଜୀବନର ଉନ୍ନତି ପାଇଁ ଏକ ସୁଯୋଗ ଦେଇଥିଲା। ସେ ଖୁବ୍ କମ୍ ବୟସରେ ମୁମ୍ବାଇକୁ ଯାଇଥିଲେ । ସ୍ୱପ୍ନ ସହରରେ ତାଙ୍କର ପାଠପଢ଼ା ସମାପ୍ତ କରିଥିଲେ। ଏରିକା ସର୍ବଦା ଜଣେ ମଡେଲ ହେବାକୁ ଇଚ୍ଛା କରିଆସୁଥିଲେ । ସେ ସ୍ୱପ୍ନକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିଥିଲେ । ଶେଷରେ ସେ ଏକ ବଡ ମଡେଲର ପାଲଟିଲେ। ମଡେଲିଂ ସମୟରେ, ଏରିକା ମଧ୍ୟ ଅନେକ ପ୍ରତିଯୋଗିତାରେ ଭାଗ ନେଇଥିଲେ, ଯେଉଁଥିପାଇଁ ତାଙ୍କ ମଡେଲିଂ କ୍ୟାରିଅର୍ ଆଗେଇ ଚାଲିଲା। ୨୦୧୧ ମସିହାରେ, ଏରିକା ମିସ୍ ମହାରାଷ୍ଟ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜିତିଥିଲେ । ଏହା ପରେ ସେ ବମ୍ବେ ଟାଇମ୍ସ ଫ୍ରେସ୍ ଫେସ୍, ପାଣ୍ଟାଲୁନ୍ସ ଫେମିନା ମିସ୍ ଫ୍ରେସ୍ ଫେସ୍ ଟାଇଟଲ୍ ମଧ୍ୟ ଜିତିଥିଲେ । ଅଭିନେତ୍ରୀ ଅନେକ ତାମିଲ, କନ୍ନଡ ଏବଂ ତେଲୁଗୁ ଚଳଚ୍ଚିତ୍ରରେ ଅଭିନୟ କରି ପରିଚିତ ଲାଭ କରିଥିଲେ। ସେ ଇଣ୍ଡଷ୍ଟ୍ରିର ଜଣେ ସର୍ବୋତ୍ତମ ଅଭିନେତ୍ରୀ ଭାବରେ ନାଁ କଲେ ଓ ଅପାର ସଫଳତା ଲାଭ କରି ଲୋକପ୍ରିୟତା ହାସଲ କରିଛନ୍ତି।

## ସୋମବାର ଏମିତି କରନ୍ତୁ ଶିବ ଆରଧନା



ସୋମବାର ହେଉଛି ଭଗବାନ ଶିବଶଙ୍କର ବାର। ଏହି ଦିନ ଭଗବାନ ଭୋଳାନାଥଙ୍କୁ କିଛି ସ୍ୱତନ୍ତ୍ର ଉପାୟରେ ପୂଜା କଲେ ଅନେକ ସମସ୍ୟା ଦୂର ହୋଇ ଶୁଭଫଳ ପ୍ରାପ୍ତି ହୋଇଥାଏ। ତେବେ ଜୀବନରେ ଥିବା ସମସ୍ୟାର ସମାଧାନ ତଥା ବିଶେଷ କୃପା ପାଇଁ କିଛି ସରଳ ଉପାୟ ପ୍ରତି ଧ୍ୟାନ ଦିଅନ୍ତୁ। କାର୍ଯ୍ୟରେ ସଫଳତା ପ୍ରାପ୍ତି ପାଇଁ ଭଗବାନ ଶଙ୍କରଙ୍କୁ ବେଲପତ୍ରରେ ଚନ୍ଦନରେ ଓଁ ନମଃ ଶିବାୟ ଲେଖି ଅର୍ପଣ କରନ୍ତୁ। ଏହାଦ୍ୱାରା ଶୁଭଫଳ ମିଳିବା ସହ ସଫଳତା ମିଳିଥାଏ। ଧାର୍ମିକ ମାନ୍ୟତା ଅନୁଯାୟୀ, ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରଭୁ ଶିବଶଙ୍କର ମନ୍ତ୍ର ଜପ କରିବା ବେଶ ଲାଭଦାୟକ। ନିୟମିତ 'ଓଁ ନମଃ ଶିବାୟ' ମନ୍ତ୍ର ଜପ କରିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ, ମାନସିକ ଶାନ୍ତି ପ୍ରାପ୍ତି ହୋଇଥାଏ। ଯେଉଁମାନଙ୍କୁ ଅଧିକ କ୍ରୋଧ ଆସିଥାଏ, ସେମାନେ ମଧ୍ୟ ଏହି ମନ୍ତ୍ର ଜପ କରିବା ଉଚିତ। ଏହି ମନ୍ତ୍ର ଜପ କରିବା ଦ୍ୱାରା ଆପଣଙ୍କୁ ବହୁ ଶୁଭଫଳ ମଧ୍ୟ ପ୍ରାପ୍ତି ହେବା ସହ ଅନେକ ସମସ୍ୟାର ସମାଧାନ ହୋଇଥାଏ। ସ୍ୱାସ୍ଥ୍ୟ ଜନିତ ସମସ୍ୟା ଲାଗି ରହୁଥିଲେ କିମ୍ବା ବାରମ୍ବାର ରୋଗଗ୍ରସ୍ତ ହେଉଥିଲେ, ଭଗବାନ ଶଙ୍କରଙ୍କ ମହାମୃତ୍ୟୁଞ୍ଜୟ ମନ୍ତ୍ର ନିଶ୍ଚୟ ଜପ କରନ୍ତୁ। ଏହି ମନ୍ତ୍ର ଜପ ଦ୍ୱାରା ଅସାଧ ରୋଗ ଓ ଅକାଳ ମୃତ୍ୟୁର ସଙ୍କଟ ମଧ୍ୟ ଦୂର ହୋଇଥାଏ। ବିଭିନ୍ନ ପ୍ରକାର ଗ୍ରହ ଦୋଷରୁ ମୁକ୍ତି ପାଇବାକୁ ଧନସମ୍ପତ୍ତି, ବୈଭବ ଆଦି ପୂରଣ ପାଇଁ ନିୟମିତ ମହାମୃତ୍ୟୁଞ୍ଜୟ ମନ୍ତ୍ରର ଜପ କରନ୍ତୁ। ଯେଉଁମାନଙ୍କ ବିବାହରେ ବିଳମ୍ବ ହେଉଛି, ସୋମବାର ଦିନ ବ୍ରତ ଧାରଣ କରନ୍ତୁ। ଭଗବାନ ଶଙ୍କର ଓ ମାତା ପାର୍ବତୀଙ୍କୁ ବିଧି ସହ ପୂଜା କରନ୍ତୁ। ମା'ଗୌରୀଙ୍କୁ ଓଢଣୀ ଅର୍ପଣ କରନ୍ତୁ। ବିବାହରେ ଥିବା ସମସ୍ୟା ଦୂର ହୋଇଥାଏ। ଦାମ୍ପତ୍ୟ ଜୀବନରେ ସମସ୍ୟା ଥିଲେ, ପତି-ପତ୍ନୀ ସୋମବାର ଦିନ ଏକାସହ ଭଗବାନ ଭୋଳାଶଙ୍କର ସହ ମା'ଗୌରୀଙ୍କର ପୂଜା କରନ୍ତୁ। ମାତା ପାର୍ବତୀଙ୍କୁ ୧୬ ଶୃଙ୍ଗାର ଅର୍ପଣ କରନ୍ତୁ। ଏହାଦ୍ୱାରା ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ପତିଙ୍କ ଦୀର୍ଘାୟୁ ପାଇଁ ସୋମବାର ଦିନ ବ୍ରତ ନିଶ୍ଚୟ ରଖନ୍ତୁ। ଏହି ଦିନ ପୂଜା କରିବା ସମୟରେ ମାତା ପାର୍ବତୀଙ୍କୁ ସିନ୍ଦୂର ଅର୍ପଣ କରନ୍ତୁ। ବ୍ରତ କଥା ଶୁଣନ୍ତୁ। ମାତା ପାର୍ବତୀଙ୍କ କୃପାରୁ ସୌଭାଗ୍ୟ ପ୍ରାପ୍ତି ହେବ। ଜାତକରେ ଚନ୍ଦ୍ର ଦୋଷ ରହିଥିଲେ, ଭଗବାନ ଶିବଶଙ୍କରଙ୍କୁ ବିଧିରେ ପୂଜା କରନ୍ତୁ। ସୋମବାର ବ୍ରତ ରଖନ୍ତୁ। ଏହାଦ୍ୱାରା ଚନ୍ଦ୍ରଙ୍କ ଦୋଷ ଦୂର ହୋଇଥାଏ। ସୁଖସମୃଦ୍ଧି ପ୍ରାପ୍ତି ହୋଇଥାଏ। କାଳସର୍ପ ଦୋଷ ଥିଲେ, ଭଗବାନ ଶଙ୍କରଙ୍କୁ ପୂଜା କରନ୍ତୁ। ଏହାଦ୍ୱାରା ସମସ୍ତ ପ୍ରକାର ଦୋଷ ଦୂର ହୋଇଥାଏ।

## ୨୬ରେ ରିଲିଜ୍ ହେବ ଇର୍‌ଫାନଙ୍କ ଶେଷ ଫିଲ୍ମ 'ଆପ୍ ନୋ ସେ ବେୱ୍ୱାଫାଇ'




ଦିବଂଗତ ଅଭିନେତା ଇରଫାନ୍ ଖାନ୍ ?ଙ୍କ ଫିଲ୍ମ 'ଆପ୍ ନୋ ସେ ବେୱ୍ୱାଫାଇ' ଖୁବ୍ ଶୀଘ୍ର ରିଲିଜ୍ ହେବ । ଏହି ଫିଲ୍ମ ଇରଫାନଙ୍କ ଶେଷ ଫିଲ୍ମ । ଫିଲ୍ମଟି ମେ ୨୬ ତାରିଖରେ ରିଲିଜ୍ ହେବ । ଇରଫାନ୍ ହୁଏତ ଏହି ଦୁନିଆରେ ନାହାନ୍ତି ସତ , କିନ୍ତୁ ତାଙ୍କର ଉତ୍କୃଷ୍ଟ ଅଭିନୟ ତାଙ୍କୁ ପ୍ରଶଂସକଙ୍କ ହୃଦୟରେ ଜୀବନ୍ତ ରଖିଛି । ଗତ ଚାରି ବର୍ଷ ଧରି ରିଲିଜ୍ ଅପେକ୍ଷାରେ ଥିବା ଇରଫାନ୍ ?ଙ୍କ ଫିଲ୍ମ 'ଆପ୍ ?ନୋ ସେ ବେୱ୍ୱାଫାଇ' ଶେଷରେ ରିଲିଜ୍ ହେବାକୁ ଯାଉଛି । ଏହି ଫିଲ୍ମଟି ମେ ୨୬ ତାରିଖରେ ରିଲିଜ ହେବ । ଏହା ଅଭିନେତା ଇରଫାନଙ୍କ ଶେଷ ଫିଲ୍ମ ଭାବରେ ପରଦାରେ ଆସିବ । ଫିଲ୍ମ ' ଆପ୍‌ନୋ ସେ ବେୱ୍ୱାଫାଇ'ର ପ୍ରଯୋଜକ ପୀୟୁଷ ଶାହା କହିଛନ୍ତି ଯେ , ଏହାର ସୁଟିଂ ୨୦୧୮ ମସିହାରେ ଶେଷ ହୋଇଥିଲା । ୨୦୧୯ ରେ ସେନ୍ସର ବୋର୍ଡରୁ ପ୍ରମାଣପତ୍ର ମିଳିଥିଲା । ୨୦୨୦ ମସିହା ଏପ୍ରିଲ ୧୦ ତାରିଖରେ ପରଦାକୁ ଆସିବ ବୋଲି ଘୋଷଣା କରାଯାଇଥିଲା, କିନ୍ତୁ କୋଭିଡ କାରଣରୁ ଏହା ରିଲିଜ୍ ହୋଇପାରିଲା ନ ଥିଲା । କରୋନା ପରେ ଇରଫାନଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ରିଲିଜ୍ ହେବାର ଥିଲା, ତଥାପି ହୋଇ ପାରି ନ ଥିଲା । ଆସନ୍ତା ୨୬ ତାରିଖରେ ରିଲିଜ ହେବ । ଏଥିରେ ଇରଫାନଙ୍କ ସହ ଅଭିନେତ୍ରୀ ମହିମା ଚୌଧୁରୀ ନଜର ଆସିବେ । ଏଠାରେ କହି ରଖୁଛୁ, ୨୦୨୦ ମସିହା ଏପ୍ରିଲ ୨୯ ତାରିଖରେ କ୍ୟାନସରରେ ଇରଫାନଙ୍କ ମୃତ୍ୟୁ ହୋଇଥିଲା ।

## ଏକ୍ସ ୱାଇଫ୍‌କୁ ପ୍ରଶଂସା କଲେ ନାଗା

ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ସବୁଠାରୁ ପପୁଲାର ରିୟଲ ଲାଇଫ କପଲ ମଧ୍ୟରୁ ଅନ୍ୟତମ ଥିଲେ ସାମନ୍ଥା ରୁଥ ପ୍ରଭୁ ଓ ନାଗା ଚୈତନ୍ୟ। ଏହି କପଲ ୨୦୧୦ରେ ଗୌତମ ବାସୁଦେବ ମେନନଙ୍କ ଫିଲ୍ମ 'ମାୟା ଚେସାବେ' ସମୟରୁ ଉଭୟଙ୍କ ମଧ୍ୟରେ ପ୍ରେମ ହୋଇଥିଲା। ଏହା ପରେ ଏମାନେ ୨୦୧୭ରେ ବିବାହ କରିଥିଲେ। ହେଲେ ବିବାହ ପରେ ସାମନ୍ଥା ଓ ନାଗା ଚୈତନ୍ୟଙ୍କ ମଧ୍ୟରେ ସମ୍ପର୍କ ଭଲ ରହିଲା ନାହିଁ। ଏମାନେ ୨୦୨୧ରେ ଅଲଗା ହେବାକୁ ଆନାଉନ୍ସମେଣ୍ଟ କରିଦେଲେ। ଏବେ ନାଗା ତାଙ୍କ ତେଲଗୁ ଫିଲ୍ମ କ୍ୟାରିୟର ଉପରେ ଫୋକସ କରୁଥିବା ବେଳେ ଏପଟେ ସାମନ୍ଥା ଏବେ ଓଟିଟି ସ୍ପେଶ ଓ ବଲିଉଡରେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଏସବୁ ଭିତରେ ଏକ ସାକ୍ଷାତକାରରେ ନାଗା ତାଙ୍କ ଏକ୍ସ ୱାଇଫ ସାମନ୍ଥାଙ୍କର ପ୍ରଶଂସା କରିଛନ୍ତି। ଯେଉଁଥିପାଇଁ ତାଙ୍କ ପ୍ରଶଂସକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ। ଅଭିନେତା କହିଛନ୍ତି, ହଁ, ଆମେ ଅଲଗା ହେବାର ଦୁଇ ବର୍ଷରୁ ଅଧିକ ସମୟ ହୋଇଗଲାଣି । ଏହା ସହ ଆନୁଷ୍ଠାନିକ ଭାବେ ଛାଡପତ୍ର ହେବାର ଗୋଟିଏ ବର୍ଷ ବିତିଗଲାଣି। କୋର୍ଟ ଆମକୁ ଛାଡପତ୍ର ଦେଇଛନ୍ତି। ଆମେ ଦୁହେଁ ଆମ ଜୀବନରେ ଆଗକୁ ବଢ଼ିଛୁ। ମୋ ଜୀବନର ତାଙ୍କ ପ୍ରତି ମୋର ବହୁତ ସମ୍ମାନ ଅଛି। ଆହୁରି କହିଛନ୍ତି କି ସାମନ୍ଥା ଜଣେ ସୁନ୍ଦର ବ୍ୟକ୍ତି ଏବଂ ସମସ୍ତ ସୁଖ ପାଇବାର ଯୋଗ୍ୟ। ଏହା କେବଳ ସେହି ସମୟରେ ହୋଇଥାଏ ଯେତେବେଳେ ମିଡିଆ ଅନୁମାନ ଲଗାଇଥାଏ କି ଆମ ମଧ୍ୟରେ କିଛି ଅଜବ କଥା ହେଉଛି। ଜନତାଙ୍କ ନଜରରେ, ସେହି ମ୍ୟୁଚୁଆଲ ରେସପେକ୍ଟ ଚାଲିଯାଇଥାଏ। ଆଉ ଏହାହିଁ ମୋତେ ଖରାପ ଲାଗିଥାଏ। ଏଇ ନିକଟରେ ବି ସାମନ୍ଥାଙ୍କ ଶରୀରରେ ଚୈତନ୍ୟଙ୍କ ଟାଟୁ ଥିବା ପ୍ରଶଂସକମାନେ ଦେଖିବାକୁ ପାଇଥିଲେ। ଯାହାକୁ ନେଇ ସୋସିଆଲ ମିଡିଆରେ ବହୁତ ଚର୍ଚ୍ଚା ହୋଇଥିଲା।





## ଦାମୀ କାର୍ ଛାଡି ଅଟୋରେ ବୁଲିଲେ ଶେହେନାଜ



ବଲିଉଡ୍ ଅଭିନେତ୍ରୀ ଶେହେନାଜ ଗୀଲ ଦାମୀ କାର୍ ଛାଡି ଅଟୋରେ ଯାତ୍ରା କରୁଥିବା ନଜର ଆସିଛନ୍ତି। ସୋସିଆଲ ମିଡିଆରେ ଶେହେନାଜ ଗୀଲ୍‌ଙ୍କ ଏହି ଭିଡିଓ ସାମ୍ନାକୁ ଆସିଛି । ଯେଉଁଥିରେ ସେ ତାଙ୍କ ଦାମୀ କାର୍‌ରେ ନବସି ଏକ ଅଟୋରେ ମା'ଙ୍କ ଯାତ୍ରା କରୁଥିବା ଦେଖାଯାଇଛି। ଏହି ଭିଡିଓ ଭାଇରାଲ ହେବା ପରେ ସୋସିଆଲ ମିଡିଆରେ ତାଙ୍କୁ ପ୍ରଶଂସା ମିଳିଛି । ପ୍ରଶଂସକମାନେ କହିଛନ୍ତି ଯେ ସେ ଏତେ ବଡ ତାରକା ହୋଇଥିଲେ ମଧ୍ୟ ବର୍ତ୍ତମାନ ସାଧାରଣ ପରିବହନ ବ୍ୟବହାର କରୁଛନ୍ତି। ଭିଡିଓରେ ଶେହେନାଜ କେଶକୁ ଖୋଲା ରଖିଛନ୍ତି ଓ କଳା ଟପ୍ ପିନ୍ଧିଥିବାର ନଜର ଆସିଛନ୍ତି । ତାଙ୍କ ମାଆ ଗୋଲାପୀ ରଙ୍ଗର ସୁଟରେ ତାଙ୍କ ପାଖରେ ବସିଥିବାର ଦେଖାଯାଇଛି। ଶେହନାଜ ନିଜ ଫୋନରୁ ଏହି ଭିଡିଓ ଶୁଟ୍ କରିଛନ୍ତି। ଜଣେ ପ୍ରଶଂସକ ଟ୍ୱିଟରରେ ଶେହେନାଜଙ୍କ ଏହି ଭିଡିଓ ସେୟାର କରିଛନ୍ତି। କିଛିଦିନ ପୂର୍ବରୁ କିସି କା ଭାଇ କିସି କି ଜାନ ୨୧ ଏପ୍ରିଲରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ଶେହନାଜ ଗିଲଙ୍କୁ ମିଶ୍ରିତ ଫଳ ମିଳିଥିଲା। ଅନ୍ୟପକ୍ଷରେ ତାଙ୍କ ପ୍ରଶଂସକମାନେ ତାଙ୍କ ଫିଲ୍ମ ଦେଖି ବହୁତ ଖୁସି ଥିବା ପ୍ରକାଶ କରିଥିଲେ।


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

**ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik